# ଧରିତ୍ରୀ DHARITRI

ରବିବାର, ଜୁନ୍ ୨୧/୨୦୨୦ (୨୦ ପୃଷ୍ଠା+ଛୁଟିଦିନ) Sunday, June 21/2020

୪୬ଶ ଭାଗ ୨୦୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**୨ କୋଟି ଅଫରକୁ ମନା କରିଥିଲେ ସାଇ ପଲ୍ଲବୀ**

ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିର ଅଭିନେତ୍ରୀ ସାଇ ପଲ୍ଲବୀ ଏକ ଫେୟାରନେସ କ୍ରିମ୍ ବିଜ୍ଞାପନକୁ ମନା କରିଦେଇଛନ୍ତି। ବିଜ୍ଞାପନ ପାଇଁ ତାଙ୍କୁ ୨ କୋଟି ଟଙ୍କା ଅଫର୍ କରାଯାଇଥିଲା।

**୧୦ ୨୦**

**ମାଶ୍ରାଫି ମୋର୍ତ୍ତାଜାଙ୍କୁ କରୋନା**

ବାଂଲାଦେଶର ପୂର୍ବତନ କ୍ରିକେଟ ଅଧିନାୟକ ମାଶ୍ରାଫି ମୋର୍ତ୍ତାଜା କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଛନ୍ତି।



# ଆଦିବାସୀଙ୍କ ଜୀବିକା ବିପନ୍ନ

- ବିକ୍ରି ହେଉନି ଶାଳମଞ୍ଜି, ମିଳୁନି ସହାୟକ ମୂଲ୍ୟ
- ଆସନ୍ତାବର୍ଷ ହେବ ଡିବିଟି, ପି-ପାସ୍ ବ୍ୟବସ୍ଥା
- ସଂଗ୍ରହ ହେଲାଣି ୧୬ କୋଟିର ଶାଳମଞ୍ଜି: ଟିଡିସିସି

ଭୁବନେଶ୍ୱର,୨୦।୬(ବ୍ୟୁରୋ)



ମହାମାରୀ କରୋନା କେବଳ ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରିନାହିଁ, ଏହି ଭୂତାଣୁ ଜୀବନଜୀବିକାକୁ ମଧ୍ୟ ଗଭୀର ଭାବେ ପ୍ରଭାବିତ କରିଛି। କରୋନା ରୋକିବା ପା ପାଇଁ ଜାରି ଲକ୍‌ଡାଉନ୍ ଯୋଗୁ ବଣପାହାଡ଼ ଘେରା ଦୁର୍ଗମ ଅଞ୍ଚଳରେ ରହୁଥିବା ଆଦିବାସୀ ଓ ବନବାସୀଙ୍କ ଜୀବିକା ବିପନ୍ନ ହୋଇଛି। ଶାଳମଞ୍ଜି, ତେନ୍ତୁଳିମଞ୍ଜି, ହରିଡ଼ା, ବାହାଡ଼ା ଆଦି ବନଜାତ ଦ୍ରବ୍ୟକୁ ଭରସା କରି ବଞ୍ଚୁଥିବା ଗରିବ ଆଦିବାସୀମାନେ ଘୋର ସଙ୍କଟ ଦେଇ ଗତିକରୁଛନ୍ତି। ଅଢ଼େଇ ମାସ କାଳ ଲକ୍‌ଡାଉନ ହେବା ଯୋଗୁ ଆଦିବାସୀମାନେ ସେମାନଙ୍କର ସଂଗୃହୀତ ଲଘୁ ବନଜାତ ଦ୍ରବ୍ୟ (ଏମ୍ଏଫ୍‌ପି)ଗୁଡ଼ିକୁ ବିକ୍ରି କରିବା ନେଇ ଘୋର ସମସ୍ୟାରେ ପଡିଛନ୍ତି। କେତେକ ଜିଲାରେ ସେଗୁଡ଼ିକର ଉଚିତ ମୂଲ୍ୟ ମିଳୁ ନ ଥିବାବେଳେ ଆଉ କେତେକ ସ୍ଥାନରେ ଅଭାବୀ ବିକ୍ରି ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ବନଜାତ ଦ୍ରବ୍ୟ କିଣିବାକୁ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହାର ସୁଫଳ ଆଦିବାସୀମାନେ ପାଇ ପାରୁନାହାନ୍ତି। ସରକାର ଶାଳମଞ୍ଜି ନ କିଣିବାରୁ କମ୍ ଦାମରେ ବିକ୍ରି କରିବାକୁ ବନବାସୀମାନେ ବାଧ୍ୟ ହେଉଛନ୍ତି । ଉପକୂଳ ଜିଲାଗୁଡ଼ିକୁ ବାଦ୍ ଦେଲେ ରାଜ୍ୟର ୧୩ଟି ଜିଲାରେ ଆଦିବାସୀମାନେ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରିଥାଆନ୍ତି। ସେହି ଜିଲାଗୁଡିକ ହେଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ନୂଆପଡ଼ା, ଗଜପତି ଏବଂ ଦେବଗଡ଼। ଏହି ସବୁ ଜିଲାରୁ ଜଙ୍ଗଲଜାତ ଦ୍ରବ୍ୟଗୁଡ଼ିକର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ୨୦ ଟଙ୍କାରେ କ୍ରୟ କରିବାକୁ ଏପ୍ରିଲ ୨୦ ତାରିଖରେ ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ସଚିବ ରଞ୍ଜନା ଚୋପ୍ରା ଉକ୍ତ ଜିଲାଗୁଡିକର ଜିଲାପାଳମାନଙ୍କୁ ଚିଠି ଲେଖିଥିଲେ। ଲକ୍‌ଡାଉନ ଚାଲିଥିବାରୁ ଆଦିବାସୀଠାରୁ ସାମାଜିକ ଦୂରତ୍ୱ ରକ୍ଷା କରି ସଂଗ୍ରହ କରିବାକୁ କୁହାଯାଇଥିଲା। ବନ ଦହନ ବିକାଶ କେନ୍ଦ୍ର, ବନ ସୁରକ୍ଷା ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଭଳି ପ୍ରାଥମିକ ଏଜେନ୍ସି ଜରିଆରେ ଓଡ଼ିଶା ବନ ଉନ୍ନୟନ ନିଗମ(ଓଏଫ୍‌ଡିସି) ଏବଂ ଟିଡିସିସି ଲଘୁବନଜାତ ଦ୍ରବ୍ୟ କ୍ରୟ କରିବାକୁ ନିର୍ଦ୍ଦେଶ ରହିଥିଲା। ଆଦିବାସୀମାନଙ୍କ ଜୀବନଜୀବିକା ସହ ଏହା ଜଡ଼ିତ ହୋଇଥିବାରୁ ଏହାକୁ ଗୁରୁତର ସହ ନେବାକୁ କୁହାଯାଇଥିଲା। ଯଦିଓ ଗତ ୨ ମାସ ହେବ ଲଘୁବନଜାତ ଦ୍ରବ୍ୟ କ୍ରୟ ଆରମ୍ଭ ହୋଇଛି ତେବେ ଏହି ସୁବିଧା ସମସ୍ତ ଗରିବ ଆଦିବାସୀଙ୍କ ନିକଟରେ ଅପହଞ୍ଚ ରହିଛି। ଆଦିବାସୀଙ୍କଠାରୁ ଶାଳମଞ୍ଜି କ୍ରୟ ହୋଇ ପାରୁ ନ ଥିବାରୁ ସ୍ଥାନୀୟ ବ୍ୟବସାୟୀମାନେ ଏମ୍ଏସ୍‌ପିଠାରୁ ଅଧା କମ୍ ଦାମରେ ଅର୍ଥାତ୍ କେ.ଜି ପିଛା ୫ରୁ ୮ ଟଙ୍କା ମଧ୍ୟରେ କ୍ରୟ କରୁଥିବା ନେଇ ଅଭିଯୋଗ ହୋଇଛି। ଦେବଗଡ ଜିଲାରେ ଶାଳମଞ୍ଜି ଅଭାବୀ ବିକ୍ରିକୁ ନେଇ ଆଦିବାସୀମାନେ ଜିଲାପାଳଙ୍କ ନିକଟରେ ମଧ୍ୟ ଫେରାଦ ହୋଇଛନ୍ତି । ସେହିପରି ସମ୍ବଲପୁର ଜିଲାର କୁଚିଣ୍ଡାରେ ମଧ୍ୟ ଶାଳମଞ୍ଜି ବିକ୍ରି ହେଉ ନ ଥିବା ନେଇ ଅଭିଯୋଗ ହୋଇଛି। କେବଳ ଏହି ଦୁଇ ଜିଲା ନୁହେଁ, ଅନ୍ୟ ଜିଲାଗୁଡିକରେ ମଧ୍ୟ ଶାଳମଞ୍ଜି ବିକ୍ରି ହେଉ ନ ଥିବା ଜଣାପଡିଛି। ବର୍ଷା ଦିନ ଆସିଯାଇଥିବାରୁ ମଞ୍ଜିଗୁଡିକ ନଷ୍ଟ ହେବାକୁ ବସିଲାଣି। ଚାଷୀମାନେ ଶାଳମଞ୍ଜି ବିକ୍ରି କରି ନ ପାରି ହତାଶ ହେଉଛନ୍ତି। ଶାଳମଞ୍ଜି ବିକ୍ରି କରୁଥିବା ସମ୍ବଲପୁର ଜିଲା ଜମନକିରା ବ୍ଲକର ଡିମିରମୁଣ୍ଡା ପଞ୍ଚାୟତର ବାମଣ୍ଡା ଗ୍ରାମର ଗୋମତି ଝଙ୍କର କହିଛନ୍ତି ଯେ, ଶାଳମଞ୍ଜି ବିକ୍ରି ହେଉ ନାହିଁ। ସରକାରଙ୍କ ଘୋଷିତ ସହାୟକ ମୂଲ୍ୟ ମିଳୁ ନାହିଁ। ବସ୍ତା ପିଛା ୩/୪ ଟଙ୍କା କଟି ଯାଉଥିବାରୁ ଟିଡିସିସି କିଣିଲେ ମଧ୍ୟ ୧୬ ଟଙ୍କାରେ ବିକ୍ରି କରିବାକୁ ପଡୁଛି। ସେହିପରି ଶାଳମଞ୍ଜି ସଂଗ୍ରହ କରୁଥିବା ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ନେତ୍ରାବାହାଲ ଗ୍ରାମର ବନାନୀ ମହିଳା ସଂଘର ସଭାନେତ୍ରୀ ନଳିନୀ ମହାକୁଲ କହିଛନ୍ତି ଯେ, ଶହ ଶହ କୁଇଣ୍ଟାଲ ଶାଳମଞ୍ଜି ଲୋକଙ୍କ ପାଖରୁ ଆମେ ସଂଗ୍ରହ କରିବା ପରେ ଟିଡିସିସି ଆମ ଠାରୁ ସଂଗ୍ରହ କରୁନାହିଁ। ଆମେ ଜିଲାପାଳଙ୍କୁ ଏ ନେଇ ଲିଖିତ ଜଣାଇଛୁ। ଆଦିବାସୀମାନେ ଶାଳମଞ୍ଜି ବିକ୍ରି କରି ଚଳନ୍ତି। ବିକ୍ରି ନ ହେଲେ ସେମାନେ ଚଳିବେ କେମିତି ବୋଲି ନଳିନୀ କହିଛନ୍ତି। ଆଦିବାସୀ ଜୀବନ ଜୀବିକା ଉପରେ ଗବେଷଣା କରୁଥିବା ଗବେଷକ ଚିତ୍ତରଞ୍ଜନ ପାଣି କହିଛନ୍ତି ଯେ, ରାଜ୍ୟ ସରକାର ଗରିବ ଆଦିବାସୀଙ୍କର ଶାଳମଞ୍ଜି ଉଚିତ ☞ପୃଷ୍ଠା-୪

# ନାକ୍ ମାନ୍ୟତା ପାଇନାହାନ୍ତି ରାଜ୍ୟର ୮୪% ଶିକ୍ଷାନୁଷ୍ଠାନ

- ମହାବିଦ୍ୟାଳୟ କ୍ଷେତ୍ରରେ ପରିସ୍ଥିତି ଅସମ୍ଭାଳ
- ୧୦୬୩ରୁ ୧୭୨ ଶିକ୍ଷାନୁଷ୍ଠାନକୁ ମିଳିଛି ନାକ୍ ଗ୍ରେଡ୍
- ବିପୁଳ ଆର୍ଥିକ ଅନୁଦାନ ହରାଉଛି ରାଜ୍ୟ
- ୨୦୨୨ ସୁଦ୍ଧା ଟାର୍ଗେଟ ପୂରଣ ନେଇ ଆଶଙ୍କା

ସସ୍ମିତା ପାଇକରାୟ
ଭୁବନେଶ୍ୱର,୨୦।୬

କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ତାଲିକାରେ ଓଡ଼ିଶାର ସରକାରୀ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। କେବଳ ଉତ୍କଳ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ଶହେ ବିଶ୍ୱବିଦ୍ୟାଳୟ ମଧ୍ୟରେ ରହିଛି। ଆଉ କୌଣସି ଶିକ୍ଷାନୁଷ୍ଠାନ ନାହାନ୍ତି। ଏଭଳି ସମୟରେ ଆଉ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୮୪% ଶିକ୍ଷାନୁଷ୍ଠାନର ନାକ୍(ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡିଟେଶନ କାଉନ୍‌ସିଲ) ମାନ୍ୟତା ନାହିଁ। ରାଜ୍ୟ ସରକାରଙ୍କ ଅଧୀନରେ ଏବେ ମୋଟ ୧୦୬୩ଟି ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ରହିଛି। ହେଲେ ଦୁର୍ଭାଗ୍ୟର ବିଷୟ ଯେ, ୧୦୬୩ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମଧ୍ୟରୁ ମାତ୍ର ୧୭୨ଟି ଶିକ୍ଷାନୁଷ୍ଠାନ ନାକ୍ ମାନ୍ୟତା ପାଇଛନ୍ତି। ଅର୍ଥାତ୍ ମାତ୍ର ୧୬% ଶିକ୍ଷାନୁଷ୍ଠାନକୁ ନାକ୍ ଗ୍ରେଡ୍ ମିଳିଛି। ସେହିଭଳି ୮୯୧ ଅର୍ଥାତ୍ ରାଜ୍ୟର ୮୪ ପ୍ରତିଶତ ଶିକ୍ଷାନୁଷ୍ଠାନ ନିକଟରେ କୌଣସି ନାକ୍ ଗ୍ରେଡ୍ ନାହିଁ।

ମିଳିଥିବା ସୂଚନା ମୁତାବକ, ରାଜ୍ୟରେ ମୋଟ ୧୨ଟି ସରକାରୀ ☞ପୃଷ୍ଠା-୪

**ନାକ୍‌ର ଫାଇଦା**

ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡିଟେସନ୍ କାଉନସିଲ୍(ନାକ୍) ଦେଶର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ଯୋଗ୍ୟତା ଭିତ୍ତିରେ ମାନ୍ୟତା ବା ଗ୍ରେଡ୍ ପ୍ରଦାନ କରିଥାଏ। ଏହି ସ୍ୱୟଂଶାସିତ ସଂସ୍ଥା କେନ୍ଦ୍ର ସରକାରଙ୍କ ୟୁନିଭର୍ସିଟି ଗ୍ରାଣ୍ଟ୍ସ କମିଶନ(ୟୁଜିସି) ଦ୍ୱାରା ପ୍ରତିଷ୍ଠା କରାଯାଇଛି। ଏହା ଉଚ୍ଚଶିକ୍ଷାର ଗୁଣବତ୍ତା ଏବଂ ମାନ ଉପରେ ଗୁରୁତ୍ୱ ଦେଇଥାଏ। ନାକ୍ ମାନ୍ୟତା ମିଳିଲେ ୟୁଜିସି ସହ ବିଶ୍ୱବ୍ୟାଙ୍କ୍ ଏବଂ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥାରୁ ଭିତ୍ତିଭୂମି ବିକାଶ ପାଇଁ ଅର୍ଥ ମିଳିଥାଏ।

# ଆଜି ବଳୟ ସୂର୍ଯ୍ୟୋପରାଗ

**ଗାଇଡ୍‌ଲାଇନ ଜାରି କଲା କେନ୍ଦ୍ର**

ନୂଆଦିଲ୍ଲୀ,୨୦।୬

ଚଳିତ ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ ରବିବାର ସଂଘଟିତ ହେବାକୁ ଯାଉଛି। ଚନ୍ଦ୍ର ସୂର୍ଯ୍ୟଙ୍କ କେନ୍ଦ୍ରଭାଗକୁ ସମ୍ପୂର୍ଣ୍ଣ ଆଚ୍ଛନ୍ନ କରୁଥିବାରୁ ଆକାଶରେ ଆଲୋକର ବଳୟ ଦୃଶ୍ୟମାନ ହେବ। ଏହି ବିରଳ ଜାଗତିକ ଦୃଶ୍ୟକୁ ଅନୁପଗଡ଼, ସୁରତଗଡ଼,



ସିର୍ସା, ଜଖାଲ, କୁରୁକ୍ଷେତ୍ର, ଯମୁନାନଗର, ଡେରାଡୁନ, ତପୋବନ ଓ ଜୋଷୀମଠରୁ ସ୍ପଷ୍ଟ ଦେଖିହେବ। ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଏହା ଆଂଶିକ ଦୃଶ୍ୟମାନ ହେବ। ଓଡ଼ିଶାର ଜନସାଧାରଣ ଆଂଶିକ ସୂର୍ଯ୍ୟୋପରାଗ ଦେଖିପାରିବେ। ଏଠାରେ ପୂର୍ବାହ୍ନ ୧୦ଟା ୨୦ରେ ସୂର୍ଯ୍ୟୋପରାଗ ଆରମ୍ଭ ହୋଇ ଅପରାହ୍ନ ୨ଟା ୨୦ରେ ଛାଡ଼ିବ। ମଧ୍ୟାହ୍ନ ୧୨ଟା ୧୫ରୁ ୧୨ଟା ୩୦ ମଧ୍ୟରେ ସର୍ବାଧିକ ଗ୍ରାସ ଦୃଶ୍ୟମାନ ହେବ। ତେବେ ଭୁବନେଶ୍ୱରରେ ଏହା ପୂର୍ବାହ୍ନ ୧୦ଟା ୩୮ରୁ ଆରମ୍ଭ ହୋଇ ୨ଟା ୯ ମିନିଟରେ ଶେଷ ହେବ। ୧୨ଟା ୨୬ରେ ଚନ୍ଦ୍ର ସୂର୍ଯ୍ୟର ବ୍ୟାସକୁ ପ୍ରାୟ ୬୫ ପ୍ରତିଶତ ଘୋଡେଇ ରଖିବ। ଭାରତର ପ୍ରଥମ ସହର ଭାବେ ଗୁଜରାଟର ଭୁଜ୍‌ରେ ରବିବାର ପୂର୍ବାହ୍ନ ୯ଟା ୫୮ରେ ସୂର୍ଯ୍ୟୋପରାଗ ଆରମ୍ଭ ହୋଇ ପ୍ରାୟ ୪ ଘଣ୍ଟା ପରେ ଅପରାହ୍ନ ୨ଟା ୨୯ ମିନିଟରେ ଆସାମର ଡିବ୍ରୁଗଡ଼ରେ ଶେଷ ହେବ। ସମ୍ପୂର୍ଣ୍ଣ ଉପରାଗ ୧୨ଟା ୧୦ରୁ ୨୮ ସେକେଣ୍ଡ ପାଇଁ ଦୃଶ୍ୟ ହେବ। ଏହି ସମୟରେ କ'ଣ କରିବାକୁ ହେବ ଏବଂ କ'ଣ କରିବା ନାହିଁ ସେ ☞ପୃଷ୍ଠା-୪




# ରଥଯାତ୍ରା ବନ୍ଦ ନ ହେଉ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଗଜପତି ମହାରାଜା**



ଭୁବନେଶ୍ୱର,୨୦।୬(ବ୍ୟୁରୋ)

କରୋନା ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ଚଳିତବର୍ଷ ପୁରୀରେ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ନ କରିବା ପାଇଁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ୩ଜଣିଆ ଖଣ୍ଡପୀଠ ଗୁରୁବାର ରାୟ ଦେଇଥିଲେ। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ପରେ ରାଜ୍ୟ ସରକାର ଏହାକୁ ପାଳନ କରିବାକୁ ସ୍ୱତନ୍ତ୍ର କ୍ୟାବିନେଟ ବୈଠକରେ ଅନୁମୋଦନ କରିଛନ୍ତି। ସରକାର ମନ୍ଦିର ଭିତରେ ବିଗ୍ରହଙ୍କ ବିଧିମୁତାବକ ରୀତିନୀତି ପାଳନ କରିବାକୁ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିର୍ଦ୍ଦେଶନାମା ପରେ ଜଗନ୍ନାଥପ୍ରେମୀଙ୍କ ମନରେ ବଡ଼ ଆଘାତ ଲାଗିଛି। ରଥଯାତ୍ରା କୌଣସି ପରିସ୍ଥିତିରେ ବନ୍ଦ ନ କରିବାକୁ ପୁରୀ ଗଜପତି ମହାରାଜା ତଥା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଦିବ୍ୟ ସିଂହ ଦେବ ଶନିବାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଭାଜପାର ଉତ୍ଥାନ

# ପ୍ରବାସୀ ଶ୍ରମିକଙ୍କୁ ୧୨୫ ଦିନ କାମ

**ଗରିବ କଲ୍ୟାଣ ରୋଜଗାର ଅଭିଯାନ ଲଞ୍ଚ କଲେ ମୋଦି**

- ୫୦ ହଜାର କୋଟିର ଯୋଜନା
- ୧୧୬ ଜିଲାରୁ ୨୫ ହଜାର ଲେଖାଏ ଶ୍ରମିକ ଉପକୃତ ହେବେ



ନୂଆଦିଲ୍ଲୀ,୨୦।୬(ପି.ଟି.)

ଲକ୍‌ଡାଉନ ଯୋଗୁ କାମଧନ୍ଦା ହରାଇ ଗାଁକୁ ଫେରିଯାଇଥିବା ପ୍ରବାସୀ ଶ୍ରମିକମାନଙ୍କୁ କର୍ମନିଯୁକ୍ତି ଯୋଗାଇଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୫୦ ହଜାର କୋଟି ଟଙ୍କାର 'ଗରିବ କଲ୍ୟାଣ ରୋଜଗାର ଅଭିଯାନ'ର ଶୁଭାରମ୍ଭ କରିଛନ୍ତି। ଓଡ଼ିଶା ସମେତ ୬ଟି ରାଜ୍ୟକୁ ଫେରିଥିବା ପ୍ରବାସୀ ଶ୍ରମିକ ଏହି ଯୋଜନାରେ ଉପକୃତ ହେବେ। ଏହା ଗ୍ରାମାଞ୍ଚଳ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଗରିବ କଲ୍ୟାଣ ରୋଜଗାର ଅଭିଯାନ ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶରେ ସହାୟକ ହେବ। ପ୍ରଥମ ଥର ପାଇଁ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଇଣ୍ଟରନେଟର ଅଧିକ ଉପଯୋଗ ହେଉଛି। ଏବେ ଇଣ୍ଟରନେଟ ସ୍ପିଡ୍ ବଢ଼ାଇବା ଦିଗରେ କାର୍ଯ୍ୟ କରାଯିବ ବୋଲି ମୋଦି କହିଥିଲେ। ବିହାରର ଖଗଡ଼ିଆ ଜିଲାର ଏକ ଗାଁରେ ପ୍ରଧାନମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଜରିଆରେ ଗରିବ କଲ୍ୟାଣ ରୋଜଗାର ଅଭିଯାନର ଶୁଭାରମ୍ଭ କରିଥିବାବେଳେ ଏହି କାର୍ଯ୍ୟକ୍ରମରେ ବିହାର, ମଧ୍ୟପ୍ରଦେଶ, ☞ପୃଷ୍ଠା-୪

# ବିଶ୍ୱରେ ୮ କୋଟି ବିସ୍ଥାପିତ

- ୨୦୧୮ ତୁଳନାରେ ୨୦୧୯ରେ ୮୭ ଲକ୍ଷ ଅଧିକ
- ୨.୬ କୋଟି କେବଳ ଶରଣାର୍ଥୀ
- ୬୮% ଶରଣାର୍ଥୀ ୫ ଦେଶର ବାସିନ୍ଦା
- କରୋନା ମହାମାରୀ ଯୋଗୁ ଦ୍ୱିଗୁଣ ସଙ୍କଟ

ନୂଆଦିଲ୍ଲୀ, ୨୦।୬



ଯୁଦ୍ଧ, ସଂଘର୍ଷ, ନିର୍ଯାତନା ଏବଂ ମାନବାଧିକାର ଉଲ୍ଲଂଘନ ଭଳି ସମସ୍ୟା ଲୋକଙ୍କୁ ବିସ୍ଥାପିତ କରିଚାଲିଛି। ଏସବୁର ପ୍ରଭାବରେ ୨୦୧୯ରେ ସାରା ବିଶ୍ୱର ୭ କୋଟି ୯୫ ଲକ୍ଷ ଲୋକ ବାଧ୍ୟ ହୋଇ ବିସ୍ଥାପିତ ହୋଇଛନ୍ତି, ଯାହାକି ୨୦୧୮ ତୁଳନାରେ ୮୭ ଲକ୍ଷ ଅଧିକ। ଏଥିମଧ୍ୟରୁ ୨ କୋଟି ୬୦ ଲକ୍ଷ ଲୋକ ହେଉଛନ୍ତି କେବଳ ଶରଣାର୍ଥୀ। ଶରଣାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଜାତିସଂଘର ଉଚ୍ଚାୟୁକ୍ତ(ୟୁଏନ୍ଏଚ୍‌ସିଆର୍)ଙ୍କ ରିପୋର୍ଟରୁ ଏହା ଜଣାପଡ଼ିଛି। ଉପରୋକ୍ତ ଶରଣାର୍ଥୀଙ୍କ ମଧ୍ୟରୁ ୨ କୋଟି ୪ ଲକ୍ଷ ଲୋକଙ୍କ ଭାର ୟୁଏନ୍ଏଚ୍‌ସିଆର୍ ଉପରେ ଥିବାବେଳେ ୫୬ ଲକ୍ଷ ପାଲେଷ୍ଟାଇନ ଶରଣାର୍ଥୀଙ୍କ ଭାର ୟୁଏନ୍ଆରଡବ୍ଲ୍ୟୁଏ(ପାଲେଷ୍ଟାଇନ ଶରଣାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଜାତିସଂଘର ସଂସ୍ଥା) ଉପରେ ରହିଛି। ହେଲେ ସମସ୍ତ ଶରଣାର୍ଥୀଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶରୁ ଅଧିକ ଅର୍ଥାତ୍ ୬୮% କେବଳ ୫ ଦେଶ ତଥା ସିରିଆ(୬୬ଲକ୍ଷ), ଭେନେଜୁଏଲା(୩୭ଲକ୍ଷ), ଆଫଗାନିସ୍ତାନ(୨୭ ଲକ୍ଷ), ଦକ୍ଷିଣ ସୁଦାନ(୨୨ ଲକ୍ଷ) ଏବଂ ମ୍ୟାନ୍‌ମାର(୧୧ ଲକ୍ଷ)ରୁ ଆସିଛନ୍ତି। ଏଭଳିସ୍ଥଳେ ତୁର୍କୀ ଅନ୍ୟ ଦେଶ ତୁଳନାରେ ସବୁଠୁ ଅଧିକ ଅର୍ଥାତ୍ ୩୬ ଲକ୍ଷ ଶରଣାର୍ଥୀଙ୍କୁ ଆଶ୍ରୟ ଦେଇଛି। ଏହା ପଛକୁ କଲମ୍ବିଆ ୧୮ ଲକ୍ଷ, ପାକିସ୍ତାନ ୧୪ ଲକ୍ଷ, ଉଗାଣ୍ଡା ୧୪ ଲକ୍ଷ ଏବଂ ଜର୍ମାନୀ ୧୧ ଲକ୍ଷ ଶରଣାର୍ଥୀଙ୍କୁ ଆଶ୍ରୟ ଦେଇଛି। ଦୁର୍ଭାଗ୍ୟର ବିଷୟ ଯେ, ଗତ ଏକ ଦଶନ୍ଧି ମଧ୍ୟରେ କେବଳ ୩୯ ଲକ୍ଷ ଶରଣାର୍ଥୀ ନିଜ ଦେଶକୁ ଫେରିଛନ୍ତି।

ଅନ୍ୟପକ୍ଷରେ ମହାମାରୀ କରୋନାର ପ୍ରଭାବ ☞ପୃଷ୍ଠା-୪



ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ଆତ୍ମହତ୍ୟା କରିଥିଲେ। କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ଶୁକ୍ରବାର ଅଭିନେତାଙ୍କ ପରିବାରକୁ ଭେଟିଛନ୍ତି। ସୁଶାନ୍ତଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ପାଟନାର ରାଜୀବନଗର ବାସଭବନରେ ଅଭିନେତାଙ୍କ ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେଇଛନ୍ତି ରବିଶଙ୍କର।

# ଗଲ୍ୱାନକୁ ନେଇ ଟଣାଓଟରା

## ଚାଇନାର ଦାବିକୁ ଭାରତର ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ, ୨୦।୬

ପୂର୍ବ ଲଦାଖର ଗଲୱାନ ଉପତ୍ୟକାକୁ ନେଇ ବିବାଦ ଥମିବାର ନାଁ ନେଉନାହିଁ। ଚାଇନା ଏହାକୁ ନିଜ ଅଞ୍ଚଳ କହି ଭାରତକୁ ଅନୁପ୍ରବେଶ ଲାଗି ଉଦ୍ୟମ କରୁଛି ବୋଲି ଦୋଷ ଲଦୁଥିବା ବେଳେ ଭାରତ ଏଭଳି ଦାବିକୁ ପ୍ରତ୍ୟାଖ୍ୟାନ କରିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ କହିଛନ୍ତି, ଗଲୱାନ ଉପତ୍ୟକା ଚାଇନାର ନ ଥିଲା। ଏବେ ସେ ଆଶ୍ଚର୍ଯ୍ୟଜନକ ଭାବେ ନିଜର ବୋଲି ଦାବିକରୁଛି। ଚାଇନାର ଏହି ଅତିରଞ୍ଜିତ ଦାବି କେବେହେଲେ ଗ୍ରହଣଯୋଗ୍ୟ ନୁହେଁ। ଚାଇନା ସେନାର ଅନୁପ୍ରବେଶକୁ



ଗଲୱାନ ଉପତ୍ୟକାର ସାଟେଲାଇଟ୍ ଚିତ୍ର

କେବେହେଲେ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ଏଲ୍ଏସି ନେଇ ଭାରତୀୟ ସେନା ଭଲଭାବେ ଜଡ଼ିତ। ଭାରତ-ଚାଇନା ସୀମାର ଗଲୱାନ ଉପତ୍ୟକା ସହ ପ୍ରତିଟି ସେକ୍ଟରକୁ ସେମାନେ ଭଲଭାବେ ଜାଣନ୍ତି।

ଭାରତୀୟ ସେନା କାହାର ଭୂଖଣ୍ଡରେ ପ୍ରବେଶ କରନ୍ତି ନାହିଁ। କେବଳ ସେମାନେ ସୀମାରେ ପାଟ୍ରୋଲିଂ କରିଥାନ୍ତି। ଚାଇନା ସେନା ଗତ ମେ ମାସରୁ ଏଲଏସି ଅତିକ୍ରମ କରି ଗଲୱାନ ଘାଟି ଉପରେ ଜବରଦଖଲ କରିବାକୁ ଉଦ୍ୟମ କରୁଛି। ଚାଇନା ଦୁଇଦେଶର ବୈଦେଶିକ ମନ୍ତ୍ରୀସ୍ତରୀୟ ଆଲୋଚନାରେ ସୀମା ଶାନ୍ତି ଫେରାଇ ଆଣିବା ଲାଗି ହୋଇଥିବା ଆଲୋଚନାକୁ ସମ୍ମାନ ଜଣାଇବା ଉଚିତ ବୋଲି ଶ୍ରୀବାସ୍ତବ କହିଛନ୍ତି। ଗତ ୧୫ରେ ଭାରତ-ଚାଇନା ସେନା ମଧ୍ୟରେ ଗଲୱାନ ଉପତ୍ୟକାରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ଭାରତର ୨୦ ଯବାନ ଶହୀଦ ହୋଇଥିଲେ। ସମସ୍ୟାର ସମାଧାନ ଲାଗି ଦ୍ୱିପାକ୍ଷିକ ଆଲୋଚନା ଜାରି ରହିଥିବା ବେଳେ ଚାଇନା ଗଲୱାନକୁ ନିଜର ବୋଲି ଦାବି କରିଆସୁଛି।

## 'ଯେକୌଣସି ପରିସ୍ଥିତି ଲାଗି ଆମେ ପ୍ରସ୍ତୁତ'

### ଚାଇନାକୁ ବାୟୁସେନା ମୁଖ୍ୟଙ୍କ ସତର୍କବାଣୀ

ହାଇଦ୍ରାବାଦ, ୨୦।୬

ଲଦାଖର ଗଲୱାନ୍ ଉପତ୍ୟକାରେ ଭାରତ ଓ ଚାଇନା ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ଏହାକୁ ନେଇ ପରିସ୍ଥିତି ଉଷ୍ମ ରହିଥିବାବେଳେ ଯେକୌଣସି ପରିସ୍ଥିତିର ମୁକାବିଲା ଲାଗି ଆମେ ପ୍ରସ୍ତୁତ ବୋଲି ଏୟାର ଚିଫ୍ ମାର୍ଶାଲ ଆର୍କେଏସ୍ ଭଦୋରିଆ ଶନିବାର ଚାଇନାକୁ ଚେତାବାନୀ ଦେଇ କହିଛନ୍ତି। ଡୁଣ୍ଡିଗାଲସ୍ଥିତ ଏୟାର ଫୋର୍ସ ଏକାଡେମିର ସଂଯୁକ୍ତ ସ୍ନାତକ ପରେଡ୍‌ରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଗଲୱାନରେ ଆମ ଯବାନ୍‌ଙ୍କ ପ୍ରାଣହାନି ଘଟିବା ଆମକୁ ମର୍ମାହତ କରିଛି। ପ୍ରତିଜବାବ ଦେବା ଲାଗି ବାୟୁସେନା ପୂର୍ଣ୍ଣ ପ୍ରସ୍ତୁତ ରହିଛି। ବୀର ଯବାନଙ୍କ ବଳିଦାନ ବେକାର ଯିବନି, ଯେକୌଣସି ସ୍ତରରେ ବାୟୁସେନା ଜବାବ ଦେବା ଲାଗି ସକ୍ଷମ ବୋଲି ଭଦୌରିଆ କହିଛନ୍ତି।

ଦେଶର ସୁରକ୍ଷା ଲାଗି ସେନା ସର୍ବଦା ସଜାଗ ରହିଛି। ନିର୍ଦ୍ଦେଶ ମିଳିଲେ ଆମେ ପ୍ରତିଟି ପରିସ୍ଥିତିର



ଆର୍କେଏସ୍ ଭଦୋରିଆ

ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିଛୁ। ଚୁକ୍ତି କରାଯିବା ଓ ସେନା ଅଧିକାରୀଙ୍କ ମଧ୍ୟରେ ଆଲୋଚନା ଚାଲିଥିବାବେଳେ ଚାଇନା ସେନାର ଏଭଳି ଆଭିମୁଖ୍ୟ କେବେହେଲେ ଗ୍ରହଣଯୋଗ୍ୟ ନୁହେଁ। ଶାନ୍ତିରେ ସବୁ ସମସ୍ୟାର ସମାଧାନ କରାଯିବା ଉଚିତ। ଯବାନଙ୍କ ବଳିଦାନ ଦର୍ଶାଇଛି ଯେ, ଦେଶର ସାର୍ବଭୌମତ୍ୱ ରକ୍ଷା ଲାଗି ଆମେ ଯେକୌଣସି ସ୍ତରକୁ ଯାଇପାରିବୁ ବୋଲି ଭଦୋରିଆ ପ୍ରକାଶ କରିଛନ୍ତି।

# ପାକ୍‌ର ଅସ୍ତ୍ରଭର୍ତ୍ତି ଡ୍ରୋନ୍‌କୁ ଖସାଇଲା ବିଏସ୍ଏଫ୍



ଜମ୍ମୁ,୨୦।୬(ପି.ଟି.)

ଅନ୍ତର୍ଜାତୀୟ ସୀମା ନିକଟବର୍ତ୍ତୀ ଜମ୍ମୁ-କଶ୍ମୀରର କଠୁଆ ଜିଲା ଉପରେ ଉଡୁଥିବା ପାକିସ୍ତାନର ଏକ ଡ୍ରୋନ୍‌କୁ ଭାରତୀୟ ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ଶନିବାର ଖସାଇଦେଇଛି। ଉକ୍ତ ଡ୍ରୋନ୍‌ରେ ଅତ୍ୟାଧୁନିକ ରାଇଫଲ, ଗ୍ରେନେଡ ଆଦି ଭର୍ତ୍ତି ହୋଇଥିଲା। ଆତଙ୍କବାଦୀଙ୍କ ବ୍ୟବହାର ଲାଗି ଡ୍ରୋନ୍‌ରେ ଏହି ଅସ୍ତ୍ର ଅଣାଯାଇଥିବା କୁହାଯାଉଛି। ଜମ୍ମୁ ଅଞ୍ଚଳରେ ପ୍ରଥମ ଥର ପାଇଁ ବିଏସ୍ଏଫ୍ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଭର୍ତ୍ତି ଡ୍ରୋନ୍‌କୁ ଖସାଇଛି। ଭାରତ ୫ଟା ୧୦ ସମୟରେ ଡ୍ରୋନ୍‌ଟି ପାନସାର ସୀମାନ୍ତ ଆଉଟପୋଷ୍ଟ ନିକଟ ରାଠୁଆ ଗ୍ରାମ ଉପରେ ଉଡୁଥିବାବେଳେ ପାଟ୍ରୋଲିଂ କରୁଥିବା ବିଏସ୍ଏଫ ଟିମ୍ ଏହାକୁ ଦେଖିଥିଲା। ଭାରତୀୟ ଅଞ୍ଚଳର ୨୫୦ ମିଟର ଭିତରକୁ ଆସିଥିବା ଉକ୍ତ ଡ୍ରୋନକୁ ଖସାଇବା ପାଇଁ ବିଏସ୍ଏଫ ଯବାନ ୯ ରାଉଣ୍ଡ ଗୁଳି ଚଳାଇଥିଲେ। ସୀମା ସେପଟେ ଥିବା ପାକିସ୍ତାନୀ ରେଞ୍ଜରମାନେ ଉକ୍ତ ଡ୍ରୋନ୍‌କୁ ନିୟନ୍ତ୍ରଣ କରୁଥିବା ବିଶ୍ୱାସ କରାଯାଉଛି।

# ବିବାଦୀୟ କରାଉଛନ୍ତି ବିରୋଧୀ

ନୂଆଦିଲ୍ଲୀ,୨୦।୬(ପି.ଟି.)

■ମୋଦିଙ୍କ ମନ୍ତବ୍ୟ ଉପରେ ସ୍ପଷ୍ଟୀକରଣ ଦେଲା ପିଏମ୍ଓ

■ଭାରତୀୟ ଅଞ୍ଚଳରେ କେହି ପ୍ରବେଶ କରି ନ ଥିବା କହିଥିଲେ ପ୍ରଧାନମନ୍ତ୍ରୀ

ଭାରତୀୟ ଅଞ୍ଚଳ ମଧ୍ୟରେ କେହି ପ୍ରବେଶ କରିନାହାନ୍ତି କିମ୍ବା କୌଣସି ସାମରିକ ଘାଟିକୁ ଅକ୍ତିଆର କରିନାହାନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ସର୍ବଦଳୀୟ ବୈଠକରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାକୁ ଲକ୍ଷ୍ୟ କରି କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟକୁ କେତେଜଣ ସମାଲୋଚନା କରିଥିବାବେଳେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ଶନିବାର ତାହାକୁ ହାସ୍ୟାସ୍ପଦ ବ୍ୟାଖ୍ୟା ବୋଲି କହିଛି। ଜୁନ୍ ୧୫ ଗଲୱାନ ସଂଘର୍ଷକୁ ନେଇ ପ୍ରଧାନମନ୍ତ୍ରୀ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଆମ ସଶସ୍ତ୍ର ବଳର ସାହସିକତାକୁ ପ୍ରଶଂସା କରି ସେ କହିଥିଲେ, ପ୍ରକୃତ ନିୟନ୍ତ୍ରଣ ରେଖା (ଏଲଏସି) ଏପଟେ ଚାଇନାର ଉପସ୍ଥିତି ନାହିଁ। ଏହାକୁ ନେଇ କଂଗ୍ରେସ ସମେତ ଅନ୍ୟ ରଣନୀତି ବ୍ୟାପାର ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଥିଲେ। ଯଦି ଚାଇନା ସୈନ୍ୟ ଗଲୱାନ ଉପତ୍ୟକାରେ ପ୍ରବେଶ କରିନାହିଁ ତେବେ ଭାରତୀୟ ଯବାନ କେଉଁଠି ଶହୀଦ ହେଲେ ବୋଲି ସେମାନେ ଜାଣିବାକୁ ଚାହିଁଛନ୍ତି। ମୋଦି ଚାଇନାକୁ କ୍ଲିନ୍‌ଚିଟ୍ ଦେଉଛନ୍ତି କି ବୋଲି ସେମାନେ ବିସ୍ମୟ ପ୍ରକଟ କରିଛନ୍ତି।

ଅନ୍ୟପକ୍ଷରେ ପିଏମ୍ଓ ପକ୍ଷରୁ କୁହାଯାଇଛି, ୧୬ ବିହାର ରେଜିମେଣ୍ଟର ଯବାନଙ୍କ ବଳିଦାନ ଚାଇନା ପକ୍ଷର ନିର୍ମାଣ ଯୋଜନାକୁ ପଣ୍ଡ କରିବା ସହ ଏଲ୍ଏସିରେ ସେମାନଙ୍କ ପ୍ରବେଶ ଉଦ୍ୟମକୁ ବିଫଳ କରିଛି। ଆମ ଭୂମିରେ ପ୍ରବେଶ ଉଦ୍ୟମ କରୁଥିବା ଚାଇନାକୁ ଆମ ସାହସୀ ଯୋଦ୍ଧାମାନେ ଉପଯୁକ୍ତ ଶିକ୍ଷା ଦେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ, ଯାହା ଆମ ସଶସ୍ତ୍ର ବାହିନୀର ସ୍ୱଭାବ ଓ ମୂଲ୍ୟବୋଧକୁ ଏକତ୍ର କରିବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ପିଏମ୍ଓ କହିଛି। ସୀମା ସୁରକ୍ଷା କ୍ଷେତ୍ରରେ ଭାରତୀୟ ସେନା କୌଣସି ସୁଯୋଗ ହାତଛଡ଼ା କରି ନ ଥିବା ମୋଦି କହିଥିଲେ। କେତେକ ମହଲ ଏହାର କୌତୂହଳପୂର୍ଣ୍ଣ ବ୍ୟାଖ୍ୟା କରୁଥିବା ପିଏମ୍ଓ ପକ୍ଷରୁ କୁହାଯାଇଛି।

# ଆମେରିକା ନ୍ୟାଶନାଲ ସାଇନ୍ସ ଫାଉଣ୍ଡେଶନ ମୁଖ୍ୟ ହେଲେ ଭାରତୀୟ

ୱାଶିଂଟନ,୨୦।୬(ପି.ଟି.)

ଖ୍ୟାତନାମା ଭାରତୀୟ-ଆମେରିକୀୟ ବୈଜ୍ଞାନିକ ସେଥୁରମନ ପଞ୍ଚନାଥନ୍ ଆମେରିକାର ଶୀର୍ଷ ବିଜ୍ଞାନ ଗବେଷଣା ସହାୟକ ସଂସ୍ଥା ନ୍ୟାଶନାଲ ସାଇନ୍ସ ଫାଉଣ୍ଡେଶନର ନିର୍ଦ୍ଦେଶକ ନିଯୁକ୍ତ ହୋଇଛନ୍ତି। ଏହି ଫାଉଣ୍ଡେଶନର ବାର୍ଷିକ ବଜେଟ ୭.୪ ବିଲିୟନ ଡଲାର। ଆମେରିକା ସିନେଟ ତାଙ୍କ ନିଯୁକ୍ତିକୁ ମଞ୍ଜୁରୀ ଦେଇଛି। ଆରିଜୋନା ଷ୍ଟେଟ୍ ୟୁନିଭର୍ସିଟିରେ ବୈଜ୍ଞାନିକ ପଞ୍ଚନାଥନ୍ ଫ୍ରାନ୍ସର କୋରଡୋଭାଙ୍କ ସ୍ଥାନରେ ୧୫ତମ ନିର୍ଦ୍ଦେଶକ ଭାବେ ଜୁଲାଇ ୬ରୁ କାର୍ଯ୍ୟରେ



ସେଥୁରମନ ପଞ୍ଚନାଥନ୍

ଯୋଗଦେବେ ବୋଲି ଜଣାପଡ଼ିଛି। ଏଭଳି ସମ୍ମାନଜନକ ପଦବୀ ପାଇବାରେ ସେ ଦ୍ୱିତୀୟ ଭାରତୀୟ ବଂଶୋଦ୍ଭବ ବୈଜ୍ଞାନିକ। ପୂର୍ବରୁ ଡ. ସୁବ୍ରା ସୁରେଶ ୨୦୧୦ ଅକ୍ଟୋବରରୁ ୨୦୧୩ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ପଦବୀରେ ରହିଥିଲେ।

# ବାଂଲାଦେଶକୁ ହାତେଇବାକୁ ଚାଇନାର ଯୋଜନା

ନୂଆଦିଲ୍ଲୀ,୨୦।୬

### ୫,୧୬୧ ସାମଗ୍ରୀ ଉପରେ ୯୭% ଶୁଳ୍କ ଛାଡ଼ କଲା ବେଜିଂ

ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ପରେ ଦୁଇ ଦେଶର ସମ୍ପର୍କ ସବୁଠୁ ଖରାପ ସ୍ଥିତିକୁ ଆସିଯାଇଛି। ଏବେ ଚାଇନା ଭାରତକୁ ଚାରିପଟୁ ଘେରିବା ପାଇଁ ଉଦ୍ୟମ ଚଳାଇଛି। ପାକିସ୍ତାନ ଚାଇନାର ସବୁଦିନିଆ ବନ୍ଧୁ ଓ ଭାରତ ବିରୋଧୀ ହୋଇଥିବାବେଳେ ପଡୋଶୀ ନେପାଳକୁ ମଧ୍ୟ ବେଜିଂ ନିଜ ସପକ୍ଷକୁ ନେବାରେ ସଫଳ ହୋଇଛି। ଏବେ ଭାରତର ଦୃଢ଼ ସହଯୋଗୀ ପଡ଼ୋଶୀ ବାଂଲାଦେଶକୁ ନିଜ ସପକ୍ଷକୁ ନେବା ପାଇଁ ବେଜିଂ ଜୋର୍‌ଦାର ଉଦ୍ୟମ ଚଳାଇଛି। ବାଂଲାଦେଶକୁ ଚାଇନା ଅନେକ ପ୍ରଲୋଭନ ଦେଖାଉଥିବା ଜଣାପଡ଼ିଛି।

ଗଲୱାର ଉପତ୍ୟକା ସଂଘର୍ଷରେ ଭାରତର ୨୦ ଯବାନ ଶହୀଦ ହେବା ପରେ ଚାଇନାର ଅର୍ଥନୀତିକୁ କ୍ଷତି ପହଞ୍ଚାଇବା ଲାଗି ଭାରତ ପଦକ୍ଷେପ ଆରମ୍ଭ କରିଛି। ଫଳରେ ବେଜିଂ ଏବେ ଢାକା ସହ ବାଣିଜ୍ୟ ସମ୍ପର୍କ ବଢ଼ାଇବାକୁ ଉଦ୍ୟମ କରୁଛି। ବାଂଲାଦେଶକୁ ଯାଉଥିବା ୫,୧୬୧ ସାମଗ୍ରୀ ଉପରେ ଚାଇନା ୯୭% ଶୁଳ୍କ ଛାଡ଼ କରିଛି। ବାଂଲାଦେଶ ଚାଇନାରୁ ଆମଦାନୀ ସାମଗ୍ରୀ ଉପରେ ଶୁଳ୍କ ଛାଡ଼ ପାଇଁ ବେଜିଂକୁ ଅନୁରୋଧ କରିଥିଲା। ଗତ ୧୬ ତାରିଖରେ ବେଜିଂ ଏଥିରେ ସମ୍ମତି ପ୍ରଦାନ କରିଛି। ଜୁଲାଇ ମାସରୁ ଏହା କାର୍ଯ୍ୟକାରୀ ହେବ ବୋଲି ବାଂଲାଦେଶ ବହିର୍ବ୍ୟାପାର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ରିହାତି ଫଳରେ ଢାକା ବେଜିଂର ଅଧିକ ନିକଟତର ହୋଇପାରିବ।

ଦୀର୍ଘଦିନ ଧରି ବାଂଲାଦେଶ ସହ ଭାରତର ଉତ୍ତମ ବନ୍ଧୁତା ରହିଆସିଥିଲା, ଯାହା ଚାଇନାକୁ ଦୂରେଇ ରଖିଥିଲା। ତେବେ ଗତବର୍ଷ ଭାରତ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି) ଏବଂ ନାଗରିକ ସଂଶୋଧନ ଆଇନ ଆଣିବା ପରେ ଦୁଇଦେଶ ସମ୍ପର୍କକୁ ଧକ୍କା ପହଞ୍ଚିଥିଲା।



ଜୟପୁର: ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ହାତୀମାନେ ଜଳକ୍ରୀଡ଼ା କରୁଛନ୍ତି।

# ତହଉର ରାଣା ଗିରଫ

ୱାଶିଂଟନ,୨୦।୬(ପି.ଟି.)

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ସହ ସମ୍ପୃକ୍ତ ପାକିସ୍ତାନୀ ମୂଳବାସିନ୍ଦା କାନାଡା ବ୍ୟବସାୟୀ ତହଉର ରାଣାଙ୍କୁ ଲସ୍ ଆଞ୍ଜେଲସ୍‌ରୁ ପୁନର୍ବାର ଗିରଫ କରାଯାଇଛି। ରାଣାଙ୍କ ପ୍ରତ୍ୟର୍ପଣ ଲାଗି ଭାରତ ଆମେରିକାକୁ ଅନୁରୋଧ କରିଥିଲା। ୨୦୦୮ରେ ମୁମ୍ବାଇ ଆକ୍ରମଣରେ ୧୬୬ ଜଣଙ୍କ ମୃତ୍ୟୁ ଘଟିଥିଲା। ୫୯ ବର୍ଷୀୟ ରାଣା କିଛିଦିନ ପୂର୍ବରୁ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଜେଲ୍‌ରୁ ମୁକ୍ତ ହୋଇଥିଲେ।

# 'ବିପଜ୍ଜନକ ସ୍ଥିତିରେ କରୋନା'

ଜେନିଭା, ୨୦।୬

ମହାମାରୀ କରୋନା ଏବେ ବିପଜ୍ଜନକ ପର୍ଯ୍ୟାୟରେ ପ୍ରବେଶ କରିଛି। ଦୁଇଦିନ ହେବ ଉଗ୍ର ସଂକ୍ରମଣ ଦେଖାଦେଇଛି। ଗୁରୁବାର ୧.୫୦ ଲକ୍ଷ ଓ ଶୁକ୍ରବାର ଗୋଟିଏ ଦିନରେ ସର୍ବାଧିକ ୧.୮୧ ଲକ୍ଷରୁ ଅଧିକ ନୂଆ ମାମଲା ଦେଖାଦେଇଥିଲା।



ଟେଡୋସ୍ ଆଧାନମ୍ ଘେବ୍ରେୟେସସ୍

ଆଗକୁ ଆହୁରି ଭୟଙ୍କର ସ୍ଥିତି ଦେଖାଦେବା ଆଶଙ୍କା ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ)ର ମୁଖ୍ୟ ଟେଡୋସ୍ ଆଧାନମ୍ ଘେବ୍ରେୟେସସ୍ ଶନିବାର ସତର୍କ କରାଇଛନ୍ତି। ସାମ୍ପ୍ରତିକ ସମୟ ସବୁଠାରୁ ଅଧିକ ସତର୍କ ରହିବାର ସମୟ ବୋଲି ସେ ପ୍ରକାଶ କରିଛନ୍ତି।

# ଆକ୍ରାନ୍ତଙ୍କ ସଂଖ୍ୟା ୪ ଲକ୍ଷ ଟପିଲା

ନୂଆଦିଲ୍ଲୀ, ୨୦।୬

ମହାମାରୀ କରୋନାର ଉଗ୍ର ସଂକ୍ରମଣ ଦେଖିବାକୁ ମିଳିଛି। ଶୁକ୍ରବାର ୧୪ ହଜାରରୁ ଊର୍ଦ୍ଧ୍ୱ ନୂଆ ମାମଲା ସାମ୍ନାକୁ ଆସିଥିବାବେଳେ ଶନିବାର ପ୍ରାୟ ୧ ହଜାର ନୂଆ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ବର୍ତ୍ତମାନ ଭାରତରେ ଆକ୍ରାନ୍ତଙ୍କ ସଂଖ୍ୟା ୪ ଲକ୍ଷ ୮ ଶହକୁ ବୃଦ୍ଧି ପାଇଛି। ମୃତ୍ୟୁସଂଖ୍ୟା ବଢ଼ି ୧୩ ହଜାର ପାର୍ କରିଛି। ମହାରାଷ୍ଟ୍ର, ତାମିଲନାଡୁ, ରାଜଧାନୀ ଦିଲ୍ଲୀ, ଗୁଜରାଟ, ଉତ୍ତରପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ ଆଦି ରାଜ୍ୟରେ ରୋଗୀ ସଂଖ୍ୟା ଭୟଙ୍କର ଭାବେ ବୃଦ୍ଧିପାଇବାରେ ଲାଗିଛି।

ମହାରାଷ୍ଟ୍ରରେ ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୨୫ ହଜାରରେ ପହଞ୍ଚିଥିବା ବେଳେ ତାମିଲନାଡୁରେ ୫୭ ହଜାର ହେଲେଣି। ଗୋଟିଏ ଦିନରେ ତାମିଲନାଡୁରେ ୨,୩୯୬ ନୂଆ ମାମଲା ଦେଖାଦେଇଛି। ଦିଲ୍ଲୀରେ ୫୩ ହଜାର, ଗୁଜରାଟରେ ୨୩ ହଜାର, ଉତ୍ତରପ୍ରଦେଶରେ ୧୬ ହଜାର, ରାଜସ୍ଥାନରେ ୧୪ ହଜାର, ପଶ୍ଚିମବଙ୍ଗରେ ୧୩ ହଜାରରୁ ଅଧିକ ରୋଗୀ ଅଛନ୍ତି। ସଂଖ୍ୟା ଦ୍ରୁତଗତିରେ ବଢୁଥିବାରୁ ଆତଙ୍କ ଖେଳିଯାଇଛି। ୨ ଲକ୍ଷ ୧୬ ହଜାର ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ଏବେ ବି ୧.୭୦ ଲକ୍ଷ ଲୋକ ଚିକିତ୍ସାଧୀନ ଅଛନ୍ତି।

# ରାଜ୍ୟ ସଭାରେ ଭାଜପା ସ୍ଥିତି କଂଗ୍ରେସର ୨ ଗୁଣରୁ ଅଧିକ

ନୂଆଦିଲ୍ଲୀ,୨୦।୬

ରାଜ୍ୟ ସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ପାର୍ଲାମେଣ୍ଟର ଉଚ୍ଚ ସଦନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଏବଂ ବିରୋଧୀ ଦଳ ମଧ୍ୟରେ ଆସନ ବ୍ୟବଧାନ ବୃଦ୍ଧି ପାଇଛି। ଭାଜପାର ସଦସ୍ୟ ସଂଖ୍ୟା ୮୬କୁ ବୃଦ୍ଧି ପାଇଥିବାବେଳେ ବିରୋଧୀ କଂଗ୍ରେସ ୪୧ରେ ସୀମିତ ରହିଛି। ୨୪୫ ସଦସ୍ୟ ବିଶିଷ୍ଟ ରାଜ୍ୟ ସଭାରେ ଏନ୍‌ଡିଏ ସଦସ୍ୟ ସଂଖ୍ୟା ୧୦୦ ନିକଟବର୍ତ୍ତୀ ହୋଇଛି। ସହଯୋଗୀ ଦଳ ଏଆଇଏଡିଏମ୍‌କେର ୯ ଆସନ ରହିଥିବାବେଳେ ବିଜେଡିର ୯, ୱାଇଏସ୍‌ଆର କଂଗ୍ରେସ ପାର୍ଟିର ୬ ଆସନ ରହିଛି। ଏଥିସହିତ ଅନ୍ୟ କେତେକ ଛୋଟ ଦଳ ଓ ମନୋନୀତ ସଦସ୍ୟଙ୍କ ସମର୍ଥନ ମିଳିଲେ ନରେନ୍ଦ୍ର ମୋଦି ସରକାର ଗୃହରେ ସଂଖ୍ୟାଜନିତ ଗୁରୁତର ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ନ ପାରେ ବୋଲି କୁହାଯାଉଛି।

ପୂର୍ବରୁ ୪୨ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ଶୁକ୍ରବାର ୧୯ ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ



ହୋଇଥିଲା। ସେଥିରୁ ଭାଜପା ୮ ଆସନ ହାତେଇଥିବାବେଳେ କଂଗ୍ରେସ ଓ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ୪ଟି ଲେଖାଏ ଏବଂ ଅନ୍ୟ ଦଳ ୩ଟି ଆସନରେ ବିଜୟୀ ହୋଇଛନ୍ତି। ମୋଟ ଉପରେ ଭାଜପା ୧୭ ଆସନ ଜିତିଥିବାବେଳେ କଂଗ୍ରେସ ୯, ଭାଜପା ସହଯୋଗୀ ଜେଡିୟୁ ୩, ବିଜେଡି ଏବଂ ଟିଏମ୍‌ସି ୪ଟି ଲେଖାଏ, ଏଆଇଏଡିଏମ୍‌କେ ଏବଂ ଡିଏମ୍‌କେ ୩ଟି ଲେଖାଏ, ଏନ୍‌ସିପି, ଆର୍‌ଜେଡି ଏବଂ ଟିଆର୍‌ଏସ୍ ୨ଟି ଲେଖାଏ ଆସନ ଜିତିଥିବାବେଳେ ଅନ୍ୟ ଆସନଗୁଡ଼ିକରେ ଛୋଟ ଦଳ ବିଜୟୀ ହୋଇଛନ୍ତି। ନବନିର୍ବାଚିତ ୬୧ ସଦସ୍ୟଙ୍କ ମଧ୍ୟରୁ ୪୩ ନୂଆ ମୁହଁ, ସେମାନଙ୍କ ମଧ୍ୟରେ ଭାଜପାରୁ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ କଂଗ୍ରେସରୁ ମଲ୍ଲିକାର୍ଜୁନ ଖାର୍ଗେ ଅଛନ୍ତି।

# ସୀମା ବିବାଦର ଲମ୍ବା ତାଲିକାରେ ଚାଇନା

ନୂଆଦିଲ୍ଲୀ, ୨୦।୬

ଚାଇନାର ସାମ୍ରାଜ୍ୟବାଦୀ ଚିନ୍ତାଧାରା ସମ୍ପର୍କରେ କାହାକୁ ଅଛପା ନାହିଁ। ବିଭିନ୍ନ ଚୁକ୍ତିକୁ ପାଦତଳେ ଚାପି ଷଡ଼ଯନ୍ତ୍ର ସହି ନିଜର ଆଭିମୁଖ୍ୟକୁ ପୂରଣକରିବା ଲାଗି ଚାଇନା ପ୍ରୟାସ କରିଚାଲିଛି। କେବଳ ଭାରତର ଗଲୱାନ୍ ଉପତ୍ୟକା ନୁହେଁ, ବିଭିନ୍ନ ପଡ଼ୋଶୀ ଦେଶର ଭୂଖଣ୍ଡକୁ ଜବରଦଖଲ କରିବାରେ ଚାଇନା ସିଦ୍ଧହସ୍ତ। ଚାଇନାର ଏଭଳି ସାମ୍ରାଜ୍ୟବାଦୀ ଚିନ୍ତାଧାରାକୁ ଆମେରିକା ସମାଲୋଚନା କରିଛି। ଆମେରିକାର ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ଏହାକୁ ତୀବ୍ର ନିନ୍ଦା କରିଛନ୍ତି। ଏହାର ପରିଣତି ଭୟଙ୍କର ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

ଗତ ସୋମବାର ଲଦାଖର ଗଲୱାନ୍ ଉପତ୍ୟକାରେ ଭାରତ- ଚାଇନା ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ୨୦ ଯବାନ ଶହୀନ ହେଲେ। ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରାଗଲା, ହେଲେ କୌଣସି ସୁଫଳ ମିଳିଲା ନାହିଁ। ଭାରତୀୟ ସେନା ନିୟନ୍ତ୍ରଣରେ ଥିବା ଗଲୱାନ୍‌ର ପଏଣ୍ଟ ୧୪କୁ ଚାଇନା ସେନା ନିଜର ବୋଲି ଦାବିକରି ମୁହାଁମୁହିଁ ସ୍ଥିତି ଲାଗି ପ୍ରସ୍ତୁତ ହେଉଛି। କେବଳର ଭାରତ ସୀମାରେ ସି. ଜିନ୍‌ପିଙ୍ଗଙ୍କ ପିଏଲ୍ଏ ସମସ୍ୟା ସୃଷ୍ଟି କରୁନାହାନ୍ତି ବରଂ ବିଭିନ୍ନ ପଡ଼ୋଶୀଙ୍କ ଭୂଖଣ୍ଡ ଜବରଦଖଲ କରିବା ଲାଗି ଚାଇନା ପ୍ରୟାସ କରିଆସୁଥିବା ପମ୍ପିଓ କହିଛନ୍ତି। ଗଣତନ୍ତ୍ର ସମ୍ପର୍କରେ ଉଦ୍‌ବୋଧନ ଦେଇ ଅନ୍‌ଲାଇନ୍ କନ୍‌ଫରେନ୍ସରେ ସେ କହିଛନ୍ତି, ଜୁନ୍ ୧୫ରେ ଆମେରିକା ଆରବ ସାଗରକୁ ୩ ଲକ୍ଷ ଟନ୍‌ର ଏୟାରକ୍ରାଫ୍ଟ କ୍ୟାରିୟର ପଠାଇଛି। ତାଇୱାନ୍ ବିରୋଧରେ ଚାଇନାର ଆଭିମୁଖ୍ୟକୁ ବିରୋଧ କରି ଆମେରିକା ଏଭଳି ପଦକ୍ଷେପ ଗ୍ରହଣ କରିଥିବା ସେ ପ୍ରକାଶ କରିଛନ୍ତି।

ସେହିଭଳି ଭାରତ- ଚାଇନା ସୀମା ଡୋକଲାମରେ ବେଜିଂର ନିର୍ମାଣ କାର୍ଯ୍ୟ ଓ ବଳପୂର୍ବକ ଜବରଦଖଲ ଆଭିମୁଖ୍ୟକୁ ଭାରତ ବିରୋଧ କରିଛି। ଭୁଟାନ ସୀମାକୁ ଲାଗି ରହିଥିବା ଏହି ଅଞ୍ଚଳ ଉପରେ ଚାଇନାର ଲୋଲୁପ ଦୃଷ୍ଟି ପଡ଼ିଥିବାବେଳେ ଦୀର୍ଘ ୭୩ ଦିନ ପର୍ଯ୍ୟନ୍ତ ଭାରତ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ଚାଇନା ପଛଘୁଞ୍ଚା ଦେଇଥିଲେ ହେଁ ଷଡ଼ଯନ୍ତ୍ର ରଚିବା ଲକ୍ଷ୍ୟରେ ରହିଛି। ସେହିଭଳି ଭୁଟାନ ସୀମାରେ ଥିବା କେତେକ ଅଞ୍ଚଳକୁ କରାୟତ କରିବା ଲାଗି ବେଜିଂ ପ୍ରୟାସ ଜାରି ରଖିଛି।

### ସାମ୍ରାଜ୍ୟବାଦୀ ଚିନ୍ତାଧାରାକୁ ଆମେରିକାର ସମାଲୋଚନା



ମାଇକ୍ ପମ୍ପିଓ



ସି ଜିନ୍‌ପିଙ୍ଗ

ବିପୁଳ ସମ୍ପଦରେ ପରିପୂର୍ଣ୍ଣ ଦକ୍ଷିଣ ଚାଇନା ସାଗର ଦଖଲ ଲାଗି ଚାଇନା ନିଜର ବାହୁବଳ ଖଟାଉଛି। ସମ୍ପୂର୍ଣ୍ଣ ଭାବେ ଏହାକୁ ନିଜ ଅଞ୍ଚଳ ବୋଲି ଦାବିକରି ଆସୁଛି। ବିଶ୍ୱର ସବୁଠାରୁ ବ୍ୟସ୍ତବହୁଳ ଏହି ସାମୁଦ୍ରିକ ପଥ ଚାଇନା ଦଖଲ ଲାଗି ପ୍ରୟାସ କରୁଥିବାବେଳେ କେବଳ ପଡ଼ୋଶୀଙ୍କୁ ନୁହେଁ ବରଂ ଅନ୍ୟ ଦେଶଗୁଡ଼ିକ ଲାଗି ଏହା ମୁଣ୍ଡବିନ୍ଧାର କାରଣ ସାଜିଛି। ତାଇୱାନ, ବ୍ରୁନେଇ, ଇଣ୍ଡୋନେସିଆ, ମାଲେସିଆ, ଫିଲିପାଇନ୍ସ, ଭିଏତ୍‌ନାମ ସୀମା ଓ ଜଳପଥକୁ ନେଇ ଚାଇନା ବିବାଦ ଜୋର୍ ଧରିବାରେ ଲାଗିଛି। ତାଇୱାନ ଓ ଏହା ନିୟନ୍ତ୍ରଣରେ ଥିବା ସମସ୍ତ ଭୂଖଣ୍ଡକୁ ଚାଇନା ନିଜର ବୋଲି ଦାବି କରୁଛି। ଅନୁରୂପ ଭାବେ ପୂର୍ବ ଚାଇନା ସାଗରକୁ ନେଇ ଉତ୍ତର କୋରିଆ, ଦକ୍ଷିଣ କୋରିଆ ଓ ଜାପାନ ସହ ବିବାଦ ରହିଛି। ଏମିତିକି ଜାପାନର ସେନ୍‌କାକୁ ଉପତ୍ୟକାକୁ ଚାଇନା ନିଜର ବୋଲି କହୁଛି।

ନେପାଳର କିଛି ଅଞ୍ଚଳ ଚାଇନା ମାଡ଼ିବସିଥିବା ସେ ଦେଶର ସର୍ଭେ ବିଭାଗ ଅଭିଯୋଗ କରିଛି। ନେପାଳର ଉତ୍ତର ଦିଗରେ ଥିବା ହୁମ୍‌ଲା, ରସୁଓ୍ୱା, ସିନ୍ଧୁପାଲଚୌକ ଓ ଶଙ୍ଖୁଓ୍ୱାସଭା ଆଦି ଅଞ୍ଚଳକୁ ଚାଇନା ଜବରଦଖଲ କରି ରଖିଥିବାବେଳେ ଚାଇନା ବିରୋଧୀ ବିକ୍ଷୋଭ କରାଯାଉଛି। ହେଲେ ନେପାଳର କମ୍ୟୁନିଷ୍ଟ ପାର୍ଟି ସୀମା ବିବାଦ ନେଇ ମୁହଁ ଖୋଲୁ ନ ଥିବାବେଳେ ଚାଇନା ପ୍ରରୋଚନାରେ ବିବାଦକୁ ଚାପିବାରେ ଲାଗିଛି। ଏଭରେଷ୍ଟ ପର୍ବତରେ ୫ଜି ସେନା ଲାଗି ଚାଇନା ଏଠାରେ କାର୍ଯ୍ୟାରମ୍ଭ କରି ଟେଲି କମ୍ୟୁନିକେଶନ ଯନ୍ତ୍ରପାତି ଗଦା କରିବାରେ ଲାଗିଛି। ଗତ ମେ'ରେ ଚାଇନାର ଗ୍ଲୋବାଲ ଟେଲିଭିଜନ ନେଟ୍‌ୱାର୍କ ଏଭରେଷ୍ଟ ପର୍ବତକୁ ନିଜର ବୋଲି ଟୁଇଟ କରି ଦାବି କରିଥିଲା। ଏହାକୁ ନେଇ ବିବାଦ ମୁଣ୍ଡ ଟେକିବାରୁ ଏହି ପୋଷ୍ଟକୁ ଡିଲିଟ କରାଯାଇଥିଲା। ଚାଇନାର ଏଭଳି ସାମ୍ରାଜ୍ୟବାଦୀ ଚିନ୍ତାଧାରା ଓ ପଡ଼ୋଶୀଙ୍କ ଭୂଖଣ୍ଡ ଜେନତେନ ପ୍ରକାରେ ଜବରଦଖଲ କରିବା ଆଭିମୁଖ୍ୟ ବୁମେରାଂ ସାବ୍ୟସ୍ତ ହେବା ସହ ବଡ଼ ବିପତ୍ତିକୁ ଡ଼ାକି ଆଣିବ ବୋଲି ପମ୍ପିଓ କହିଛନ୍ତି।

**ବାପାଙ୍କୁ ପିଟି ହତ୍ୟାକଲେ ୨ ପୁଅ**

ଗଞ୍ଜାମ ଜିଲା ପୋଲସରା ଥାନା ନିକଟ କଳମ୍ବ ଗ୍ରାମ ବଡ଼ସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ବାପା ଅଭିମନ୍ୟୁ ପ୍ରଧାନଙ୍କୁ ହତ୍ୟା କରିଛନ୍ତି ୨ ପୁଅ। ଆକ୍ରମଣରେ ମା' ମଧ୍ୟ ଗୁରୁତର ହୋଇଛନ୍ତି। ପୋଲିସ ୨ ପୁଅଙ୍କୁ ଗିରଫ କରିଛି। ବଡ଼ସାହିର ଅଭିମନ୍ୟୁଙ୍କ ପରିବାର କହିଲେ ସ୍ତ୍ରୀ ଅପସରା, ବଡ଼ପୁଅ ସୁଶାନ୍ତ ଓ ସାନପୁଅ ମଙ୍ଗୁଳୁ। ଝିଅମାନେ ବାହା ହୋଇସାରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଅଭିମନ୍ୟୁ ଓ ୨ ପୁଅଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। କ୍ରମେ ଏହା ଉଗ୍ରରୂପ ଧାରଣ କରିବାରୁ ୨ଭାଇ ସୁଶାନ୍ତ ଓ ମଙ୍ଗୁଳୁ ବାପାଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଥିଲେ। ପୋଲିସ ସୁଶାନ୍ତ ଓ ମଙ୍ଗୁଳୁଙ୍କୁ ଗିରଫ କରି ଏକ ହତ୍ୟା ମାମଲା ରୁଜୁ କରିଛି।

# ଦିନକରେ ସର୍ବାଧିକ ୨୩୭ ସୁସ୍ଥ

ଭୁବନେଶ୍ୱର, ୨୦।୬(ବ୍ୟୁରୋ)

- ଆଉ ଜଣଙ୍କ ଜୀବନ ଗଲା, ମୃତ୍ୟୁ ସଂଖ୍ୟା ୧୨
- ୧୭୯ ନୂଆ ଚିହ୍ନଟ, ୩୫୦୧ ଛୁଇଁଲା ଯୁବ ଆକ୍ରାନ୍ତ
- ଆକ୍ରାନ୍ତଙ୍କଠାରୁ ଆରୋଗ୍ୟ ଅଧିକ, ଶୁଭେଚ୍ଛା ଜଣାଇଲେ ସରକାର

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ଅଧିକରୁ ଅଧିକ ସୁସ୍ଥ ହେବାରେ ଲାଗିଛନ୍ତି। ଶେଷ ୨୪ ଘଣ୍ଟା ମଧ୍ୟରେ ୧୭୯ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ରେକର୍ଡ ସଂଖ୍ୟ ୨୩୭ଜଣ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କଠାରୁ ଅଧିକ ଆରୋଗ୍ୟଲାଭ କରୁଥିବାରୁ କରୋନା ଚିକିତ୍ସାରେ ଓଡ଼ିଶାକୁ ସଫଳତା ମିଳିଥିବା କୁହାଯାଉଛି। ଅନ୍ୟପକ୍ଷରେ ରାଜ୍ୟରେ ଆଉଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପୁରୀ ଜିଲା ଗୋପ ବ୍ଲକ ଅଞ୍ଚଳର ୬୦ବର୍ଷୀୟ ବ୍ୟକ୍ତି। ସେ ଦୀର୍ଘଦିନ ଧରି ଶ୍ୱାସକ୍ରିୟାଜନିତ ରୋଗରେ ପୀଡ଼ିତ ଥିଲେ। କରୋନାରେ ଆକ୍ରାନ୍ତ ହେବା ପରେ ତାଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ମୃତ୍ୟୁ ହୋଇଥିବା ନେଇ ଶନିବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୨ରେ ପହଞ୍ଚିଛି ଓ ୩ଜଣ ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ଘଟିଥିବା କୁହାଯାଇଛି।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦେଇଥିବା ତଥ୍ୟ ଅନୁସାରେ, ୧୭୯ଜଣ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୫୦ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୨୯ଜଣ ଲୋକାଲ କେସ୍ ଅନ୍ତର୍ଭୁକ୍ତ। ଗଞ୍ଜାମ ଜିଲାରୁ ସର୍ବାଧିକ ୫୭ଜଣ ଥିବାବେଳେ ଖୋର୍ଦ୍ଧାରୁ ୨୭, କେନ୍ଦୁଝରରୁ ୧୮, କଟକରୁ ୧୫, ମୟୂରଭଞ୍ଜରୁ ୧୦, ଅନୁଗୋଳରୁ ୬, ଭଦ୍ରକ, ରାୟଗଡ଼ା ଓ କେନ୍ଦ୍ରାପଡ଼ାରୁ ୫ଜଣ ଲେଖାଏ, ଜଗତ୍‌ସିଂହପୁରରୁ ୪, ଯାଜପୁରରୁ ୩, ବରଗଡ଼ ଓ ମାଲକାନଗିରିରୁ ୨ଜଣ ଲେଖାଏ, ନବରଙ୍ଗପୁର ଓ ଦେବଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ଏଥିସହିତ ପଶ୍ଚିମବଙ୍ଗରୁ ଫେରିଥିବା ଆଉ ୧୮ଜଣ ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ କର୍ମଚାରୀଙ୍କଠାରେ କରୋନା ପଜିଟିଭ୍ ଠାବ ହୋଇଛି। ଏହି ନୂଆ ପଜିଟିଭ୍‌ଙ୍କୁ ମିଶାଇ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୮୫୬ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ସର୍ବାଧିକ ଯୁବବର୍ଗ ଅର୍ଥାତ୍ ୧୫ରୁ ୪୦ବର୍ଷ ବୟସ ମଧ୍ୟରେ ୩୫୦୧ଜଣ ରହିଛନ୍ତି। ସେହିଭଳି ୦ରୁ ୧୪ବର୍ଷ ମଧ୍ୟରେ ୧୫୮ଜଣ, ୪୧ରୁ ୬୦ବର୍ଷ ମଧ୍ୟରେ ୧୦୬୮ଜଣ ଓ ୬୦ରୁ ଊର୍ଦ୍ଧ୍ୱ ବୟସର ୧୨୯ଜଣ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ଜଣାପଡ଼ିଛି।

ସେପଟେ ଗୋଟିଏ ଦିନରେ ରେକର୍ଡ ସଂଖ୍ୟକ ରୋଗୀ ସୁସ୍ଥ ହୋଇଥିବାରୁ ଏହା ରାଜ୍ୟବାସୀ ତଥା ସରକାରଙ୍କୁ ଏକ ପ୍ରକାର ଆଶ୍ୱସ୍ତି ମିଳିଛି। ଏହି ସଫଳତା ପାଇଁ ଆଗ ଧାଡ଼ିରେ କାର୍ଯ୍ୟ କରୁଥିବା ସମସ୍ତ କରୋନା ଯୋଦ୍ଧାଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି। କଟକ ଜିଲାରୁ ସର୍ବାଧିକ ୭୦ଜଣ ସୁସ୍ଥ ହୋଇଥିବାବେଳେ ଖୋର୍ଦ୍ଧାରୁ ୫୪, ଜଗତ୍‌ସିଂହପୁରରୁ ୨୦, କନ୍ଧମାଳରୁ ୧୯, ଗଞ୍ଜାମ ୧୭, ଭଦ୍ରକ ଓ ମୟୂରଭଞ୍ଜରୁ ୯ଜଣ ଲେଖାଏ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି କେନ୍ଦୁଝରରୁ ୮, ଢେଙ୍କାନାଳ ଓ ପୁରୀରୁ ୭ଜଣ ଲେଖାଏ, କେନ୍ଦ୍ରାପଡ଼ା ଓ ନୟାଗଡ଼ରୁ ୪ଜଣ ଲେଖାଏ, କଳାହାଣ୍ଡି, ମାଲକାନଗିରି ଓ ସମ୍ବଲପୁରରୁ ୨ଜଣ ଲେଖାଏ, ବୌଦ୍ଧ, ଝାରସୁଗୁଡ଼ା, ସୁନ୍ଦରଗଡ଼ରୁ ଜଣେ ଲେଖାଏ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଫଳରେ ଏବେ ରାଜ୍ୟରେ ମୋଟ ସୁସ୍ଥ ରୋଗୀଙ୍କ ସଂଖ୍ୟା ୩୫୩୪ରେ ପହଞ୍ଚିଛି ଓ ୧୩୦୬ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।

# ବନ୍ଦ ହେଲା ଅହମଦାବାଦ ରଥଯାତ୍ରା

ଅହମଦାବାଦ, ୨୦।୬(ପି.ଟି.)



କରୋନା ମହାମାରୀ ଯୋଗୁ ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ବନ୍ଦ ଲାଗି ସୁପ୍ରିମକୋର୍ଟ ଦୁଇଦିନ ତଳେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସଂକ୍ରମଣ ବୃଦ୍ଧି ଆଶଙ୍କାରେ ଗୁଜରାଟର ଅହମଦାବାଦରେ ହେବାକୁ ଥିବା ଜଗନ୍ନାଥଙ୍କ ରଥଯାତ୍ରାକୁ ବନ୍ଦ ରଖାଯାଇଛି। ଅହମଦାବାଦର ଏହି ରଥଯାତ୍ରା ସ୍ଥଗିତ ରଖିବାକୁ ଶନିବାର ଗୁଜରାଟ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରଥଯାତ୍ରା ସମ୍ପର୍କିତ ସମସ୍ତ ଧର୍ମୀୟ ଓ ଧର୍ମନିରପେକ୍ଷ କାର୍ଯ୍ୟ ବନ୍ଦ ରଖିବା ଲାଗି ମୁଖ୍ୟ ବିଚାରପତି ବିକ୍ରମ ନାଥ ଏବଂ ଜଷ୍ଟିସ୍ ଜେ.ବି. ପର୍ଡିୱାଲାଙ୍କ ଖଣ୍ଡପୀଠ କହିଛନ୍ତି।

DSPL-13

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଲୋକସେବା ଭବନ
ଭୁବନେଶ୍ୱର

**ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ଯୋଗ ଭାରତୀୟ ପରମ୍ପରାର ଅନନ୍ୟ ସଂପଦ । ସୁସ୍ଥ ଓ ନିରାମୟ ଜୀବନଶୈଳୀ ପାଇଁ ସର୍ବୋତ୍ତମ ମାଧ୍ୟମ ଭାବରେ ଯୋଗ ଆଜି ସାରା ବିଶ୍ୱରେ ଆଦର ଲାଭ କରିଛି ।

ନିୟମିତ ଯୋଗାଭ୍ୟାସ ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିବା ସହ ମାନସିକ ଶାନ୍ତି ମିଳିଥାଏ । ଏହାଦ୍ୱାରା ମାନସିକ ଚାପ, ଦୁଶ୍ଚିନ୍ତା ଓ ଅବସାଦରୁ ମୁକ୍ତି ମିଳିଥାଏ। ଜୀବନଶୈଳୀ ଜନିତ ବିଭିନ୍ନ ରୋଗର ସଫଳ ନିୟନ୍ତ୍ରଣରେ ମଧ୍ୟ ଏହା ସହାୟକ ହୋଇଥାଏ ।

ଯୋଗ ଭାରତୀୟ ଜୀବନଚର୍ଯ୍ୟାର ଏକ ମହତ୍ୱପୂର୍ଣ୍ଣ ଅଂଶ । ଆସନ୍ତୁ, ନିୟମିତ ଯୋଗାଭ୍ୟାସ କରି ଏକ ସୁସ୍ଥ ଓ ସମୃଦ୍ଧ ରାଷ୍ଟ୍ର ଗଠନରେ ନିଜର ଅବଦାନ ରଖିବା ।

ନବୀନ ପଟ୍ଟନାୟକ
( ନବୀନ ପଟ୍ଟନାୟକ )
OIPR-10056/13/0005/2021

# ଦିଲ୍ଲୀରେ ଓଡ଼ିଆ ଡାକ୍ତରଙ୍କ କରୋନାରେ ମୃତ୍ୟୁ

ଭୁବନେଶ୍ୱର, ୨୦।୬(ବ୍ୟୁରୋ)

**ସ୍ତ୍ରୀ, ଦୁଇ ଝିଅ ମଧ୍ୟ ସଂକ୍ରମିତ**

ଦିଲ୍ଲୀରେ ଜଣେ ଓଡ଼ିଆ ଡାକ୍ତରଙ୍କ କରୋନାରେ ମୃତ୍ୟୁ ଘଟିଛି। ସେ ହେଲେ ୩୯ ବର୍ଷୀୟ ଡା. ଅଶ୍ୱିନୀ କୁମାର ପ୍ରତାପ। ତାଙ୍କ ଘର କଟକ ଜିଲା ବାଙ୍କୀରେ। ସେ ନ୍ୟାଶନାଲ ହେଲ୍‌ଥ ସିଷ୍ଟମ ରିସୋର୍ସ ସେଣ୍ଟର(ଏନ୍‌ଏଚ୍‌ଏସ୍‌ଆର୍‌ସି)ରେ ଜଣେ ସିନିୟର କନ୍‌ସଲ୍‌ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ତଳେ ଅସୁସ୍ଥତା ଅନୁଭବ କରିବା ସହ ତାଙ୍କଠାରେ କରୋନା ଲକ୍ଷଣ ଦେଖାଯିବାରୁ ଗତ ୧୬ ତାରିଖରେ ଦୀପଚାନ୍ଦ ବନ୍ଧୁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ନମୁନା ପଜିଟିଭ୍ ଆସିବାରୁ ସେଠାରୁ ତାଙ୍କୁ ରାଜୀବ ଗାନ୍ଧୀ ସୁପର ସ୍ପେଶିଆଲିଟି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ୧୯ ତାରିଖରେ ତାଙ୍କ ଶରୀରରେ ହିମୋଗ୍ଲୋବିନ ମାତ୍ରା ଅନିୟନ୍ତ୍ରିତ ଭାବେ ବଢ଼ିଯାଇଥିଲା। ଶନିବାର ସକାଳେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଯିବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ପୂର୍ବାହ୍ନ ୧୧ଟାରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ହସ୍ପିଟାଲ ପକ୍ଷରୁ ଘୋଷଣା କରାଯାଇଥିଲା।

ଅନ୍ୟପକ୍ଷରେ ତାଙ୍କ ସ୍ତ୍ରୀ ଓ ଦୁଇ ଯାଆଁଳା ଝିଅ ମଧ୍ୟ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଯେଉଁଦିନ ଡା. ଅଶ୍ୱିନୀ କୁମାର ହସ୍ପିଟାଲରେ ଭର୍ତ୍ତି ହେଲେ, ତା'ପରଦିନ ସ୍ତ୍ରୀ ଓ ଦୁଇଝିଅ ଭୁବନେଶ୍ୱର ଚାଲି ଆସିଥିଲେ। ଏଠାରେ ସମସ୍ତଙ୍କର କରୋନା ନମୁନା ପରୀକ୍ଷା ହୋଇଥିଲା। ରିପୋର୍ଟ ପଜିଟିଭ୍ ଆସିବାରୁ ତିନିଜଣଙ୍କୁ ଭୁବନେଶ୍ୱର କିମ୍ସ ହସ୍ପିଟାଲରେ ରଖି ଚିକିତ୍ସା କରାଯାଉଛି।

# ରାୟ ପରିବର୍ତ୍ତନ ପାଇଁ ପୁଣି ୪ ଆବେଦନ

ପୁରୀ ଅଫିସ, ୨୦।୬

**ରଥଯାତ୍ରା ବନ୍ଦ ପ୍ରସଙ୍ଗ**

ଏ ବର୍ଷ ପୁରୀ ସମେତ ଓଡ଼ିଶାର କୌଣସି ସ୍ଥାନରେ ରଥଯାତ୍ରା ହୋଇପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ରାୟର ପରିବର୍ତ୍ତନ ପାଇଁ ଭକ୍ତ, ସେବାୟତ ଏବଂ ବିଭିନ୍ନ ସଙ୍ଗଠନ ପକ୍ଷରୁ ସୁପ୍ରିମ୍‌କୋର୍ଟରେ ଦୁଇଦିନରେ ୮ଟି ଆବେଦନ ଦାଖଲ ହେଲାଣି। ସମସ୍ତେ ମହାପ୍ରଭୁଙ୍କ ମୂଳପୀଠ ପୁରୀରେ ରଥଯାତ୍ରା କରିବା ଲାଗି ଅନୁମତି ଦେବା ପାଇଁ ଆବେଦନରେ ଦର୍ଶାଇଛନ୍ତି। ଶୁକ୍ରବାର ୪ଟି ପିଟିଶନ ଦାଖଲ ହୋଇଥିବା ବେଳେ ଶନିବାର ପୁଣି ୪ଟି ଆବେଦନ ଦାଖଲ ହୋଇଛି।

ଶନିବାର ଶ୍ରୀମନ୍ଦିର ଛତିଶା ନିଯୋଗ, ପ୍ରତିହାରୀ ନିଯୋଗ ସମେତ ବିଜନ ପାଇକରାୟ ଏବଂ ସଞ୍ଜୀବ କୁମାର ଚିନ୍ନାରା ମୋଡିଫିକେଶନ ପିଟିଶନ ବା ରାୟ ପରିବର୍ତ୍ତନ ଆବେଦନ ଦାଏର କରିଛନ୍ତି। ଅନ୍ୟ ସବୁଠି ରଥଯାତ୍ରା ବନ୍ଦ କରି ପୁରୀରେ କେବଳ କରିବାକୁ ଆବେଦନରେ ନିବେଦନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ରଥଯାତ୍ରା ବେଳେ ପୁରୀ ସହରକୁ ଶଟ୍‌ଡାଉନ କରାଯାଉ। ୧୧୭୨ ସେବାୟତଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ସେମାନଙ୍କ ରିପୋର୍ଟ ନେଗେଟିଭ ଆସିଛି। ତେଣୁ ସମ୍ପୃକ୍ତ ସେବାୟତଙ୍କ ଦ୍ୱାରା ହିଁ ରଥଯାତ୍ରା ସମ୍ଭବ ହୋଇପାରିବ। ଏଥିରେ ବାହାର ଲୋକଙ୍କ ପ୍ରବେଶ ଉପରେ ସମ୍ପୂର୍ଣ୍ଣ କଟକଣା ରହୁ। ଏହାଦ୍ୱାରା ରଥଯାତ୍ରା ସୁରୁଖୁରୁରେ ସମ୍ପାଦନ ହୋଇପାରିବ। ଶୁକ୍ରବାର ନୟାଗଡ଼ ଜିଲା ଇଟାମାଟିର ଅଫତାଭ ହୁସେନ, ଶ୍ରୀମନ୍ଦିର ଦଇତାପତି ନିଯୋଗ, ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ମହାସଂଘ ପକ୍ଷରୁ ସୁପ୍ରିମ୍‌କୋର୍ଟରେ ରାୟର ପୁନର୍ବିଚାର ପାଇଁ ପିଟିଶନ ଦାଏର ହୋଇଥିଲା।

# 'ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ'

ଭୁବନେଶ୍ୱର, ୨୦।୬(ବ୍ୟୁରୋ)

**କୃଷକ ଭର୍ଚୁଆଲ ରାଲିକୁ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ସମ୍ବୋଧନ**

ମୋଦି ସରକାର କୃଷକଙ୍କ କଲ୍ୟାଣ ପାଇଁ ଚେଷ୍ଟିତ। ଆଗାମୀ ଦିନରେ ସାରା ଦେଶର ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ଯୋଜନା କରାଯାଉଛି ବୋଲି ଶନିବାର ଭାଜପା ପକ୍ଷରୁ ଆୟୋଜିତ କୃଷକ ଭର୍ଚୁଆଲ ରାଲିରେ ଯୋଗଦେଇ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ଓ କୃଷିମନ୍ତ୍ରୀ ତୋମାରଙ୍କ ନେତୃତ୍ୱରେ ଚାଷୀକୁ ତା' ସାମଗ୍ରୀର ଉପଯୁକ୍ତ ପ୍ରାପ୍ୟ ମିଳିଛି। କୃଷି ଆଧାରିତ ବଜାରର ବ୍ୟବସ୍ଥା ତିଆରି କରିବା ପାଇଁ ୧ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର କୃଷିଜାତ ସାମଗ୍ରୀ ଯଥା କନ୍ଧମାଳ ହଳଦୀ, କୁଚିଣ୍ଡା ଲଙ୍କା, ନିମାପଡାର ଦୁଗ୍ଧଜାତ ସାମଗ୍ରୀ ଆନ୍ତର୍ଜାତିକ ବଜାରରେ ବିକ୍ରି ହେବ। ସେହିପରି କୃଷକ ମୋର୍ଚ୍ଚାର ରାଷ୍ଟ୍ରୀୟ ସଭାପତି ବୀରେନ୍ଦ୍ର ସିଂ ମୋଦିଙ୍କ ଅମଳରେ କୃଷିର ବିକାଶ ହୋଇଛି କହିଥିବାବେଳେ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରଧାନମନ୍ତ୍ରୀ ଗରିବ କୃଷକମାନଙ୍କୁ ସବୁ ମୌଳିକ ବ୍ୟବସ୍ଥା ଯୋଗାଇଛନ୍ତି ବୋଲି କହିଛନ୍ତି। ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ଭାଜପା କୃଷକ ମୋର୍ଚ୍ଚାର ରାଷ୍ଟ୍ରୀୟ ଉପସଭାପତି ମହେଶ୍ୱର ସାହୁ, କୃଷକ ମୋର୍ଚ୍ଚାର ନବ ନିଯୁକ୍ତ ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ, ପୂର୍ବତନ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି, ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ ଓ ସମୀର ପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଉପରମୁଣ୍ଡରେ ବର୍ଷା, ଛତିଶଗଡ଼ ଖୋଲିଲା ୪ବ୍ୟାରେଜ

ସମ୍ବଲପୁର, ୨୦।୬(ବ୍ୟୁରୋ)

**ହୀରାକୁଦ ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି**



**୨୪ ଘଣ୍ଟାରେ ଦେଢ଼ଫୁଟ୍ ଜଳସ୍ତର ବଢ଼ିଲା**

ସମ୍ବଲପୁର ଜିଲା ହୀରାକୁଦ ଡ୍ୟାମ୍‌ରେ କିଛିଦିନ ହେବ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଡ୍ୟାମ୍ ଉପରମୁଣ୍ଡରେ ଦୁଇଦିନ ଭିତରେ ୨୪.୯୮ ଓ ୮.୩୪ ମିମି ବର୍ଷା ରେକର୍ଡ କରାଯାଇଛି। ଏହାସହ ଜୁନ ୧୬ରୁ ଛତିଶଗଡ଼ର ୪ଟି ବ୍ୟାରେଜ ଖୋଲା ଯାଇଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଉପରମୁଣ୍ଡର ବର୍ଷା ଓ ବ୍ୟାରେଜ ଖୋଲାଯାଇଥିବାରୁ ହୀରାକୁଦ ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି।

ଲଘୁଚାପ ପ୍ରଭାବରେ ଡ୍ୟାମ୍‌ର ତଳ ଓ ଉପରମୁଣ୍ଡରେ ବର୍ଷା ହେଲେ ଜଳସ୍ତର ଆହୁରି ବଢ଼ିବା ଆଶଙ୍କା ରହିଛି। ଏଭଳି ବର୍ଷା ଲାଗି ରହିଲେ ଧାର୍ଯ୍ୟ ସମୟ ଯଥା ପୂର୍ବବର୍ଷ ଭଳି ଜୁଲାଇ ମାସ ପୂର୍ବରୁ ଗେଟ୍ ଖୋଲାଯିବାର ସମ୍ଭାବନା ରହିଛି। ଚଳିତ ବର୍ଷ ଡ୍ୟାମ୍‌ରେ ଜଳସ୍ତର ବିଶେଷ ଭାବେ ହ୍ରାସ ପାଇନାହିଁ। ଲକ୍‌ଡାଉନ ଯୋଗୁ ବହୁ କମ୍ପାନୀ ବନ୍ଦ ଥିବାରୁ ହୀରାକୁଦ୍ ଡ୍ୟାମ୍ ଜଳ ବ୍ୟବହାର କମିଛି। ସେହିପରି ବୁର୍ଲା ଓ ହୀରାକୁଦ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରେ ୪ଟି ୟୁନିଟ ଅଚଳ ରହିଛି। ତଥାପି ଉକ୍ତ କମ୍ପାନୀଗୁଡିକ ବନ୍ଦ ରହିବା କାରଣରୁ ଡ୍ୟାମ୍‌ରୁ ଉତ୍ପାଦିତ ବିଦ୍ୟୁତ୍ କମ୍ ପରିମାଣରେ ବ୍ୟବହାର ହୋଇଛି।

ଶନିବାର ସକାଳେ ୬୧୧.୫୪ ଫୁଟ ଜଳସ୍ତର ରହିଥିଲା। ଜଳଭଣ୍ଡାରକୁ ୮୫.୨୯୮ କ୍ୟୁସେକ ଜଳ ପ୍ରତି ସେକେଣ୍ଡରେ ପ୍ରବେଶ କରୁଛି। ୧୫ହଜାର ୫୮୫ କ୍ୟୁସେକ ପାଣି ନିଷ୍କାସନ କରାଯାଉଛି। ଉପରମୁଣ୍ଡରେ ୮.୩୬ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୦.୩୪ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ବୁର୍ଲା ପାୱାର ହାଉସରେ ୮୭.୮୩୩ ଓ ଚିପିଲିମା ପାୱାର ହାଉସରେ ୪୨.୮୭୫ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହୋଇଛି। ଏଥିପାଇଁ ଡ୍ୟାମରୁ ଜଳ ଯୋଗାଇ ଦିଆଯାଉଛି।

NATIONAL HEALTH MISSION
DSPL-15

**ଆନ୍ତର୍ଜାତୀୟ ଯୋଗ ଦିବସ**
୨୧ ଜୁନ୍ ୨୦୨୦



ମାନସିକ ଚାପ,ଅବସାଦ ଓ ଅଣସଂକ୍ରାମକ ରୋଗର ନିୟନ୍ତ୍ରଣରେ ଯୋଗର ଯଥେଷ୍ଟ ଭୂମିକା ରହିଛି ।

ଦୈନିକ ଯୋଗାଭ୍ୟାସ ଶରୀର ଓ ମନକୁ ସୁସ୍ଥ ଓ ନିରୋଗ ରଖେ ।

ପ୍ରାଣାୟାମ ଦ୍ୱାରା ଶରୀରକୁ ଅଧିକ ଅମ୍ଳଜାନ ମିଳିଥାଏ ।

କରୋନା ମହାମାରୀ ସମୟରେ ବାହାରକୁ ଯାଇନପାରିଲେ ମଧ୍ୟ ସମସ୍ତେ ଘରେ ରହି ଯୋଗ ଓ ପ୍ରାଣାୟାମ କରିପାରିବେ ।

ଆସନ୍ତୁ, ନିୟମିତ ଯୋଗାଭ୍ୟାସ କରିବା
ଏକ ସୁସ୍ଥ ଓ ନିରାମୟ ଜୀବନ ଯାପନ କରିବା ।

NATIONAL AYUSH MISSION
ଜାତୀୟ ଆୟୁଷ ମିଶନ,ଓଡ଼ିଶା
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା ସରକାର
OIPR-10056/13/0007/2021

**ଆଜିର ମନ୍ତବ୍ୟ**
"ଯେକୌଣସି ପରିସ୍ଥିତିର ମୁକାବିଲା ଲାଗି ଭାରତୀୟ ବାୟୁସେନା ପ୍ରସ୍ତୁତ।
-ଆର୍‌କେଏସ୍ ଭଦୌରିଆ, ଏୟାର ଚିଫ୍ ମାର୍ଶାଲ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ବିଶ୍ୱରେ ୮କୋଟି ...

ବିସ୍ଥାପନ କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳିଛି। କରୋନା ଯୋଗୁ ବହୁ ଦେଶରେ ମାସ ମାସ ଧରି ଲକ୍‌ଡାଉନ୍ କରାଯିବା ସହ ସୀମା ବନ୍ଦ ରହିଛି। ଏହାଦ୍ୱାରା ସଶସ୍ତ୍ର ସଂଘର୍ଷ ଏବଂ ପରବର୍ତ୍ତୀ ବିସ୍ଥାପନକୁ ରୋକିବାରେ ସକ୍ଷମ ହୋଇନାହିଁ। ନରୱେ ଶରଣାର୍ଥୀ ପରିଷଦ ଅନୁଯାୟୀ, ଗତ ମାର୍ଚ୍ଚ ୨୩ରୁ ମେ ୧୫ ମଧ୍ୟରେ ୧୯ ଦେଶରେ ସଶସ୍ତ୍ର ସଂଘର୍ଷ ଘଟି ଅନ୍ୟୂନ ୬ ଲକ୍ଷ ୬୧ ହଜାର ଲୋକଙ୍କୁ ସ୍ଥାନାନ୍ତର ହେବାକୁ ପଡ଼ିଛି। ବିଶେଷକରି କଙ୍ଗୋରେ ସର୍ବାଧିକ ବିସ୍ଥାପନ ଦେଖିବାକୁ ମିଳିଛି। ସଶସ୍ତ୍ର ଗୋଷ୍ଠୀ ଏବଂ ଦେଶର ସେନା ମଧ୍ୟରେ ସଂଘର୍ଷ ଘଟିବା ଯୋଗୁ ୪ ଲକ୍ଷ ୮୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଘରୁ ପଳାଇବାକୁ ବାଧ୍ୟ କରିଛି। ବର୍ତ୍ତମାନ ମହାମାରୀ ସମୟରେ ବିସ୍ଥାପିତମାନେ ଅତ୍ୟଧିକ ଅସୁରକ୍ଷିତ ହୋଇପଡ଼ିଛନ୍ତି ଏବଂ ଦ୍ୱିଗୁଣ ସଙ୍କଟ ଦେଇ ଗତି କରୁଛନ୍ତି। ୟୁଏନ୍‌ଏଚ୍‌ସିଆର୍ ଅନୁଯାୟୀ, ସ୍ୱାସ୍ଥ୍ୟ, ଜଳ ଏବଂ ପରିମଳ ବ୍ୟବସ୍ଥା ଦୁର୍ବଳ ଥିବା ଦେଶଗୁଡ଼ିକରେ ସେମାନେ ପ୍ରାୟତଃ ଆଶ୍ରୟ ପାଇଛନ୍ତି। ସ୍ୱଳ୍ପ ଆୟ ଯୋଗୁ ସେମାନେ ଆର୍ଥିକ ଭାବେ ଅସ୍ୱଚ୍ଛଳ। ମହାମାରୀ କରୋନା ଆୟର ପନ୍ଥା ବନ୍ଦ କରିଦେବା ପରେ ସେମାନଙ୍କ ଦୁର୍ଦ୍ଦଶା ବହୁଗୁଣିତ ହୋଇଛି। ଶରଣାର୍ଥୀଙ୍କୁ ଆଶ୍ରୟ ଦେଉଥିବା ୧୩୪ ଦେଶ ସ୍ଥାନୀୟ କରୋନା ସଂକ୍ରମଣ ନେଇ ରିପୋର୍ଟ କରୁଛନ୍ତି। ଏଣୁ ବର୍ତ୍ତମାନ ଶରଣାର୍ଥୀଙ୍କୁ ସୁରକ୍ଷା ଦେବା ଜରୁରୀ ହୋଇପଡ଼ିଥିବା ୟୁଏନ୍‌ଏଚ୍‌ସିଆର୍ ରିପୋର୍ଟରୁ ସ୍ପଷ୍ଟ ହେଉଛି।

## ପ୍ରବାସୀ ଶ୍ରମିକଙ୍କୁ ...

ଉତ୍ତରପ୍ରଦେଶ, ରାଜସ୍ଥାନ ଓ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ଯୋଗଦେଇଥିଲେ। ସେହିପରି ଓଡ଼ିଶାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଲଞ୍ଚ୍ କାର୍ଯ୍ୟକ୍ରମରେ ସାମିଲ ହେଇଥିଲେ। ଓଡ଼ିଶାର ଭଦ୍ରକ, ବାଲେଶ୍ୱର, ବଲାଙ୍ଗୀର ଓ ଗଞ୍ଜାମ ଜିଲାକୁ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇଛି। ୫୦ ହଜାର କୋଟି ଟଙ୍କାର ଏହି ଯୋଜନା ମିଶନ ମୋଡ୍‌ରେ ୬ ରାଜ୍ୟର ୧୧୬ଟି ଜିଲାରେ ୧୨୫ ଦିନ ପାଇଁ କାର୍ଯ୍ୟକାରୀ ହେବ। ପ୍ରତି ଜିଲାରୁ ୨୫ ହଜାର ଶ୍ରମିକ କାମ ପାଇବେ। ଏହା ଗ୍ରାମାଞ୍ଚଳ ବିକାଶ, ପଞ୍ଚାୟତିରାଜ, ସଡକ ପରିବହନ ଓ ଜାତୀୟ ରାଜପଥ, ଖଣି, ପାନୀୟ ଜଳ ଓ ପରିମଳ, ପରିବେଶ, ରେଳୱେ, ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ, ଅକ୍ଷୟ ଶକ୍ତି, ସୀମାନ୍ତ ସଡ଼କ, ଟେଲିକମ୍ ଏବଂ କୃଷି ଭଳି ୧୨ଟି ମନ୍ତ୍ରଣାଳୟ ଓ ବିଭାଗର ମିଳିତ ପ୍ରୟାସ। ଗ୍ରାମାଞ୍ଚଳର ଗରିବଙ୍କ ପାଇଁ ଗୃହନିର୍ମାଣ, ଚାରା ରୋପଣ, ଜଳ ଜୀବନ ମିଶନ ଜରିଆରେ ପାନୀୟ ଜଳ ବ୍ୟବସ୍ଥା, ପଞ୍ଚାୟତ ଭବନ ନିର୍ମାଣ, ଗୋଷ୍ଠୀ ପାଇଖାନା, ଗ୍ରାମାଞ୍ଚଳ ମଣ୍ଡି, ଗ୍ରାମ୍ୟ ସଡ଼କ, ଅଙ୍ଗନୱାଡ଼ି ଭବନ ଆଦି ୨୫ଟି କାର୍ଯ୍ୟ ଏହି ଯୋଜନାରେ କରାଯିବ ବୋଲି ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦାଦନ ଶ୍ରମିକମାନେ ଆଗାମୀ ୧୨୫ ଦିନରେ ସେମାନଙ୍କ ଦକ୍ଷତା ଅନୁଯାୟୀ କାମ ପାଇବେ। କରୋନା ମୁକାବିଲାରେ ଗ୍ରାମାଞ୍ଚଳଗୁଡ଼ିକ ଯେଉଁଭଳି ପଦକ୍ଷେପ ନେଇଛନ୍ତି ତାହା ପ୍ରଶଂସନୀୟ ଏବଂ ସହରାଞ୍ଚଳ ପାଇଁ ଏକ ବଡ଼ ଶିକ୍ଷା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଲକ୍‌ଡାଉନ ବେଳେ ସହରାଞ୍ଚଳରୁ ପ୍ରତିଭା ସବୁ ଗାଁକୁ ଫେରିଯାଇଛନ୍ତି। ସହରାଞ୍ଚଳ ବିକାଶରେ ସେମାନଙ୍କ ଶ୍ରମ ଓ ଦକ୍ଷତାର ବଡ଼ ଭୂମିକା ରହିଥିଲା। ନୂଆ ଯୋଜନା ଏବେ ଗ୍ରାମାଞ୍ଚଳ ବିକାଶକୁ ତ୍ୱରାନ୍ୱିତ କରିପାରିବ। ଶ୍ରମିକମାନେ ଯେପରି ସେମାନଙ୍କ ଘର ପାଖରେ କାମ ପାଇବେ ସେଥିପାଇଁ ସରକାରଙ୍କର ଏହା ଏକ ପ୍ରୟାସ ବୋଲି ମୋଦି କହିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର, ୨୦।୬(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବଭାରତର ବିକାଶକୁ ପ୍ରାଥମିକତା ଦେଇ ଓଡ଼ିଶାର ୪ ଜିଲା ଗଞ୍ଜାମ, ଭଦ୍ରକ, ବଲାଙ୍ଗୀର ଓ ବାଲେଶ୍ୱରକୁ ଗରିବ କଲ୍ୟାଣ ରୋଜଗାର ଅଭିଯାନରେ ସାମିଲ କରିଥିବାରୁ ଏହି ଜିଲାଗୁଡ଼ିକର ପ୍ରବାସୀ ଶ୍ରମିକଙ୍କୁ ରୋଜଗାର ମିଳିବ। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଛନ୍ତି। କରୋନା ସଙ୍କଟ ସମୟରେ ରୋଜଗାର ସୃଷ୍ଟି କରିବା ବଡ଼ ପଦକ୍ଷେପ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ଏହି ଅଭିଯାନକୁ ସଫଳ କରିବା ତଥା ଦେଶରେ ରୋଜଗାର ଏବଂ ସ୍ୱରୋଜଗାରର ନୂଆ ସୁଯୋଗ ସୃଷ୍ଟି କରିବା ପାଇଁ ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ପ୍ରତିଶ୍ରୁତିବଦ୍ଧ ଥିବା ପ୍ରଧାନ କହିଛନ୍ତି।

# ପ୍ରଥମ ପୃଷ୍ଠାରୁ...

## ନାକ୍ ମାନ୍ୟତା ପାଇନାହାନ୍ତି...

ବିଶ୍ୱବିଦ୍ୟାଳୟ ରହିଛି। ଏହାବାଦ୍ ୫୩ଟି ସରକାରୀ ମହାବିଦ୍ୟାଳୟ, ୫୫୮ଟି ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ, ୫୦ଅନୁଦାନପ୍ରାପ୍ତ ସଂସ୍କୃତ ମହାବିଦ୍ୟାଳୟ, ୩୯୦ଟି ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ରହିଛି। ଏଥିମଧ୍ୟରୁ ଗତ ଫେବୃୟାରୀ ୨୯ ସୁଦ୍ଧା ୭ଟି ବିଶ୍ୱବିଦ୍ୟାଳୟ ଓ ୧୬୫ଟି ମହାବିଦ୍ୟାଳୟକୁ ନାକ୍ ମାନ୍ୟତା ମିଳିଛି। ଅନ୍ୟପକ୍ଷରେ ୨୦୨୨ ସୁଦ୍ଧା ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ନାକ୍ ମାନ୍ୟତା ହାସଲ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଏନେଇ ଗତ ଏକବର୍ଷ ମଧ୍ୟରେ ବିଭାଗୀୟ ମନ୍ତ୍ରୀ ଓ ସଚିବ ବାରମ୍ବାର ସମୀକ୍ଷା ବୈଠକ କରିଛନ୍ତି। ହେଲେ ବାସ୍ତବ କ୍ଷେତ୍ରରେ କିନ୍ତୁ ଏହା କାର୍ଯ୍ୟକାରୀ ହୋଇପାରୁ ନଥିବାରୁ ଲଗାତରଭାବେ ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକ ଭଲ ର୍‍ୟାଙ୍କିଙ୍ଗ ପାଇପାରୁ ନାହାନ୍ତି। ଏପରିକି ଆବେଦନ କରିବା ଲାଗି ମଧ୍ୟ ଯୋଗ୍ୟତା ପାଇପାରୁ ନାହାନ୍ତି। ରାଜ୍ୟର ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ କେବଳ ଉତ୍କଳ ବିଶ୍ୱବିଦ୍ୟାଳୟ 'ଏ+' ଗ୍ରେଡ୍ ପାଇଥିବା ବେଳେ ୩ଟି ବିଶ୍ୱବିଦ୍ୟାଳୟକୁ 'ଏ' ଗ୍ରେଡ୍ ମିଳିଛି। କୌଣସି ବିଶ୍ୱବିଦ୍ୟାଳୟ 'ବି++' ଗ୍ରେଡ୍ ତାଲିକାରେ ନ ଥିବାବେଳେ ୩ଟି 'ବି+' କାଟାଗୋରିରେ ରହିଛି। ଆହୁରି ୫ଟି ବିଶ୍ୱବିଦ୍ୟାଳୟ ଏପର୍ଯ୍ୟନ୍ତ ମାନ୍ୟତା ପାଇ ନ ଥିବା ସୂଚନା ମିଳିଛି। ସେହିଭଳି ଏପର୍ଯ୍ୟନ୍ତ କୌଣସି ମହାବିଦ୍ୟାଳୟ ତଥା ଡିଗ୍ରୀ କଲେଜ 'ଏ+' ପାଇପାରି ନାହାନ୍ତି। ତେବେ ୮ଟି ମହାବିଦ୍ୟାଳୟ ନାକ୍‌ର 'ଏ' ଗ୍ରେଡ୍ ପାଇଥିବାବେଳେ ୧୫ ମହାବିଦ୍ୟାଳୟକୁ 'ବି++', ୨୮ଟିକୁ 'ବି+', ୮୩ଟିକୁ 'ବି' ଏବଂ ୩୧ଟି ମହାବିଦ୍ୟାଳୟକୁ 'ସି' ଗ୍ରେଡ୍ ମିଳିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ଡିଗ୍ରୀ କଲେଜ କ୍ଷେତ୍ରରେ ପରିସ୍ଥିତି ଅଧିକ ଖରାପ ରହିଛି। ରାଜ୍ୟରେ ୧୦୫୧ଟି ମହାବିଦ୍ୟାଳୟ ରହିଥିବାବେଳେ ମାତ୍ର ୧୬୫ଟି ନାକ୍ ମାନ୍ୟତା ପାଇଛନ୍ତି, ଯାହାକି ମାତ୍ର ୧୫% ହେବ। ଆସନ୍ତା ୨ବର୍ଷ ମଧ୍ୟରେ ସମସ୍ତ ମହାବିଦ୍ୟାଳୟ ନାକ ମାନ୍ୟତା ହାସଲ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ୮୫% କଲେଜ ନିକଟରେ ଏପର୍ଯ୍ୟନ୍ତ ମାନ୍ୟତା ନାହିଁ। ତେବେ ମନ୍ତ୍ରୀ ଓ ସଚିବ ବିଭିନ୍ନ ସମୟରେ ସମୀକ୍ଷା କରିବାବେଳେ ଏନେଇ ବିଶ୍ୱବିଦ୍ୟାଳୟଗୁଡ଼ିକୁ ବାରମ୍ବାର ତାଗିଦ କରିଛନ୍ତି। ହେଲେ ଏହାପରେ ବି ମହାବିଦ୍ୟାଳୟଗୁଡ଼ିକ ଆଗ୍ରହ ଦେଖାଉ ନଥିବା ପରିଲକ୍ଷିତ ହେଉଛି। ଏପଟେ ନାକ୍ ମାନ୍ୟତା ନ ପାଇବା ଯୋଗୁ ମହାବିଦ୍ୟାଳୟଗୁଡ଼ିକ ବିପୁଳ ଆର୍ଥିକ ଅନୁଦାନ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାସହ କୌଣସି ଜାତୀୟସ୍ତରୀୟ ର୍‍ୟାଙ୍କ ପାଇବାକୁ ବି ଆବେଦନ କରିପାରୁ ନ ଥିବା ଜଣାପଡ଼ିଛି। ଫଳସ୍ୱରୂପ ଗତ ୫ ବର୍ଷ ହେଲା ପ୍ରକାଶ ପାଉଥିବା ଏନ୍‌ଆଇଆର୍‌ଏଫ୍(ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନାଲ ର୍‍ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ)ର ର୍‍ୟାଙ୍କରେ କଲେଜ ବର୍ଗରେ ଓଡ଼ିଶାର ଗୋଟିଏ ବି କଲେଜ ସାମିଲ ହୋଇପାରୁ ନାହିଁ। ଯେତେବେଳେ କି ଅନ୍ୟ ରାଜ୍ୟର କେଲେଜଗୁଡ଼ିକ ଭଲ ପ୍ରଦର୍ଶନ କରିଚାଲିଛନ୍ତି। ରାଜ୍ୟ ସରକାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ବିକାଶ କରିବା ସହ ନାକ ମାନ୍ୟତା ଦିଗରେ ପଦକ୍ଷେପ ନେବାକୁ ଶିକ୍ଷାବିତମାନେ ମତପୋଷଣ କରିଛନ୍ତି। ଏନେଇ ଶିକ୍ଷାବିତ୍ ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟ କହିଛନ୍ତି, ନାକ୍ ମାନ୍ୟତା ନଥିଲେ କୌଣସି ସମସ୍ୟା ହେବନାହିଁ ବୋଲି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଧାରଣା ରହିଛି। ତେବେ ନାକ୍‌ର ମାନ୍ୟତା ଏକ ଆବଶ୍ୟକତା। ଏହାଦ୍ୱାରା ଶିକ୍ଷାନୁଷ୍ଠାନର ଭିତ୍ତିଭୂମି, ଶିକ୍ଷକ ତଥା କର୍ମଚାରୀ ଏବଂ ଅନ୍ୟାନ୍ୟ ଆବଶ୍ୟକତା ସମ୍ପର୍କରେ ଧାରଣା ଆସିଥାଏ। ଶିକ୍ଷାର ମାନ ଧାର୍ଯ୍ୟ ହୋଇଥାଏ। ନାକ୍‌ର ସମସ୍ତ କ୍ରାଇଟେରିଆ ପୂରଣ କରିବା ସମୟସାପେକ୍ଷ ହୋଇଥିବାରୁ ଶିକ୍ଷାନୁଷ୍ଠାନଗୁଡ଼ିକ ଏଥିପାଇଁ ଆଗ୍ରହ ଦେଖାଉ ନାହାନ୍ତି। ଏହାସହ ସମସ୍ତ ଆବଶ୍ୟକତାକୁ ପୂରଣ କରୁଥିଲେ ମଧ୍ୟ ଆବେଦନ ପ୍ରକ୍ରିୟା ଜଟିଳ ହୋଇଥିବାରୁ ଓଡ଼ିଶାର ବହୁ କଲେଜ ଏଥିଲାଗି ଆବେଦନ କରୁନାହାନ୍ତି।

## ରଥଯାତ୍ରା ବନ୍ଦ..

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଗଜପତି ଉଲ୍ଲେଖ କରିଛନ୍ତି ଯେ, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଆଇନ-୧୯୫୨ରେ ପ୍ରସ୍ତୁତ କରାଯାଇଥିବା ରେକର୍ଡ ଅଫ ରାଇଟ୍ସ ଅନୁଯାୟୀ ପ୍ରତିବର୍ଷ ରଥ ଯାତ୍ରା କରିବା ବାଧ୍ୟତାମୂଳକ। ସେହିପରି ଶ୍ରୀମନ୍ଦିର ଆଇନ ୧୯୫୫ ଅନୁଯାୟୀ ଶ୍ରୀମନ୍ଦିର ପରିଚାଳନା କମିଟି ରେକର୍ଡ ଅଫ ରାଇଟସ ଅନୁଯାୟୀ ରଥ ଯାତ୍ରା କରିବାକୁ ମଧ୍ୟ ବାଧ୍ୟ ଅଟନ୍ତି। ଏହି କାରଣ ପାଇଁ ପୁରୀ ରଥଯାତ୍ରାର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। କୋଭିଡ୍-୧୯ ଲକ୍‌ଡାଉନ ଗାଇଡଲାଇନରେ ରଥ ଯାତ୍ରା ସମେତ ଅନ୍ୟ ସ୍ଥାନରେ କୌଣସି ପ୍ରକାର ଧର୍ମୀୟ କାର୍ଯ୍ୟକ୍ରମକୁ ଅନୁମତି ଦିଆଯାଇ ନଥିଲେ ମଧ୍ୟ ପୁରୀ ରଥଯାତ୍ରାକୁ ବନ୍ଦ କରାଯାଇ ପାରିବ ନାହିଁ। ଗଜପତି ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ଖଣ୍ଡପୀଠର ଏକ ରାୟ ରାଜା ବୀର କିଶୋର ଭର୍ସେସ ଓଡ଼ିଶା ସରକାର(ଏଆଇଆର ୧୯୬୪ ଏସ୍‌ସି ୧୫୦୧)କୁ ଉଲ୍ଲେଖ କରିଛନ୍ତି। ଉକ୍ତ ରାୟରେ ପୁରୀ ରଥଯାତ୍ରାକୁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଗୁରୁତ୍ୱ ଦେବା ଦରକାର ବୋଲି କୁହାଯାଇଥିଲା। ଏପରି କି ଉକ୍ତ ରାୟକୁ ଆଧାର କରି ସରକାର ମଧ୍ୟ ରାଜ୍ୟର ଅନ୍ୟ ସମସ୍ତ ରଥଯାତ୍ରାକୁ ବନ୍ଦ କରି ପୁରୀ ରଥଯାତ୍ରାକୁ ଅନୁମତି ଦେଇଥିଲେ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ମଧ୍ୟ ସୁପ୍ରିମକୋର୍ଟଙ୍କ ୧୮ତାରିଖ ଆଦେଶକୁ ସଂଶୋଧିତ କରି ରଥଯାତ୍ରା ପାଇଁ ଅନୁମତି ଦେବାକୁ ଚାହୁଁଥିବା ଗଜପତି ଚିଠିରେ ଉଲ୍ଲେଖ କରିଛନ୍ତି। ଏଭଳି ପରିସ୍ଥିତିରେ ସମଗ୍ର ବିଶ୍ୱରେ ଥିବା ଭକ୍ତମାନଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ୧୮ତାରିଖ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉପରେ ଏକ ରିଭ୍ୟୁ ପିଟିଶନ ଦାଖଲ କରି ରଥଯାତ୍ରା ପାଇଁ ଅନୁମତି ଦେବାକୁ ଗଜପତି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ ପୂର୍ବକ ଯଥାରୀତି ଶ୍ରୀ ଜୀଉଙ୍କ ସେବାପୂଜା କରିବାକୁ ରାଜ୍ୟ ସରକାର ଜୁନ ୧୮ତାରିଖ ସନ୍ଧ୍ୟାରେ ଶ୍ରୀମନ୍ଦିର ପରିଚାଳନା କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ଜୁନ ୧୯ତାରିଖ ସକାଳ ଓ ସନ୍ଧ୍ୟାରେ ଦୁଇଥର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଛତିଶା ନିଯୋଗର ବରିଷ୍ଠ ସେବାୟତ ଯୋଗ ଦେଇଥିଲେ। ବୈଠକରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ ନେଇ ଆଲୋଚନା ହେବାପରେ ପରିଚାଳନା କମିଟି ଓ ଛତିଶା ନିଯୋଗ ମିଳିତ ଭାବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମାକୁ ପରିବର୍ତ୍ତନ ପାଇଁ ତୁରନ୍ତ ଏକ ସଂଶୋଧିତ ପିଟିଶନ ଦାଖଲ କରି ରଥଯାତ୍ରାକୁ ଅନୁମତି ଦେବା ସକାଶେ ସରକାରଙ୍କୁ ଅନୁରୋଧ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ପୁରୀରେ ପ୍ରତିବର୍ଷ ରଥଯାତ୍ରା କରିବା ବାଧ୍ୟତାମୂଳକ ନେଇ ପବିତ୍ର ଧର୍ମଗ୍ରନ୍ଥ ସ୍କନ୍ଦ ପୁରାଣ, ବ୍ରହ୍ମପୁରାଣ, ନୀଳାଦ୍ରି ମହୋଦୟ, ବ୍ରହ୍ମବେଦ ସଂହିତା ଆଦିରେ ଉଲ୍ଲେଖ କରାଯାଇଛି। କେଉଁ ଅନାଦି କାଳରୁ ଶ୍ରୀ ଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ଯଦି ଓଡ଼ିଶାର ଦୀର୍ଘ ଇତିହାସକୁ ଦେଖାଯାଏ ତେବେ କେବଳ ଷୋଡ଼ଶ, ସପ୍ତଦଶ ଏବଂ ଅଷ୍ଟାଦଶ ଶତାବ୍ଦୀରେ ମୋଗଲ ଆକ୍ରମଣ ଯୋଗୁ ରଥଯାତ୍ରା ବନ୍ଦ ହୋଇଥିଲା। ଅନ୍ୟକୌଣସି କାରଣରୁ ରଥଯାତ୍ରା ବନ୍ଦ ହେବାର ନଜିର ନାହିଁ। ଏପରିକି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ମହାମାରୀ ସମୟରେ ରଥଯାତ୍ରା ବନ୍ଦ ହୋଇ ନାହିଁ। କୋଭିଡ୍ ମହାମାରୀ ଯୋଗୁ ବର୍ତ୍ତମାନ ସମସ୍ୟା ସୃଷ୍ଟି ହୋଇଛି। ତେବେ ଏହାଦ୍ୱାରା ଯେ, ରଥଯାତ୍ରା ଅନୁଷ୍ଠିତ ହେବା ଅସମ୍ଭବ ତାହା ପରିଚାଳନା କମିଟି ଅନୁଭବ କରିପାରୁ ନାହିଁ। ବିନା ଜନସମାଗମରେ ରଥଯାତ୍ରା କରି ହେବ ବୋଲି ଗଜପତି ଚିଠିରେ ଉଲ୍ଲେଖ କରିଛନ୍ତି। ରାଜ୍ୟ ସରକାର କୋଭିଡ୍-୧୯ ସଂକ୍ରମଣ ପାଇଁ ଆବଶ୍ୟକ ପଦକ୍ଷେପ ନେଇ ରଥଯାତ୍ରା ପାଇଁ ଅନୁମତି ଦେବା ଦରକାର ବୋଲି ଗଜପତି କହିଛନ୍ତି।

## ପରମ୍ପରାକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯିବାର ଥିଲା: ଜଗଦ୍‌ଗୁରୁ

**ପୁରୀ ଅଫିସ, ୨୦।୬:** ଚଳିତବର୍ଷ ବଡ଼ଦାଣ୍ଡରେ ଗଡ଼ିବନି ମହାପ୍ରଭୁଙ୍କ ରଥ। ମହାମାରୀ କରୋନା ସଂକ୍ରମଣକୁ ନେଇ ରଥଯାତ୍ରାକୁ ବନ୍ଦ ରଖିବା ଲାଗି ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଭକ୍ତ, ସେବାୟତ କେହି ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ବିଶ୍ୱନିୟନ୍ତାଙ୍କୁ ନେଇ ଏଭଳି ନିଷ୍ପତ୍ତି ବିରୋଧରେ ଅସନ୍ତୋଷ ଜାରି ରହିଥିବାବେଳେ ଶନିବାର ନିଜର ପ୍ରତିକ୍ରିୟା ରଖିଛନ୍ତି ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଏକ ଭିଡିଓ ବାର୍ତ୍ତାରେ ଶଙ୍କରାଚାର୍ଯ୍ୟ କହିଛନ୍ତି, ବିଚାରପତିଙ୍କ ମତରେ କରୋନା ବିଭୀଷିକା ମଧ୍ୟରେ ରଥଯାତ୍ରା ପାଇଁ ଯଦି ଅନୁମତି ଦିଆଯାଏ ତେବେ ମହାପ୍ରଭୁ କେବେହେଲେ କ୍ଷମା ଦେବେ ନାହିଁ। କିନ୍ତୁ ଦୀର୍ଘବର୍ଷର ପରମ୍ପରାକୁ ଯଦି କ୍ଷୁଣ୍ଣ କରାଯାଏ ତେବେ ଜଗନ୍ନାଥ ମହାପ୍ରଭୁ କ'ଣ କ୍ଷମା କରିଦେବେ କି? ଏହା ଉପରେ ବିଚାର କରାଯିବା ଦରକାର। ଏହିପରିସ୍ଥିତିରେ ମହାମାରୀର ଭୟାବହତାକୁ ଦେଖି ଏବଂ ଶାସ୍ତ୍ରସମ୍ମତ ପ୍ରାଚୀନ ପରମ୍ପରାକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯିବାର ଆବଶ୍ୟକତା ଥିଲା। ଧାର୍ମିକ ଓ ଆଧ୍ୟାତ୍ମିକ ପ୍ରସଙ୍ଗରେ ଶଙ୍କରାଚାର୍ଯ୍ୟଙ୍କ ନିଷ୍ପତ୍ତି ହେଉଛି ଚୂଡ଼ାନ୍ତ। ଏଭଳି ସ୍ଥିତିରେ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ଏବଂ ମାର୍ଗଦର୍ଶନ ନେବା ବିଚାର ବିଭାଗର ମଧ୍ୟ ଦାୟିତ୍ୱ ରହିଛି। ସାମ୍ପ୍ରତିକ ବିଭୀଷିକାଠାରୁ ରକ୍ଷା ପାଇବା ଲାଗି ଯେଉଁ ନିଷ୍ପତ୍ତି ଶୁଣାଇଛନ୍ତି ସେହି ଭାବନା ଉପରେ କୌଣସି ଟିପ୍ପଣୀ ଦେଉନାହିଁ। କିନ୍ତୁ ତାହା ଉପଯୁକ୍ତ ହୋଇନାହିଁ। ତେଣୁ ସବୁ ଦିଗକୁ ବିଚାର କରି ଶୁଣାଣି ହେବା ଉଚିତ ବୋଲି ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅନୁରୋଧ କରିଛନ୍ତି ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ।


# classifieds Everyday
0674-2580101, 2549302




**BRIDE WANTED**

ସରକାରୀ ସଂସ୍ଥାରେ Asst. Manager ରେ ଚାକିରୀଥିବା divorcee ତେଲି 55 ବର୍ଷୀୟ ପାତ୍ରପାଇଁ 45 ବର୍ଷରୁ ଊର୍ଦ୍ଧ୍ୱ ଗୌରବର୍ଣ୍ଣା ପାତ୍ରୀ ଆବଶ୍ୟକ। Caste no bar. 8099377058, 7020206623. D-69413

ପୁଅର ବାହାଘର ପାଇଁ କନ୍ୟାପାତ୍ରୀ ଖୋଜୁଛନ୍ତି କି? ସବୁଜାତିର କନ୍ୟାପାତ୍ରୀ ପାଇଁ "Akankshya Matrimony", 7978736177. D-68246

**GROOM WANTED**

ଝିଅର ବାହାଘର ପାଇଁ ବରପାତ୍ର ଖୋଜୁଛନ୍ତି କି? ସବୁଜାତିର ବରପାତ୍ର ପାଇଁ "Akankshya Matrimony", 7978736177. D-68247

Age 35, Government Job କରୁଥିବା Divorcee କରଣ ଝିଅଙ୍କ ପାଇଁ ଯେ କୌଣସି ଜାତିର ଘରଜ୍ୱାଇଁ ଦରକାର। 7077495623. D-17536

48 ବର୍ଷ ବିଧବା ମହିଳା Veterinari Doctor ଭାବରେ କାର୍ଯ୍ୟରତ, ଉପଯୁକ୍ତ ବୟସର ବ୍ୟକ୍ତି ଯୋଗାଯୋଗ କରନ୍ତୁ। (ଅବିବାହିତ ବ୍ୟକ୍ତି ଗ୍ରହଣୀୟ ନୁହେଁ), 9078166327. D-68826




**SALE**

ଭୁବନେଶ୍ୱର ଟଙ୍କପାଣି ରୋଡ୍‌ରେ **2BHK**, ପୁରୀ **VIP** ରୋଡ୍‌ରେ **4BHK, CT** ରୋଡ୍‌ରେ **1BHK flat, 18** ନଳା ପାଖରେ **studio** ଫ୍ଲାଟ ବିକ୍ରୟ ହେବ, **9438109040, 8144658008.** D-17526

**SC Plot 5gunth (Ctc) 100ft. road near Hanspal. Best for any commercial-9040059669.** D-68692

3BHK Duplex 36,00,000/-, finishing Hanspal, Gharabari plot Atala, Bhingarpur. 8093465134. D-68691

**3BHK flat for resale Jayadev Bihar, BBSR, 1500sqft. 8639726868, 8249165990.** D-17509

ଭୁବନେଶ୍ୱର ପିତାପଲ୍ଲି ଛକ ପାଖରେ **NH side** ପ୍ଲଟ୍ ମିଳୁଅଛି। **Owner- 9090963952.** D-69112

Litigation free Residential Plot, Patia & Low Cost. Firmhouse land available. 8328811411, 9861971879. D-69120

ଫୁଲନଖରା ଛକ ନିକଟରେ **boundary** ହୋଇଥିବା **developed gharabari plot** କିଣନ୍ତୁ। **9937166932.** D-69317

**Earthquake proof 2BHK flat in Apartment of Avantika near Gokul Kunj Apartment on Rasulgarh GGP Pandra road for immediate sale. Contact- 9938095118, 8763935874 during office hour.** D-68090

**Two Bed flat with Balcony and covered car parking for sale in Unit-9, Bhubaneswar. Contact: 9820700400.** D-68089




Do you want to construct commercial, residencial buildings on your plot for any assistance. Contact KK Construction. 7008268129, 9439143273. D-67555

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




1/2BHK 2Bathrooms, Dining, Kitchen, Pujaroom, Balcony, well furnished Mausima Temple, 9338058332. D-69515

3BHK G/F at Kalinga Vihar, Bhubaneswar for family.Contact- 9437001245. D-68690

2BHK flat with parking at Lingipur rent family. Contact: 7894381416. D-59952

**BUSINESS**

A Reputed take away restaurant specializing in variety snacks/meals requires franchisees. Low Investment. Call- 09330941217. D-17543

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜି ବଳୟ ...

ନେଇ ସରକାରଙ୍କ ପକ୍ଷରୁ ଗାଇଡ୍‌ଲାଇନ ଜାରି ହୋଇଛି। ନିରାପଦର ସହ ସୂର୍ଯ୍ୟୋପରାଗର ଦୃଶ୍ୟ ଉପଭୋଗ କରିବାକୁ ହେଲେ ସ୍ୱତନ୍ତ୍ର ଚଷମା ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ୱେଲ୍ଡରମାନେ ବ୍ୟବହାର କରୁଥିବା କାଚ ସହାୟତାରେ ମଧ୍ୟ ସୂର୍ଯ୍ୟଙ୍କୁ ପ୍ରତ୍ୟକ୍ଷ ଭାବେ ଦେଖିହେବ। ଖାଲି ଆଖିରେ ସିଧାସଳଖ ସୂର୍ଯ୍ୟଙ୍କୁ ନ ଚାହିଁବାକୁ କୁହାଯାଇଛି। ସିଧାସଳଖ ସୂର୍ଯ୍ୟଙ୍କୁ ଚାହିଁଲେ ଆଖି ଖରାପ ହେବା ସହ ଦୃଷ୍ଟିଶକ୍ତି ପ୍ରଭାବିତ ହେବା ଆଶଙ୍କା ରହିଛି। ସେହିପରି ସନ୍‌ଗ୍ଲାସ୍, ଅନ୍ୟ ସାଧାରଣ ଚଷମା, ଏକ୍ସ-ରେ ଶିଟ୍ କିମ୍ବା କଳା ବୋଲାହୋଇଥିବା କାଚ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଜଳପୃଷ୍ଠରେ ସୂର୍ଯ୍ୟଙ୍କ ପ୍ରତିଛବି ଦେଖିବାକୁ ମଧ୍ୟ ବାରଣ କରାଯାଇଛି। ଏହା ବଦଳରେ କାର୍ଡରେ ଏକ ଛିଦ୍ର କରି ଏହା ଉପରେ ଧଳା କାଗଜ ରଖି ଉକ୍ତ ଛିଦ୍ର ଦେଇ ସୂର୍ଯ୍ୟଙ୍କୁ ଦେଖାଯାଇପାରିବ ବୋଲି ଗାଇଡଲାଇନରେ କୁହାଯାଇଛି।

## ଆଦିବାସୀଙ୍କ ଜୀବିକା ...

ମୂଲ୍ୟରେ କ୍ରୟ କରି କରୋନା ମହାମାରୀ ବେଳେ ସହାୟ ହୁଅନ୍ତୁ। ଏ ସମ୍ପର୍କରେ ଟିଡିସିସି ପରିଚାଳନା ନିର୍ଦ୍ଦେଶକଙ୍କୁ ପଚାରିବାରୁ ସେ କହିଲେ ଯେ, ଶାଳମଞ୍ଜି ସମେତ ଅନ୍ୟାନ୍ୟ ଲଘୁ ବନଜାତ ଦ୍ରବ୍ୟ କ୍ରୟ ପ୍ରକ୍ରିୟା ଚାଲୁରହିଛି। ଚଳିତ ବର୍ଷ ୨୧ କୋଟି ଟଙ୍କାର ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ହୋଇଛି। ପୂର୍ବରୁ କେବେ ଏତେ ପରିମାଣ ସଂଗ୍ରହ ହୋଇ ନ ଥିଲା। ଶାଳମଞ୍ଜି ବିକ୍ରିକୁ ନେଇ କେତେକ ସ୍ଥାନରୁ ଅଭିଯୋଗ ଆସିଥିଲା। ତେବେ କେବଳ ଶାଳମଞ୍ଜି ୧୭ କୋଟି ଟଙ୍କାର କ୍ରୟ କରାଯାଇଛି। ଆଦିବାସୀମାନେ ଯେପରି ସେମାନଙ୍କ ଉପଯୁକ୍ତ ମୂଲ୍ୟ ପାଇ ପାରିବେ ସେଥିପାଇଁ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର(ଡିବିଟି) ଜରିଆରେ କ୍ରୟ କରାଯିବ। ଆସନ୍ତା ବର୍ଷରୁ ଧାନ କ୍ରୟ ଭଳି ପି-ପାସ୍ ବ୍ୟବସ୍ଥା କରାଯିବ। ଲୋକମାନଙ୍କ ଜନଧନ ଆକାଉଣ୍ଟକୁ ସିଧା ସଳଖ ଟଙ୍କା ଦିଆଯିବ। ମଝିରେ କୌଣସି ବ୍ୟକ୍ତି ରହିବେ ନାହିଁ। ଚଳିତ ବର୍ଷ ୨୪ ହଜାର ଲୋକଙ୍କୁ ପଞ୍ଜୀକୃତ କରାଯାଇଥିଲା। ସେମାନଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ ବନଜାତ ଦ୍ରବ୍ୟ କ୍ରୟ କରାଯାଉଛି ବୋଲି ସେ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚମ୍ପା ଫୁଲ ପରି ଗୋରୀ**
**ଚମ୍ପା ଫୁଲଠାରୁ ବଢ଼େ ସୁନ୍ଦରୀ**
**ଦେଖି ଛାତିଯାଏ ପୂରି।**

ଚମ୍ପା ଫୁଲର ରଙ୍ଗ ଯେମିତି ହଳଦିଆ, ଦେଖିବାକୁ ସେମିତି ସୁନ୍ଦର, ସାଧାରଣତଃ ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ପ୍ରତି ସଭିଙ୍କ ମନ ଅଚିରେ ଟାଣି ହୋଇଯାଇଥାଏ। ଗୌରବର୍ଣ୍ଣା ଯୁବତୀଙ୍କୁ ଦେଖି ଛାତି କୁଣ୍ଢେମୋଟ ହୋଇଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାଉଳ ସେରକ କୁକୁରକୁ ଦେଇ**
**ଶିବ ନାଚୁଥିଲେ ଲଙ୍ଗଳା ହୋଇ।**

ଅପାତ୍ରରେ ଦାନ କଲେ ପରିଣତି କ୍ଷତିକାରକ ହୋଇଥାଏ। ଫଳସ୍ୱରୂପ ନିଜେ ଅସୁବିଧାରେ ପଡ଼ିବା ସହ ଅନୁତାପ କରିବା ହିଁ ସାର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ**
**- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ମନ ଭିତରର ଉତ୍ତେଜନାକୁ ନିୟନ୍ତ୍ରିତ କରି ସହୃଦୟତାର ସହ ବାକ୍ୟାଳାପ କରିବାରେ ସମର୍ଥ ହେବେ। ପାରିବାରିକ ସମ୍ପର୍କକୁ ପ୍ରାଧାନ୍ୟ ଦେଇ ଅନ୍ୟମାନଙ୍କର ଚକ୍ଷୁଶୂଳ ହେବାକୁ ପଡିପାରେ। ମୁହଁ ସାମ୍ନାରେ ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାରର କଥା କହୁଥିବା ଶୁଣିବାକୁ ପାଇବେ।

**ବୃଷ**
ସୁଖର ପ୍ରତୀକ ଶୁକ୍ର ରାଶିରେ ଅବସ୍ଥାନ କରି ମନୋରଞ୍ଜନ ଦିଗରେ ଆପଣଙ୍କୁ ଆକୃଷ୍ଟ କରାଇବ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ନିଜର ସ୍ୱାର୍ଥ ହାସଲ କରିବା ପାଇଁ ଚେଷ୍ଟା କରିପାରନ୍ତି। ଘରୋଇ କ୍ଷେତ୍ରରେ ଅଭାବ ନ ଥିଲେ ମଧ୍ୟ ସନ୍ତାନ ହେତୁକ ପୀଡା ଅନୁଭବ କରିବେ।

**ମିଥୁନ**
ମନକାରକ ଚନ୍ଦ୍ର ପାପଗ୍ରହାକ୍ରାନ୍ତ ହୋଇ ଆପଣଙ୍କ କଥା, କାର୍ଯ୍ୟ ଓ ଚିନ୍ତାଧାରାକୁ କଳୁଷିତ କରିପାରନ୍ତି। ମନର ଅଶାନ୍ତି ଓ ରାଗକୁ ନିୟନ୍ତ୍ରଣ ମଧ୍ୟରେ ନ ରଖି ଅନ୍ୟ ଉପରେ ଶୁଝାଇଲେ ଓଲଟା ଫଳ ହୋଇପାରେ। ଆଜି ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଆପ୍ୟାୟିତ କରି ଅର୍ଥଲାଭର ମାର୍ଗକୁ ସୁଗମ କରିପାରନ୍ତି।

**କର୍କଟ**
ଭଗବତ୍ ବିଶ୍ୱାସ ମାଧ୍ୟମରେ ସତ୍‌ସଙ୍ଗର ସୁଯୋଗ ପ୍ରଦାନ କରିବ। ସୁସ୍ଥ ଚିନ୍ତାଧାରା ହେତୁ ପରିସ୍ଥିତି ପ୍ରତି ସଚେତନ ରହି କାମ କରିବା ଦ୍ୱାରା ପ୍ରତ୍ୟେକ ସମସ୍ୟାକୁ ଟାଳି ଦେଇପାରିବେ। ନିଜ ଭାଇ,ବନ୍ଧୁ ଓ କୁଟୁମ୍ବ ଲୋକମାନଙ୍କ ସହ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିଲେ ମଧ୍ୟ ପ୍ରକାଶ୍ୟରେ କିଛି କହିପାରିବେ ନାହିଁ।

**ସିଂହ**
ରବି ଏକାଦଶ ସ୍ଥାନରେ ରାଜଯୋଗ ସୃଷ୍ଟିକରି ବଳିଷ୍ଠବ୍ୟକ୍ତିତ୍ୱ ମାଧ୍ୟମରେ ପ୍ରଶଂସିତ କରିବେ। କିନ୍ତୁ ମଘା ନକ୍ଷତ୍ର ସମସ୍ୟାଭାରରେ ଅତିଷ୍ଠ ହୋଇ ମାନସିକ ଅସ୍ଥିରତା ଅଶାନ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମ, କ୍ରୀଡା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କନ୍ୟା**
ବୁଧ କର୍ମସ୍ଥ ହେତୁ ଆପଣଙ୍କ କାର୍ଯ୍ୟକୁଶଳତା ବୃଦ୍ଧି ପାଇବା ସହ ଦକ୍ଷତାଭିତ୍ତିକ ପ୍ରଶଂସିତ ହେବେ। ଉତ୍ତରାଫାଲଗୁନୀ ନକ୍ଷତ୍ର ସକାଶେ ନିଜ ପରିସରରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ ଓ କଳହର ସମ୍ଭାବନା ରହିଛି।

**ତୁଳା**
ରାହୁ ଭାଗ୍ୟସ୍ଥ ହେତୁ ଆଜି ଯେକୌଣସି କାମ କଳେ ବଳେ କୌଶଳେ ହାସଲ କରିପାରିବେ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ଠାରୁ ଦୂରତା ରଖି କାମ କରିବା ଭଲ ହେବ। ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିବ, ଫଳତଃ ନିଜର କାମଗୁଡିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢିଯାଇପାରେ।

**ବିଛା**
କଥାରେ ନ କହି କାମରେ ଦେଖାଇ ପ୍ରଶଂସନୀୟ ହେବେ। ବିଶେଷଭାବରେ କର୍ମକ୍ଷେତ୍ର ପ୍ରତି ଆପଣଙ୍କର ଆନୁଗତ୍ୟ ଉପରିସ୍ଥଙ୍କୁ ଖୁସୀ କରାଇବାରେ ସାହାଯ୍ୟ କରିବ। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଆପଣ ଯେତେ ପାଇଲେ ମଧ୍ୟ ଆହୁରି ଅଧିକ ପାଇବା ସକାଶେ ବ୍ୟାକୁଳତା ପ୍ରକାଶ କରିବେ।

**ଧନୁ**
ଜ୍ଞାନକାରକ ବୃହସ୍ପତି ମୁଖଭାବରେ ରହି ଆପଣଙ୍କ ଜ୍ଞାନ, ବିଦ୍‌ବତା ଓ ଗରିମାକୁ ଲୋକଲୋଚନକୁ ଆଣିବାରେ ସହାୟକ ହେବେ। ଅଫିସରେ ଅବସର ସମୟରେ ସହକର୍ମୀମାନଙ୍କ ସହ ମିଷ୍ଟାଳାପରୁ ଖୁସୀ ରହିବେ। ଶିକ୍ଷା ଓ ପରୀକ୍ଷାରେ ପିଲାମାନଙ୍କ ସଫଳତାକୁ ନେଇ ଆନନ୍ଦ ଅନୁଭବ କରିବେ।

**ମକର**
ଆପଣଙ୍କ ଶାରୀରିକ ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ସମୟୋପଯୋଗୀ ସଚେତନତା ସୃଷ୍ଟି କରିବେ। କିନ୍ତୁ କୌଣସି ବ୍ୟକ୍ତିଠାରୁ ହଠାତ୍ କୌଣସି ଖବର ପାଇ ମାନସିକ ସ୍ତରରେ ବିଚଳିତ ବୋଧ କରିବାକୁ ପଡିପାରେ। ଉପରିସ୍ଥ ଅଧିକାରୀମାନେ କାମହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି।

**କୁମ୍ଭ**
ଆପଣଙ୍କ ସକାଶେ ଅର୍ଥର ପ୍ରାଚୁର୍ଯ୍ୟ ସହ ସାମାଜିକ ସମ୍ମାନ ପ୍ରଦାନ କରିବ। କିନ୍ତୁ ରାଶ୍ୟାଧିପ ଶତ୍ରୁଗ୍ରହ ରବିଙ୍କ ନକ୍ଷତ୍ରସ୍ଥ ଯୋଗୁଁ ବନ୍ଧୁରେ କଳହ, ଧନହାନି, ପରିବହନରେ ତର୍କ ବିତର୍କର ସମ୍ମୁଖୀନ କରାଇପାରେ। ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ**
ପଞ୍ଚାନନ ଯୋଗ ପ୍ରଭାବରେ ଅର୍ଥନୈତିକ ଅଭିବୃଦ୍ଧି ମାନସିକ ପ୍ରଫୁଲ୍ଲତାର କାରଣ ହେବ। ଉତ୍ତରଭାଦ୍ରପଦ୍ ନକ୍ଷତ୍ର ପିଲାମାନଙ୍କ ସମସ୍ୟା ପାଇଁ ମନ ଅସ୍ଥିର ରହିବା ଜନିତ ମାନସିକ ବ୍ୟଥା ଅନୁଭବ କରିବେ। ତଥାପି କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

ଆଜି ଆଷାଢ ଅମାବାସ୍ୟା ରବିବାର, ଶ୍ରୀମନ୍ଦିରରେ ନବଯୌବନ ଦର୍ଶନ, ରାହୁଗ୍ରସ୍ତ ଚୁଡାମଣି ଖଣ୍ଡଗ୍ରାସ ସୂର୍ଯ୍ୟପରାଗ, ଜୁନ୍ ୨୧ତାରିଖ, ବିଶ୍ୱପିତୃଦିବସ, ଅନ୍ତର୍ଜାତୀୟ ଯୋଗ ଦିବସ, ଦିବା ଘ.୧୨.୧୧ମି. ଗତେ ପ୍ରତିପଦା ତିଥି, ରାଶି ନକ୍ଷତ୍ର-ମୃଗଶିରା ମିଥୁନ, ଦିବା ଘ.୦୧.୦୦ମି. ଗତେ, ଆରଦ୍ରା ନକ୍ଷତ୍ର, କନ୍ୟା ରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର, ପ୍ରତିପଦାରଏ କୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୫୮ମି. ଗତେ ଘ.୦୯.୩୬ମି. ମଧ୍ୟେ, ଘ.୧୨.୧୪ମି. ଗତେ ଘ.୦୨.୫୩ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୪ମି. ଗତେ ଘ.୦୭.୫୦ମି. ମଧ୍ୟେ, ରାତ୍ରି ଘ.୧୦.୪୩ମି. ଗତେ ଘ.୧୨.୫୩ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୪.୩୮ମି. ଗତେ ଘ.୦୫.୩୧ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪.୪୫ମି. ଗତେ ଘ.୦୬.୨୪ମି. ମଧ୍ୟେ ରାହୁକାଳ।(ସୂର୍ଯ୍ୟୋପରାଗ ସ୍ପର୍ଶ୧୦.୩୮ମି., ସର୍ବମୋକ୍ଷ ଦିବା ଘ.୦୨.୦୯.୩୦ସେକେଣ୍ଡ, ଗ୍ରହଣ ସ୍ପର୍ଶର ୧୨ ଘଣ୍ଟା ପୂର୍ବରୁ ପାକତ୍ୟାଗ, ଅନ୍ନଭୋଜନ ଓ ଦେବନୀତି ନିଷେଧ, ପରାଗଦର୍ଶନେ-ମେଷ, ବୃଷ, ସିଂହ, ଧନୁ ଓ ମକର ରାଶି ପ୍ରତି ଶୁଭଦାୟକ)।

# ବସ୍ତି ପାଇଁ ଅଣାୟତ୍ତ ଆଡ଼କୁ ଭୁବନେଶ୍ୱର

ଭୁବନେଶ୍ୱର, ୨୦।୬(ବ୍ୟୁରୋ)

■ବସ୍ତିରେ ବଢୁଛି ସଂକ୍ରମଣ, ଚିନ୍ତା ବଢ଼ାଇଛନ୍ତି ସ୍ଥାନୀୟ ସଂକ୍ରମିତ

■ସାଲିଆସାହିରେ ଦ୍ୱିତୀୟ ଆକ୍ରାନ୍ତ, ସୁବାସ ନଗରରୁ ୫ ଚିହ୍ନଟ

■ଘୋଷଣା କରି ଚୁପ୍ ବସିଛି ବିଏମ୍‌ସି, ନିଆଯାଉନି ପଦକ୍ଷେପ

ଭୁବନେଶ୍ୱରକୁ ବସ୍ତି ଆଣିବ ବଡ଼ ବିପଦ। ଏଠାରୁ ହିଁ ଆରମ୍ଭ ହେବ ଗୋଷ୍ଠୀସଂକ୍ରମଣ। ସହରରେ ଏବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଏଭଳି ଆଶଙ୍କା ଧୀରେ ଧୀରେ ବାସ୍ତବ ରୂପ ନେବାରେ ଲାଗିଛି। ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରେ ଅଧିକାଂଶ ସ୍ଥାନୀୟ ଆକ୍ରାନ୍ତ ଓ ବସ୍ତିବାସିନ୍ଦା ରହୁଛନ୍ତି। ବସ୍ତିରେ କରୋନା ସଂକ୍ରମଣ ରୋକିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନେକ ପଦକ୍ଷେପ ନେବାକୁ ଘୋଷଣା କରିଥିଲା। ଘର ଘର ବୁଲି ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି କହିଥିଲେ ମଧ୍ୟ ଏବେ ତାହା ମିଥ୍ୟା ପ୍ରଚାରରେ ସୀମିତ ରହିଛି। ଅନ୍ୟପକ୍ଷରେ ବସ୍ତିକୁ କିଏ ଆସୁଛି କିଏ ଯାଉଛି ତାହାର ନଜର ରଖିବାକୁ ମଧ୍ୟ କେହି ନାହାନ୍ତି। ପୁଣି ବସ୍ତିରେ ସମ୍ପୂର୍ଣ୍ଣ ଭାବେ କୋଭିଡ୍ ନିୟମ ଉଲ୍ଲଂଘନ ହେଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ରହୁନି। ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ସନ୍ଦିଗ୍ଧମାନେ ବାହାରେ ବୁଲି ସଂକ୍ରମଣ ବାଣ୍ଟୁଛନ୍ତି। ଫଳରେ ରାଜଧାନୀ ଭୁବନେଶ୍ୱରର ସ୍ଥିତି ଅଣାୟତ୍ତ ଆଡକୁ ଗତି କରୁଛି।

ସହରର ମୋଟ ଜନସଂଖ୍ୟାର ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ପାଖାପାଖି ୫ଲକ୍ଷ ଲୋକ ବସ୍ତିରେ ବସବାସ କରନ୍ତି। ତେବେ ଏଠାକାର ବସ୍ତିର ଭୌଗୋଳିକ ସ୍ଥିତି ଓ ନିତିଦିନିଆ ପରିସ୍ଥିତିକୁ ଦେଖିଲେ ସଂକ୍ରମଣ ରୋକିବା ଅତି କଷ୍ଟକର ହୋଇପଡିବ। ସ୍ୱାସ୍ଥ୍ୟ ସର୍ଭେ ବନ୍ଦ ହୋଇଥିବାରୁ କିଏ କେଉଁଠି କରୋନା ସନ୍ଦିଗ୍ଧ ରହିଛନ୍ତି, ସେମାନଙ୍କୁ ଖୋଜି ବାହାର କରିବା ବିଏମସି ପାଇଁ ଚ୍ୟାଲେଞ୍ଜ ହୋଇଛି। ସେହିପରି ବସ୍ତିକୁ ଆଉ ବିଶୋଧନ କରାଯାଉନି। ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଆହୁରି ବିଗିଡିବାରେ ଲାଗିଛି। ଦିନକୁ ଦିନ ବସ୍ତିରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଓ ଏସବୁ ଅଞ୍ଚଳରେ ସେପରି କଟକଣା ରହୁ ନ ଥିବାରୁ ଚିନ୍ତା ବଢ଼ିଛି। ମିଳିଥିବା ସୂଚନାନୁସାରେ, ବର୍ତ୍ତମାନ ସୁଦ୍ଧା ସାଲିଆସାହିରୁ ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ହେଲେ ବିଏମ୍‌ସି ମାତ୍ର ୨ ଜଣଙ୍କ ତଥ୍ୟ ଦେଇଛି। ସେହିପରି ଶନିବାର ମିଳିଥିବା କୋଭିଡ୍ ତଥ୍ୟରୁ ଡୁମୁଡୁମା ସୁବାସନଗର ବସ୍ତିରୁ ୫ଜଣ ଓ ଲକ୍ଷ୍ମୀସାଗର ବସ୍ତିରୁ ଜଣଙ୍କ ନମୁନା ପଜିଟିଭ୍ ବାହାରିଛି। ଅନ୍ୟପକ୍ଷରେ ପୂର୍ବରୁ ସୁବାସନଗର ବସ୍ତିରେ ୨ଜଣ, ଜିଜିପି କଲୋନୀ ବାଲିଆପଠା ବସ୍ତିରେ ଜଣେ, ଘାଟିକିଆ କଳିଙ୍ଗ ଷ୍ଟୁଡିଓ ବସ୍ତିରେ ଜଣେ ଓ ନୟାପଲ୍ଲୀ ଶବରସାହି ବସ୍ତିରୁ ୨ଜଣ ଚିହ୍ନଟ ହୋଇଥିବା ଜଣାପଡିଛି। ତେବେ ବସ୍ତିରେ ଏବେ ସଂକ୍ରମଣ ଅଣାୟତ୍ତ ହେଉଥିବାବେଳେ ବିଏମ୍‌ସି ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନ ଥିବା ଦେଖିବାକୁ ମିଳୁଛି। କହିବାକୁ ଗଲେ ବସ୍ତିରେ ଏବେ ଗୋଷ୍ଠୀ ସଂକ୍ରମଣ ଆରମ୍ଭ ହୋଇଗଲାଣି। ହେଲେ ଏଯାଏ ରାଜ୍ୟରେ ଗୋଷ୍ଠୀଗତ୍ ସଂକ୍ରମଣ ହୋଇ ନ ଥିବା ସରକାର କହୁଛନ୍ତି। ଯେତେବେଳେ ସରକାର ଘୋଷଣା କରିବେ ସେତେବେଳର ସ୍ଥିତି ଆଉ ହାତମୁଠାରେ ନ ଥିବ, ଯାହା ପୂରା ଓଡ଼ିଶାକୁ ବିପଦ ମୁହଁକୁ ଠେଲିଦେବ ବୋଲି ଆଶଙ୍କା କରାଗଲାଣି। ତେଣୁ ବସ୍ତିକୁ ନିୟମିତ ବିଶୋଧନ କରିବା, କଟକଣାକୁ କଡାକଡ଼ି କରାଯିବା, ଘରକୁ ଘର ବୁଲି ଯାଞ୍ଚ କରାଯାଇ ଆକ୍ରାନ୍ତଙ୍କୁ ଖୋଜି ବାହାର କରିବାକୁ ବାସିନ୍ଦା ଓ ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ଦାବି କରାଯାଇଛି।

# ୧୯ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୯ ହସ୍ପିଟାଲ କର୍ମଚାରୀ

ଭୁବନେଶ୍ୱର, ୨୦।୬(ବ୍ୟୁରୋ)

**କ୍ୟାପିଟାଲ ହସ୍ପିଟାଲ ରକ୍ତଭଣ୍ଡାର ସିଲ୍**

■ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଲେ ୭ କର୍ମଚାରୀ

■ରାଜଧାନୀରେ ଆକ୍ରାନ୍ତଙ୍କ ସଂଖ୍ୟା ୧୮୪

ଭୁବନେଶ୍ୱରରେ ୧୯ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୯ଜଣ ହସ୍ପିଟାଲ କର୍ମଚାରୀ ରହିଥିବାବେଳେ ୪ଜଣ ରେଳ କର୍ମଚାରୀ ଓ ଆଉ ୬ଜଣ ବସ୍ତିବାସିନ୍ଦା ରହିଛନ୍ତି। ବିଏମ୍‌ସି ପକ୍ଷରୁ ଶନିବାର ଦିଆଯାଇଥିବା ତଥ୍ୟ ଅନୁସାରେ, ୪ଜଣ ରେଳ କର୍ମଚାରଙ୍କ ଗସ୍ତ ସୂଚୀ ଦିଲ୍ଲୀ ରହିଥିବାବେଳେ ସେମାନେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ସେମାନଙ୍କ ବୟସ ଯଥାକ୍ରମେ ୩୨, ୪୩, ୪୪ ଓ ୫୫ ବର୍ଷ। ବାକି ୧୫ଜଣ ହେଉଛନ୍ତି ସ୍ଥାନୀୟ ସଂକ୍ରମିତ ଓ ସେମାନଙ୍କ ମଧ୍ୟରେ ୧୧ ପୁରୁଷ ଓ ୪ଜଣ ମହିଳା। ଜଣେ କ୍ୟାପିଟାଲ ହସ୍ପିଟାଲ ରକ୍ତଭଣ୍ଡାର କର୍ମଚାରୀ ଓ ୮ଜଣ ଘରୋଇ ହସ୍ପିଟାଲ କର୍ମଚାରୀ ରହିଛନ୍ତି। ସେହିପରି ସୁବାସନଗର ବସ୍ତି ଅଞ୍ଚଳର ୫ ଜଣ ଓ ଲକ୍ଷ୍ମୀ ସାଗର ବସ୍ତି ଅଞ୍ଚଳରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ଅନ୍ୟପକ୍ଷରେ କ୍ୟାପିଟାଲ ହସ୍ପିଟାଲ ରକ୍ତଭଣ୍ଡାରର ଜଣେ କର୍ମଚାରୀଙ୍କଠାରେ କରୋନା ପଜିଟିଭ ଚିହ୍ନଟ ହେବାପରେ ଉକ୍ତ ରକ୍ତଭଣ୍ଡାରକୁ ୨୪ଘଣ୍ଟା ପାଇଁ ସିଲ୍ କରିଦିଆଯାଇଛି। ଏ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ସାହୁ ସୂଚନାଦେଇ କହିଛନ୍ତି ଯେ, ଆକ୍ରାନ୍ତ ଜଣକ ରକ୍ତଭଣ୍ଡାରରେ ଲାବ୍ ଟେକ୍ନିସିଆନ ଭାବେ କାର୍ଯ୍ୟ କରନ୍ତି। ନମୁନା ପଜିଟିଭ୍ ଆସିବାରୁ ତାଙ୍କୁ କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ସନ୍ଦେହରେ ଅନ୍ୟ ୭ଜଣ କର୍ମଚାରୀଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରକ୍ତଭଣ୍ଡାରକୁ ସମ୍ପୂର୍ଣ୍ଣ ସାନିଟାଇଜ୍ କରାଯିବା ପରେ ଏହା ଖୋଲାଯିବ ବୋଲି ସାହୁ କହିଛନ୍ତି। ଘଟଣାକୁ ନେଇ ରକ୍ତଭଣ୍ଡାରର ଅନ୍ୟ କର୍ମଚାରୀ ଆଶଙ୍କା ଭିତରେ ରହିଛନ୍ତି। ସେମାନଙ୍କୁ ମଧ୍ୟ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଉ ବୋଲି ଦାବି କରିଛନ୍ତି। କେତେଜଣ ରବିବାରଠାରୁ ଆସିବେ ନାହିଁ ବୋଲି କହିଛନ୍ତି।

ସେପଟେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରେ ବର୍ତ୍ତମାନ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୮୪ରେ ପହଞ୍ଚିଛି। ଶନିବାର ୩ଜଣ ସୁସ୍ଥ ହେବା ପରେ ଏହି ସଂଖ୍ୟା ୮୬ ଛୁଇଁଛି। ୩ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ବାକି ୯୪ଜଣ ସକ୍ରିୟ ସଂକ୍ରମିତ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ସଂକ୍ଷେପରେ

### ଆସନ୍ତା ଶିକ୍ଷା ବର୍ଷରୁ ପିଜି, ୟୁଜି ସିଲାବସ୍‌ରେ 'ସେଲ୍ଫ ଷ୍ଟଡି' କୋର୍ସ

ଭୁବନେଶ୍ୱର, ୨୦।୬(ବ୍ୟୁରୋ)- ପିଜି ଓ ୟୁଜି ସିଲାବସ୍‌ରେ ୨୫ ପ୍ରତିଶତ 'ସେଲ୍ଫ ଷ୍ଟଡି' କୋର୍ସ ରହିବ। ୭୫ ପ୍ରତିଶତ ପାଠ ଛାତ୍ରୀଛାତ୍ର କ୍ଲାସ୍ ରୁମ୍‌ରେ ପଢ଼ିବେ। ବାକି ୨୫ ପ୍ରତିଶତ ଛାତ୍ରୀଛାତ୍ରମାନେ ନିଜେ ପଢ଼ିବେ। ଆସନ୍ତା ଶିକ୍ଷାବର୍ଷରୁ ପୋଷ୍ଟ ଗ୍ରାଜୁଏଟ୍ ଓ ଅଣ୍ଡର ଗ୍ରାଜୁଏଟ୍‌ରେ ସେଲ୍ଫ ଷ୍ଟଡି କୋର୍ସ ଲାଗୁ ହେବ। ଫଳରେ ଘରେ ରହି ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ପାଠ ପଢ଼ିପାରିବେ। ଏନେଇ ଛାତ୍ରୀଛାତ୍ରଙ୍କୁ ସମ୍ପୃକ୍ତ କଲେଜ କର୍ତ୍ତୃପକ୍ଷ ଆବଶ୍ୟକ ସହଯୋଗ କରିବେ ଓ ଟେଷ୍ଟ ବୁକ୍ ଯୋଗାଇଦେବେ। ପିଲାମାନେ ପାଠପଢ଼ା ନେଇ କିଛି ଅବୁଝା ରହିଲେ ଏକ ନିର୍ଦ୍ଦିଷ୍ଟ କ୍ଲାସ୍ କରାଯାଇ ଅଧ୍ୟାପକମାନେ ବୁଝାଇବାକୁ ବ୍ୟବସ୍ଥା କରିବେ। ଏନେଇ ସବୁ କଲେଜ ଅଧକ୍ଷ ଓ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି।

### ଅଭିନେତ୍ରୀ ଦୀପା ସାହୁ ଗୁରୁତର

**ଭୁବନେଶ୍ୱର,୨୦।୬(ବ୍ୟୁରୋ):** ଅଭିନେତ୍ରୀ ତଥା ଆଲବମ୍ କୁଇନ୍ ଦୀପା ସାହୁ ଗୁରୁତର ଅସୁସ୍ଥ ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।



ସେ ଜରାୟୁ କର୍କଟ ରୋଗରେ ପୀଡିତ ଅଛନ୍ତି। ଗତ ଏକ ବର୍ଷ ହେବ ସେ ଟାଟା ମେମୋରିଆଲ୍ କ୍ୟାନସର୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ୩ ମାସ ତଳୁ ତାଙ୍କର କେମୋ ଚିକିତ୍ସା ଚାଲିଥିଲା। ତେବେ ସେ ଶନିବାର ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରୁଥିବାବେଳେ ତାଙ୍କ ନିକଟରେ ସ୍ୱାମୀ ମନୀନ୍ଦ୍ରନାଥ ଏବଂ ପରିବାର ସଦସ୍ୟ ଉପସ୍ଥିତ ଅଛନ୍ତି। ଅଧିକ ଚିକିତ୍ସା ପାଇଁ ଦୀପାଙ୍କ ପାଖରେ ଆବଶ୍ୟକ ଅର୍ଥ ନ ଥିବାରୁ ତାଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଅଭିନେତା ଅଖିଳ ପଟ୍ଟନାୟକ ଓ ସାମାଜିକ କର୍ମୀ ପ୍ରଶାନ୍ତ ନାୟକ ଅନୁରୋଧ କରିଛନ୍ତି। ଓଡ଼ିଆ ଆଲ୍‌ବମ୍ ମାଧ୍ୟମରେ ଘରେ ଘରେ ପରିଚିତ ହୋଇଥିବା ଦୀପା ବହୁ ସମ୍ବଲପୁରୀ ଆଲବମ୍‌ରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିଛନ୍ତି। ଏହାବ୍ୟତୀତ 'ତୋ ଲମ୍ବା ବେଣୀ', 'ତୋର କୃଷ୍ଣ ଚୂଡା ରଙ୍ଗର ନାଲି ଓଢଣୀ', 'ହାଏ ହାଏ ତୋ ମଲ୍ଲୀ ଫୁଲ ଗଜରା', 'ଏକରା ଏକରା ରା' ଭଳି ବହୁ ସୁପରିହିଟ୍ ଓଡ଼ିଆ ଗୀତରେ ତାଙ୍କ ନୃତ୍ୟ ଓ ଅଭିନୟ ବେଶ୍ ହିଟ୍ ହୋଇଛି। ଆଲବମ୍ ବ୍ୟତୀତ ଟେଲି ଧାରାବାହିକ ଏବଂ ଓଡ଼ିଆ ଚଳଚ୍ଚିତ୍ର 'ନାରୀ ଆଖିରେ ନିଆଁ'ରେ ତାଙ୍କୁ ଦେଖିବାକୁ ମିଳିଛି। ତେବେ ବିବାହପରେ ଗତ କିଛିବର୍ଷ ହେବ ସେ ଆଲବମ୍ ଓ ଚଳଚ୍ଚିତ୍ର ଦୁନିଆରୁ ଦୂରେଇ ରହିଥିଲେ।

### ଡକାୟତି ଯୋଜନା ପଣ୍ଡ, ୭ ଗିରଫ

ବୋମା, ଖଣ୍ଡା, ଭୁଜାଲି ଜବତ

**ନିମାପଡ଼ା,୨୦।୬(ଡି.ଏନ୍.ଏ):** ନିମାପଡ଼ା ଥାନା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ସ୍ଥାନୀୟ ଥାନା ଅଞ୍ଚଳ ବ୍ରିଜ ନିକଟରେ ଏକ ଡକାୟତି ଯୋଜନା ଚାଲିଥିବାବେଳେ ଚଢ଼ାଉ କରି ୭ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀ ସଦର ଥାନା ଅଧୀନ ଗୋପୀନାଥପୁର ଗ୍ରାମର ସୁରକାନ୍ତ ମଲ୍ଲିକ ଓ ଖଣ୍ଡିଆକୁଦା ଗ୍ରାମର ସନ୍ଦୀପ ସ୍ୱାଇଁ ଓରଫ ବୁଲୁ, ପୁରୀ ପେଣ୍ଠକଟା ମେରାଇନ ଥାନା ଅଧୀନ ତ୍ରିନାଥ ନଗରର ଅନନ୍ତ ପଣ୍ଡା, ପୁରୀ କୁମ୍ଭାରପଡ଼ା ଥାନା ଅଧୀନ ଗଜପତି ନଗର ପ୍ରଭାତ ଜେନା, ରାମଚଣ୍ଡୀ ବାଲିକୁଦ ସାହିର ମାନସ ସାହୁ, ବାଶେଳି ସାହି ଥାନା ଅଧୀନ ବାଲିସ୍କୁଲ ଛକର ଗଣେଶ ସାହୁ ଓ ଚନ୍ଦନପୁର ଥାନା ଅନ୍ତର୍ଗତ ତାଳଜଙ୍ଗ ଗ୍ରାମର ଛବି ସାହୁ। ପୋଲିସ ସେମାନଙ୍କଠାରୁ ୨ଟି ବୋମା, ଖଣ୍ଡା, ଭୁଜାଲି, ଛୁରି, ଶାବଳ, ଲୁହାରଡ୍ ଓ ଗୋଟିଏ ନକ୍ସା ଜବତ କରିଛି। ଏ ନେଇ ନଂ.୧୩୨/୨୦ରେ ଏକ ମାମଲା ରୁଜୁ କରିଛି। ନିମାପଡ଼ା ବ୍ରିଜ ଛକ ନିକଟରେ ଏହି ୭ଜଣ ଶୁକ୍ରବାର ରାତିରେ ଡକାୟତି ପାଇଁ ଯୋଜନା କରୁଥିଲେ। କୌଣସି ସୂତ୍ରରୁ ଖବରପାଇ ଏସ୍‌ଡିପିଓ ପ୍ରଦୀପ ଦଳେଇ, ଆଇଆଇସି ଜନାର୍ଦ୍ଦନ ପାଢ଼ୀଙ୍କ ନେତୃତ୍ୱରେ ଏକ ଟିମ ଚଢ଼ାଉ କରି ଧରିଥିଲେ। ଏହାପୂର୍ବରୁ ଏହି ୭ଜଣ ବିରୋଧରେ ପୁରୀର ବିଭିନ୍ନ ଥାନାରେ ଡକାୟତି, ଚୋରି, ଲୁଟ, ହତ୍ୟା ମାମଲା ଥିଲା। ଗିରଫ ପରେ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଜେଲ ପଠାଯାଇଛି।

# ଡୁମୁଡୁମା ସୁବାସନଗର ବସ୍ତି କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା

ଭୁବନେଶ୍ୱର, ୨୦।୬(ବ୍ୟୁରୋ)



ରାଜଧାନୀ ଭୁବନେଶ୍ୱରକୁ ପୁଣି ଲାଗୁ ହୋଇଛି କଣ୍ଟେନମେଣ୍ଟ କଟକଣା। ଶନିବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଡୁମୁଡୁମା ସୁବାସନଗର ବସ୍ତି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଶେଷ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ବାହାରିଥିବା ୧୯ନୂଆ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ଏହି ବସ୍ତିର ୫ଜଣ ରହିଥିବା ଜଣାପଡିବା ପରେ ବିଏମ୍‌ସି ତୁରନ୍ତ ଏପରି ପଦକ୍ଷେପ ନେଇଛି। କଣ୍ଟେନମେଣ୍ଟ ଜୋନ୍ ମଧ୍ୟରେ ରହୁଥିବା ଅଞ୍ଚଳକୁ ନେଇ ମ୍ୟାପ୍ ଜାରି କରିଛି। ଜାତୀୟ ରାଜପଥ କଡ ହନୁମାନ ମନ୍ଦିରଠାରୁ ଶନିମନ୍ଦିର ଦେଇ ପ୍ଲଟ ନଂ. ୩୭୩ ଓ ୩୨୩ ପର୍ଯ୍ୟନ୍ତ ଏବଂ ଏଠାରୁ ପ୍ଲଟ ନଂ. ୨୬୧ ଓ ୨୫୮ ଦେଇ ହନୁମାନ ମନ୍ଦିର, ଶନିମନ୍ଦିର ଓ ଦୀନବନ୍ଧୁ ଫେୟାର ପ୍ରାଇସ୍ ଦୋକାନ ଯାଏ ଅଞ୍ଚଳକୁ କଣ୍ଟେନମେଣ୍ଟେ ଜୋନ୍ ମଧ୍ୟରେ ରଖାଯାଇଛି। ଚିହ୍ନିତ ଅଞ୍ଚଳ ମଧ୍ୟରେ ସମସ୍ତ ଦୋକାନ ବଜାର, ସରକାରୀ ଓ ବେସରକାରୀ ଅଫିସ ବନ୍ଦ ରହିବ। ଏଠାରେ ରହୁଥିବା ଲୋକଙ୍କୁ ବାହାରକୁ ଯିବା ପାଇଁ ବାରଣ କରାଯାଇଛି। ସେହିପରି ବାହାର ଲୋକ ମଧ୍ୟ ଏହି ଅଞ୍ଚଳକୁ ପ୍ରବେଶ କରିପାରିବେ ନାହିଁ। ବିଏମ୍‌ସି ପକ୍ଷରୁ ଅତ୍ୟାବଶକ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

# ପଜିଟିଭ ୧୫, ସୁସ୍ଥ ୭୦

କଟକ ଅଫିସ,୨୦।୬

କଟକ ଜିଲାରୁ ଶନିବାର ୧୫ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଡମପଡ଼ା ବ୍ଲକର ୩, କଣ୍ଟପଡ଼ାର ୩, ତିଗିରିଆର ୨, ମାହାଙ୍ଗାରୁ ଜଣେ ଓ କଟକ ମହାନଗର ଅଞ୍ଚଳର ୩ ଜଣ ରହିଛନ୍ତି। ସେହିଭଳି ପଶ୍ଚିମବଙ୍ଗରେ ବାତ୍ୟା ମୁକାବିଲା ସାରି ଫେରିଥିବା ଏନ୍‌ଡିଆର୍‌ଏଫ୍‌ର ଜଣେ ଏବଂ ଓଏସ୍‌ଏପିର ୨ ଜଣ ଯବାନ ମଧ୍ୟ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସିଏମ୍‌ସିରୁ ବାହାରିଥିବା ୩ ଜଣ ପଜିଟିଭ୍‌ଙ୍କ ମଧ୍ୟରେ ଏକ ଦମ୍ପତି ରହିଛନ୍ତି। ସେହିଭଳି ଆଉ ଜଣେ ଆକ୍ରାନ୍ତ କ୍ୟାଣ୍ଟନ୍‌ମେଣ୍ଟ ଅଞ୍ଚଳର। ଅନ୍ୟପକ୍ଷରେ ଶନିବାର କଟକ ଜିଲାର ୭୦ ଜଣ ସୁସ୍ଥ ହୋଇ ଡିସ୍‌ଚାର୍ଜ ହୋଇଛନ୍ତି।

# ଖୋର୍ଦ୍ଧା ଉପଖଣ୍ଡରେ ୭ କରୋନା ପଜିଟିଭ୍

ଖୋର୍ଦ୍ଧା ଅଫିସ,୨୦।୬

ଖୋର୍ଦ୍ଧା ଉପଖଣ୍ଡରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଶନିବାର ପୁଣି ୭ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଚିହ୍ନଟଙ୍କ ମଧ୍ୟରେ ବାଲୁଗାଁର ଜଣେ ୩୫ ବର୍ଷୀୟ ଯୁବକ ଅଛନ୍ତି। ସେ ତାମିଲନାଡୁରୁ ଆସି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମସି)ରେ ରହିଥିଲେ। ସେହିପରି ବୋଲଗଡ଼ରୁ ୩ଜଣ ଚିହ୍ନଟ ହୋଇଛନ୍ତି। ସେଥିରୁ ଜଣେ ୨୪ବର୍ଷିୟ ପୁରୁଷ ଗଞ୍ଜାମରୁ ଆସି ଟିଏମ୍‌ସିରେ ରହୁଥିଲେ। ଅନ୍ୟ ୨ଜଣ ସାନପଦର ପଞ୍ଚାୟତର ହୋଇଥିବା ବେଳେ ସେମାନେ ଘରୋଇ ସଙ୍ଗରୋଧରେ ରହିଥିଲେ। ସେହିପରି ଖୋର୍ଦ୍ଧା ବ୍ଲକ କେରଙ୍ଗ ଗ୍ରାମର ଜଣେ ୩୫ବର୍ଷୀୟା ମହିଳା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ସେ ଟିଏମ୍‌ସିରେ ରହିଥିଲେ। ଜଟଣୀ ବ୍ଲକରୁ ୨ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାପଡିଛି। ସମସ୍ତଙ୍କ ଆକ୍ରାନ୍ତଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇଦିଆଯାଇଛି।

# ପୁରୀ ଜିଲାରେ ପ୍ରଥମ କରୋନା ମୃତ୍ୟୁ

ପୁରୀ ଅଫିସ,୨୦।୬

■ମୃତକ ୬୦ ବର୍ଷୀୟ ପୁରୁଷ

■ସୁସ୍ଥ ହେଲେ ୭ ଆକ୍ରାନ୍ତ

ପୁରୀ ଜିଲାରେ ପ୍ରଥମ କରୋନା ମୃତ୍ୟୁ ହୋଇଛି। ମୃତକ ୬୦ବର୍ଷୀୟ ଜଣେ ପୁରୁଷ। ଭୁବନେଶ୍ୱରସ୍ଥିତ କୋଭିଡ୍-୧୯ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିବା ଶନିବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଶନିବାର ଜିଲାରୁ କୌଣସି ନୂଆ ସଂକ୍ରମିତ ଚିହ୍ନଟ ହୋଇ ନ ଥିବାବେଳେ ୭ଜଣ ଆରୋଗ୍ୟ ଲାଭ କରିଥିବା ଜଣାପଡ଼ିଛି।

ଗୋପ ବ୍ଲକର ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ସମ୍ପୃକ୍ତ ବ୍ୟକ୍ତି ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ଗତ ବୁଧବାର ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ କୋଭିଡ୍ ପରୀକ୍ଷା ରିପୋର୍ଟ ପଜିଟିଭ ବାହାରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହା ଜଣାପଡିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଗାଁ ଏବଂ ଏହାର ଆଖପାଖ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସେହିପରି ତାଙ୍କ ସଂସ୍ପର୍ଶରେ ଆସିଥିବା ଯୋଗୁ ନିମାପଡ଼ା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତର, ଜଣେ ଷ୍ଟାଫ ନର୍ସ, ଜଣେ ଏଏନ୍‌ଏମ୍, ୨ ଜଣ ଆଟେଣ୍ଡାଣ୍ଟ ହୋମ୍ କ୍ୱାରାଣ୍ଟାଇନରେ ରହିଛନ୍ତି। ତେବେ ସମ୍ପୃକ୍ତ ବ୍ୟକ୍ତି କ୍ରୋନିକ୍ ଅବ୍‌ଷ୍ଟ୍ରକ୍ଟିଭ ପଲ୍‌ମୋନାରି ରୋଗରେ ମଧ୍ୟ ପୀଡ଼ିତ ଥିଲେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ରହିଛି।

# ଖୁନ୍ଦି ହୋଇଗଲେଣି ପଶ୍ଚିମବଙ୍ଗ ଶ୍ରମିକ

ଭୁବନେଶ୍ୱର, ୨୦।୬(ବ୍ୟୁରୋ)

■ସୀମାରେ ନାହିଁ ଯାଞ୍ଚ, ଜଟିଳ କରିବ କରୋନା ସ୍ଥିତି

■ସ୍ଥାନୀୟ ଶ୍ରମିକଙ୍କୁ ନେଇ କାର୍ଯ୍ୟ କରିବାକୁ ମିଳିଥିଲା ଅନୁମତି

■ଅଭିଯୋଗ ପରେ ଶ୍ରମିକଙ୍କୁ କାମ କରିବାକୁ ମନା କଲା ବିଏମ୍‌ସି

ଲକ୍‌ଡାଉନ୍ ହଟିବା ପରେ ଭୁବନେଶ୍ୱରକୁ ସମସ୍ତଙ୍କର ଅବାଧ ପ୍ରବେଶ ଚାଲିଛି। ବିଶେଷକରି ପଶ୍ଚିମବଙ୍ଗ ଶ୍ରମିକଙ୍କ ଧାଡ଼ି ଛୁଟୁଛି। ଏବେ ସହରରେ ନିର୍ମାଣ ଓ ଅନ୍ୟ କାମଧନ୍ଦା ଆରମ୍ଭ ହୋଇଥିବାରୁ କଣ୍ଟ୍ରାକ୍ଟରମାନେ ପଶ୍ଚିମବଙ୍ଗରୁ ଶ୍ରମିକଙ୍କୁ ଆଣି କାମରେ ଲଗାଉଛନ୍ତି। ଫଳରେ ସବୁଆଡେ ପଶ୍ଚିମବଙ୍ଗ ଶ୍ରମିକ ଖୁନ୍ଦି ହୋଇଗଲେଣି। ପଶ୍ଚିମବଙ୍ଗରେ କରୋନା ହୁହୁ ହୋଇ ମାଡ଼ି ଚାଲିଥିବାରୁ ଏହି ଶ୍ରମିକଙ୍କ ମଧ୍ୟରେ କିଏ ସଂକ୍ରମିତ ତାହା ଜାଣିବା ମୁସ୍କିଲ୍। ଗୋଟିଏ ପକ୍ଷରେ ଏମାନଙ୍କ ପାଇଁ ଭୁବନେଶ୍ୱରରେ ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା ରହୁଥିବାବେଳେ ଅନ୍ୟପକ୍ଷରେ ସ୍ଥାନୀୟ ଶ୍ରମିକ କାମଧନ୍ଦା ନ ପାଇ ଦୁର୍ବିଷହ ଜୀବନ ବିତାଉଛନ୍ତି।

ଶୁକ୍ରବାର ବିଳମ୍ବିତ ରାତିରେ ପଶ୍ଚିମବଙ୍ଗ ମେଦିନପୁରର ୧୬ଜଣ ଶ୍ରମିକ ବାଲେଶ୍ୱର ଦେଇ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଜଣେ ନିର୍ମାଣ କଣ୍ଟ୍ରାକ୍ଟର ସେମାନଙ୍କୁ ଆସିବାକୁ ବାଧ୍ୟ କରିଥିବା ଓ ସୀମାରେ କିଛି ବି ଯାଞ୍ଚ କରାଯାଇ ନ ଥିବା ସେମାନେ କହିଛନ୍ତି। ତେବେ ଶ୍ରମିକମାନେ ଶୁକ୍ରବାର ରାତିରେ ଶହୀଦନଗରରେ ପହଞ୍ଚିଥିବା ଜାଣିବା ପରେ ସ୍ଥାନୀୟ ଲୋକେ ବିଏମ୍‌ସିକୁ ଅଭିଯୋଗ କରିଥିଲେ। ଶହୀଦ ନଗରର ରିଙ୍କୁ ସାହୁ କହିଛନ୍ତି, ବମିଖାଲ ଓଭରବ୍ରିଜ୍ ପାର୍ଶ୍ୱରେ ଏକ ନୂଆ ବିଲ୍ଡିଂର ନିର୍ମାଣ କାମ ବନ୍ଦ ରହିଥିଲା। ଶୁକ୍ରବାର ରାତିରେ ହଠାତ୍ ସେଠାରେ କୋଳାହଳ ଶୁଭିଲା। କେତେଜଣ ଶ୍ରମିକ ରାସ୍ତା ଉପରେ ବୁଲାବୁଲି କରୁଥିବା ଦେଖି ପଚାରିବାରୁ ସେମାନେ ପଶ୍ଚିମବଙ୍ଗରୁ ଆସି ପହଞ୍ଚିଥିବା କହିଥିଲେ। ଖବର ପାଇବା ପରେ ବିଏମ୍‌ସି ଜୋନାଲ କାର୍ଯ୍ୟାଳୟର ଜଣେ କର୍ମଚାରୀ ଶନିବାର ସକାଳେ ସେଠାକୁ ଆସି ଘଟଣା ବିଷୟରେ ପଚାରି ବୁଝିବା ସହ ନିର୍ମାଣ କାର୍ଯ୍ୟ ବନ୍ଦ କରିଛନ୍ତି। ଶଟ୍ ଡାଉନ୍ ପାଇଁ କେହି ବି ସେମାନଙ୍କ ସଂସ୍ପର୍ଶରେ ଆସି ନାହାନ୍ତି। ବର୍ତ୍ତମାନ ସମସ୍ତ ଜୋନ୍‌ରେ ଜାରି ରହିଥିବା ନିର୍ମାଣ କାର୍ଯ୍ୟ ଉପରେ ବିଏମ୍‌ସି ନଜର ରଖିଥିବା ଅଧିକାରୀ ଜଣକ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଏଣିକି ବିଏମ୍‌ସି ଅଞ୍ଚଳରେ ନିର୍ମାଣ କାର୍ଯ୍ୟରେ କେବଳ ସ୍ଥାନୀୟ ଶ୍ରମିକଙ୍କୁ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ କେତେକ କଣ୍ଟ୍ରାକ୍ଟର ଉକ୍ତ ନିୟମକୁ ବେଖାତିର କରି ପଶ୍ଚିମବଙ୍ଗ, ଛତିଶଗଡ଼ ସମେତ ଅନ୍ୟ ରାଜ୍ୟରୁ ଶ୍ରମିକଙ୍କୁ ଆଣୁଛନ୍ତି। ଏନେଇ ବିଏମ୍‌ସି କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନ ଥିବାବେଳେ ଏହି ଘଟଣାକୁ ନେଇ ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଶନିବାର ଆଲୋଚନା ହୋଇଥିବା ସୂଚନା ମିଳିଛି। ଖୁବ୍‌ଶୀଘ୍ର ଉକ୍ତ କଣ୍ଟ୍ରାକ୍ଟରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିବା ଜଣାପଡିଛି।

ଭାରତ ସରକାର
ଆୟୁଷ ମନ୍ତ୍ରଣାଳୟ
ସଦ୍‌ଭାବନା ଓ ଶାନ୍ତି ପାଇଁ ଯୋଗ



"ଗୋଷ୍ଠୀ, ରୋଗ ପ୍ରତିରୋଧକ କ୍ଷମତା ଓ ଐକ୍ୟତା ପାଇଁ ଯୋଗ ଉପାଦେୟ। କରୋନା ସଂକଟ ସମୟରେ, ଯୋଗର ମହତ୍ତ୍ୱ ଆହୁରି ଅଧିକ ବଢ଼ିଯାଇଛି କାରଣ ଏହା ଶ୍ୱସନତନ୍ତ୍ରକୁ ସୁଦୃଢ଼ କରିବାରେ ସହାୟତା କରିଥାଏ ।"
ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

୨୧ ଜୁନ୍ ୨୦୨୦

ଅନ୍ତର୍ଜାତୀୟ ଯୋଗ ଦିବସ (ଆଇଡିୱାଇ)
ଆଜି, ନିଜ ଘରୁ, ସ୍ୱାସ୍ଥ୍ୟ ଓ କଲ୍ୟାଣର ଏହି ବୈଶ୍ୱିକ ପ୍ରୟାସ ସହିତ ଜଡ଼ିତ ହୁଅନ୍ତୁ।
ଆଜି ସକାଳ ୭ ଘଟିକାରେ ନିଜ ଘରୁ ହିଁ ସାରା ବିଶ୍ୱ ସହିତ ଏକଜୁଟ ହୋଇ ସାମଞ୍ଜସ୍ୟପୂର୍ଣ୍ଣ ଯୋଗାଭ୍ୟାସରେ ଯୋଗ ଦିଅନ୍ତୁ ।




ସାଧାରଣ ଯୋଗ ପ୍ରୋଟୋକଲ ଆଧାରିତ ସାମଞ୍ଜସ୍ୟପୂର୍ଣ୍ଣ ଯୋଗାଭ୍ୟାସ ଉପରେ ମାର୍ଗଦର୍ଶନ ପାଇଁ ଆଜି ସକାଳ ୬.୧୫ ଘଟିକାରେ ଦୂରଦର୍ଶନର ନିମ୍ନପ୍ରଦତ୍ତ ଯେକୌଣସି ଚ୍ୟାନେଲ୍ ଲଗାନ୍ତୁ:
ଡିଡି ନ୍ୟାଶନାଲ, ଡିଡି ନ୍ୟୁଜ୍, ଡିଡି ଭାରତୀ, ଡିଡି ଇଣ୍ଡିଆ, ଡିଡି ଉର୍ଦ୍ଦୁ, ଡିଡି ସ୍ପୋର୍ଟସ୍, ଡିଡି କିଷାନ, ସମସ୍ତ ଆଞ୍ଚଳିକ ଭାଷାର ସାଟେଲାଇଟ୍ ସର୍ଭିସ୍ (ଆର୍‌ଏଲ୍‌ଏସ୍‌ଏସ୍) ଚ୍ୟାନେଲ୍ ଓ ସମସ୍ତ ଆଞ୍ଚଳିକ କେନ୍ଦ୍ର
ଆପଣ ଆୟୁଷ ମନ୍ତ୍ରଣାଳୟର ନିମ୍ନଲିଖିତ ଫେସ୍‌ବୁକ୍ ହ୍ୟାଣ୍ଡେଲ୍‌ରେ ଲାଇଭ୍ ଯୋଗ ଦେଇପାରନ୍ତି - facebook.com/moayush/

ଆଇଡିୱାଇ-୨୦୨୦ ଓ ସିୱାଇପି ସମ୍ପର୍କରେ ଅଧିକ ବିବରଣୀ ପାଇଁ, ଦେଖନ୍ତୁ: www.yoga.ayush.gov.in/yoga/
www.ayush.gov.in www.un.org/en/observances/yoga-day
https://www.facebook.com/moayush https://twitter.com/moayush

ଧରିତ୍ରୀ
DHARITRI
ରବିବାର, ୨୧ ଜୁନ୍, ୨୦୨୦

> ନୀରବ ରହିବା ଓ ନିଜର ଉଦ୍ଦେଶ୍ୟକୁ ପ୍ରକଟ ନ କରିବା ଗୋଟାଏ କଥା କିନ୍ତୁ ଉଦ୍ଦେଶ୍ୟ ନେଇ କିଛି କରିଥିବା ସ୍ଥଳେ– ମୁଁ ତାହା କରି ନାହିଁ ବୋଲି କହିବାଟା ନୀରବତା ନୁହେଁ– ଏହା ହିଁ ମିଥ୍ୟାଚାର। –ଶ୍ରୀମା



# ଭାଜପାର ଉତ୍ଥାନ



ଆକାର ପଟେଲ

ଶୁକ୍ରବାର ଏନ୍‌ଡିଏ ୧୦୦ଟି ରାଜ୍ୟସଭା ଆସନ ଅତିକ୍ରମ କରି ଭାଜପାକୁ ଏହାର ୪୦ତମ ବର୍ଷରେ ଭାରତର ପ୍ରମୁଖ ରାଜନୈତିକ ଶକ୍ତି ଭାବରେ ଆହୁରି ଦୃଢ଼ କରିପାରିଛି। ଭାରତୀୟ ଜନତା ପାର୍ଟି (ଭାଜପା)ର ଜନ୍ମ ଏପ୍ରିଲ, ୧୯୮୦ରେ ହୋଇଥିଲା। ଏକଛତ୍ରବାଦୀ ଇନ୍ଦିରା ଗାନ୍ଧୀଙ୍କ ମୁକାବିଲା ପାଇଁ ଏହାର ତିନିବର୍ଷ ପୂର୍ବରୁ ମିଳିତ ବିରୋଧୀ ଦଳ ଭାବେ ଗଠିତ ଜନତା ପାର୍ଟିରୁ ବହିଷ୍କୃତ ହେବା ପରେ ସେହି ସଦସ୍ୟମାନଙ୍କ ଦ୍ୱାରା ଭାରତୀୟ ଜନତା ପାର୍ଟି ଗଠିତ ହୋଇଥିଲା। ଜନତା ପାର୍ଟିର ଅନ୍ୟତମ ସହଯୋଗୀ ଥିଲା ୧୯୫୧ରେ ଗଠିତ ଭାରତୀୟ ଜନସଂଘ। ଏହାର ନିଜସ୍ୱ ରେକର୍ଡ ଅନୁଯାୟୀ ତିନିଟି ଘଟଣାର ଫଳସ୍ୱରୂପ ଜନସଂଘ ସୃଷ୍ଟି ହୋଇଥିଲା। ପ୍ରଥମେ ଡିସେମ୍ବର ୧୯୫୦ରେ ବଲ୍ଲଭଭାଇ ପଟେଲଙ୍କ ମୃତ୍ୟୁ, ଦ୍ୱିତୀୟରେ ସେହି ବର୍ଷ ନେହେରୁ ସରକାରରୁ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଇସ୍ତଫା ଏବଂ ୧୯୫୦ ମସିହାରେ ନିର୍ବାଚନ ଓ ତତ୍‌ସହ ପି.ଡି. ଟଣ୍ଡନଙ୍କୁ କଂଗ୍ରେସ ସଭାପତି ପଦରୁ ଜୋରକରି ବାହାର କରିଦେବା। ନେହେରୁଙ୍କ ଧର୍ମନିରପେକ୍ଷତାକୁ ବିରୋଧ କରୁଥିବା ଟଣ୍ଡନଙ୍କୁ ହିନ୍ଦୁ ରକ୍ଷଣଶୀଳ ଭାବରେ ଦେଖାଯାଉଥିଲା ଏବଂ ପଟେଲଙ୍କ ମୃତ୍ୟୁ ପରେ ନେହେରୁ ଟଣ୍ଡନଙ୍କୁ ଇସ୍ତଫା ଦେବାକୁ ବାଧ କରିଥିଲେ।

ଆଉ ଏକ ଘଟଣା, ଯାହାକୁ ଜନସଂଘର ଗଠନ ପାଇଁ ଅନ୍ୟତମ କାରଣ ଭାବେ ବିବେଚନା କରାଯାଏ, ତାହା ହେଉଛି ୧୯୪୮ରେ ମହାତ୍ମା ଗାନ୍ଧୀଙ୍କ ହତ୍ୟା ପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଉପରେ ନିଷେଧାଜ୍ଞା ଜାରି ଏବଂ ଏହାର ନେତା ଏମ୍.ଏସ୍. ଗୋଲ୍‌ୱାଲ୍‌କରଙ୍କୁ ଗିରଫ କରାଯିବା। ଆର୍‌ଏସ୍‌ଏସ୍ ଏକ ରାଜନୈତିକ ସଂଗଠନ ଭାବରେ ପଞ୍ଜୀକୃତ ହୋଇ ନ ଥିଲା ଏବଂ ଏହା ଉପରେ ଜାରି ନିଷେଧାଜ୍ଞାକୁ ୧୯୪୯ରେ ହଟାଇ ଦିଆଯାଇଥିଲା। ସର୍ତ୍ତ ଥିଲା ଆର୍‌ଏସ୍‌ଏସ୍ ନିଜର ଏକ ସମ୍ବିଧାନ ତିଆରି କରିବ ଏବଂ ଏହି ସର୍ତ୍ତକୁ ସଂଘ ଗ୍ରହଣ କରିଥିଲା। ଏହି ସମୟରେ ଆର୍‌ଏସ୍‌ଏସ୍ କାହିଁକି ରାଜନୀତିରେ ଭାଗ ନେବା ଉଚିତ ସେ ନେଇ ଆର୍‌ଏସ୍‌ଏସ୍ ଭିତରେ ଅନେକ ଯୁକ୍ତି ଚାଲିଲା ଏବଂ ଏହାର ମୁଖପତ୍ର 'ଦି ଅର୍ଗାନାଇଜର୍'ରେ ଅନେକ ପ୍ରବନ୍ଧ ପ୍ରକାଶ ପାଇଥିଲା। ଶେଷରେ ଗୋଲ୍‌ୱାଲ୍‌କର ଏକ ସମାଧାନ ଦେଲେ ଯେ, ଆର୍‌ଏସ୍‌ଏସ୍‌କୁ ନିଜେ ଏକ ରାଜନୈତିକ ଦଳ ଭାବେ ନ ଗଢ଼ି ବରଂ ଏହାର ସଦସ୍ୟମାନଙ୍କୁ ଏକ ରାଜନୈତିକ ଦଳ ଗଠନ କରିବାକୁ ଅନୁମତି ଦିଆଯାଉ।

ସେମାନେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସହ ଯୋଗଦେଲେ, ଯିଏକି ପୂର୍ବରୁ ହିନ୍ଦୁ ମହାସଭାର ମୁଖ୍ୟ ଥିଲେ ଏବଂ ଭାରତୀୟ ଜନସଂଘ ମୁଖାର୍ଜୀଙ୍କ ନେତୃତ୍ୱରେ ଗଢ଼ାହେଲା। ଗୋଲ୍‌ୱାଲ୍‌କର ଆର୍‌ଏସ୍‌ଏସ୍‌ର ଉତ୍ତରପ୍ରଦେଶ ପ୍ରଚାରକ ଦୀନ ଦୟାଳ ଉପାଧ୍ୟାୟଙ୍କ ସମେତ ତାଙ୍କର କିଛି ଲୋକଙ୍କୁ ଜନସଂଘରେ ଯୋଗଦେବାକୁ କହିଲେ। ତା'ପରେ ଦି ଅର୍ଗାନାଇଜର ପାଇଁ ଚଳଚ୍ଚିତ୍ର ସମୀକ୍ଷା ଲେଖୁଥିବା ଅଟଳବିହାରୀ ବାଜପେୟୀ ଏବଂ ଲାଲକୃଷ୍ଣ ଆଡଭାନୀଙ୍କୁ ମଧ୍ୟ ଯୋଗଦେବାକୁ କୁହାଯାଇଥିଲା। ସେତେବେଳକୁ ଆର୍‌ଏସ୍‌ଏସ୍ ୨୫ ବର୍ଷର ପୁରୁଣା ହେବା ସହ ନାଗପୁର ବାହାରେ ବି ବିସ୍ତାର ଲାଭ କରିଥିଲା। ଏହା ଜନସଂଘର ମୂଳଦୁଆକୁ ସୁଦୃଢ଼ କରିବା ସହ ବିଭିନ୍ନ ରାଜ୍ୟରେ ନିଜର ଉପସ୍ଥିତି ଜାହିର କରିବାରେ ସହାୟକ ହୋଇଥିଲା। ୧୯୫୩ରେ ମୁଖାର୍ଜୀଙ୍କ ମୃତ୍ୟୁ ପରେ ଦଳକୁ ଆର୍‌ଏସ୍‌ଏସ୍ ନିଜ ନିୟନ୍ତ୍ରଣକୁ ଆଣିଥିଲା।

ଭାରତର ପ୍ରଥମ ନିର୍ବାଚନଗୁଡ଼ିକରେ ଜନସଂଘ ମାତ୍ର ଅଳ୍ପ କିଛି ଆସନ ଜିତିଥିଲା ଏବଂ ୧୯୭୦ ଦଶକ ପର୍ଯ୍ୟନ୍ତ ଏମିତି ଚାଲିଥିଲା, ଯେତେବେଳେ ବାଜପେୟୀଙ୍କ ଅଧୀନରେ ଏହା ଅନ୍ୟ ବିରୋଧୀ ଦଳ ସହିତ ଜନତା ପାର୍ଟିରେ ମିଶିଥିଲା। ଯେତେବେଳେ ଜନତା ପାର୍ଟିରୁ ସଂଘର ସଦସ୍ୟମାନଙ୍କୁ ବହିଷ୍କାର କରାଗଲା ଏବଂ ୧୯୮୦ରେ ଏକ ନୂତନ ଦଳ ଗଠନ କରିବାକୁ ପଡ଼ିଲା, ସେତେବେଳେ ବାଜପେୟୀ ଏହାର ନାମ ଭାରତୀୟ ଜନସଂଘ ରଖିବାକୁ ରାଜି ହେଲେ ନାହିଁ। ସେ ନୂତନ ଦଳର ନାମ ଦେଲେ ଭାରତୀୟ ଜନତା ପାର୍ଟି (ଭାଜପା)। ଦଳର ନାମ ପରିବର୍ତ୍ତନ ସହିତ ଆଉ ଗୋଟିଏ ନିୟମ କରାଗଲା ଯେ ଅଣ–ଆର୍‌ଏସ୍‌ଏସ୍ ବ୍ୟକ୍ତିଙ୍କୁ ବି ଦଳର ସଦସ୍ୟ ଭାବେ ଗ୍ରହଣ କରାଯିବ। ଦ୍ୱିତୀୟରେ, ଜନସଂଘଠାରୁ ଭାଜପାର ସମ୍ବିଧାନ ଭିନ୍ନ ହେବ ଏବଂ ଏହା ଭାରତର ଧର୍ମନିରପେକ୍ଷତା ଓ ସମାଜବାଦ ପ୍ରତି ପ୍ରତିବଦ୍ଧ ରହିବ।

ଏହି ଦଳ ମଧ୍ୟ ୧୯୮୪ ନିର୍ବାଚନରେ ଭଲ ପ୍ରଦର୍ଶନ କରି ନ ଥିଲା ଏବଂ କେବଳ ୨ଟି ଆସନ ଜିତିଥିଲା, ଯେଉଁଥିରେ ରାଜୀବ ଗାନ୍ଧୀଙ୍କ ଅଧୀନରେ କଂଗ୍ରେସ ବିପୁଳ ବିଜୟ ଲାଭ କରିଥିଲା। ଯାହା ଦଳର ଭାଗ୍ୟ ବଦଳାଇ ଦେଇଥିଲା, ତାହା ହେଉଛି ବାବ୍ରି ମସ୍‌ଜିଦରେ ଯେଉଁଠାରେ ଡିସେମ୍ବର ୧୯୪୯ରେ ରାମ ଓ ସୀତାଙ୍କର ଦୁଇଟି ମୂର୍ତ୍ତି ରଖାଯାଇଥିଲା, ସେଠାରେ ପ୍ରାର୍ଥନା କରିବାକୁ ଅନୁମତି ଦେବା ନିମନ୍ତେ ବିଶ୍ୱ ହିନ୍ଦୁ ପରିଷଦ ଦ୍ୱାରା ଆରମ୍ଭ ହୋଇଥିବା ଆନ୍ଦୋଳନ। ଧର୍ମନିରପେକ୍ଷତାର ପ୍ରତିବଦ୍ଧତାକୁ ଅଣଦେଖା କରାଯାଇ ନୂତନ ସଭାପତି ଆଡ୍‌ଭାନୀଙ୍କ ଅଧୀନରେ ଦଳ ବିଶ୍ୱହିନ୍ଦୁ ପରିଷଦର ଦାବିକୁ ଗ୍ରହଣ କରିଥିଲା, ଯଦିଓ ଅଯୋଧ୍ୟା ଜନସଂଘର ବା ସେପର୍ଯ୍ୟନ୍ତ ଭାଜପାର କାର୍ଯ୍ୟସୂଚୀ ଭିତରେ ନ ଥିଲା।

ଅଯୋଧ୍ୟା ବାବଦରେ ନିଷ୍ପତ୍ତି ନେଇ ଆଡ୍‌ଭାନୀ ଆର୍‌ଏସ୍‌ଏସ୍‌ର ଲକ୍ଷ୍ୟ ପୂରଣରେ ତଥା ଭାଜପାକୁ ସଫଳତା ଦେବାରେ ସାହାଯ୍ୟ କରିଥିଲେ ଏବଂ ୧୯୮୯ରେ ଭାଜପା ୮୫ଟି ଆସନ ଜିତିଥିଲା। ସେମାନେ ଜନତା ଦଳ ନାମକ ଅନ୍ୟ ଏକ ମିଳିତ ମଞ୍ଚରେ ସାମିଲ ହୋଇଥିଲେ କିନ୍ତୁ ଏଥର ଏହାକୁ ବାହାରୁ ସମର୍ଥନ କରିଥିଲେ। ଯେତେବେଳେ ସରକାର ଭୁଶୁଡ଼ି ପଡ଼ିଲା, ଆଡଭାନୀ ପୁଣି ବାବ୍ରି ପ୍ରସଙ୍ଗକୁ ଫେରିଥିଲେ ଏବଂ ଶେଷରେ ଡିସେମ୍ବର ୧୯୯୨ରେ ବିକ୍ଷୁବ୍ଧ ଜନତା ଏହାକୁ ଭାଙ୍ଗି ଦେଇଥିଲେ। ଏହାପରେ ହୋଇଥିବା ଦଙ୍ଗାରେ ୨୦୦୦ ଭାରତୀୟଙ୍କର ମୃତ୍ୟୁ ହୋଇଥିଲା। ବାବ୍ରି ଭଙ୍ଗା ଓ ହିଂସା ପରେ ଦଳ ଏହାର ଲୋକପ୍ରିୟତାକୁ ଆହୁରି ବଢ଼ାଇ ଦେଇଥିଲା ଏବଂ ବାଜପେୟୀଙ୍କ ଅଧୀନରେ ୧୯୯୮ ନିର୍ବାଚନରେ ଏହା ଦୁଇଗୁଣ ବୃଦ୍ଧି ପାଇ ୧୮୨ଟି ଆସନ ପାଇଥିଲା। ୧୯୯୯ରେ ହୋଇଥିବା ପରବର୍ତ୍ତୀ ନିର୍ବାଚନରେ ଏହା ୧୮୦ରେ ଅଟକି ରହିଲା ଏବଂ ୨୦୦୪ରେ ୧୩୮କୁ ଖସିଗଲା।

କ୍ଷମତାରେ ଥିବାବେଳେ ଭାଜପା ଏହାର ଅଯୋଧ୍ୟା ଏବଂ ମୁସଲମାନ ବିରୋଧୀ ଆଭିମୁଖ୍ୟଠାରୁ ସବୁବେଳେ ଦୂରରେ ରହିଆସିଛି। ୨୦୦୨ରେ ଗୁଜରାଟରେ ହୋଇଥିବା ଦଙ୍ଗା ପରେ ବାଜପେୟୀ ମୋଦିଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପାଇଁ ଚେଷ୍ଟା କରି ବିଫଳ ହେବା ପରେ ତାଙ୍କୁ ଦଳରେ ପ୍ରମୁଖତା ମିଳିଲା। ଭାଜପା ଧର୍ମନିରପେକ୍ଷତା ପ୍ରତିବଦ୍ଧତାରୁ ଦୂରେଇ ଯିବା ପରେ ଅଧିକ ସଫଳତା ପାଇଲା ଏବଂ ୨୦୧୯ରେ ମୋଦିଙ୍କ ନେତୃତ୍ୱରେ ଏହା ୩୦୦ରୁ ଅଧିକ ଆସନ ଜିତିଲା। ଦଳର କାହାଣୀ ଅତ୍ୟନ୍ତ ଜଟିଳ, କିନ୍ତୁ କେତେକ ଦିଗରୁ ଖୁବ୍ ସରଳ। ଯେଉଁ କାହାଣୀ ମୁଖାର୍ଜୀଙ୍କ ଦ୍ୱାରା ପଶ୍ଚିମବଙ୍ଗରୁ ଆରମ୍ଭ ହୋଇଥିଲା, ତାହା ପୁଣି ସେହି ରାଜ୍ୟକୁ ଖୁବ୍‌ଶୀଘ୍ର ଫେରିବାକୁ ଯାଉଛି।

Email:aakar.patel@gmail.com

# ବଡ଼ମାନଙ୍କ ବାରଣନାମା



ଚିତ୍ର ଚରିତ୍ର
ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଶିଶୁଟିଏ ଜନ୍ମହୋଇ ତା' ଟିକି ଟିକି ଆଖିରେ ଏ ଦୁନିଆକୁ ଚିହ୍ନିବା ପରଠାରୁ ଶେଷ ଶଯ୍ୟାରେ ଚିରଦିନ ପାଇଁ ଆଖି ଯୋଡ଼ିକ ବୁଜିଦେବା ଯାଏ ଏକ ବିଚିତ୍ର ବାରଣନାମାର ବଳୟ ଭିତରେ ବନ୍ଦୀ ଥାଏ ତା'ର ବ୍ୟକ୍ତିସତ୍ତା। ମା'ବାପା, ଆତ୍ମୀୟସ୍ୱଜନ, ଗୁରୁଗୁରୁଜନ ଆଦି ସମାଜର ଭିନ୍ନ ଭିନ୍ନ ଚରିତ୍ରମାନେ ତା' ଜୀବନଯାତ୍ରାର ନିର୍ଣ୍ଣାୟକ ହୋଇଉଠନ୍ତି ଭିନ୍ନ ଭିନ୍ନ ସମୟରେ। 'ଏମିତି କହ ନାହିଁ', 'ସେମିତି କର ନାହିଁ', 'ଏହା ଦେଖନା', 'ତାହା ଶୁଣନା' ଆଦି ନିଷେଧନାମା ମଧ୍ୟରେ ଭଲମନ୍ଦ ବାରିବାର ତା' ନିଜସ୍ୱ ସାମର୍ଥ୍ୟ ଏମିତି ସଙ୍କୁଚିତ ହୋଇଯାଏ ଯେ ଜଣାଯାଏ ସତେ ଯେମିତି ତା' ନିଜ ଭିତରୁ ତାକୁ ନିକାଲି ଦେଇ ଆଉ କେହି ଜଣେ ତା' ଜୀବନକୁ ନିୟନ୍ତ୍ରିତ କରୁଛି। ପ୍ରକୃତରେ ବଡ଼ ବିଚିତ୍ର ଏ ଅସ୍ୱସ୍ତିବୋଧ!

ଅବଶ୍ୟ ଯେଉଁମାନେ ବିଜ୍ଞ ଓ ବୟସ୍କ, ଯେଉଁମାନେ ନିଜ ପାଇଁ ନିଷ୍ପତ୍ତି ନେବାର ଅଧିକାର ଆଉ କାହାକୁ ଦିଅନ୍ତି ନାହିଁ, ସେମାନେ ବାରଣର ବଳୟ ଭିତରେ କେବେ ବି ବନ୍ଦୀ ହୁଅନ୍ତି ନାହିଁ। ପୁଣି ଯେଉଁମାନେ ଦୁଃସାହସୀ ଓ ଦୁର୍ଦ୍ଦମନୀୟ, ଯାବତୀୟ ବାରଣ ଭିତରେ ଗତିକରି ସେମାନେ ନିଜ ପାଇଁ ଏକ ସ୍ୱତନ୍ତ୍ର ପୁରୁଷାର୍ଥ ପ୍ରତିଷ୍ଠା କରନ୍ତି। 'ପ୍ରବେଶ ନିଷେଧ' ଲେଖାଥିବା ଭଳି ନିଷିଦ୍ଧ ଇଲାକା ମଧ୍ୟକୁ ପ୍ରବେଶ ନ କଲା ଯାଏ ଏମାନେ ତୃପ୍ତ ହୁଅନ୍ତି ନାହିଁ। ମାତ୍ର ଶାସ୍ତ୍ରନିର୍ଣ୍ଣୀତ ହେଉ କି ସମାଜନିର୍ଦ୍ଧାରିତ, ଯେକୌଣସି ବାରଣକୁ କେହି ଯଦି ନିଜ ପାଇଁ ବେଦବାକ୍ୟ ବା ବିବେକବାଣୀ ମଣୁଥାନ୍ତି, ତା'ହେଲେ ସେମାନେ ହେଉଛନ୍ତି ଅବୋଧ ଶିଶୁ ବା ଅବଳା ନାରୀ। ସଭ୍ୟତାର ନାନା ବିବର୍ତ୍ତନ ମଧ୍ୟରେ ଆମ ସମାଜ ଯେତେ ଆଧୁନିକ ବୋଲାଇଲେ ବି ଏଇ ଦୁଇ ବର୍ଗର ମଣିଷ ସେମାନଙ୍କ ପ୍ରତିପକ୍ଷ ବୟସ୍କ ଓ ପୁରୁଷମାନଙ୍କ ବିଚାର ନିକଟରେ ତଥାପି ବାଧ୍ୟ ଓ ବିବଶ। ଏ ସଂସାରରେ ଏମିତି ଖୁବ୍ କମ୍ ପ୍ରହ୍ଲାଦ ଥିବେ, ଯେଉଁମାନେ ସେମାନଙ୍କ ହରିଣ୍ୟକଶିପୁମାନଙ୍କ ବାରଣକୁ ଅବଜ୍ଞା କରି ନିଜ ବିଚାରକୁ ନେଇ ନିଜ ଢଙ୍ଗରେ ଆଗେଇ ଚାଲୁଥିବେ। ପୁଣି ଏମିତି କମ୍ ନାରୀ ଥିବେ, ଯେଉଁମାନେ ପୁରୁଷଙ୍କ ଦ୍ୱାରା ଟଣାଯାଇଥିବା ଲକ୍ଷ୍ମଣଗାରକୁ ଟପିବାର ସାହସ ଓ ସାମର୍ଥ୍ୟ ରଖୁଥିବେ। ତେବେ ଆଜିର ଏ ଆଲୋଚନାରେ କେବଳ ଶିଶୁମାନଙ୍କ କଥା।

ଜଣେ ଶିଶୁ ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ବ୍ୟକ୍ତିତ୍ୱର ଉତ୍ତମ ବିକାଶ ପାଇଁ ଶୈଶବର ସ୍ୱାଧୀନତା ଏକାନ୍ତ ଜରୁରୀ। ବରିଷ୍ଠଙ୍କ ବାରଣ ମଧ୍ୟରେ ନ ବଢ଼ି ଶିଶୁଟିକୁ ତା' ନିଜ ଅନୁଭବରୁ ଶିକ୍ଷା କରିବାକୁ ଛାଡ଼ିଦିଆଯାଉ। ଗୋଟିଏ ଜଳନ୍ତା ମହମବତି ଆଡକୁ ହାତ ବଢ଼ାଉଥିବା ଶିଶୁଟିକୁ ଆକଟ କରନାହିଁ। ହାତରେ ନିଆଁ ଲାଗିଲେ ସେ ନିଜେ ଜାଣିବ ନିଆଁ କି ଚିଜ! ସେହିଭଳି ସେକାଳ ଶୈଶବର ପହିଲି ପାଠ 'ମଧୁବର୍ଣ୍ଣବୋଧ'ରେ ବର୍ଣ୍ଣିତ 'ଅରଣା ମଇଁଷି ରହିଛି ଅନାଇ, ମଇଁଷିର ପାଶ ନ ଯାଅ ଦନାଇ' ଭଳି ପଂକ୍ତିକୁ ସମାଲୋଚନା କରି ସେ କହନ୍ତି, ''ବର୍ଣ୍ଣବୋଧ ପରି ଶୈଶବର ପ୍ରାଥମିକ ପାଠଶାଳାର ଏଭଳି ବାରଣ ଦନାଇମାନଙ୍କ ଚେତନାରେ ମଇଁଷି ଭଳି ଏକ ଅହିଂସ୍ର ପ୍ରାଣୀଟି ପ୍ରତି ଏମିତି ଭୟ ସଞ୍ଚାର କରିବ ଯେ ସେମାନେ ବଡ଼ ହୋଇ ଭୟାଳୁ ହୋଇଯିବେ।''

ଶିଶୁ ମନସ୍ତତ୍ତ୍ୱର ଏ ପ୍ରକାର ବିଶେଷଣ କେତେଦୂର ଗ୍ରହଣୀୟ, ତାହା ଅବଶ୍ୟ ବିଚାରସାପେକ୍ଷ। ତେବେ ଏ କଥା ସତ୍ୟ ଯେ ଅନୁଭୂତି ଓ ଅନୁଭବରେ ଯେତେ ଅପରିପକ୍ୱ ହେଲେ ବି ଶିଶୁମାନଙ୍କ ଚେତନାରେ ଯେ ଗୋଟିଏ ନିଜସ୍ୱ ବିଚାର କ୍ଷେତ୍ର ଥାଏ, ଏ କଥା ବଡ଼ମାନେ ଭୁଲିଯାଇଥାନ୍ତି। ଶିଶୁଟିକୁ ଉପଦେଶାତ୍ମକ ଆଦେଶ ଦେଇ ସେମାନେ ନିଜର ସଂସ୍କାରସିଦ୍ଧ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି ବୋଲି ମନେ କରୁଥାନ୍ତି। ନିଜ ଟିକି ବିଚାରରେ ବରିଷ୍ଠଙ୍କ ବିଜ୍ଞ ଉପଦେଶର ଔଚିତ୍ୟବୋଧ ସମ୍ପର୍କରେ ପ୍ରଶ୍ନ କରୁଥିବା ଶିଶୁମାନଙ୍କୁ ସେମାନେ ଦୁଷ୍ଟ, ଉଦ୍ଧତ ବା ଅମାନିଆ ବୋଲି ଆଖ୍ୟା ଦିଅନ୍ତି। ବିଚରା ଶିଶୁଟି! ଅନୁଭବୀ ଶୁଭେଚ୍ଛୁ ବରିଷ୍ଠଙ୍କ ଉପଦେଶରେ ଗଢ଼ା ହୋଇଥିବା ବାରଣର ବଳୟ ଭେଦକରି ସେ ବାହାରକୁ ଯାଇପାରେନା। କାଶା ବିଏଙ୍କା ପରି ଜଳି ଜଳି ଭସ୍ମ ହୋଇଯାଏ ସିନା, ଜାହାଜ ବାହାରକୁ ଆସିବା ପାଇଁ ସେ ସାହସ କରିପାରେନା।

ପ୍ରକୃତରେ କେତେ କରୁଣ ନୁହେଁ ସତେ ଶିଶୁ କାଶା ବିଏଙ୍କାର କାହାଣୀ! ବାପା ତା'ର ଶତ୍ରୁ ସୈନ୍ୟଙ୍କ ଅନୁଧାବନ କରିଯିବା ପୂର୍ବରୁ ଶିଶୁପୁତ୍ରକୁ ତାଗିଦ୍ କରି ଦେଇଗଲେ, ''ସାବଧାନ! ମୁଁ ନ ଫେରିବା ଯାଏ ଏଇ ଜାହାଜ ଛାଡ଼ି କୁଆଡ଼େ ଯିବୁନାହିଁ। ଶତ୍ରୁ ହେଉ କି ମିତ୍ର, ଚିହ୍ନା ଅବା ଅଚିହ୍ନା, କାହା କଥାରେ ଏ ସ୍ଥାନରୁ ଟିପେ ବି ହଟିବୁ ନାହିଁ। ମୁଁ ବାହୁଡ଼ି ଆସିବା ଯାଏ ମୋ ଅପେକ୍ଷାରେ ଏଇଠି ବସିଥିବୁ।'' ବାପା ଚାଲିଗଲେ ନିଜ କର୍ତ୍ତବ୍ୟ ସମ୍ପାଦନ କରି। ପିତୃଭକ୍ତ କାଶା ବିଏଙ୍କା ବସିରହିଲା ବାପାଙ୍କ ବାହୁଡ଼ା ବାଟକୁ ଚାହିଁ। ଏମିତି ସମୟରେ ଅଚାନକ ଶତ୍ରୁର କମାଣ ମାଡ଼ରେ ଜାହାଜରେ ନିଆଁ ଲାଗିଗଲା। ନିଜ ପ୍ରାଣ ବଞ୍ଚାଇ ଜାହାଜରୁ ଚାଲିଯିବା ପାଇଁ ବାଳକ କାଶାକୁ ଯଥେଷ୍ଟ ସମୟ ଦେଇଥିଲା ସର୍ବଗ୍ରାସୀ ନିଆଁ। ମାତ୍ର ବାପାଙ୍କ ବାରଣନାମା ମନେପକାଇ ନିଆଁ ଘେରରୁ ଖସିଯିବା ପାଇଁ ସାମାନ୍ୟ ବି ଚେଷ୍ଟା କଲାନାହିଁ ସେ। ଭାବିଲା, ନିଆଁ ତା'ର କିଛି କ୍ଷତି କରିବା ପୂର୍ବରୁ ବାପା ତା'ର ନିଶ୍ଚୟ ଆସି ପହଞ୍ଚିଯିବେ ଓ ତାକୁ ତାଙ୍କ କଥା ମାନି ନିଶ୍ଚଳ ବସିଥିବା ଦେଖି ଭାରି ଖୁସି ହେବେ। ମାତ୍ର ଭାଗ୍ୟର ବିଡ଼ମ୍ବନା! ବାପା ତା'ର ସେତେବେଳକୁ ଶତ୍ରୁ ସୈନ୍ୟଙ୍କ ସହ ମୁକାବିଲା କରି ବୀରଗତି ପ୍ରାପ୍ତ ହୋଇସାରିଥିଲେ। ଏଣେ ବାପାଙ୍କ ଫେରିବା ବାଟକୁ ଚାହିଁ ଚାହିଁ ସମ୍ପୂର୍ଣ୍ଣ ଜଳି ଯାଇଥିଲା ଶିଶୁପୁତ୍ର କାଶା ବିଏଙ୍କା। ନିଆଁ ଘେରରୁ ଆତ୍ମରକ୍ଷା କରିବା ଭଳି ବୟସ ଓ ସାମର୍ଥ୍ୟ ଥିଲା ତା'ର। ଅଥଚ ବାପାଙ୍କ ବାରଣର ବଳୟ ଭିତରେ ବନ୍ଦୀହୋଇ ନ ଥିଲେ ସେ ହୁଏତ ନିଆଁ ଘେରରୁ ମୁକୁଳି ଆସିପାରିଥାନ୍ତା। ଭଲ କରି ଫୁଟିବା ପୂର୍ବରୁ ଛୋଟ କଳିଟି ଅକାଳରେ ଝଡ଼ିଯାଇ ନ ଥାନ୍ତା।

କାଶା ବିଏଙ୍କା ବାରଣ ଭିତରେ ବନ୍ଦୀ ଗୋଟିଏ ବାଳକର ଦୃଷ୍ଟାନ୍ତ ହୋଇ ନ ପାରେ। ଦୃଷ୍ଟାନ୍ତଟି ଗୋଟିଏ ବ୍ୟତିକ୍ରମ ବି ହୋଇପାରେ। ତେବେ ଦୃଷ୍ଟାନ୍ତ ହେଉ କି ବ୍ୟତିକ୍ରମ, ବାପାଙ୍କ ବାରଣକୁ ବେଦବାକ୍ୟ ମାନି ଅକାଳରେ ନିଜ ଜୀବନ ଉଜାଡ଼ି ଦେଉଥିବା ବିଏଙ୍କାମାନେ ପ୍ରକୃତରେ ଜଣେ ଜଣେ ନିର୍ବୋଧ। ଇତିହାସ ଏମାନଙ୍କୁ 'ପିତୃଭକ୍ତ', 'ଭଲପୁଅ' ଆଦି ଯେତେ ଶ୍ରୁତିମଧୁର ବିଶେଷଣରେ ବିଭୂଷିତ କଲେ ମଧ୍ୟ ଜୀବନବୋଧର ଜୟଗାନ କରୁଥିବା ମାନବ ସଭ୍ୟତା ଏମାନଙ୍କୁ କେବେ ବି ଗୌରବମଣ୍ଡିତ କରିବ ନାହିଁ। ମାତ୍ର ଅନ୍ୟପକ୍ଷରେ ବିଏଙ୍କାମାନଙ୍କ ପ୍ରତିପକ୍ଷ ସେଇ ଅବଜ୍ଞାକାରୀ ପୁଅମାନେ, ଯେଉଁମାନେ ବାପାଙ୍କ ଅନୁଚିତ ବାରଣକୁ ବେଖାତିର କରି ଉଚିତ ପଥରେ ପାଦ ବଢ଼ାନ୍ତି, ସେମାନଙ୍କୁ କ'ଣ ଆମ ସମାଜ ଆଦରରେ କୋଳେଇନିଏ? ସମୟ କ'ଣ ସେମାନଙ୍କୁ ଗୌରବମଣ୍ଡିତ କରେ ସେମାନଙ୍କ ଅମାନ୍ୟକାରୀ ସାହସ ପାଇଁ?

ଅଳ୍ପଦିନ ତଳେ ତାଙ୍କ ବନ୍ଧୁଙ୍କ ନିକଟରେ ଜଣେ ପିତା ନିଜ ପୁଅ ବିରୋଧରେ ବିଷୋଦ୍‌ଗାର କରୁଥିଲେ। କହୁଥିଲେ, ''କେଉଁଠୁ ମୋ କପାଳକୁ ଏ କୁଳାଙ୍ଗାର ପୁଅଟା ଆସିଲା କେଜାଣି, ବାରବର୍ଷ ବୟସରୁ ନିଜକୁ ବିବେକାନନ୍ଦ ମଣୁଛି ଓ ନିଜ ବାପାକୁ ଯାବତୀୟ ନୀତି କଥା ଶୁଣାଉଛି। ଆବଶ୍ୟକ ସ୍ଥଳେ ସତ ନ କହିବାକୁ ଯେତେ ବାରଣ କଲେ ବି ସତକଥା କହି ସେ ସତ୍ୟବାଦୀ ବୋଲାଉଛି ଓ ଘରେ ସମସ୍ତଙ୍କୁ ଅସୁବିଧାରେ ପକାଉଛି। ସେଦିନ ଜଣେ ଅବାଞ୍ଛିତ ଆଗନ୍ତୁକଙ୍କୁ ଦୂରରୁ ଦେଖିପାରି 'ମୁଁ ଘରେ ନାହିଁ' ବୋଲି କହିଦେବାକୁ ତାକୁ କହିଲି ଯେ 'ମିଛ କହିବା ମହାପାପ' ବୋଲି କହି ମୋତେ ନୀତିବାଣୀ ଶୁଣାଇଲା। ପୁଣି ଆଉଟ୍ ହାଉସ୍‌ରେ ରହୁଥିବା ଆମ ଚାକରାଣୀର ପୁଅ ସାଙ୍ଗରେ ମିଶାମିଶି ନ କରିବାକୁ ତାକୁ ଯେତେ ବାରଣ କଲେ ବି ତା'ରି ସାଙ୍ଗରେ ବେଶି ମିଶୁଛି। ତାଗିଦ୍ କଲେ ଓଲଟି ପଚାରୁଛି, 'ଗରିବ ହେଲେ ବୋଲି ସେମାନେ କ'ଣ ମଣିଷ ନୁହନ୍ତି!''

କାହାରି ପିଠି ଥାପୁଡ଼ାଇ ସାବାସି ଦେବ ଆମ ସମାଜ? ବାଲ୍ୟକାଳରୁ ପୁଅକୁ ଧନୀ–ଗରିବ ମଧ୍ୟରେ ଭେଦଭାବ ଶିକ୍ଷା ଦେଇ, ଯାବତୀୟ ମିଥ୍ୟାଚାର ମଧ୍ୟରେ ତାକୁ ବଡ଼ ମଣିଷ କରି ଗଢ଼ିତୋଳିବାକୁ ଚେଷ୍ଟା କରୁଥିବା କୁଳଉଜ୍ଜ୍ୱଳ ବାପାଙ୍କର ନା ବାପାଙ୍କ ବାରଣ ନ ମାନି ନିଜ ଇଚ୍ଛାରେ ସଦାଚାର ସପକ୍ଷରେ ଦୃଢ଼ ଭାବେ ଛିଡ଼ାହୋଇ ନିଜକୁ ଭଲ ମଣିଷ ଭାବେ ଗଢ଼ିତୋଳିବାକୁ ଯତ୍ନଶୀଳ ହେଉଥିବା କୁଳାଙ୍ଗାର ପୁଅର??

ଅତୀତରେ ଦିନେ ପିତା ହିରଣ୍ୟକଶିପୁର ବାରଣ ନ ମାନି ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲା ଶିଶୁପୁତ୍ର ପ୍ରହ୍ଲାଦ। ଏକ ଦିବ୍ୟ ଆଦର୍ଶବାଦର ଆହ୍ୱାନରେ ବଡ଼ ମଣିଷ ନୁହେଁ, ଭଲ ମଣିଷଟିଏ ହେବାକୁ ଆଗ୍ରହ ରଖୁଥିବା ପୁଅଟିକୁ ପ୍ରହ୍ଲାଦ ପରି ନାନା ଦୁର୍ଦ୍ଦଶା ଭୋଗ କରିବାକୁ ପଡୁଥିବ। ବଡ଼ମାନଙ୍କ ଅନୁଚିତ ବାରଣନାମା ନ ମାନିବାର ଔଦ୍ଧତ୍ୟ ପାଇଁ ତାକୁ ବେଶ୍ କିଛି ମୂଲ୍ୟ ଦେବାକୁ ହେଉଥିବ। ଏମିତି ଅମାନିଆ ପୁଅକୁ ଜନ୍ମ ଦେଇଥିବାରୁ ତା' ମା'ବାପା ହୁଏତ କପାଳରେ କର ମାରୁଥିବେ। ସଦାଚାର ସପକ୍ଷରେ ଯାଇ ଅନାଚାରପ୍ରବଣ ବରିଷ୍ଠମାନଙ୍କୁ ଅବଜ୍ଞା କରୁଥିବା ହେତୁ ତାକୁ ନାକ ଟେକୁଥିବେ ତଥାକଥିତ ସଂସ୍କାରବାଦୀ ପ୍ରିୟ ପରିଜନ ବା ଗୁରୁଗୁରୁଜନ। ତଥାପି କେମିତି ଅନୁଚ୍ଚାରିତ ଭାବେ ଖୁସି ହେଉଥିବ ଆମ ସମୟ ଓ ସମାଜ। କାରଣ ଏଭଳି ପୁଅ ଗୋଟିଏ ଅସୁସ୍ଥ ସମାଜର ଆଶା, ଆଶ୍ୱାସନା। ଏକ ଇପ୍‌ସିତ ସମୟର ନୂଆ ଉନ୍ମାଦନା!!

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି, ଭୁବନେଶ୍ୱର, ମୋ: ୮୮୯୫୬୨୪୧୦୫

# ଦୂରଦର୍ଶୀ ଗବେଷକ

ବ୍ୟକ୍ତିତ୍ୱ



ସେଥୁରାମନ ପଞ୍ଚନାଥନ୍

ଆମେରିକାର ନ୍ୟାଶନାଲ ସାଇନ୍ସ ଫାଉଣ୍ଡେଶନ ବା ଜାତୀୟ ବିଜ୍ଞାନ ଫାଉଣ୍ଡେଶନ (ଏନ୍‌ଏସ୍‌ଏଫ୍) ବିଜ୍ଞାନର ଅଣ–ଡାକ୍ତରୀ ଏବଂ ଇଞ୍ଜିନିୟରିଂ ଦିଗରେ ମୌଳିକ ଗବେଷଣା କ୍ଷେତ୍ରକୁ ପାଣ୍ଠି ଯୋଗାଇବାରେ ଅନ୍ୟତମ ଶ୍ରେଷ୍ଠ ସଂସ୍ଥା ଭାବେ କାର୍ଯ୍ୟ କରିଆସୁଛି। ଏନ୍‌ଏସ୍‌ଏଫ୍‌ର ବାର୍ଷିକ ବଜେଟ ହେଉଛି ୭.୪ ବିଲିୟନ ଆମେରିକୀୟ ଡଲାର। ସେଠାକାର ସିନେଟ୍ ୧୮ ଜୁନ୍‌ରେ ଏନ୍‌ଏସ୍‌ଏଫ୍‌ର ନିର୍ଦ୍ଦେଶକ ଭାବେ ଭାରତୀୟ–ଆମେରିକୀୟ ଡକ୍ଟର ସେଥୁରାମନ ପଞ୍ଚନାଥନ୍‌ଙ୍କ ନିଯୁକ୍ତିକୁ ମୋହର ଦେବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ଦକ୍ଷିଣ ଭାରତରେ ୨୪ ଜୁନ୍ ୧୯୬୧ରେ ଜନ୍ମିତ ପଞ୍ଚନାଥନ୍ ମାଡ୍ରାସର ବିବେକାନନ୍ଦ କଲେଜରୁ ୧୯୮୧ରେ ପଦାର୍ଥ ବିଜ୍ଞାନରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ୧୯୮୪ରେ ବାଙ୍ଗାଲୋରସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସରୁ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେଶନ ଇଞ୍ଜିନିୟରିଂରେ ବି.ଇ. ଡିଗ୍ରୀ ହାସଲ କରିଥିଲେ। ୧୯୮୬ରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି, ମାଡ୍ରାସରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ କରିବା ପରେ ସେ କାନାଡାର ଓଟ୍ଟାଓ୍ୱା ବିଶ୍ୱବିଦ୍ୟାଳୟରୁ ୧୯୮୯ରେ ଇଲେକ୍ଟ୍ରିକାଲ ଆଣ୍ଡ କମ୍ପ୍ୟୁଟର ଇଞ୍ଜିନିୟରିଂରେ ଡକ୍ଟରେଟ୍ ଡିଗ୍ରୀ ଅର୍ଜନ କରିଥିଲେ। ଗବେଷଣା କ୍ଷେତ୍ରରେ ପଞ୍ଚନାଥନ୍‌ଙ୍କ ଅନନ୍ୟ ପାରଦର୍ଶିତାକୁ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ପରଖିବା ପରେ ସେ ସେହିଠାରେ ଆସିଷ୍ଟାଣ୍ଟ ପ୍ରଫେସର ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ୧୯୯୪ରେ ଆସୋସିଏଟ୍ ପ୍ରଫେସରକୁ ଉନ୍ନୀତ ହୋଇଥିଲେ। ୧୯୯୭ରେ ସେ ଆମେରିକାର ଆରିଜୋନାକୁ ଚାଲିଯାଇଥିଲେ। ଆରିଜୋନା ଷ୍ଟେଟ୍ ୟୁନିଭର୍ସିଟି (ଏଏସ୍‌ୟୁ)ର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗରେ ସେ ଆସୋସିଏଟ୍ ପ୍ରଫେସର ଭାବେ ଯୋଗ ଦେଇଥିଲେ। ୨୦୦୧ରେ ପ୍ରଫେସର ହେବା ପରେ ପଞ୍ଚନାଥନ୍ ସେଣ୍ଟର ଫର୍ କଗ୍ନିଟିଭ୍ ୟୁବିକ୍ୟୁଟସ୍ କମ୍ପ୍ୟୁଟିଂ (କ୍ୟୁବିକ୍) ବିକଶିତ କରିଥିଲେ, ଯାହା ଶାରୀରିକ ଭିନ୍ନକ୍ଷମଙ୍କ ବୈଷୟିକ ଉନ୍ନତି ଦିଗରେ ସହାୟକ ହୋଇପାରିଛି। ଏଥିସହିତ ସେ ସ୍କୁଲ ଅଫ୍ କମ୍ପ୍ୟୁଟିଂ ଆଣ୍ଡ ଇନ୍‌ଫର୍ମେଟିକ୍ସ ଏବଂ ଡିପାର୍ଟମେଣ୍ଟ ଅଫ୍ ବାୟୋମେଡିକାଲ ଇନ୍‌ଫର୍ମେଟିକ୍ସର ନେତୃତ୍ୱ ନେଇଥିଲେ। ଗବେଷଣା ଦିଗରେ କର୍ତ୍ତବ୍ୟପରାୟଣତା ତାଙ୍କୁ ୨୦୦୯ରେ ବିଶ୍ୱବିଦ୍ୟାଳୟର ଚିଫ୍ ରିସର୍ଚ୍ଚ ଅଫିସର କରାଇଥିଲା। ୨୦୧୧ରେ ସେ ଏଏସ୍‌ୟୁର ଅଫିସ୍ ଅଫ୍ ନଲେଜ୍ ଏଣ୍ଟରପ୍ରାଇଜ୍ ଡେଭଲପ୍‌ମେଣ୍ଟର ସିନିୟର ଭାଇସ୍ ପ୍ରେସିଡେଣ୍ଟ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ନଲେଜ୍ ଏଣ୍ଟରପ୍ରାଇଜ୍ ଗବେଷଣା କ୍ଷେତ୍ରରେ ଔଦ୍ୟୋଗିକ, ଅଭିନବତ୍ୱ, କର୍ପୋରେଟ୍ ଅଂଶଗ୍ରହଣ ଓ ଭାଗିଦାରି ଏବଂ ଅନ୍ତର୍ଜାତୀୟ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି। ବିଜ୍ଞାନ ଓ ବୈଷୟିକ ବିକାଶ ଦିଗରେ ପଞ୍ଚନାଥନ୍‌ଙ୍କ ପରୀକ୍ଷାନିରୀକ୍ଷା ତାଙ୍କୁ ଏଏସ୍‌ୟୁର ଗବେଷଣା କ୍ଷେତ୍ରକୁ ଅଧିକ ସକ୍ରିୟ କରିଦେଇଛି। ଏପରି କି ରିସର୍ଚ୍ଚ କାର୍ଯ୍ୟ ଲାଗି ବିଶ୍ୱବିଦ୍ୟାଳୟର ବାର୍ଷିକ ବ୍ୟୟ ଚାରିଗୁଣା ବଢ଼ିଯାଇଛି। ଏଥିରୁ ବୁଝିହେଉଛି ଯେ, ଆମେରିକାରେ ଗବେଷଣା ଦିଗରେ ଯେଉଁ ବ୍ୟକ୍ତି କିମ୍ବା ସଂସ୍ଥା ଅନବରତ କାର୍ଯ୍ୟ କରିବାକୁ ଚାହିଁଥାଆନ୍ତି ସେମାନଙ୍କ ପ୍ରତି ବିଶ୍ୱବିଦ୍ୟାୟଗୁଡ଼ିକ ଅଧିକ ଖର୍ଚ୍ଚ କରିବାକୁ ଆଗ୍ରହ ପ୍ରକାଶ କରିଥାଆନ୍ତି। ପଞ୍ଚନାଥନ୍‌ଙ୍କ ଉଦ୍ୟମ ଯୋଗୁ ଏଏସ୍‌ୟୁ ଆମେରିକାର ପ୍ରମୁଖ ବିଶ୍ୱବିଦ୍ୟାଳୟ ମଧ୍ୟରେ ଗବେଷଣା କ୍ଷେତ୍ରରେ ୮ମ ସ୍ଥାନ ଅଧିକାର କରିପାରିଛି। ୨୦୧୭ରେ ଏକ ବ୍ରାଜିଲିୟାନ୍ କଂଗ୍ରେସ ଅଫ୍ ଇଣ୍ଡଷ୍ଟ୍ରି ଇନୋଭେଶନ ପାନେଲ ଆଲୋଚନାରେ ଅଂଶଗ୍ରହଣ କରି ପଞ୍ଚନାଥନ୍ ଏଏସ୍‌ୟୁ କିଭଳି ବ୍ୟବସାୟ ସହ ବିଜ୍ଞାନର କୌଶଳକୁ ଯୋଡ଼ି ଔଦ୍ୟୋଗିକ ବିକାଶ କରିବାରେ ସକ୍ଷମ ହୋଇଛି, ତାହା ଉପରେ ଆଲୋକପାତ କରିଥିଲେ। ଆଜିକା ସମୟରେ ନିଯୁକ୍ତିଦାତାମାନେ ଯୁବପିଢ଼ିଙ୍କ ଭିତରେ ଔଦ୍ୟୋଗିକ ବିକାଶ ଗୁଣ ଦେଖି ସେମାନଙ୍କୁ ଚୟନ କରୁଥିବାରୁ ପଞ୍ଚନାଥନ୍ ସେହି ସଂକ୍ରାନ୍ତ ପାଠ୍ୟକ୍ରମ ପ୍ରଣୟନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ତାହା ଅନେକଙ୍କ ଦ୍ୱାରା ଗ୍ରହଣୀୟ ହୋଇଛି। ୨୨ ଅକ୍ଟୋବର ୨୦୧୯ରେ ଆମେରିକା ସିନେଟ୍‌ରେ ପଞ୍ଚନାଥନ୍ ଗବେଷଣା ସଂକ୍ରାନ୍ତ ତଥ୍ୟ ଆମେରିକାର ବିଜ୍ଞାନ, ସମୁଦ୍ର, ମତ୍ସ୍ୟ ଓ ପାଣିପାଗ ଆଦି ବିଭିନ୍ନ ସବ୍–କମିଟି ସମ୍ମୁଖରେ ତଥ୍ୟ ଉପସ୍ଥାପନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେଥିରେ ସେ କହିଥିଲେ ଯେ, ଆମେରିକାରେ ଗବେଷଣା ଓ ଅଭିନବୀକରଣ ପଦକ୍ଷେପ ତାହାକୁ ବିଶ୍ୱ ଅର୍ଥନୀତିରେ ନେତୃତ୍ୱ ନେବା ସକାଶେ ପ୍ରମୁଖ ବାଟ ଦେଖାଇଆସିଛି। ପଞ୍ଚନାଥନ୍‌ଙ୍କ ଦୂରଦର୍ଶୀ ଚିନ୍ତାଧାରାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମ୍ମାନ ଜଣାଇ ୧୯ ଡିସେମ୍ବର ୨୦୧୯ରେ ନ୍ୟାଶନାଲ ସାଇନ୍ସ ଫାଉଣ୍ଡେଶନର ନେତୃତ୍ୱ ନେବା ଲାଗି ତାଙ୍କ ନାମ ଘୋଷଣା କରିଥିଲେ। ଏହା ୧୮ ଜୁନ୍ ୨୦୨୦ରେ ଫଳପ୍ରସୂ ହୋଇଛି।

ଗବେଷଣା ଲାଗି ଜୀବନବ୍ୟାପୀ ପ୍ରଚେଷ୍ଟା ପଞ୍ଚନାଥନ୍‌ଙ୍କୁ ଆଜି ବିଜ୍ଞାନ ଓ ଇଞ୍ଜିନିୟରିଂ ଦୁନିଆରେ ବେଶ୍ ପରିଚିତ କରାଇପାରିଛି। ଏଥିସହିତ ବହୁ ବିଶ୍ୱବିଦ୍ୟାଳୟ ଓ ସଂସ୍ଥା ପକ୍ଷରୁ ଅସଂଖ୍ୟ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ମୂଳ ଭାରତୀୟ ଭାବେ ଅନ୍ତର୍ଜାତୀୟ ସ୍ତରରେ ସେ ଯେଉଁ ଖ୍ୟାତି ହାସଲ କରିଛନ୍ତି, ତାହା ନିଶ୍ଚିତ ଭାବେ ଯୁବପିଢ଼ିଙ୍କୁ ଅନେକ ପ୍ରେରଣା ଦେବ।

ପଞ୍ଚନାଥନ୍‌ଙ୍କ ବ୍ୟକ୍ତିଗତ ଜୀବନ କହିଲେ ତାଙ୍କ ସହଧର୍ମିଣୀ ହେଉଛନ୍ତି ମାରିକୋପା କାଉଣ୍ଟି ହସ୍‌ପିଟାଲର କ୍ଲିନିକାଲ ପେଡିଟ୍ରିସିଆନ୍ ଶାରଦା ସୌମ୍ୟା। ୟୁନିଭର୍ସିଟି ଅଫ୍ ଆରିଜୋନା କଲେଜରେ ସୌମ୍ୟା ଅତିଥି ଅଧ୍ୟାପିକା ଭାବେ ମଧ୍ୟ ପାର୍ଟଟାଇମ୍ କାର୍ଯ୍ୟ କରୁଛନ୍ତି। ଉଭୟଙ୍କ ଅମ୍ରିଥା ଓ ରୋଶନ ନାମରେ ଦୁଇ ସନ୍ତାନ ଅଛନ୍ତି।

**–ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ବର୍ଜ୍ୟବସ୍ତୁକୁ ପୁନଃ ଉପଯୋଗ କରିବାରେ ଯେଉଁ କେତେଜଣ କାର୍ଯ୍ୟ କରୁଛନ୍ତି ସେମାନଙ୍କ ମଧ୍ୟରେ ବେଙ୍ଗାଲୁରୁର ପ୍ରଦୀପ ନାୟାର ଅନ୍ୟତମ। ସେ ଆଇଟି କମ୍ପାନୀ ଚାକିରି ଛାଡି ଶିପିଂ ଇଣ୍ଡଷ୍ଟ୍ରିରୁ ବାହାରୁଥିବା ବର୍ଜ୍ୟକାଠରୁ ଫର୍ନିଚର ତିଆରି କରୁଛନ୍ତି। ଏହା ପ୍ଲାଷ୍ଟିକ୍ ଫର୍ନିଚରଠାରୁ ବହୁତ ଭଲ ଓ ପରିବେଶ ଉପଯୋଗୀ ହୋଇପାରୁଛି। ଶିପିଂ କମ୍ପାନୀକୁ ବିଦେଶରୁ ବିଭିନ୍ନ ଯନ୍ତ୍ରାଂଶ ପାଇନ କାଠରେ ପ୍ୟାକ୍ ହୋଇ ଆସେ ଓ ତାହାକୁ କମ୍ପାନୀଗୁଡିକ ବାହାରେ ଫିଙ୍ଗି ଦିଅନ୍ତି। ପ୍ରତିବର୍ଷ ପ୍ରାୟ ୯୦ ଟନ୍‌ରୁ ଅଧିକ କାଠ ବାହାରେ ଜମାହୋଇ ପରିବେଶକୁ ପ୍ରଦୂଷିତ କରେ। ତେବେ ପ୍ରଦୀପଙ୍କ ଏଭଳି ପଦକ୍ଷେପ ଯୋଗୁ ଏବେ ପ୍ରଦୂଷଣ ଦୂର କରିବା ସହ ଶସ୍ତାରେ ଲୋକମାନେ ଫର୍ନିଚର ପାଇପାରୁଛନ୍ତି। ପାଣି ଓ ଖରାରେ ପାଇନ କାଠ ନଷ୍ଟ ହେଉ ନ ଥିବାରୁ ଏହି ଫର୍ନିଚରଗୁଡିକ ବହୁଦିନ ରହିପାରିବ ବୋଲି କହନ୍ତି ପ୍ରଦୀପ। ସ୍ଥାନୀୟ କାରିଗରଙ୍କ ହସ୍ତକଳାର ଛାପ ଏଥିରେ ବି ଦେଉଛନ୍ତି। ୨୦୧୫ରେ ସେ ୟୁବିଲିଡ୍ କମ୍ପାନୀ ପ୍ରତିଷ୍ଠା କରି ଫର୍ନିଚର ତିଆରି କରୁଛନ୍ତି। ତାଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି ତାଙ୍କର ଦୁଇ ଜଣ ବନ୍ଧୁ ଲାବଣ୍ୟ ଓ ଅରୁଣ। ପ୍ରାୟ ୨୫ ଶହରୁ ଅଧିକ ଡିଜାଇନର ଫର୍ନିଚର ୩୦ ହଜାରରୁ ଊର୍ଦ୍ଧ୍ୱ ଗ୍ରାହକଙ୍କୁ ଯୋଗାଇ ସାରିଲେଣି। ସେମାନେ ବର୍ଜ୍ୟକାଠରୁ ଫର୍ନିଚର ତିଆରି କରିବା କୌଶଳ ସମ୍ପର୍କରେ ଲୋକମାନଙ୍କୁ ଶିକ୍ଷା ଦେବା ଲାଗି ଆଗକୁ ଯୋଜନା ରଖିଛନ୍ତି ବୋଲି କହନ୍ତି ପ୍ରଦୀପ।

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ଜୁନ୍ ୧୯୯୫**

- ପାକିସ୍ତାନର ଉତ୍ତରାଞ୍ଚଳବର୍ତ୍ତୀ ସ୍ୱାତ୍ ଉପତ୍ୟକାରେ ଇସଲାମୀୟ ଆଇନ ଲାଗୁ କରାଯିବାକୁ ବିରୋଧ କରି ପୋଲିସ ଓ ଉଗ୍ରପନ୍ଥୀଙ୍କ ମଧ୍ୟରେ ସଂଘର୍ଷ ଘଟି ୧୧ ଜଣ ପ୍ରାଣ ହରାଇଛନ୍ତି।
- ଜର୍ମାନୀର ଟେନିସ୍ ତାରକା ବୋରିସ୍ ବେକରଙ୍କୁ ଟେନିସ୍‌ର ଆଚରଣବିଧି ଉଲ୍ଲଂଘନ ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇ ୨୦ ହଜାର ଡଲାର ଜରିମାନା କରାଯାଇଛି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | C | | | 3 | | 1 | 5 | | | 6 | | | | |
| | 8 | | | 6 | | | | C | | | E | A | 0 | |
| A | | 3 | | | E | 8 | D | | | | B | | 6 | |
| | | | D | | | 2 | E | 6 | | | 5 | | 7 | |
| | | | | C | B | | A | | | | | 2 | D | |
| | | | | B | 8 | | | 0 | | | | | | |
| | | 1 | | | | | | 8 | | E | 9 | | | |
| 4 | | | 0 | D | | | | | | 2 | | | 1 | A |
| 6 | | 7 | 9 | | C | | 1 | E | 5 | B | 0 | | | |
| | 5 | B | | | | C | 3 | | A | | | 4 | | 9 |
| | | | 7 | E | | | | 2 | | | 6 | | C | |
| 7 | | D | | A | | 6 | 8 | | | 5 | | | 9 | B |
| | | 9 | 8 | 0 | 6 | | 4 | | | | | | | 2 |
| | | C | | | | | | | | | | | | |
| 5 | 6 | | | | 2 | B | | | | | A | D | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 7 | 1 | 4 | D | 3 | 8 | 0 | C | A | 9 | 5 | 2 | E | 6 |
| 2 | 0 | 5 | C | 7 | 8 | 1 | 6 | 3 | E | B | D | 9 | A | 4 |
| 4 | 6 | A | 5 | 2 | E | B | D | 9 | 0 | C | 3 | 8 | 7 | 1 |
| C | E | 9 | 0 | 1 | 6 | A | 2 | 5 | 7 | 4 | 8 | 3 | D | B |
| D | 8 | 3 | 9 | A | B | 4 | E | 7 | 2 | 6 | 1 | 5 | 0 | C |
| E | 9 | 2 | D | 4 | A | C | 3 | 6 | B | 8 | 0 | 7 | 1 | 5 |
| 7 | A | 8 | 1 | 6 | 5 | 2 | 4 | D | C | 3 | 9 | E | B | 0 |
| 6 | D | 0 | 7 | E | 9 | 5 | B | 8 | 4 | 1 | A | C | 2 | 3 |
| 5 | 1 | B | 8 | 3 | C | 7 | A | 0 | 6 | E | 2 | 4 | 9 | D |
| 3 | C | 4 | 2 | B | 0 | 9 | 1 | E | D | 5 | 7 | 6 | 8 | A |
| 0 | 4 | D | 3 | 9 | 1 | E | C | B | 8 | 7 | 6 | A | 5 | 2 |
| 8 | B | C | A | 5 | 4 | 3 | 9 | 2 | 1 | 0 | E | D | 6 | 7 |
| 9 | 2 | 6 | E | C | D | 0 | 7 | 4 | 5 | A | B | 1 | 3 | 8 |
| 1 | 5 | E | 6 | 0 | 7 | D | 8 | A | 3 | 2 | C | B | 4 | 9 |
| A | 3 | 7 | B | 8 | 2 | 6 | 5 | 1 | 9 | D | 4 | 0 | C | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଡିଟ୍ ନୁହେଁ, ସ୍ପଷ୍ଟୀକରଣ ଆବଶ୍ୟକ

ମହାଶୟ,

କରୋନା ସହ ଲଢ଼ିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାର୍ଚ୍ଚ ୨୮ରେ ପିଏମ୍ କେୟାର୍ସ ଫଣ୍ଡର ଘୋଷଣା କରିଥିଲେ। ଏହାକୁ ନେଇ କିଛିଦିନ ତଳେ ବିବାଦ ଦେଖାଦେଇଥିଲା। ବିରୋଧୀମାନେ ଅଡିଟ୍ ଦାବି କରିଥିଲେ। ଏପରି କି ହର୍ଷ କାନ୍ଦୁକୁରୀ ନାମକ ଜଣେ ବ୍ୟକ୍ତି ଆର୍‌ଟିଆଇ ଆଇନ ମାଧ୍ୟମରେ ଏହାର ପରିଚାଳନା ବ୍ୟବସ୍ଥା ଓ ଏହାର ଉପଯୋଗ କିପରି ହେଉଛି ଜାଣିବା ପାଇଁ କିଛି ତଥ୍ୟ ସରକାରଙ୍କୁ ମାଗିଥିଲେ। ଏହାର ଉତ୍ତରରେ କେନ୍ଦ୍ର ସରକାର କହିଥିଲେ ଯେ, ଏହି ଫଣ୍ଡ ଆର୍‌ଟିଆଇ ଅନ୍ତର୍ଭୁକ୍ତ ନୁହେଁ। ପ୍ରଶ୍ନ ଉଠୁଛି ଯେ ଏହା କାହିଁକି ଆର୍‌ଟିଆଇ ଅନ୍ତର୍ଭୁକ୍ତ ନୁହେଁ? ଆର୍‌ଟିଆଇ ଆଇନ ୨୦୦୫ର ସେକ୍‌ସନ୍ ୨ (ଏଚ୍) ଅନୁଯାୟୀ ସରକାରଙ୍କ ପରିଚାଳିତ ସମସ୍ତ ବ୍ୟବସ୍ଥା ଆର୍‌ଟିଆଇ ଅନ୍ତର୍ଭୁକ୍ତ। ଆଉ ଏଠାରେ ପିଏମ୍ କେୟାର୍ସ ଫଣ୍ଡର ଚେୟାର୍‌ମ୍ୟାନ୍ ନିଜେ ପ୍ରଧାନମନ୍ତ୍ରୀ ଓ ତିନିଜଣ କ୍ୟାବିନେଟ୍ ମନ୍ତ୍ରୀ (ଅର୍ଥମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀଷ୍ଟ ଓ ପ୍ରତିରକ୍ଷା ମନ୍ତ୍ରୀ) ଏହାର ସଦସ୍ୟ ଅଟନ୍ତି। ଏଠାରେ ଆଉ ଗୋଟିଏ ପ୍ରଶ୍ନ ମଧ୍ୟ ଉଠୁଛି ଯେ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ଫଣ୍ଡ ଥାଉ ଥାଉ ପିଏମ୍ କେୟାର୍ସ ଫଣ୍ଡର ଆବଶ୍ୟକତା କାହିଁକି ପଡ଼ିଲା। ଏସବୁ ଦୃଷ୍ଟିରୁ ଏହି ଫଣ୍ଡ ଅଡିଟ୍ ହେବା ଅପେକ୍ଷା ଏହା ଉପରେ ସରକାରଙ୍କ ସମ୍ପୂର୍ଣ୍ଣ ସ୍ପଷ୍ଟୀକରଣ ଆବଶ୍ୟକ।

ସନ୍ନ୍ୟାସୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

## ଚିରନ୍ତନୀ

ହେ ମୋର କଳପନା ମାନସୀ ରାଣୀ!
ପ୍ରଭାତେ ନିତି ଯେହୁ ଫୁଟାଅ ବାଣୀ
ନିଶାର ନୀରବତା ତୁଟାଇ କହ କଥା
ଅନ୍ଧାର ଆଲୋକର ମିଳନ ଆଣି
ପ୍ରଭାତେ ନିତି ଯେହୁ ଫୁଟାଅ ବାଣୀ।
(ପ୍ରଭାତ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଟାଉନ ଥାନାରେ ଏତଲା

**ପୁରୀ ଅଫିସ:** ରଥଯାତ୍ରା ପ୍ରସଙ୍ଗକୁ ନେଇ ସୁପ୍ରିମକୋର୍ଟରେ ରାଜ୍ୟ ସରକାର ଭୁଲ୍ ତଥ୍ୟ ରଖିଥିଲେ। ଯେଉଁଥିପାଇଁ ରଥଯାତ୍ରା ବନ୍ଦ ଭଳି ରାୟ ଆସିଲା। ତେବେ ରାଜ୍ୟ ସରକାରଙ୍କ ଏଭଳି ଭୁଲ୍ ତଥ୍ୟ ଉପସ୍ଥାପନକୁ ବିରୋଧ କରି ଶନିବାର ଟାଉନ ଥାନାରେ ପୁରୀ ଲୋକ ସଭାକ୍ଷେତ୍ରର ଯୁବ କଂଗ୍ରେସ ପକ୍ଷରୁ ଏତଲା ଦିଆଯାଇଛି। ଏତଲାରେ ଦର୍ଶାଯାଇଛି ଯେ, ରାଜ୍ୟ ସରକାର ରଥଯାତ୍ରାରେ ୧୦ରୁ ୧୨ଲକ୍ଷ ଜନ ସମାଗମ ହେବା କଥା କହିବା ସହିତ ଜନସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ବିପଦ ଦର୍ଶାଇଛନ୍ତି। ତେଣୁ ମିଥ୍ୟା ତଥ୍ୟ ଦାଖଲ କରାଯାଇଥିବାରୁ ଫୌଜଦାରୀ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଘରକୁ ଘର ବୁଲି ସର୍ବେକ୍ଷଣ କରୁଛି ସ୍ୱାସ୍ଥ୍ୟ ଟିମ୍

#### ଜିଲାରେ ଗଠନ ହୋଇଛି ୧୬୨୩ ଟିମ୍

**ଖୋର୍ଦ୍ଧା ଅଫିସ,୨୦।୬:** ଖୋର୍ଦ୍ଧା ଜିଲାରେ ଗତ ୧୬ତାରିଖରୁ ଆରମ୍ଭ ହୋଇଛି ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ କାର୍ଯ୍ୟକ୍ରମ। ଆଶା, ଅଙ୍ଗନୱାଡି ଏବଂ ଏଏନ୍ଏମ ଦିଦିମାନେ ଘରକୁ ଘର ବୁଲି କରୁଛନ୍ତି ଏହି ସର୍ବେକ୍ଷଣ। କୋଭିଡ୍-୧୯ ସର୍ବେକ୍ଷଣ ସହିତ ଡାଇରିଆ, ଡେଙ୍ଗୁ, ମ୍ୟାଲେରିଆ ଏବଂ ଯକ୍ଷ୍ମା ରୋଗ ସମ୍ପର୍କରେ ସଚେତନ କରିବା ସହ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝୁଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ଜୁଲାଇ ୩୧ ପର୍ଯ୍ୟନ୍ତ ଜାରି ରହିବ ବୋଲି ଶନିବାର ସିଡିଏମ୍ଓ ବିଶ୍ୱରଞ୍ଜନ ପତି କହିଛନ୍ତି। ଜିଲାର ୧୦ଟି ବ୍ଲକ ଅଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ ଲାଗି ୧୬୨୩ ଟିମ୍ ଗଠନ କରାଯାଇଛି। କୋଭିଡ୍-୧୯ ସମ୍ପର୍କରେ ସଚେତନ କରିବା ସହ ପରିବାର ସଦସ୍ୟଙ୍କ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ରିପୋର୍ଟ ସଂଗ୍ରହ କରାଯିବ। କୌଣସି ବ୍ୟକ୍ତିଙ୍କୁ ଥଣ୍ଡା,କାଶ, ଜ୍ୱର ରହିଛି। କେତେ ଦିନ ଧରି ରହିଛି। ସେମାନଙ୍କ ତାଲିକା ପ୍ରସ୍ତୁତ କରି ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯିବ। ଏଥିସହିତ କୌଣସି ବ୍ୟକ୍ତିଙ୍କ ଠାରେ କୋଭିଡ-୧୯ ଲକ୍ଷଣ ଦେଖାଗଲେ, ସେମାନଙ୍କ ନାମ ପଞ୍ଜୀକରଣ କରି ଚିକିତ୍ସା ଲାଗି ପଠାଯିବ। କୋଭିଡ୍- ୧୯ ଲାଗି ଜିଲାରେ ରାପିଡ ରେସପନ୍ସ ଟିମ୍ ଲୋକଙ୍କୁ ସଚେତନ କରୁଛି। ଆଶା ଦିଦିମାନଙ୍କ ପକ୍ଷରୁ ଆସୁଥିବା ରିପୋର୍ଟକୁ ସ୍କୃଟିନି କରାଯାଇ ନିକଟସ୍ଥ ସ୍ୱାବ୍ ସେଣ୍ଟରକୁ ପଠାଯିବ ବୋଲି ସିଡିଏମଓ ପତି କହିଛନ୍ତି।

### ୟୁନିୟନ୍ ବ୍ୟାଙ୍କରେ ଯୋଗ ଦେଲେ ନୂତନ କ୍ଷେତ୍ରୀୟ ପ୍ରବନ୍ଧକ

**ଭୁବନେଶ୍ୱର,୨୦।୬:** ୟୁନିୟନ୍ ବ୍ୟାଙ୍କ ସହ ଆନ୍ଧ୍ର ବ୍ୟାଙ୍କ ଓ କର୍ପୋରେଶନ୍ ବ୍ୟାଙ୍କର ମିଶ୍ରଣ ପରେ ବ୍ୟାଙ୍କ ପକ୍ଷରୁ ଓଡ଼ିଶାରେ ନୂତନ ଭାବେ କଟକ କ୍ଷେତ୍ରର ଗଠିତ ହୋଇଛି। ଏହି କ୍ଷେତ୍ରର ନୂତନ କ୍ଷେତ୍ରୀୟ ପ୍ରବନ୍ଧକ ଭାବେ ଭୁବନେଶ୍ୱର ନାୟକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଆନ୍ଧ୍ର ବ୍ୟାଙ୍କର ବ୍ରହ୍ମପୁର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଭାବରେ କାର୍ଯ୍ୟ କରୁଥିଲେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

**ପିପିଲି,୨୦।୬(ଡି.ଏନ୍.ଏ):** ପିପିଲି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଉଦ୍ୟମ କରାଯାଇଥିବା ଶନିବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଦଫା ୧୫୨, ୩୪୨, ୩୨୩, ୨୯୪, ୩୦୭, ୩୫୪(ଏ), ୩୫୪(ବି), ୩୭୬, ୫୧୧,ଏସି ଏସ୍ଟି ଏବଂ ପୋକ୍ସୋ ଆକ୍ଟରେ ନଂ. ୧୬୪/୨୦ରେ ମାମଲା ରୁଜୁ ତଦନ୍ତ ଚଳାଇଛି। ଅନ୍ୟପଟେ ପୀଡ଼ିତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପୁରୀ ମେଡିକାଲ ପଠାଯାଇଥିବା ଥାନାଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି।

# ଶ୍ରୀନଅରକୁ ବିଜେ ହେଲା ଖଡ଼ି ପ୍ରସାଦ

**ପୁରୀ ଅଫିସ,୨୦।୬**

ଦଉମହାପାତ୍ର ସେବକମାନେ ଶନିବାର ସକାଳେ ନିଜ ଘରୁ ଶ୍ରୀମନ୍ଦିରକୁ ଖଡ଼ି ପ୍ରସାଦ ବିଜେ କରାଇଥିଲେ। ପତି ମହାପାତ୍ର ସଂସ୍କାର କରିବା ପରେ ମହାପ୍ରଭୁଙ୍କୁ ଏହା ଲାଗି ହୋଇଥିଲା। ଏହାପରେ ଦଉମହାପାତ୍ର ସେବକ ଏବଂ ଦଇତାପତି ସେବକ ଶ୍ରୀନଅରକୁ ଖଡ଼ି ପ୍ରସାଦ ବିଜେ କରାଇଥିଲେ। ରୁପା ଥାଳିରେ ମହାପ୍ରଭୁଙ୍କ ଲାଗି ଫୁଲ, ତୁଳସୀ ଏବଂ ୩ ରୁପା ପିଙ୍ଗଣରେ ଖଡ଼ି ପ୍ରସାଦ ବିଜେ କରାଯାଇଥିଲା। ଏହାକୁ ଗଜପତିଙ୍କ ଗାଦିରେ ରଖାଯାଇଥିଲା। ଶ୍ରୀନଅରରେ ଖଡ଼ି ପ୍ରସାଦ ବିଜେ ନୀତି ସମ୍ପନ୍ନ ପରେ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁଙ୍କ ହସ୍ତରୁ ଶାଢ଼ି ନେଇ ପାଟ୍ଟଶାଣୀ ସେବକ ତଲୁଛ, ଦେଉଳକରଣ, ବେହେରା ଖୁଣ୍ଟିଆ, ପତିମହାପାତ୍ର ଓ ତିନିବାଡ଼ର ଦଇତାପତିଙ୍କୁ ବାନ୍ଧିଥିଲେ। ସେହିପରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକ ଲାଗି ନୀତି ବଢ଼ିଥିଲା। ଏହି ବନକ ଲାଗି ନୀତିରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରାଯାଇଥିଲା। ଦଉମହାପାତ୍ର ସେବକ ମହାପ୍ରଭୁଙ୍କ ବନକଲାଗି କରିଥିଲେ। ଏ ସମ୍ପର୍କରେ ଦଉମହାପାତ୍ର ସେବକ ମଦନମୋହନ ଦଉମହାପାତ୍ର କହିଛନ୍ତି, ପରମ୍ପରା ଅନୁସାରେ ଅଣସର ପିଣ୍ଡିରେ ତିନିଦିନ ଧରି ବନକଲାଗି ହୁଏ। ଏଥିରେ ସ୍ୱତନ୍ତ୍ର ଭାବେ କସ୍ତୁରୀ ଲାଗି ହୋଇଥାଏ। କସ୍ତୁରୀ ଦେବତାମାନଙ୍କ ଅତି ପ୍ରିୟ। ଏହାର ବହୁତ ଔଷଧୀୟ ଗୁଣ ରହିଛି। ଏତଦ୍‌ଭିନ୍ନ କସ୍ତୁରୀରେ ଯେଉଁ ଉପାଦାନ ରହିଛି ତାହା ଶ୍ରୀଅଙ୍ଗକୁ ସୁରକ୍ଷା ଦେଇଥାଏ।

### ମହାପ୍ରଭୁଙ୍କର ହେଲା ବନକଲାଗି



### ବନକଲାଗି ସେବା କ'ଣ?

ମହାପ୍ରଭୁଙ୍କର ଏକ ଅନନ୍ୟ ସେବା ହେଉଛି ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର। ଏହି ନୀତି ସଂକ୍ରାନ୍ତରେ ବରିଷ୍ଠ ମଦନମୋହନ ଦଉମହାପାତ୍ର କୁହନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ସେବାପୂଜା ପରମ୍ପରା ମଧ୍ୟରେ ବନକଲାଗି ସେବା ଅନ୍ୟତମ। ପରମ୍ପରା କ୍ରମେ ଦଉମହାପାତ୍ରମାନେ ଏହି ସେବା ଆବହମାନ କାଳରୁ କରିଆସୁଛନ୍ତି। ମାଦଳା ପାଞ୍ଜିରୁ ଜଣାଯାଏ, ଚାଳୁକ୍ୟ ବଂଶର ରାଜା ମୁକୁନ୍ଦଦେବ ୧୫୬୮ ଖ୍ରୀଷ୍ଟାବ୍ଦ ପୂର୍ବରୁ ମୁଖସିଂହାର ସେବକଙ୍କୁ ନିଯୁକ୍ତି ଦେଇଥିଲେ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁସାରେ ଏହି ମୁଖସିଂହାର ସେବକ ଦଉମହାପାତ୍ରମାନେ ମହାପ୍ରଭୁଙ୍କ ଅଧରପୋଛା ଏବଂ ବନକଲାଗି ନୀତି କରିଥାନ୍ତି। ଏମାନେ ଭଣ୍ଡାରଘରୁ ହେଙ୍ଗୁଳ, କଳା, ହରିତାଳ, ଶଙ୍ଖ, କର୍ପୂର, କେଶର ଓ କସ୍ତୁରୀ ପ୍ରଭୃତି ବନକ ଦ୍ରବ୍ୟମାନ ନେଇ ତାହାକୁ ବନକ ଘର ମଧ୍ୟରେ ବାଟି ପ୍ରତ୍ୟେକ ଗୁରୁବାର ଶ୍ରୀମୁଖମଣ୍ଡଳକୁ ସତେଜ ଏବଂ ନିର୍ମଳ ରଖିବା ପାଇଁ ଯେଉଁ ସେବା କରନ୍ତି ତାହା ହେଉଛି ଅଧରପୋଛା ନୀତି। ଏହି ନୀତିରେ ୩ଟି ପିଙ୍ଗଣ(ରୁପାର ପାତ୍ର)ର କର୍ପୂର ମିଶ୍ରିତ ଜଳରେ ଦାରୁବିଗ୍ରହମାନଙ୍କ ଶ୍ରୀମୁଖମଣ୍ଡଳକୁ ଖୁବ୍ ସାବଧାନ ଏବଂ ଯତ୍ନର ସହିତ ପୋଛାଯାଇଥାଏ। ଏହାଦ୍ୱାରା ଶ୍ରୀମୁଖମଣ୍ଡଳରେ ଲାଗିରହିଥିବା ଫୁଲ ଓ ତୁଳସୀର ଦାଗ, ଚନ୍ଦନ ଛିଟା ଦାଗ, ଦୀପରୁ ବାହାରୁଥିବା କଳା, ଭୋଗ ବାମ୍ଫ ସହିତ ମିଶି ଯାହାସବୁ ପଡ଼ିଥାଏ ତାହା ପରିଷ୍କାର ହୋଇଯାଏ। ଏତଦ୍‌ବ୍ୟତୀତ ଦଉମହାପାତ୍ର ସେବକମାନେ ଅଣବସର ବା ମହାଅଣସର ପାଳିଥାନ୍ତି। ଅଣସର ତାଟି ମଧ୍ୟରେ ଗୁପ୍ତ ସେବା ମଧ୍ୟ କରିଥାନ୍ତି। ଦଉମହାପାତ୍ରଙ୍କ ଘରୁ ଅଣବସର ତ୍ରୟୋଦଶୀ ଦିନ ଖଡ଼ି ପ୍ରସାଦ ଶ୍ରୀମନ୍ଦିରକୁ ବିଜେ ହୋଇଥାଏ। ପୁନଶ୍ଚ ଏହି ଖଡ଼ି ପ୍ରସାଦ ଶ୍ରୀବିଗ୍ରହମାନଙ୍କୁ ଲାଗି ହେବା ପରେ ଶ୍ରୀନଅରକୁ ପଟୁଆରରେ ବିଜେ କରାଯାଇଥାଏ ବୋଲି ମଦନମୋହନ ଦଉମହାପାତ୍ର କହିଛନ୍ତି।

# ରଥରେ କପଡ଼ା ପଡ଼ିଲା

**ପୁରୀ ଅଫିସ,୨୦।୬**

ଏଥର ରଥଯାତ୍ରା ବନ୍ଦ ରହିବ ବୋଲି ସୁପ୍ରିମ୍‌କୋର୍ଟ ରାୟ ଶୁଣାଇଛନ୍ତି। ହେଲେ ଏହି ରାୟ ପରେ ବିଭିନ୍ନ ମହଲରେ କ୍ଷୋଭ ସୃଷ୍ଟି ହୋଇଛି। ରାୟର ପୁନର୍ବିଚାର ପାଇଁ ସର୍ବୋଚ୍ଚ ନ୍ୟାୟାଳୟରେ ଏକାଧିକ ପିଟିଶନ ଦାଖଲ ହୋଇଛି। ତେଣୁ ରଥଯାତ୍ରାକୁ ନେଇ ପୁଣି ଆଶା ଉଜ୍ଜୀବିତ ହୋଇଛି। ଅନ୍ୟପକ୍ଷରେ ରଥଖଳାରେ ତିନିରଥକୁ ଶେଷ ସ୍ପର୍ଶ ଦିଆଯାଉଛି। ଶନିବାର ତିନିରଥରେ କପଡ଼ା ପକା ଆରମ୍ଭ ହୋଇଛି। ଦୁଆରବେଢ଼ା, ଅଁଳାଶ୍ରୀ ଓ ଚନ୍ଦ୍ରଶାଳୀରେ କପଡ଼ା ପକାଯାଇଛି। ସମ୍ପୂର୍ଣ୍ଣ ଭାବେ କପଡ଼ା ଆଚ୍ଛାଦିତ ହୋଇଯିବା ପରେ କପଡ଼ା ଉପରେ ପିତ୍ତଳ ନିର୍ମିତ ମାଛ, ଯୋଡ଼ିହଂସ, ମଗରମୁଣ୍ଡ, ସଖୀ, କଦଳୀ ଗଛ ଓ ରାହୁମୁଣ୍ଡ ଲାଗିବ। ତିନିରଥରେ ମାଛ ଓ କଦଳୀଗଛ ୨୪ଟି ଲେଖାଏ ଲାଗୁଥିବାବେଳେ ଅନ୍ୟସବୁ ସାମଗ୍ରୀ ୧୨ଟି ଲେଖାଏ ଲଗାଯିବ ବୋଲି ଜଣାପଡ଼ିଛି।

# ରଥର ଶୋଭା ବଢ଼ାଏ ଯୋଡ଼ିହଂସ, ମଗରମୁଣ୍ଡ



**ପୁରୀ ଅଫିସ,୨୦।୬:**

ପୁରୀ ସିଦ୍ଧମହାବୀର ଅଞ୍ଚଳ ଯାଗେଶ୍ୱରୀ ଲେନ୍‌ର ସାଗର ସାହୁଙ୍କ ପରିବାର। ରଥଯାତ୍ରା ଆସିଲେ ଏହି ପରିବାରକୁ ଖୋଜାପଡ଼େ। ବର୍ଷକୁ ମାତ୍ର ୧୫ ଦିନ ଦାରୁବିଗ୍ରହଙ୍କ ସେବାରେ ଏମାନେ ନିଜକୁ ସମର୍ପି ଦିଅନ୍ତି। ତିନିରଥର ଶୋଭାବର୍ଦ୍ଧନ କରୁଥିବା ପିତ୍ତଳ ସାମଗ୍ରୀକୁ ମାଜି ଚକ୍ ଚକ୍ କରନ୍ତି। ବଡ଼ଦାଣ୍ଡରେ ରଥ ଗଡୁଥିବାବେଳେ ଶ୍ରଦ୍ଧାଳୁଙ୍କ ନଜର ପଡ଼େ ରଥ କନା ଉପରେ ଲାଗିଥିବା ମାଛ, ଯୋଡ଼ିହଂସ, ମଗରମୁଣ୍ଡ, ସଖୀ, କଦଳୀ ଗଛ ଓ ରାହୁମୁଣ୍ଡ ଉପରେ। ଦୀର୍ଘବର୍ଷ ହେଲା ଏହି ସେବା କରିଆସୁଛନ୍ତି ସାଗରଙ୍କ ପରିବାର। ପୂର୍ବରୁ ତାଙ୍କ ବାପା ଏହି କାର୍ଯ୍ୟ କରୁଥିଲେ। ବାପାଙ୍କ ପରେ ଏହି କାମ ନିଜ କାନ୍ଧରେ ସାଗର ସମ୍ଭାଳିଛନ୍ତି । ଏ ସମ୍ପର୍କରେ ସାଗର କୁହନ୍ତି, ବୃତ୍ତିରେ ଆମେ କଂସାରୀ। ରଥରେ ଲାଗୁଥିବା ପିତ୍ତଳ ସାମଗ୍ରୀକୁ ପ୍ରତିବର୍ଷ ସଫା ଓ ଆବଶ୍ୟକ ମରାମତି କରିବା ପାଇଁ ଆମକୁ ସୁଯୋଗ ମିଳିଛି। ରଥକନା ଉପରେ ପିତ୍ତଳର ମାଛ, ମଗରମୁଣ୍ଡ, ସଖୀ, ଯୋଡ଼ିହଂସ, ରାହୁମୁଣ୍ଡ ଓ କଦଳୀ ଗଛ ଲାଗିଥାଏ। ତିନିରଥରେ ମାଛ ଓ କଦଳୀଗଛ ୨୪ଟି ଲେଖାଏ ଲାଗୁଥିବା ବେଳେ ଅନ୍ୟସବୁ ସାମଗ୍ରୀ ୧୨ଟି ଲେଖାଏ ଏହିପରି ମୋଟ ୯୬ଟି ଲାଗିଥାଏ। ସ୍ନାନଯାତ୍ରା ପରଦିନ ଶ୍ରୀମନ୍ଦିର ପ୍ରଶାସନ ଏହି ସାମଗ୍ରୀ ଦେଇଥାନ୍ତି। ଏସବୁକୁ ମେଶିନ ଏବଂ ହାତରେ ସଫା କରାଯାଏ। ମରାମତି ଆବଶ୍ୟକ ହେଲେ ତାହା ମଧ୍ୟ କରିଥାଉ। ନେତ୍ରୋତ୍ସବ ଦିନ ଏସବୁକୁ ଶ୍ରୀମନ୍ଦିର ପ୍ରଶାସନ ଜିମା ଦିଆଯାଏ। ତେଣୁ ଶନିବାର ସାଗର ଏହି ସାମଗ୍ରୀ ସବୁ ମନ୍ଦିର ପ୍ରଶାସନକୁ ପ୍ରଦାନ କରିଛନ୍ତି ।

## ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲା ଦଇତାପତି ନିଯୋଗ

**ପୁରୀ ଅଫିସ,୨୦।୬:** ମହାପ୍ରଭୁଙ୍କ ହଜାର ହଜାର ବର୍ଷର ପରମ୍ପରା କିପରି ରକ୍ଷା ହେବ। ଶ୍ରୀମନ୍ଦିର ଇତିହାସରେ ଯାହା ଘଟିନାହିଁ ସେହି ଅଲୋଡ଼ା ଇତିହାସ କାହିଁକି ସୃଷ୍ଟି ହେବ ? କ'ଣ ପାଇଁ ବଡ଼ଦାଣ୍ଡରେ ଗଡ଼ିବନି ମହାପ୍ରଭୁଙ୍କ ରଥ ? ଏମିତି ଅନେକ ପ୍ରସଙ୍ଗ ନେଇ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ୍ କରିଛି ଦଇତାପତି ନିଯୋଗ। କିପରି ମହାପ୍ରଭୁଙ୍କ ରଥଯାତ୍ରା ସମ୍ପନ୍ନ ହୋଇପାରିବ ତାହାର ସମାଧାନର ବାଟ ବାହାର କରିବାକୁ ନିଯୋଗ ସଭାପତି ରବୀନ୍ଦ୍ର ଦାସମହାପାତ୍ରଙ୍କ ସମେତ ୫ଜଣିଆ ପ୍ରତିନିଧି ଦଳ ଶନିବାର ପୂର୍ବାହ୍ନରେ ଗୋବର୍ଦ୍ଧନ ମଠକୁ ଯାଇ ଶଙ୍କରାଚାର୍ଯ୍ୟଙ୍କୁ ଭେଟିଛନ୍ତି। ପ୍ରାୟ ୧ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିଲା ରୁଦ୍ଧଦ୍ୱାର ଆଲୋଚନା। ସେ ଚାହିଁଲେ ସବୁକିଛି ସମ୍ଭବ ହୋଇପାରିବ ବୋଲି ଦଇତାପତିମାନେ ଗୁରୁଜୀଙ୍କୁ ଅନୁରୋଧ କରିଥିଲେ। ମନ୍ଦିର ଭିତରେ ଯଦି କିଛି ବି କରାଯିବାକୁ ଚିନ୍ତା କରାଯାଏ ତାହା ସମ୍ଭବ ନୁହେଁ ଏବଂ ସେଥିରେ ସେମାନଙ୍କ ସହଯୋଗ ରହିବ ନାହିଁ ବୋଲି ନିଯୋଗ ପକ୍ଷରୁ ଶଙ୍କରାଚାର୍ଯ୍ୟଙ୍କୁ ଅବଗତ କରାଯାଇଥିବା ମଧ୍ୟ ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ ନିଯୋଗ ଏ ନେଇ କିଛି ସ୍ପଷ୍ଟ କରିନାହିଁ। ମହାପ୍ରଭୁଙ୍କ ସୁସ୍ଥ ହେବା ଖବର ଜଗଦ୍‌ଗୁରୁଙ୍କୁ ଜଣାଇବା ଲାଗି ସେମାନେ ଆସିଥିବା ଗଣମାଧ୍ୟମକୁ କହିଥିଲେ।

## ନବଯୌବନ ରୂପରେ ମହାପ୍ରଭୁ, ଦେଖିବାକୁ ଭକ୍ତ ନାହିଁ

**ପୁରୀ ଅଫିସ,୨୦।୬:** ୧୫ଦିନ ଅଣସର ବିଧି ପରେ ଶନିବାର ନବଯୌବନ ରୂପରେ ଦର୍ଶନ ଦେଇଛନ୍ତି ଚତୁର୍ଦ୍ଧାବିଗ୍ରହ। ହେଲେ ମହାପ୍ରଭୁଙ୍କ ଏହି ଦିବ୍ୟ ରୂପକୁ କିନ୍ତୁ ଶ୍ରଦ୍ଧାଳୁମାନେ ଦର୍ଶନ କରିପାରି ନାହାନ୍ତି । କରୋନା କଟକଣା ପାଇଁ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ତେଣୁ ଠାକୁରଙ୍କର ଅଣସର ପରେ ଦୁର୍ଲ୍ଲଭ ଦର୍ଶନରୁ ବଞ୍ଚିତ ହୋଇଛନ୍ତି ଭକ୍ତ। ଖାଁ ଖାଁ ମନ୍ଦିର ପରିସରରେ କେବଳ ଯାହା ଠାକୁରଙ୍କ ନୀତି କରାଯାଉଛି। ଶୁକ୍ରବାର ଘଣାଲାଗି ନୀତି ସମ୍ପନ୍ନ ହୋଇଥିଲା। ଶନିବାର ବନକଲାଗି ନୀତିବଢ଼ିବା ପରେ ନେତ୍ରୋତ୍ସବ ନୀତି ଆରମ୍ଭ ହୋଇଥିଲା। ଅପରାହ୍ନରେ ଚକା ଅପସାର କରାଯାଇଥିଲା। ଏହାପରେ ପଟିଦିଅଁଙ୍କ ନିକଟରେ ମଙ୍ଗଳ ଆଳତି ହୋଇ ଅବକାଶ ନୀତି ବଢିବା ପରେ ପଟିଦିଅଁ ମଣ୍ଡଳୀ ଘରକୁ ବିଜେ ହୋଇଥିଲେ। ଅନ୍ୟ ଠାକୁରମାନେ ଦକ୍ଷିଣୀଘରକୁ ବିଜେ କରିଥିଲେ। ଏହାପରେ ଫିଟିଥିଲା ଅଣସର ତାଟି। ହେଲେ ମହାପ୍ରଭୁଙ୍କ ଏହି ନବଯୌବନ ରୂପକୁ ଦେଖିବା ଲାଗି ମନ୍ଦିରରେ ନ ଥିଲେ ଶ୍ରଦ୍ଧାଳୁ। ମହାମାରୀ କରୋନା ଭକ୍ତ-ଭଗବାନଙ୍କ ମଧ୍ୟରେ ପାଚେରି ସାଜିଥିବାରୁ କେଉଁଥିରେ ଉତ୍ସାହ ନ ଥିଲା। ମନ୍ଦିରରେ କେବଳ ସେବକମାନେ ହିଁ ମହାପ୍ରଭୁଙ୍କ ଯାହା ନୀତିକାନ୍ତି କରିଥିଲେ। ହେଲେ ଠାକୁରଙ୍କ ଏହି ଦୁର୍ଲ୍ଲଭ ଦର୍ଶନ କରିପାରି ନ ଥିଲେ ଦର୍ଶନାର୍ଥୀ। ତିନିମାସ ଧରି ଭକ୍ତ ମନ୍ଦିରକୁ ପ୍ରବେଶ କରିପାରୁ ନ ଥିବାବେଳେ କେବେ ମହାପ୍ରଭୁଙ୍କ ଦ୍ୱାର ଫିଟିବ ତାହାକୁ ଚାହିଁ ରହିଛନ୍ତି ଭକ୍ତ ସମାଜ।

## ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଜୟନ୍ତ

**ପୁରୀ ଅଫିସ,୨୦।୬**

### ରଥଯାତ୍ରା ପ୍ରସଙ୍ଗ

ବିନା ଭକ୍ତରେ କିପରି ମହାପ୍ରଭୁଙ୍କ ରଥଯାତ୍ରା ହୋଇପାରିବ ସେ ନେଇ ତ୍ୱରିତ ପଦକ୍ଷେପ ନେବାକୁ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ। ଶନିବାର ପଠାଇଥିବା ଚିଠିରେ ଜୟନ୍ତ ଲେଖିଛନ୍ତି, ସୁପ୍ରିମ୍‌କୋର୍ଟଙ୍କ ରାୟ ମହାପ୍ରଭୁଙ୍କ ଅଗଣିତ ଭକ୍ତଙ୍କୁ ନିରାଶ କରିଦେଇଛି। ଏହାକୁ ନେଇ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁ ପ୍ରତିବାଦ କରୁଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ଛତିଶା ନିଯୋଗ ବୈଠକ ବସି ପୂର୍ବ ରାୟର ସାମାନ୍ୟ ପରିବର୍ତ୍ତନ ପାଇଁ ସୁପ୍ରିମକୋର୍ଟରେ ପିଟିଶନ ଦାଖଲ କରିବା ଲାଗି ରାଜ୍ୟ ସରକାରଙ୍କୁ ଅନୁରୋଧ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ସ୍ଥାନୀୟ ଜନପ୍ରତିନିଧି ଭାବେ ସେ ବିନା ଭକ୍ତରେ ଅଳ୍ପ ସଂଖ୍ୟକ ସେବାୟତ ଏବଂ ପୋଲିସଙ୍କ ମାଧ୍ୟମରେ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରିବେ ବୋଲି ଜୟନ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ସେହିପରି ପୁରୀକୁ ଶଟ୍‌ଡାଉନ କରି ରଥଯାତ୍ରା କରାଯାଇପାରିବ ବୋଲି ସୁପ୍ରିମ୍‌କୋର୍ଟଙ୍କୁ ସୁନିଶ୍ଚିତ କରାଗଲେ ନିଶ୍ଚିତ ରାୟର ପୁନର୍ବିଚାର ହୋଇପାରିବ ବୋଲି ଜୟନ୍ତ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କୁ ଅନୁରୋଧ କରି ଚିଠି ଲେଖିଛନ୍ତି। ଏଥିସହିତ ଜୟନ୍ତ କହିଛନ୍ତି ଯେ, ରଥଯାତ୍ରା ହେଉ, ପରମ୍ପରା ରହୁ । ରଥଯାତ୍ରା ବନ୍ଦ ହେଲେ ଆମେ ନିଜକୁ କ୍ଷମା କରିପାରିବା ନାହିଁ ।

## ରଥଯାତ୍ରା କରିବାକୁ ସ୍ୱର ଉଠାଇଲା ବିଶ୍ୱ ହିନ୍ଦୁ ମହାସଂଘ

**ପୁରୀ ଅଫିସ,୨୦।୬**

ରଥଯାତ୍ରାକୁ ନେଇ ଏବେ ସବୁଠି ଚର୍ଚ୍ଚା। ମହାମାରୀ କରୋନା ପାଇଁ ସୁପ୍ରିମ୍‌କୋର୍ଟ ଏବର୍ଷ ରଥଯାତ୍ରା ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ରାୟ ପରେ ବିଭିନ୍ନ ମହଲରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବଡ଼ଦାଣ୍ଡରେ କାଳିଆ ସାଆନ୍ତଙ୍କ ରଥ ଗଡ଼ିବନି, ଏଭଳି ନିଷ୍ପତ୍ତିକୁ ସେବାୟତ ଏବଂ ଭକ୍ତ କେହି ଗ୍ରହଣ କରିପାରୁ ନାହାନ୍ତି। ସେହିପରି ଅନ୍ତର୍ଜାତୀୟ ସଙ୍ଗଠନ ବିଶ୍ୱ ହିନ୍ଦୁ ମହାସଂଘ, ବାଂଲାଦେଶ ଚାପ୍ଟର ମଧ୍ୟ ମହାପ୍ରଭୁଙ୍କ ରଥଯାତ୍ରା ଆୟୋଜନ କରାଯାଉ ବୋଲି ସ୍ୱର ଉଠାଇଛି। ମହାସଂଘର ସାଧାରଣ ସମ୍ପାଦକ ଦୀପନ ମିତ୍ର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ କହିଛନ୍ତି, କେଉଁ ଆବହମାନ କାଳରୁ ପ୍ରତିବର୍ଷ ପୁରୀରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ବାଂଲାଦେଶର ମାଣିକଗଞ୍ଜ ଜିଲା ଧାମରାଇରେ ମଧ ପ୍ରତିବର୍ଷ ରଥଯାତ୍ରା ପାଳନ କରାଯାଉଛି। ମାତ୍ର ମୂଳ ପୀଠ ପୁରୀରେ ରଥଯାତ୍ରାର ବେଶ୍ ଗୁରୁତ୍ୱ ବହନ କରୁଛି। ବିଶ୍ୱବ୍ୟାପୀ ହିନ୍ଦୁମାନେ ପ୍ରତିବର୍ଷ ପୁରୀ ରଥଯାତ୍ରାକୁ ଅପେକ୍ଷା କରିଥାନ୍ତି। କିନ୍ତୁ ଏବର୍ଷ ରଥଯାତ୍ରା ବନ୍ଦ ନେଇ ସୁପ୍ରିମକୋର୍ଟଙ୍କ ରାୟ ବାଂଲାଦେଶ ସମେତ ବିଶ୍ୱବ୍ୟାପୀ ବିଭିନ୍ନ ସ୍ଥାନରେ ଥିବା ହିନ୍ଦୁଙ୍କ ଭାବାବେଗକୁ ଶକ୍ତ ଆଘାତ ଦେଇଛି। ତେଣୁ ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଭାରତ ସରକାର ଏହାର ପୁନର୍ବିଚାର କରି ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ। ସାମାଜିକ ଦୂରତା ରକ୍ଷା କରାଯାଇ ପୁରୀରେ ରଥଯାତ୍ରା ଲାଗି ଅନୁମତି ଦିଅନ୍ତୁ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

## ସିଂହଦ୍ୱାର ସମ୍ମୁଖରେ ନୀରବ ପ୍ରତିବାଦ



**ପୁରୀ ଅଫିସ,୨୦।୬:** ଏବର୍ଷ ବଡ଼ଦାଣ୍ଡରେ ଗଡ଼ିପାରିବନି ରଥ। ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଏହି ରାୟ ଦେବାପରେ ଭକ୍ତ ଏବଂ ସେବାୟତଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ମନରେ ନିରାଶ ଖେଳିଯାଇଛି। ତେଣୁ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ରାୟର ପୁନର୍ବିଚାର କରିବା ଦାବିରେ ଶନିବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ନୀରବ ପ୍ରତିବାଦ କରାଯାଇଛି। ସେବାୟତମାନେ ମୁହଁରେ ମାସ୍କ ବାନ୍ଧି ସାମାଜିକ ଦୂରତା ରକ୍ଷା କରି ସିଂହଦ୍ୱାର ସମ୍ମୁଖରେ ଏହି ପ୍ରତିବାଦ କରିଥିଲେ। ରଥଯାତ୍ରା ଆୟୋଜନ କରିବାକୁ ନେଇ ବିଭିନ୍ନ ଲେଖାଥିବା ପ୍ଲାକାର୍ଡ ଧରି ସେବାୟତମାନେ ଏହି ପ୍ରତିବାଦ ଜଣାଇଥିଲେ।

# ଜୀବନ ପାଇଁ ସଞ୍ଜୀବନୀ ହେଉଛି ଯୋଗ

ମଣିଷର ପ୍ରତିଟି କ୍ରିୟା ଏକ ପ୍ରକାର ଯୋଗ। ବିଭିନ୍ନ କାର୍ଯ୍ୟକଳାପ ହେଉଛି ଭିନ୍ନଭିନ୍ନ ଆସନ। ମଣିଷର ଶୋଇବା ହେଉଛି ଶବାସନ। ସେହିପରି ଚେୟାର ବସିବା ଉତ୍କଟାସନ ଓ ସାଇକେଲ ଚଳାଇବା ଅଶ୍ୱ ସଞ୍ଚାଳନ ଆସନ ପ୍ରକାରର। ନୀରୋଗ ଜୀବନଯାପନ କରିବାର ମାଧ୍ୟମ ହେଉଛି ଯୋଗ। ଯୋଗ ଦ୍ୱାରା କେବଳ ଶାରୀରିକ ନୁହେଁ, ମାନସିକ ଭାବେ ମଧ୍ୟ ଲୋକେ ନୀରୋଗ ହେଉଛନ୍ତି। ଏହା ଜୀବନ ପାଇଁ ସଞ୍ଜୀବନୀ ଭଳି। ଏବେ କରୋନାକୁ ନେଇ ସମଗ୍ର ବିଶ୍ୱବାସୀ ଚିନ୍ତିତ। ଯୋଗ ଦ୍ୱାରା କରୋନା ଭଳି ମାରାତ୍ମକ ଭୂତାଣୁ ସହ ମୁକାବିଲା ଓ ମାନସିକ ଅବସାଦରୁ ମୁକ୍ତି ସହଜସାଧ ବୋଲି ଯୋଗ ପ୍ରଶିକ୍ଷକମାନେ କହିଛନ୍ତି।

**କଟକ ଅଫିସ,୨୦।୬**

ଜୁନ୍ ୨୧, ରବିବାର ହେଉଛି ଅନ୍ତର୍ଜାତୀୟ ଯୋଗ ଦିବସ। କଟକ ସହରରେ ଏବେ ଯୋଗର ଚାହିଦା ବେଶ୍ ଅଧିକ। ବିଗତ ବର୍ଷ ତୁଳନାରେ ଏବେ ଅଧିକମାତ୍ରାରେ ଲୋକ ଯୋଗ ସହ ଜଡ଼ିତ ହେଉଥିବା ବାରବାଟୀ ଯୋଗ ଆସୋସିଏଶନ କହିଛି। ୧୯୯୮ ଅଗଷ୍ଟ ୮ରେ କଟକରେ ଆରମ୍ଭ ହୋଇଥିଲା ଏହି ଆସୋସିଏଶନ। ସତ୍ୟବ୍ରତ ଷ୍ଟାଡିୟମରେ ପ୍ରାତଃ ଭ୍ରମଣ କରୁଥିବା କେତେଜଣ ବରିଷ୍ଠ ବ୍ୟକ୍ତିଙ୍କ ଏହା ପରିକଳ୍ପନା ଥିଲା। ଗୌର ମୋହନ କର, ବଟକୃଷ୍ଣ ତ୍ରିପାଠୀ, ରାମଚନ୍ଦ୍ର ସାହୁ, ରଘୁନାଥ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ କେତେଜଣ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ଗଢ଼ା ହୋଇଥିଲା ଏହି ଆସୋସିଏଶନ। ପ୍ରଥମେ ବରିଷ୍ଠ ବ୍ୟକ୍ତିବିଶେଷ ସକାଳେ ଏଠାରେ ଯୋଗାଭ୍ୟାସ କରୁଥିଲେ। ୨୦୧୩ରେ ଯୋଗ ପ୍ରଶିକ୍ଷଣ ଦେବାକୁ ଯୋଜନା ହୋଇଥିଲା। ପ୍ରଥମ କିଛି ମାସ ମାତ୍ର ଜଣେ ପିଲାକୁ ନେଇ ଆରମ୍ଭ ହୋଇଥିଲା ପ୍ରଶିକ୍ଷଣ ଶିବିର। ଏବେ ଏଠାରେ ୪୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ। ଆର୍ଟିଷ୍ଟିକ ଓ ରିଦ୍ଦିମିକ ଯୋଗ ଡ୍ୟାନ୍ସ ଦ୍ୱାରା ଅଧିକରୁ ଅଧିକ ବାଳିକା, ବାଳକ ଏବେ ଯୋଗ ଶିଖିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ଆସୋସିଏଶନ କହିଛି। ଏଠାକାର ପ୍ରଶିକ୍ଷାର୍ଥୀ ଜାତୀୟ, ଅନ୍ତର୍ଜାତୀୟ ସ୍ତରର ଯୋଗ ପ୍ରତିଯୋଗିତାରେ ପୁରସ୍କୃତ ହେଲେଣି।



### ଆଜି ଅନ୍ତର୍ଜାତୀୟ ଯୋଗ ଦିବସ

## କରୋନା ବେଳେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବ

କରୋନାରୁ ରକ୍ଷା ପାଇବାକୁ ହେଲେ ମଣିଷ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ ଜରୁରୀ। କିଛି ନିର୍ଦ୍ଦିଷ୍ଟ ଯୋଗ ଦ୍ୱାରା ମଣିଷ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଏହା ମଧ୍ୟରୁ ଏକ ପ୍ରମୁଖ ହେଉଛି ସୂର୍ଯ୍ୟ ନମସ୍କାର। ଯୋଗ ପ୍ରଶିକ୍ଷକଙ୍କ ଅନ୍ୟ ଏକ ଉପାୟ ହେଲା ବୃକ୍ଷ ଆସନ। ଗୋଟିଏ ଗୋଡ଼ରେ ଛିଡ଼ାହୋଇ ଏହି ଆସନ କରାଯାଏ। ଏହାଦ୍ୱାରା ଏକାଗ୍ରତା ମଧ ବଢ଼େ। ସେହିପରି ଭସ୍ତ୍ରିକା, କପାଳଭାତି, ଅନୁଲୋମବିଲୋମ ଭଳି ପ୍ରାଣାୟମ ମଧ ମାନସିକ ଅବସାଦରୁ ମୁକ୍ତ ରଖେ।

### ସେମାନଙ୍କ ପାଇଁ ଯୋଗ...



"କେବଳ ଶାରୀରିକ ନୁହେଁ, ମାନସିକ ରୋଗୀଙ୍କ ପାଇଁ ଉପଶମର ମାଧ୍ୟମ ହେଉଛି ଯୋଗ। ଏହାର କୌଣସି ବିକଳ୍ପ ନାହିଁ। ନିୟମିତ ଯୋଗ କରୁଥିବା ଲୋକ ସମସ୍ତ ସ୍ତରରୁ ସୁସ୍ଥ ଥାଆନ୍ତି। ଏବେ କରୋନା ସମୟରେ ମଧ ଯୋଗ କରୁଥିବା ବ୍ୟକ୍ତିବିଶେଷ କମ୍ କ୍ଷତି ସହିବେ ବୋଲି ବିଶ୍ୱାସ ରହିଛି।

**– ଦେବାଶିଷ ହାଲ୍‌ଦାର, ଯୋଗ ପ୍ରଶିକ୍ଷକ**



"ପତଞ୍ଜଳି ପରିବାର ପକ୍ଷରୁ ପ୍ରତିବର୍ଷ କଟକରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ବାରବାଟୀ ଷ୍ଟାଡିୟମ ଭଳି ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳନ କରାଯାଉଛି। ଚଳିତ ବର୍ଷ କରୋନା ପାଇଁ ତାହା ବନ୍ଦ ରହିଛି। ଘରେ ଲୋକଙ୍କୁ ଏହିଦିନ ଯୋଗ କରିବାକୁ ପରାମର୍ଶ ସହ ବିଭିନ୍ନ ଆସନ ବିଷୟରେ ଶିକ୍ଷା ଦିଆଯାଉଛି।

**– ଅଚ୍ୟୁତାନନ୍ଦ ବେହେରା, ପ୍ରଶିକ୍ଷକ**



"ଦୀର୍ଘ ୫ ବର୍ଷ ହେବ ଯୋଗ କରୁଛି। ଏହାଦ୍ୱାରା ଅନେକ ଲାଭ ମିଳୁଛି। ପୂର୍ବରୁ ରହିଥିବା ରୋଗଠାରୁ ବର୍ତ୍ତମାନ ନିଜକୁ ସୁସ୍ଥ ଅନୁଭବ କରୁଛି। ନିୟମିତ ୧୦ରୁ ୧୨ଟି ଯୋଗାସନ କଲେ ସମସ୍ତେ ସୁସ୍ଥ ରହିପାରିବେ।

**– ନିର୍ମଳ ମହାକୁଡ଼, ପ୍ରଶିକ୍ଷାର୍ଥୀ**


## ମନେ ପଡ଼ନ୍ତି

ଯୋଗଯୁକ୍ତ ବିଶୁଦ୍ଧାତ୍ମା ବିଜିତାତ୍ମା ଜିତେନ୍ଦ୍ରିୟ
ସର୍ବ ଭୂତାତ୍ମ ଭୂତାତ୍ମା କୁର୍ବନ୍ନପି ନଲିପ୍ୟତେ ।



✓ ଦାମୋଦର ରଥ
ଆବିର୍ଭାବ : ୧୨.୦୫.୧୯୩୩
ତିରୋଧାନ : ୨୧.୦୬.୨୦୧୪
ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଚାହୁଁ ଚାହୁଁ ଛଅବର୍ଷ ବିତିଗଲା । ନିଜେ ଦୁଃଖ ସହି ସମସ୍ତଙ୍କୁ ଆନନ୍ଦ ଦେଇ ଆପଣ ଚିର ନମସ୍ୟ । ସବୁ ପୂର୍ଣ୍ଣତା ଭିତରେ ଏକ ବିରାଟ ଶୂନ୍ୟତା ଆମେ ଉପଲବ୍ଧି କରୁଛୁ । ଆପଣଙ୍କ ଆଦର୍ଶ ଆମର ପ୍ରେରଣା ।
ପରିବାର ବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୬୮୦୯୧

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



✓ ପ୍ରଭାତୀ ମହାନ୍ତି (କୁନି)
ଆବିର୍ଭାବ: ୨୦.୦୮.୧୯୬୫
ତିରୋଧାନ: ୧୧.୦୬.୨୦୨୦
ତୁମେ ଗତ ୧୧ ତାରିଖ ଗୁରୁବାରରେ ସଂସାରରୁ ବିଦାୟ ନେଲ । ତୁମର ଦୁଃଖଦ ବିୟୋଗରେ ଆମେ ସମସ୍ତେ ମର୍ମାହତ । ତୁମର ତ୍ୟାଗ, ଆଦର୍ଶ, କର୍ତ୍ତବ୍ୟ ପରାୟଣତା ଓ ଭଲପାଇବା ପ୍ରତି ମୁହୂର୍ତ୍ତରେ ଆମକୁ ଆନ୍ଦୋଳିତ କରୁଛି। ତୁମର ଆଶୀର୍ବାଦ, ଶୁଭଦୃଷ୍ଟି ଚିରଦିନ ଆମ୍ଭମାନଙ୍କ ଉପରେ ରହୁ । ଈଶ୍ୱରଙ୍କ ନିକଟରେ ତୁମେ ଶାନ୍ତିରେ ଥାଅ ।
-: ଶୋକ ସନ୍ତପ୍ତ :-
ସମ୍ବିତ ମହାନ୍ତି, ସୌରଜିତ ମହାନ୍ତି
ବନ୍ଧୁ ଓ ପରିବାରବର୍ଗ
ଧ-୧୭୫୨୪

## ସଂକ୍ଷେପରେ

### ଗୁଗଲ ପେ ପେମେଣ୍ଟ ସିଷ୍ଟମ ଅପରେଟର ନୁହେଁ

**ନୂଆଦିଲ୍ଲୀ,୨୦।୬:** ଗୁଗଲ ପେ ତୃତୀୟ ପକ୍ଷ ଆପ୍ ପ୍ରୋଭାଇଡର କିମ୍ବା କୌଣସି ପେମେଣ୍ଟ ସିଷ୍ଟମ ପରିଚାଳନା କରୁନାହିଁ। ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କୁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏଭଳି ଉତ୍ତର ରଖାଯାଇଛି। ଏଣୁ ଏହାର ପରିଚାଳନା କୌଣସି ଆଇନ ଉଲ୍ଲଂଘନ କରୁନାହିଁ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଉଚ୍ଚ ନ୍ୟାୟାଳୟଙ୍କୁ କହିଛି। ଏହି ମାମଲା ଉପରେ ଦିଲ୍ଲୀ ହାଇକୋର୍ଟ ଚିଫ୍ ଜଷ୍ଟିସ ଡି.ଏନ୍. ପଟେଲ ଏବଂ ଜଷ୍ଟିସ ପ୍ରତୀକ ଜଲାଲଙ୍କ ଖଣ୍ଡପୀଠ ଶୁଣାଣି କରୁଛନ୍ତି। ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) ପକ୍ଷରୁ ପ୍ରକାଶ ପାଇଥିବା ଅଧିକୃତ ପେମେଣ୍ଟ ସିଷ୍ଟମ ଅପରେଟରଙ୍କ ତାଲିକାରେ ଗୁଗଲ ପେ ନାହିଁ କାରଣ ଏହା ପେମେଣ୍ଟ ସିଷ୍ଟମ ପରିଚାଳନା କରୁନାହିଁ। ଆର୍‌ବିଆଇଠାରୁ ଆବଶ୍ୟକ ଅନୁମତି ନ ନେଇ ଗୁଗଲ ପେ ଆର୍ଥିକ ଟ୍ରାଞ୍ଜାକଶନ ସୁବିଧା ପ୍ରଦାନ କରୁଛି ବୋଲି ଅଭିଜିତ ମିଶ୍ର ଏକ ଜନସ୍ୱାର୍ଥ ମାମଲା କରିଥିଲେ। ଏହା ଉପରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ କେନ୍ଦ୍ରୀୟ ବ୍ୟାଙ୍କର ପକ୍ଷ ଲୋଡିଥିଲେ। ଗୁଗଲ ପେ ପେମେଣ୍ଟ ଏବଂ ସେଟେଲମେଣ୍ଟ ଆଇନ ଅବମାନନା କରିଥିବା ଅଭିଯୋଗ ଅଣାଯାଇଥିଲା। ମାମଲାର ଆଗାମୀ ଶୁଣାଣି ଜୁଲାଇ ୨୨ରେ ହେବ।

### ମଦ ଡେଲିଭରି ଦେବେ ଆମାଜନ, ବିଗ୍ ବାସ୍କେଟ

**କଲିକତା,୨୦।୬:** ପ୍ରମୁଖ ଇ-କମର୍ସ କମ୍ପାନୀ ଆମାଜନ ଏବଂ ବିଗ୍‌ବାସ୍କେଟ ଭାରତରେ ମଦ ଡେଲିଭରି କରିବା ଲାଗି ମଞ୍ଜୁରୀ ଲାଭ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ପଶ୍ଚିମବଙ୍ଗରେ ଏହି ସେବା ଉପଲବ୍ଧ ହେବ ବୋଲି ସୂଚନା ରହିଛି। ଏହି ସେଗ୍‌ମେଣ୍ଟରେ ପ୍ରଥମ ଥର ଲାଗି ପ୍ରବେଶ କରୁଥିବା ବିଗ୍ ବାସ୍କେଟ ପକ୍ଷରୁ କୁହାଯାଇଛି। ଏହା ଆମାଜନ ଲାଗି ମଧ୍ୟ ନୂଆ କ୍ଷେତ୍ର। ପଶ୍ଚିମବଙ୍ଗର ଷ୍ଟେଟ ବେଭେରେଜ କର୍ପୋରେଶନ ଲିମିଟେଡ୍ ୨ଟି କମ୍ପାନୀ ସହ ଏହି କାର୍ଯ୍ୟ ଲାଗି ଚୁକ୍ତିରେ ସାମିଲ ହୋଇଥିବା ଜଣାପଡିଛି। ଏଥି ଲାଗି କମ୍ପାନୀ ଚୁକ୍ତି ଆହ୍ୱାନ କରିଥିବା ବେଳେ ଆମାଜନ ଏବଂ ବିଗ୍ ବାସ୍କେଟକୁ ଚୟନ କରାଯାଇଛି।

# ଚାଇନା ସାମଗ୍ରୀ ଉପରେ କଟକଣା ପ୍ରସ୍ତୁତି

ନୂଆଦିଲ୍ଲୀ,୨୦।୬



ସୀମାରେ ଚାଇନା ସେନାର ଆକ୍ରମଣ ଯୋଗୁ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ଦେଶ ମଧ୍ୟରେ ଚାଇନା ବିରୋଧୀ ସ୍ୱର ତୀବ୍ର ହୋଇଛି। ଲୋକମାନେ ଚାଇନା ସାମଗ୍ରୀ ବର୍ଜନ ଲାଗି ପ୍ରଦର୍ଶନ କରିବା ସହ ପୋଡ଼ାଜଳା କରୁଛନ୍ତି। ଚାଇନା ସାମଗ୍ରୀ ଉପରେ ନିର୍ଭରତା କମାଇବା ସହ ଆତ୍ମନିର୍ଭର ଭାରତ ଯୋଜନାକୁ ଉତ୍ସାହିତ କରିବାକୁ ଭାରତ ସରକାର ଅଗ୍ରସର ହେଉଥିବା ଜଣାପଡିଛି। ଏହାକୁ ନେଇ କେନ୍ଦ୍ର ସରକାର ଦେଶର ଶିଳ୍ପଜଗତର ସହାୟତା ଲୋଡିଛନ୍ତି। ଯେଉଁ ସାମଗ୍ରୀଗୁଡିକ ଚାଇନାରୁ ମଗାଯାଉଛି ତା'ର ଏକ ତାଲିକା ପ୍ରସ୍ତୁତ କରିବାକୁ ଶିଳ୍ପଜଗତକୁ କୁହାଯାଇଛି। ବିସ୍ତୃତ ରିପୋର୍ଟ ମିଳିବା ପରେ ସରକାର ଅଣ ଅତ୍ୟାବଶ୍ୟକ ସାମଗ୍ରୀର ଚିହ୍ନଟ କରିବେ। ଏହାକୁ ଘରୋଇ ବଜାରରୁ ସଂଗ୍ରହ କରିବା ତଥା ଦେଶ ଭିତରେ ଏହାର ପ୍ରସ୍ତୁତି କରିବା ଉପରେ ଫୋକସ କରିବା ନେଇ ଯୋଜନା ରଖାଯାଇଛି।

ଚାଇନାର ବ୍ୟବହାରକୁ ନେଇ ସାରା ଦେଶରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସରକାରଙ୍କ ସହ ସାଧାରଣ ଲୋକ, ଶିଳ୍ପ ସଂଘ ବ୍ୟବସାୟୀ ମଧ୍ୟ ଚାଇନା ସାମଗ୍ରୀ ବୟକଟ କରିବା ଲାଗି ଅଡି ବସିଛନ୍ତି। ଚାଇନା ଉପରେ ନିର୍ଭରତା କମାଇବା ଲାଗି ସରକାର ମୁଖ୍ୟତଃ ୩ କୌଶଳ ଉପରେ କାର୍ଯ୍ୟ କରିବେ। ସ୍ୱଳ୍ପ ମିଆଦୀ, ମଧ୍ୟମ ମିଆଦୀ ଏବଂ ଦୀର୍ଘ ମିଆଦୀ ଭିତ୍ତିରେ କାର୍ଯ୍ୟପନ୍ଥା ହାତକୁ ନିଆଯିବ। ଶିଳ୍ପଜଗତର ତାଲିକା ଆଧାରରେ ସ୍ୱଳ୍ପ ମିଆଦୀ କାର୍ଯ୍ୟାନୁଷ୍ଠାନ ହାତକୁ ନିଆଯିବ। ସେହିଭଳି ଅନ୍ୟ ୨ ବର୍ଗର କାର୍ଯ୍ୟାନୁଷ୍ଠାନ ଲାଗି ସରକାର ଦ୍ରୁତ ଭିତ୍ତିରେ ବ୍ଲୁପ୍ରିଣ୍ଟ ହାତକୁ ନେବେ।

- ଶିଳ୍ପ ଜଗତକୁ ତାଲିକା ମାଗିଲେ ସରକାର
- ଘରୋଇ ମାନୁଫାକଚରିଂକୁ ଫୋକସ କରାଯିବ
- ଦେଶ ମଧ୍ୟରେ ମିଳୁଥିବା ସାମଗ୍ରୀକୁ ପ୍ରାଥମିକତା ମିଳିବ

ଶିଳ୍ପ ପ୍ରୋତ୍ସାହନ ଏବଂ ଅନ୍ତଃ ବାଣିଜ୍ୟ ବିଭାଗ (ଡିପିଆଇଆଇଟି) ପକ୍ଷରୁ କୁହାଯାଇଛି ଯେ, କୌଶଳକୁ ନେଇ ଟ୍ରେଡ୍ ଆସୋସିଏଶନ ସହ ସମ୍ପର୍କ କରାଯାଇଛି। ସାମଗ୍ରୀର ତାଲିକା ମଗାଯାଇଛି। ଭାରତ ଚାଇନାଠାରୁ ଅଟୋମୋବାଇଲ, ଫାର୍ମାସ୍ୟୁଟିକାଲ, ଖେଳନା, ପ୍ଲାଷ୍ଟିକ ଭଳି ଅନ୍ୟ ବର୍ଗରେ ସାମଗ୍ରୀ ବୃହତ୍ ପରିମାଣରେ ଆମଦାନୀ କରୁଛି। ରିପୋର୍ଟ ମୁତାବକ ସରକାର ନିଜ କୌଶଳ ବଦଳାଇଛନ୍ତି। ସରକାରଙ୍କ ନଜର ବର୍ତ୍ତମାନ ଘରୋଇ କ୍ଷେତ୍ର ଉପରେ ରହିଛି। ଚାଇନା କମ୍ପାନୀଗୁଡିକର କିଛି ଚୁକ୍ତି ମଧ୍ୟ ବାତିଲ କରାଯାଇଥିବା ନଜରକୁ ଆସିଛି। ଏହା ମଧ୍ୟରେ ଟେଲିକମ ରେଳ ଏବଂ ମେଟ୍ରୋ ପ୍ରକଳ୍ପ ସାମିଲ ରହିଛି।

### ସିଏଆଇଟି କ୍ୟାମ୍ପେନ ଆରମ୍ଭ କଲା

ଚାଇନା ସାମଗ୍ରୀ ବୟକଟ ନେଇ ଲୋକଙ୍କ ମତାମତ ଜାଣିବା ଲାଗି ଅନ୍‌ଲାଇନରେ ଏକ ଅଭିଯାନ ଆରମ୍ଭ କରାଯାଇଛି। ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ପକ୍ଷରୁ ଏହାକୁ ଆରମ୍ଭ କରାଯାଇଥିବା ବେଳେ ବ୍ୟବସାୟୀ ଏବଂ ସାଧାରଣ ଲୋକଙ୍କୁ ଏହି ଅନ୍‌ଲାଇନ ସର୍ଭେରେ ସାମିଲ କରାଯାଇଛି। ଚାଇନା ସାମଗ୍ରୀକୁ ଭାରତରୁ କିଭଳି ହଟାଯାଇପାରିବ ଲୋକଙ୍କଠାରୁ ବ୍ୟକ୍ତିଗତ ଭାବେ ମତାମତ ଲୋଡ଼ାଯାଉଛି। ସୂଚନାଯୋଗ୍ୟ,ଚାଇନା ସାମଗ୍ରୀ ହଟାଇବା ଲାଗି ୧୦ ଜୁନ୍‌ଠାରୁ ସିଏଆଇଟି ଏକ ଅଭିଯାନ ଆରମ୍ଭ କରିଛି। ସଂଘର ଅଧ୍ୟକ୍ଷ ବି.ସି. ଭାରତିଆ ଏବଂ ମହାସଚିବ ପ୍ରଭୀନ ଖଣ୍ଡେଲୱାଲ କହିଛନ୍ତି, ଦେଶର ସେନା ଏବଂ ସରକାରଙ୍କ ସହ ଲୋକମାନେ ଅଛନ୍ତି। ଚାଇନାକୁ ଉଚିତ ଜବାବ ଦେବାକୁ ସମୟ ଆସିଛି। ଅନ୍‌ଲାଇନ ସର୍ଭେରେ ୯ଟି ପ୍ରଶ୍ନ ସାମିଲ କରାଯାଇଛି। ୨୬ ଜୁନ ପର୍ଯ୍ୟନ୍ତ ଏହି ସର୍ଭେ ଚାଲିବ ବୋଲି ଜଣାପଡିଛି।

## ମୁକେଶ ବିଶ୍ୱର ନବମ ଧନୀ

ନୂଆଦିଲ୍ଲୀ,୨୦।୬



ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ବ୍ଲୁମ୍‌ବର୍ଗ ବିଲିୟନେୟାର ସୂଚୀରେ ବିଶ୍ୱର ଶୀର୍ଷ ୧୦ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ସାମିଲ ହୋଇଛନ୍ତି। ପ୍ରାୟ ୬୪.୬ ବିଲିୟନ ଡଲାର ସମ୍ପତ୍ତି ସହ ତାଲିକାରେ ସେ ନବମ ସ୍ଥାନରେ ରହିଛନ୍ତି। ସେ ଏକମାତ୍ର ଏସୀୟ ଭାବେ ତାଲିକାର ଶୀର୍ଷରେ ରହିଛନ୍ତି। ରିଲାଏନ୍ସର ଶେୟାର ମୂଲ୍ୟ ବଢ଼ିବାରୁ ପୁଞ୍ଜିବଜାରରେ ଏହାର ମୂଲ୍ୟ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କା ଛୁଇଁଛି। କମ୍ପାନୀ ଉପରେ ରହିଥିବା ବୃହତ୍ ପରିମାଣର ଋଣ ବୋଝକୁ ହାଲ୍‌କା କରିବାରେ ସେ ସକ୍ଷମ ହୋଇଛନ୍ତି। ଶୁକ୍ରବାର ରିଲାଏନ୍ସ ନେଟ୍ ଋଣ ମୁକ୍ତ ହୋଇଛି। ଏହା ସମଗ୍ର କର୍ପୋରେଟ ଜଗତ ଲାଗି ଏକ ଶିଖିବା କଥା ହୋଇଛି। ନିଜ କମ୍ପାନୀ ଉପରେ ରହିଥିବା ୧.୬୧ ଲକ୍ଷ କୋଟି ଟଙ୍କାର ନେଟ୍ ଋଣକୁ ଶୁଝିବା ଲାଗି ସେ ୨ଟି ପଦକ୍ଷେପ ଗ୍ରହଣ କରିଥିବା ଜଣାପଡିଛି। ଜିଓ ପ୍ଲାଟ୍‌ଫର୍ମରେ ୨୪% ବିକ୍ରି କରାଯାଇଛି। ଏଥିରୁ ୧.୧୫ ଲକ୍ଷ କୋଟି ଟଙ୍କା ଏବଂ ରାଇଟ୍ସ ଇସ୍ୟୁରୁ ୫୫ ହଜାର କୋଟି ଟଙ୍କା ରିଲାଏନ୍ସ ସଂଗ୍ରହ କରିବାକୁ ସକ୍ଷମ ହୋଇଛି। ୨୦୨୧ ମାର୍ଚ୍ଚ ପୂର୍ବରୁ ରିଲାଏନ୍ସକୁ ଋଣ ମୁକ୍ତ କରିବା ଲାଗି ଦେଇଥିବା ପ୍ରତିଶ୍ରୁତିକୁ ରଖିବାରେ ମୁକେଶ ସଫଳ ହୋଇଛନ୍ତି। ଏହି ଲକ୍ଷ୍ୟକୁ ସେ ୨ ମାସ ଆଗରୁ ହାସଲକରି ନେଇଛନ୍ତି। ସେହିଭଳି ତାଲିକାର ଦଶମ ସ୍ଥାନରେ ଗୁଗଲର ମୂଳ କମ୍ପାନୀ ଆଲ୍‌ଫାବେଟର ଲାରି ପେଜ୍, କପଡ଼ା କମ୍ପାନୀ ଇଣ୍ଡିଟେକ୍ସର ସହପ୍ରତିଷ୍ଠାତା ଅମାନିକୋ ଓର୍ଟେଗୋ ଅଷ୍ଟମ ସ୍ଥାନ, ଓରାକଲର ସହପ୍ରତିଷ୍ଠାତା ଲାରି ଏଲିଶନ ସପ୍ତମ ସ୍ଥାନ, ଷ୍ଟିଭ ବାଲମର ଷଷ୍ଠ ସ୍ଥାନ, ପଞ୍ଚମରେ ୱାରେନ ବଫେଟ, ଚତୁର୍ଥ ସ୍ଥାନରେ ଫେସ୍‌ବୁକ୍‌ର ସହପ୍ରତିଷ୍ଠାତା ମାର୍କ ଜୁକରବର୍ଗ, ତୃତୀୟ ସ୍ଥାନରେ ବର୍ନାଡ ଆରନଲ୍ଟ ଆଣ୍ଡ ଫ୍ୟାମିଲି, ଦ୍ୱିତୀୟ ସ୍ଥାନରେ ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା ବିଲ୍ ଗେଟ୍‌ସ ଏବଂ ପ୍ରଥମ ସ୍ଥାନରେ ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ ରହିଛନ୍ତି।

## ପିଏମ୍‌ଜିକେପିରେ ୪୨ କୋଟି ଲୋକଙ୍କୁ ମିଳିଲା ସହାୟତା

**ନୂଆଦିଲ୍ଲୀ,୨୦।୬:** ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜ(ପିଏମ୍‌ଜିକେପି) ଅନ୍ତର୍ଗତ ଦେଶର ୪୨ କୋଟି ଲୋକଙ୍କୁ ସରକାର ସହାୟତା ଯୋଗାଇ ଦେଇଛନ୍ତି। ଏହି ଯୋଜନାରେ ହିତାଧିକାରୀମାନେ ୬୫,୪୫୪ କୋଟି ଟଙ୍କାର ସହାୟତା ଲାଭ କରିଛନ୍ତି। କୋଭିଡ୍-୧୯ ଯୋଗୁ ଲୋକଙ୍କର ଜୀବନ ଜୀବିକା କ୍ଷତିଗ୍ରସ୍ତ ହୋଇଥିବା ବେଳେ ବର୍ତ୍ତମାନ ସଙ୍କଟଜନକ ସ୍ଥିତି ଉପୁଜିଛି। ଲୋକଙ୍କୁ ସହାୟତା କରିବା ଲାଗି ସରକାର ଏଭଳି ପଦକ୍ଷେପ ହାତକୁ ନେଇଛନ୍ତି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମାର୍ଚ୍ଚ ୨୬ରେ ଘୋଷଣା କରିଥିବା ୧.୭୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଅନ୍ତର୍ଗତ ଏହି ଅର୍ଥ ରାଶି ପ୍ରଦାନ କରାଯାଇଛି।

## ଆଇଓବିର ନୂତନ ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ

**ଭୁବନେଶ୍ୱର,୨୦।୬:** ରାଷ୍ଟ୍ରାୟତ୍ତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ରୂପେ ଉପ ମହାପ୍ରବନ୍ଧକ ଦିଲୀପ କୁମାର ବାରିକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ପଶ୍ଚିମବଙ୍ଗର ସିଲିଗୁଡି କ୍ଷେତ୍ରରେ ବରିଷ୍ଠ କ୍ଷେତ୍ରୀୟ ପ୍ରବନ୍ଧକ ରୂପେ କାର୍ଯ୍ୟ କରୁଥିଲେ। ସେ ୧୯୯୧ରେ ଆଇଓବିରେ ଯୋଗଦେବା ସହ ଓଡିଶା ସମେତ ତାମିଲନାଡୁ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ରର ଭଳି ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଛନ୍ତି। ଆଇଓବିରେ ତାଙ୍କର ୨୯ବର୍ଷର ଅଭିଜ୍ଞତା ରହିଛି। ୨୦୧୭ରେ ସେ ସହାୟକ ମହାପ୍ରବନ୍ଧକ ଏବଂ ନିକଟରେ ଉପ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ଗ୍ରାହକଙ୍କ ଉନ୍ନତ ବ୍ୟାଙ୍କିଙ୍ଗ୍ ସେବା ଯୋଗାଣ ଦିଗରେ ସହଯୋଗ ଜାରି ରହିବ ବୋଲି ବାରିକ କହିଛନ୍ତି।

## ରାଜଧାନୀରେ ପେଟ୍ରୋଲ ୭୯.୪୩ ଟଙ୍କା

ଭୁବନେଶ୍ୱର,୨୦।୬



ଦେଶର ତେଲ ଦର ଆକାଶ ଛୁଆଁ ହୋଇଛି। ଫଳରେ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ଦର ଲିଟର ପିଛା ପ୍ରାୟ ୭୯ ଟଙ୍କାରେ ପହଞ୍ଚିଛି। ସେହିଭଳି ଭୁବନେଶ୍ୱରରେ ମଧ୍ୟ ଶନିବାର ପେଟ୍ରୋଲ ଦର ଲିଟର ପିଛା ପ୍ରାୟ ୮୦ ଟଙ୍କା ଛୁଇଁଛି। ଅନ୍ୟ ପକ୍ଷରେ ଶନିବାର ଡିଜେଲ ଦର ୬୧ ପଇସା ବଢିବା ଯୋଗୁ ଦେଶର ଏହା ରେକର୍ଡ ସ୍ତର ଛୁଇଁଥିବା ତୈଳ ବିପଣନ କମ୍ପାନୀଗୁଡିକ ସୂଚନା ଦେଇଛନ୍ତି। ୨୦୧୮ ଅକ୍ଟୋବର ୪ ପରେ ଏହା ହେଉଛି ସର୍ବାଧିକ ତୈଳ ଦର ବୃଦ୍ଧି। ଚଳିତ ମାସ ଜୁନ ୭ ରୁ ଆଜି ପର୍ଯ୍ୟନ୍ତ (ଶନିବାର) ଦେଶର ତେଲ ଦର କ୍ରମାଗତ ଭାବରେ ବୃଦ୍ଧି ପାଉଛି। ଫଳରେ ଗତ ୧୪ଦିନ ମଧ୍ୟରେ ପେଟ୍ରୋଲ ଉପରେ ୭.୬୨ଟଙ୍କା ଏବଂ ଡିଜେଲ ୮.୨୮ଟଙ୍କା ବଢିଛି। ଶନିବାର ଦିନ ପେଟ୍ରୋଲ ଲିଟର ପିଛା ୫୧ ପଇସା ଏବଂ ଡ଼ିଜେଲ ୬୧ ପଇସା ବୃଦ୍ଧି ପାଇଛି। ଫଳରେ ପେଟ୍ରୋଲ ଦର ୭୮.୩୭ ଟଙ୍କାରୁ ବୃଦ୍ଧି ପାଇ ୭୮.୮୮ ଟଙ୍କା ଏବଂ ଡିଜେଲ ଦର ୭୭.୦୫ ଟଙ୍କାରୁ ବୃଦ୍ଧି ପାଇଁ ୭୭.୬୬ ଟଙ୍କାରେ ପହଞ୍ଚିଛି। ଏହି ଦର ବୃଦ୍ଧି ଫଳରେ ଭୁବନେଶ୍ୱରର ପେଟ୍ରୋଲ ଲିଟର ପିଛା ୭୯.୪୩ ଟଙ୍କା ଓ ଡିଜେଲ ଲିଟର ପିଛା ୭୫.୮୭ ଟଙ୍କା ଛୁଇଁଛି।

## ରାଜ୍ୟ ଖବର

# ୫ ଟଙ୍କାରେ କେଜିଏ ଖତ

ଢେଙ୍କାନାଳ ଅଫିସ, ୨୦।୬




ଜିଲାପାଳ ଚାଷୀଙ୍କୁ ଜୈବିକ ଖତ ଦେଉଛନ୍ତି।

- ଏମ୍‌ସିସିରୁ ଜୈବିକ ସାର ଉତ୍ପାଦନରେ ଢେଙ୍କାନାଳ ରାଜ୍ୟରେ ଦ୍ୱିତୀୟ
- ପୌରସଂସ୍ଥାରୁ ମାସକୁ ବାହାରିବ ୯୦ ଟନ୍, ଉପକୃତ ହେବେ ଚାଷୀ

ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ମାଧ୍ୟମରେ ଢେଙ୍କାନାଳରେ ଶନିବାରଠାରୁ ଆରମ୍ଭ ହୋଇଛି ଜୈବିକ ଖତ ଉତ୍ପାଦନ। ପାରାଦୀପ ପରେ ଏପରି ସାର ଉତ୍ପାଦନରେ ଢେଙ୍କାନାଳ ପୌରସଂସ୍ଥା ରାଜ୍ୟରେ ଦ୍ୱିତୀୟ। ସହରାଞ୍ଚଳର ବର୍ଜ୍ୟକୁ ବ୍ୟବହାର ଉପଯୋଗୀ କରିବାକୁ ଏମ୍‌ସିସି ପରିକଳ୍ପନା କରାଯାଇଛି। ଆବର୍ଜନା ପରିଚାଳନାରୁ ପ୍ରତିମାସରେ ପାଖାପାଖି ୯୦ ଟନ୍ ଖତ ଉତ୍ପାଦନ ହେବ। ଏହାକୁ କେଜି ପିଛା ୫ ଟଙ୍କାରେ ଚାଷୀଙ୍କୁ ବିକ୍ରି କରାଯିବାକୁ ଯୋଜନା ରଖାଯାଇଥିବା ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଏମ୍‌ସିସି ମାଧ୍ୟମରେ ପରିମଳମୁକ୍ତ ସହର ଗଠନ ସ୍ୱପ୍ନ ସାକାର ହେବା ସାଙ୍ଗକୁ ଚାଷୀମାନେ ଉପକୃତ ହେବେ ବୋଲି ଜିଲାପାଳ ଆଶାବ୍ୟକ୍ତ କରିଛନ୍ତି।

ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ କୁହନ୍ତି, ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ, ନ୍ୟାଶନାଲ ଗ୍ରୀନ ଟ୍ରିବୁନାଲଙ୍କ ନିର୍ଦ୍ଦେଶରେ ସହରାଞ୍ଚଳରେ ବର୍ଷେ ତଳେ ଏମ୍‌ସିସି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଣିକି ସହରରୁ ବାହାରୁଥିବା ବର୍ଜ୍ୟବସ୍ତୁ ଡମ୍ପିୟାର୍ଡକୁ ପଠା ନ ଯାଇ ବୈଜ୍ଞାନିକ ପଦ୍ଧତିରେ ଜୈବିକ ଖତ ଉତ୍ପାଦନ କରାଯିବ। ପୌରାଞ୍ଚଳର ବନମାଳୀପ୍ରସାଦ, କାଠଗଡ଼ା, କୁଞ୍ଜକାନ୍ତ, ମହିଷାପାଟ ଏବଂ ହାଟରୋଡ୍ ନିକଟରେ ଏମ୍‌ସିସି ନିର୍ମାଣ କରାଯାଇଛି। ଗୋଟିଏ ଏମ୍‌ସିସିରୁ ମାସକୁ ୧୮ ଟନ୍ ହିସାବରେ ୯୦ ଟନ୍ ଖତ ବାହାରିବ। ଏହାକୁ କେଜି ୫ ଟଙ୍କାରେ ବିକ୍ରି କରିବା ଲାଗି ବ୍ୟବସ୍ଥା କରାଯାଇଛି। କେବଳ ମ୍ୟୁନିସିପାଲିଟି ନୁହେଁ, ଜିଲାର ସବୁ ଏନ୍‌ଏସିରେ ମଧ୍ୟ ଏହା କାର୍ଯ୍ୟକ୍ଷମ ହେବ। ଏଥିରୁ ଉପାର୍ଜିତ ଅର୍ଥ ସଫେଇ କର୍ମଚାରୀଙ୍କୁ ପ୍ରୋତ୍ସାହିତ କରିବାକୁ ଅତିରିକ୍ତ ପାରିଶ୍ରମିକ ଭାବେ ପ୍ରଦାନ କରାଯିବ। ପରିମଳ ବ୍ୟବସ୍ଥା ସଜାଡ଼ିବାରେ ସଂଖ୍ୟାଧିକ ମହିଳା ସଫେଇ କର୍ମଚାରୀ ନିୟୋଜିତ ହୋଇଥିବାବେଳେ ଏହି ଅର୍ଥରାଶି ସେମାନଙ୍କୁ ଆହୁରି ସଶକ୍ତ କରିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।

ଏହି ଉପଲକ୍ଷେ ଜିଲା କାର୍ଯ୍ୟାଳୟ ପରିସରରେ ଜିଲାପାଳ ନର୍ସରି ମାଲିକ, ଫଳ ଓ ପରିବା ଚାଷୀଙ୍କୁ ଜୈବିକଖତ ଭରା ବ୍ୟାଗ ପ୍ରଦାନ କରିଥିଲେ। ଏଥିପୂର୍ବରୁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏମ୍‌ସିସି ସୁପରିଚାଳନା ସମ୍ପର୍କିତ ଆୟୋଜିତ ବୈଠକରେ ପିଡି ଡିଆରଡିଏ ନରୋତ୍ତମ ବେହେରା, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଭଗବାନ ଦାସ, ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ପୌର ଯନ୍ତ୍ରୀ ରଶ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

### ଟିକସ ପାଇଁ ମଦ ବିକ୍ରି କମୁଛି

## ସରକାରଙ୍କୁ ଦାବିପତ୍ର ଦେଲା ସିଆଇଏବିସି

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ରାଜ୍ୟ ସରକାର ମଦ ଉପରେ ସ୍ୱତନ୍ତ୍ର କୋଭିଡ୍-୧୯ ଫି' ୫୦% ବଢ଼ାଇବା ଏବଂ ଅନ୍‌ଲାଇନ୍ ବିକ୍ରି ଘୋଷଣା କରିବା ପରେ ମଦ ବିକ୍ରି କମିଛି। କୋଭିଡ୍ ଫି' ହ୍ରାସ କରିବା ସହ କାଉଣ୍ଟରରେ ମଦ ବିକ୍ରିକୁ ଅନୁମତି ଦେବାକୁ କନ୍‌ଫେଡେରେଶନ ଅଫ ଇଣ୍ଡିଆନ ଆଲକୋହଲିକ ବେଭେରେଜ କମ୍ପାନୀ (ସିଆଇଏବିସି) ରାଜ୍ୟ ସରକାରଙ୍କୁ ନିବେଦନ କରିଛି। ସିଆଇଏବିସି ପକ୍ଷରୁ ଏ ସଂକ୍ରାନ୍ତ ଦାବିପତ୍ର ପ୍ରଦାନ କରାଯାଇଛି। କୋଭିଡ୍ ଫି' ବୃଦ୍ଧି ହେବା ଦ୍ୱାରା ରାଜ୍ୟ ସରକାରଙ୍କ ରାଜସ୍ୱ ମଧ୍ୟ ହ୍ରାସ ପାଇଛି ବୋଲି ସିଆଇଏବିସି ପକ୍ଷରୁ କୁହାଯାଇଛି। ସରକାର କେବଳ ଅନଲାଇନ୍ ମଦ ବିକ୍ରିକୁ ଅନୁମତି ଦେଇଛନ୍ତି। ଏହାଦ୍ୱାରା ବହୁ ଗ୍ରାହକ କ୍ରୟ କରୁନାହାନ୍ତି। ବିଦେଶୀ ମଦ ବିକ୍ରି ହ୍ରାସ ପାଇଥିବା ବେଳେ ବେଆଇନ ମଦ କାରବାର ବୃଦ୍ଧି ପାଇଥିବା ସିଆଇଏବିସି ପକ୍ଷରୁ କୁହାଯାଇଛି।

## ସଂରକ୍ଷିତ ଜଙ୍ଗଲରୁ ହାତୀ ମୃତଦେହ ଠାବ

ଛେଣ୍ଡିପଦା, ୨୦।୬(ସ୍ୱ.ପ୍ର.)




ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ଛେଣ୍ଡିପଦା ସଂରକ୍ଷିତ ଜଙ୍ଗଲ ଗୁଡିମରାରେ ଶନିବାର ସକାଳେ ଏକ ମାଖନା ହାତୀର ମୃତଦେହ ଠାବ ହୋଇଛି। ହାତୀର ବୟସ ୨୦ ବର୍ଷ ବୋଲି ଅନୁମାନ କରାଯାଉଛି। ଆନ୍ଥ୍ରାକ୍ସରେ ଆକ୍ରାନ୍ତ ହୋଇ ଏହାର ମୃତ୍ୟୁ ଘଟିଥିବା ଡାକ୍ତରୀଟିମ୍ ସନ୍ଦେହ କରୁଛନ୍ତି।

ସୂଚନାରୁ ଜଣାପଡିଛି, ୧୭ ତାରିଖ ରାତିରେ ହାତୀଟି ବ୍ରାହ୍ମଣବିଲ ପଞ୍ଚାୟତ ଭାଗଲାକଟା ଗ୍ରାମରେ ନୀଳକଣ୍ଠ ନାଏକଙ୍କ ଘର ଭାଙ୍ଗିଥିଲା। ଏହା ପରଠାରୁ ବନ ବିଭାଗ ହାତୀର ସନ୍ଧାନ ପାଇ ନ ଥିଲା। ୨ ଦିନ ଧରି ଖୋଜାଖୋଜି କରିବା ପରେ ଗୋଡିମରାଠାରେ ଏହାର ଶବ ଠାବ କରାଯାଇଥିଲା। ଖବରପାଇ ଅନୁଗୋଳ ଆରସିସିଏଫ ଡ. ପ୍ରଦୀପରାଜ କରାଟେ, ବନଖଣ୍ଡ ଅଧିକାରୀ କାର୍ତ୍ତିକ ଭେଦାମୂର୍ତ୍ତି, ଏସିଏଫ ବାସୁଦେବ ନାୟକ, ଜରପଡା ରେଞ୍ଜର ହୃଦାନନ୍ଦ ନାଏକ, ଫରେଷ୍ଟର ପ୍ରତାପ ପ୍ରଧାନ, କଳାକାର ପ୍ରଧାନ ପ୍ରମୁଖଙ୍କ ସମେତ ପ୍ରାଣୀଧନ ଚିକିତ୍ସକ ଡା. ବିକାଶ କୁମାର ବେହେରା ଓ ଡା. ପଲ୍ଲବୀ ପ୍ରିୟଦର୍ଶିନୀ ପହଞ୍ଚିଥିଲେ। ହାତୀ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିବାବେଳେ ମୁହଁରୁ ରକ୍ତ ବାହାରିଥିବା ଦେଖି ଏହା ଆନ୍ଥ୍ରାକ୍ସ ଲକ୍ଷଣ ହୋଇଥିବା ସନ୍ଦେହ କରାଯାଉଛି। ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ପ୍ରାଣୀଧନ ମହାବିଦ୍ୟାଳୟକୁ ନମୁନା ପଠାଯାଇଛି। ଅପରପକ୍ଷେ ଆନ୍ଥ୍ରାକ୍ସ ରୋଗ ନ ବ୍ୟାପିବାକୁ ହାତୀ ମରିଥିବା ସ୍ଥାନଠାରୁ ଏକ କି.ମି. ପରିଧି ମଧ୍ୟରେ ତାରବାଡ ଦେଇ ଉକ୍ତ ଅଞ୍ଚଳକୁ ଆବଦ୍ଧ କରିବା ପାଇଁ ଡାକ୍ତରୀ ଦଳ କହିଥିଲେ। ପରେ ମୃତହାତୀଟିକୁ ପୋତି ଦିଆଯାଇଛି।

## ୨୦ ଲକ୍ଷର ସିଗାରେଟ ଜବତ

ମୁନିଗୁଡ଼ା,୨୦।୬(ଡି.ଏନ୍.ଏ.)



ରାୟଗଡା ଜିଲା ମୁନିଗଡ଼ା ଷ୍ଟେଟବ୍ୟାଙ୍କ ନିକଟ ଏକ ଟ୍ରାନ୍ସପୋର୍ଟ ଗୋଦାମରୁ ଶୁକ୍ରବାର ପୋଲିସ ବିପୁଳ ପରିମାଣର ସିଗାରେଟ ଜବତ କରିଛି। ବେଆଇନଭାବେ ଛତିଶଗଡ଼ର ରାୟପୁରରୁ ସିଗାରେଟ ଆଣି ଏକ ଗୋଦାମରେ ଗଚ୍ଛିତ କରାଯାଇଥିବା ମୁନିଗୁଡ଼ା ପୋଲିସ ସୂଚନା ପାଇଥିଲା। ଏହାପରେ ଆଇଆଇସି ରାଜେନ୍ଦ୍ର ଦେହୁରୀଙ୍କ ନେତୃତ୍ୱରେ ଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ନୀଳାଦ୍ରି କହଁରଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗୋଦାମ ଉପରେ ଚଢ଼ାଉ କରିଥିଲେ। ସେଠାରେ ୨୭ପେଟି ବେଆଇନ ସିଗାରେଟ ଗଚ୍ଛିତ ରହିଥିବାବେଳେ ମୁନିଗୁଡ଼ାର ଏସ୍. କେ. ପାତ୍ର ନାମକ ବ୍ୟକ୍ତିଙ୍କ ନାଁରେ ଏହା ଆସିଥିବା ଜଣାପଡ଼ିଛି। ଯାଞ୍ଚ ବେଳେ ଗୋଦାମ ମାଲିକ ଦିଲୀପ କୁମାର ସୁବୁଦ୍ଧି ଠିକ୍ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ତାଙ୍କୁ ଗିରଫ କରିଛି। ଜବତ ସିଗାରେଟର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ। ଏନେଇ ମୁନିଗୁଡା ଥାନାରେ ନଂ. ୮୮/୨୦ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପ୍ରଥମ ଫ୍ଲାଇଂ ଅଫିସର ହେଲେ ସାଇପ୍ରଣିତା

ଫୁଲବାଣୀ ଅଫିସ, ୨୦।୬



ସାଇ ପ୍ରଣିତା।

### କନ୍ଧମାଳର ଗୌରବ

କନ୍ଧମାଳ ଭଳି ପଛୁଆ ଜିଲାକୁ ସାରା ଦେଶରେ ପରିଚିତ କରାଇଛନ୍ତି ଅଞ୍ଚଳର ଜଣେ ଝିଅ। ଏହି ଜିଲାର ଝିଅ କୌଣସି ଗୁଣରେ କମ୍ ନୁହନ୍ତି ବୋଲି ସେ ପ୍ରମାଣ କରି ଦେଖାଇଛନ୍ତି। ପ୍ରତିରକ୍ଷା କ୍ଷେତ୍ରରେ ଜିଲାରୁ ପ୍ରଥମ ଫ୍ଲାଇଂ ଅଫିସର ହୋଇ ଦେଶ, ରାଜ୍ୟ ଓ କନ୍ଧମାଳ ମାଟିକୁ ଗୌରବାନ୍ୱିତ କରିଛନ୍ତି। ସେ ହେଲେ ଫୁଲବାଣୀ ସହର କେନ୍ଦୁପଦର ନାରାୟଣ ମହାନ୍ତି ଏବଂ ମିନତୀଙ୍କ ଝିଅ ସୁଶ୍ରୀ ସାଇପ୍ରଣିତା।

ସାଇପ୍ରଣିତା କନ୍ଧମାଳରୁ ପ୍ରାଥମିକ ଶିକ୍ଷା ପରେ ୨୦୧୭ରେ ଇନ୍ଦିରା ଗାନ୍ଧୀ ଅଟୋନୋମିକ ରିସର୍ଚ୍ଚ ସେଣ୍ଟରରେ ଯୋଗଦେଇ ପଦାର୍ଥ ବିଜ୍ଞାନ(ଫିଜିକ୍ସ)ରେ ପିଏଚ୍‌ଡି କରୁଥିଲେ। ପିଲାଦିନରୁ ବାୟୁସେନାରେ ଯୋଗଦେବାକୁ ଆଗ୍ରହ ଥିବାରୁ ଏହା ତାଙ୍କୁ ପ୍ରତିରକ୍ଷା କ୍ଷେତ୍ରକୁ ଫେରାଇ ଆଣିଥିଲା। ୨୦୧୯ ଜୁନ୍‌ରେ ସେ ବାୟୁସେନା ଏକାଡେମୀରେ ଯୋଗ ଦେଇଥିଲେ। ୨୦୨୦ ଜୁନ ୨୦ରେ ସେ ଏହି ଏକାଡେମିରୁ ଫ୍ଲାଇଙ୍ଗ୍ ଅଫିସର ଭାବେ ଯୋଗ୍ୟ ବିବେଚିତ ହୋଇ ମେଟ୍ରୋଲୋଜି ଅଫିସର ଭାବେ ଗ୍ୱାଲିଅରରେ ଯୋଗ ଦେଇଛନ୍ତି। ତାଙ୍କୁ ଗ୍ୱାଲିଅର ବାୟୁସେନାରେ ପୋଷ୍ଟିଂ କରାଯାଇଛି। ୩ମାସ ପାଇଁ ଉକ୍ତ ବିଭାଗରେ କୋଏମ୍ବାଟୁରରେ ଟ୍ରେନିଂ ପାଇଁ ନିର୍ଦ୍ଦେଶ ପାଇଛନ୍ତି। ସାଇପ୍ରଣିତାଙ୍କ ଜେଜେ ପ୍ରକାଶ ମହାନ୍ତି ସ୍ଥଳସେନାର ଅବସର ପ୍ରାପ୍ତ ନାଏକ ଓ ଦାଦା ପରିକ୍ଷିତ ମହାନ୍ତି ଜଣେ ମେଜର। ଦାଦାଙ୍କ ବ୍ୟକ୍ତିତ୍ୱ ସହ ନିଜର ଚେଷ୍ଟା ଓ ଅଧ୍ୟୟନ ପ୍ରତି ଥିବା ପ୍ରବଳ ଆଗ୍ରହ ତାଙ୍କୁ ଆଜି ଏହି ସ୍ତରରେ ପହଞ୍ଚାଇଛି।

## କଳାପାହାଡ଼ ଇତିହାସର ପୁନରାବୃତ୍ତି ନ ହେଉ: ପିସିସି

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ରଥଯାତ୍ରା ବନ୍ଦକୁ ନେଇ ଏକ ନୂଆ ଇତିହାସ ସୃଷ୍ଟି ହେବାକୁ ଯାଉଛି। ରଥଯାତ୍ରା ହେଲେ ମଧ୍ୟ ଲୋକ ଆସିବେ ନାହିଁ । କରୋନା ମହାମାରୀ କଟକଣାକୁ ସ୍ୱତଃପ୍ରବୃତ୍ତ ଭାବେ ଜନସାଧାରଣ ମାନି ନେଇଛନ୍ତି। ବସ୍ ଓ ଟ୍ରେନ୍‌ରେ କଟକଣା କୋହଳ ହେବା ସତ୍ତ୍ୱେ ଲୋକଙ୍କ ଯାତାୟାତ ସାଧାରଣ ଭାବେ ହେଉନାହିଁ। ସାଧାରଣ ଜନତା ସରକାରଙ୍କ ନିଷ୍ପତ୍ତିକୁ ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି। ଲୋକଙ୍କ ସୁରକ୍ଷା ପାଇଁ ସରକାର ଯେଉଁ ନିଷ୍ପତ୍ତି ନେବେ ତାକୁ ପାଳନ କରିବା ପାଇଁ ଆମେ ବାରମ୍ବାର କହିଛୁ ଓ ମାନିବୁ ମଧ୍ୟ। ଯଦି ସ୍ନାନ ପୂର୍ଣ୍ଣିମାକୁ ଅତି ଶୃଙ୍ଖଳାର ସହିତ ସରକାର କରାଇ ପାରିଲେ ସେହିପରି ସାରା ଓଡ଼ିଶାକୁ ଶଟ୍‌ଡାଉନ ଘୋଷଣା କରି ଭକ୍ତଶୂନ୍ୟରେ ପୋଲିସ ଆଉ ସେବାୟତଙ୍କୁ ନିୟୋଜିତ କରି ରଥଯାତ୍ରା କରାଇପାରିଥିଲେ କଳାପାହାଡ଼ର କଳାନାମା ଇତିହାସରେ ଲେଖା ହୁଅନ୍ତା ନାହିଁ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

ସେ କହିଛନ୍ତି ଯେ, କରୋନା କାରଣରୁ ଶ୍ରୀକ୍ଷେତ୍ର ପୁରୀରେ ରଥଟଣାକୁ ନେଇ ଏତେ ତୁମ୍ଭି ତୋଫାନ କାହିଁକି ଚାଲିଛି। ଯଦି ଆମେ କୋଟି କୋଟି ଭକ୍ତଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ପ୍ରକୃତରେ ବିଶ୍ୱାସ କରୁଛେ ସମସ୍ତ କାର୍ଯ୍ୟ ସେଇ ମହାପ୍ରଭୁଙ୍କ ଉପରେ ଛାଡ଼ି ଦିଆଯାଉ। ସରକାର ଠିକ୍ ସମୟରେ ନିଷ୍ପତ୍ତି ନେଇ ପାରିଲେ ନାହିଁ । ଯଦି ନିଷ୍ପତ୍ତି ନେଇଥାନ୍ତେ ତେବେ ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା ବୋଲି ନିରଞ୍ଜନ କହିଛନ୍ତି।

ଧରିତ୍ରୀ
DHARITRI
ରବିବାର, ୨୧ ଜୁନ୍, ୨୦୨୦



ରବିବାର ରାହୁଗ୍ରସ୍ତ ସୂର୍ଯ୍ୟପରାଗ। ପ୍ରାୟ ୯୦୦ ବର୍ଷ ପରେ ଏଭଳି ଦୁର୍ଲଭ ମହାଜାଗତିକ ଦୃଶ୍ୟ ଦେଖିବାକୁ ମିଳିବ। ସୂର୍ଯ୍ୟପରାଗର ପ୍ରଭାବରେ ୪ ରାଶିଙ୍କ ଭାଗ୍ୟରେ ବଡ଼ ଧରଣର ପରିବର୍ତ୍ତନ ଆସିବ ବୋଲି କୁହାଯାଉଛି। ସେସବୁ ରାଶିଗୁଡ଼ିକ ହେଉଛି ମେଷ, ସିଂହ, କନ୍ୟା ଓ ମକର ରାଶି। ଏହି ୪ ରାଶି ବ୍ୟକ୍ତିଙ୍କ ଭାଗ୍ୟ ଚମକିବ। ସେହିପରି ମେଷ, ବୃଷ, ସିଂହ, ଧନୁ, ମକର, କୁମ୍ଭ ଓ ମୀନ ରାଶିର ବ୍ୟକ୍ତି ସୂର୍ଯ୍ୟପରାଗ ଦର୍ଶନ କଲେ ଶୁଭଫଳ ପ୍ରାପ୍ତି ହେବ। ଅପରପକ୍ଷରେ ଅନ୍ୟ ରାଶି ବ୍ୟକ୍ତି ସୂର୍ଯ୍ୟପରାଗ ନ ଦେଖିବା ଲାଗି ବାରଣ କରାଯାଇଛି।



# ସମୃଦ୍ଧ 'ଆଲ୍‌ବାନିଆ'କୁ ଉଜାଡ଼ିଦେଲା ଯୁଦ୍ଧ ଭୟ

ଘଟଣା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟର। ଦୁଇ ଦୁଇଟି ବିଶ୍ୱଯୁଦ୍ଧର ସମ୍ମୁଖୀନ ହେବା ପରେ ଅଧିକାଂଶ ଦେଶ ଅଣ୍ଟା ସଳଖିବାକୁ ବଳ କୁଟାଉଥାନ୍ତି। ଆଉ ସେହି ସମୟରେ ଆଲବାନିଆରେ ତିଆରି ହୋଇଥିଲା ଲକ୍ଷାଧିକ ବଙ୍କର। ତତ୍କାଳୀନ ସମୟର ଶାସକଙ୍କୁ ଯୁଦ୍ଧ ଭୟ ଏତେ ମାତ୍ରାରେ ଘାରିଥିଲା ଯେ, ଏଥିରୁ ରକ୍ଷା ପାଇବାକୁ ସେ ପ୍ରତି ୩ କିମି ଦୂରତାରେ ଗୋଟିଏ ଲେଖାଏଁ ସୁରକ୍ଷିତ ବଙ୍କର ନିର୍ମାଣ କରିବାକୁ ଯୋଜନା କରିଥିଲେ।

## ବଙ୍କର ପାଇଁ ସର୍ବସ୍ୱାନ୍ତ





**ତିରାନା:** ଦକ୍ଷିଣପୂର୍ବ ୟୁରୋପୀୟ ଦେଶ ଅଲ୍‌ବାନିଆରେ ପ୍ରତି ୩କିମି ଦୂରତାରେ ଦେଖିବାକୁ ମିଳେ ଏକ ବଙ୍କର। ଦେଶର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏ ସମାନ୍ତରାଳ ଭାବେ ଏହି ବଙ୍କରଗୁଡ଼ିକ ନିର୍ମାଣ କରାଯାଇଛି। ଏକଚ୍ଛତ୍ରବାଦୀ ଶାସକ ଏନ୍‌ଭର ହୋକ୍ସହା ନିଜର ଭୟ ପାଇଁ ଏକ ସୁନ୍ଦର ଦେଶକୁ ଖାଦାନରେ ପରିଣତ କରିଦେଲେ। ୬୦ଦଶକରୁ ଆରମ୍ଭ ହୋଇଥିବା ଏହି ବଙ୍କର ନିର୍ମାଣ କାର୍ଯ୍ୟ ଦୀର୍ଘ ୨୦ ବର୍ଷ ଯାଏ ଚାଲିଥିଲା। ଶାସକଙ୍କ ମୃତ୍ୟୁ ପରେ ହିଁ ଏହି କାମରେ ଲାଗିଥିଲା ବ୍ରେକ୍। ଦେଶର ସମସ୍ତ ରାଜସ୍ୱ ବଙ୍କର ନିର୍ମାଣରେ ଖର୍ଚ୍ଚ ହୋଇଯିବା ପରେ ଜନସାଧାରଣଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଲା। ଅର୍ଥନୈତିକ ବିପର୍ଯ୍ୟୟର ପ୍ରଭାବ ଅଦ୍ୟାବଧି ଅନୁଭୂତ ହେଉଛି। ତେବେ ନିକଟରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ବଙ୍କରଗୁଡ଼ିକୁ ଏବେ ଆର୍ଟ ଗ୍ୟାଲେରିରେ ରୂପାନ୍ତରିତ କରାଯାଉଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାରା ପୃଥିବୀ ଦୁଇ ଭାଗରେ ବିଭକ୍ତ ହୋଇଥିଲା। ଜାପାନ ଉପରେ ଆମେରିକାର ପରମାଣୁ ଅସ୍ତ୍ର ପ୍ରୟୋଗ ପରେ ଯୁଦ୍ଧର ଯଦିଓ ଅନ୍ତ ହୋଇଯାଇଥିଲା ତଥାପି କେଉଁଠି ନା କେଉଁଠି ଆଉ ଏକ ଯୁଦ୍ଧ ଆଶଙ୍କା ଘାରିଥିଲା ଅନେକ ଦେଶକୁ। ଉତ୍ତରପୂର୍ବ ୟୁରୋପୀୟ ଦେଶ ଆଲ୍‌ବାନିଆ ମଧ୍ୟ ଏହି ଶଙ୍କାରେ ଥିଲା। ଯୁଦ୍ଧରେ ଏହି ଦେଶ ଭୟଙ୍କର ଭାବେ ପ୍ରଭାବିତ ହୋଇଥିଲା। ଶାସକ ଏନ୍‌ଭର ହୋକ୍ସହାଙ୍କ ମନରେ ଯୁଦ୍ଧକୁ ନେଇ ରହିଥିବା ଭୟ ଏବଂ ସନ୍ଦେହ ଦିନକୁ ଦିନ ଦୃଢ଼ୀଭୂତ ହେବାରେ ଲାଗିଲା। ପରିସ୍ଥିତି ଏମିତି ହେଲା ଯେ, ନିଜର ମିତ୍ର ରାଷ୍ଟ୍ର ଯୁଗୋସଲୋଭିଆ, ରୁଷିଆ, ଚାଇନାଠାରୁ ମଧ୍ୟ ଏହି ଦେଶ ଦୂରତା ରକ୍ଷା କରିବା ଆରମ୍ଭ କଲା। ସମ୍ଭାବ୍ୟ ଯୁଦ୍ଧସ୍ଥିତିରେ ଦେଶବାସୀ ଏବଂ ସୈନିକଙ୍କ ଜୀବନ ବଞ୍ଚାଇବାକୁ ଶାସକ ଏନ୍‌ଭର ୧୯୬୦ରେ ବଙ୍କର ନିର୍ମାଣ ପ୍ରୋଜେକ୍ଟ ଆରମ୍ଭ କରିଥିଲେ। ଏହି କାର୍ଯ୍ୟ ଦୁଇ ଦଶନ୍ଧି ଧରି ଜାରି ରହିଲା। ୧୯୮୫ରେ ହୋକ୍ସହାଙ୍କ ମୃତ୍ୟୁ ପରେ ହିଁ ଏହା ବନ୍ଦ ହୋଇଥିଲା। ତେବେ ସେତେବେଳକୁ ଣ୍ଲୋର ସମୁଦ୍ରତଟରୁ ରାଜଧାନୀ ତିରାନାର ପାହାଡ଼ିଆ ଅଞ୍ଚଳ ଏବଂ ମଣ୍ଟିନିଗ୍ରୋଠାରୁ ଆରମ୍ଭ କରି ୟୁନାନ ଦ୍ୱୀପ କୋର୍ଫୁ ଯାଏ ସବୁସ୍ଥାନ ବଙ୍କରମୟ ହୋଇଯାଇଥିଲା। ବଙ୍କର ନିର୍ମାଣ କରିବା ସମୟରେ ହଜାର ହଜାର ଶ୍ରମିକ ମୃତ୍ୟୁମୁଖରେ ପଡ଼ିଲେ। ଅର୍ଥ ଅପଚୟ ସହ ସମୟ ମଧ୍ୟ ନଷ୍ଟ ହୋଇଗଲା। ଅନ୍ୟ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରିନାହିଁ, ଯାହା ଦେଶର ଭବିଷ୍ୟତକୁ ଅନ୍ଧକାରାଚ୍ଛନ୍ନ କରିଦେଇଥିଲା। ପରିସ୍ଥିତି ଏପରି ହୋଇଗଲା ଯେ, ସମୃଦ୍ଧିଶାଳୀ ଆଲବାନିଆ ଉପରେ ଲାଗିଗଲା ଗରିବୀ ଦେଶର ମୋହର। ଦେଶର ସ୍ୱାର୍ଥକୁ ଜଳାଞ୍ଜଳିଦେଇ କରାଯାଇଥିବା ଏପରି ମୂର୍ଖତାପୂର୍ଣ୍ଣ କାର୍ଯ୍ୟକୁ ଏବେ ବି ଅନେକେ କଳଙ୍କିତ ଅଧ୍ୟାୟ ବୋଲି ସମାଲୋଚନା କରି ଆସୁଛନ୍ତି। ନବେଦଶକ ବେଳକୁ ଆଲବାନିଆରେ ସାମ୍ପ୍ରଦାୟିକବାଦର ବିଲୋପ ଘଟିଥିଲା। ତେବେ ସ୍ଥାନୀୟ ଲୋକଙ୍କ ସମସ୍ୟା ଯେମିତିକୁ ସେମିତି ରହିଥିଲା। ଲୋକଙ୍କ ମୁଣ୍ଡ ଉପରେ ଛାତ କି ଜୀବନ ବଞ୍ଚିବାର ସାଧନ ନ ଥିଲା। ଏପରି ପ୍ରତିକୂଳ ପରିସ୍ଥିତିରେ ଲୋକମାନେ ବଙ୍କରକୁ ଘର ଭାବେ ବ୍ୟବହାର କରିବାକୁ ଲାଗିଲେ। ଏବେ ଏହି ବଙ୍କରଗୁଡ଼ିକୁ ବାସଗୃହ, ଗୋଦାମ, ଗୁହାଳ ଭାବେ ବ୍ୟବହାର କରାଯାଉଛି।

### ବନ୍ଦୀ ହୋଇଥିଲେ ଡିଜାଇନର

ଡୋମ୍ ଆକାରର ଏହି ବଙ୍କରଗୁଡ଼ିକୁ ଡିଜାଇନ କରିଥିଲେ ମିଲିଟାରି ଇଞ୍ଜିନିୟର ଜୋସିଫ୍ ଜଗାଲୀ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାମିଲ ହୋଇଥିବା ଜୋସିଫ୍ ରୁଷିଆରେ ବଙ୍କର ନିର୍ମାଣ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ତାଙ୍କ ଦ୍ୱାରା ନିର୍ମିତ ବଙ୍କର ଡିଜାଇନ୍‌ରେ ଏନ୍‌ଭର ଏତେମାତ୍ରାରେ ପ୍ରଭାବିତ ହୋଇଥିଲେ ଯେ, ସେ ତାଙ୍କୁ ତୁରନ୍ତ ଏହି ପ୍ରକଳ୍ପ ଦାୟିତ୍ୱ ଦେଇଥିଲେ। ଏପରି କି ତାଙ୍କୁ ସେନାବାହିନୀରେ ଉଚ୍ଚପାହ୍ୟା ପ୍ରଦାନ କରାଯାଇଥିଲା। ତେବେ କିଛିଦିନ ପରେ ବିଦେଶୀ ଏଜେଣ୍ଟ ସନ୍ଦେହରେ ଏନ୍‌ଭରଙ୍କ ନିର୍ଦ୍ଦେଶରେ ଜୋସିଫ୍‌ଙ୍କୁ ବନ୍ଦୀ କରାଯାଇଥିଲା।

### ନୂଆ ରୂପ ନେଉଛି ବଙ୍କର

ଯେଉଁ ବଙ୍କର ଦିନେ ଆଲବାନିଆର ଅର୍ଥନୀତିକୁ ଛାରଖାର କରିଦେଇଥିଲା ସେହି ବଙ୍କର ଏବେ ବୈଦେଶିକ ପୁଞ୍ଜି ସଂଗ୍ରହର ମାଧ୍ୟମ ପାଲଟିଛି। ଏହାକୁ ଦେଖିବାକୁ ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି। କେତେକ ବଙ୍କରକୁ ପର୍ଯ୍ୟଟକ ରହଣିସ୍ଥଳ ଭାବେ ପରିବର୍ତ୍ତିତ କରାଯାଇଛି। ସେହିପରି ଆଉ କେତେକ ବଙ୍କରକୁ କ୍ଷୁଦ୍ର ହୋଟେଲ, ମ୍ୟୁଜିୟମ, ସାଂସ୍କୃତିକ ସମାବେଶ ସ୍ଥଳରେ ରୂପାନ୍ତରିତ କରିବାକୁ ଯୋଜନା ଚାଲିଛି।

## ୨ କୋଟି ଅଫର୍‌କୁ ନା


ସାଇ ପଲ୍ଲବୀ

**ମୁମ୍ବାଇ:** ସାଇ ପଲ୍ଲବୀ ହେଉଛନ୍ତି ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣେ ଜଣାଶୁଣା ଅଭିନେତ୍ରୀ। ୨୦୧୪ରେ ସେ ଫିଲ୍ମ 'ପ୍ରେମମ୍'ରେ ମଲ୍ଲାର ଭୂମିକାରେ ଅଭିନୟ କରି ଫିଲ୍ମଫେୟାର୍ ଆୱାର୍ଡ ପାଇଥିଲେ। ୨୦୧୭ରେ ଆସିଥିବା ଶେଖର କାମୁଲାଙ୍କ 'ଫିଦା' ମୁଭିରେ ଦର୍ଶକ ତାଙ୍କୁ ବେଶ୍ ପସନ୍ଦ କରିଥିଲେ। ସାଇ ଏବେ ଏକ ଫେୟାରନେସ କ୍ରିମ ଆଡ୍‌କୁ ମନା କରିଦେଇଥିଲେ ଯାହାପାଇଁ ତାଙ୍କୁ ୨ କୋଟି ଟଙ୍କା ଅଫର୍ କରାଯାଇଥିଲା। ସାଇ କହିଥିଲେ, ମୁଁ ଫେୟାର୍‌ନେସ କ୍ରିମ ବିଜ୍ଞାପନରେ କାମ କରିପାରିବି ନାହିଁ। କାରଣ ମୁଁ ଭାରତୀୟ। ରଙ୍ଗ କଳା ଗୋରା ସେପରି କିଛି ନ ଥାଏ। ଯାହା ଅଛି ଭଗବାନଙ୍କ ଦାନ। କୌଣସି ଭାବେ ଲୋକଙ୍କୁ ଭୁଲ ସନ୍ଦେଶ ଦେବାକୁ ଚାହେଁନି। ପ୍ରକାଶ ଥାଉ କି, ସାଇ ପଲ୍ଲବି ନିଜ ଚେହେରାକୁ କୌଣସି ଫିଲ୍ମରେ ମେକ୍‌ଅପ କରିବାକୁ ପସନ୍ଦ କରନ୍ତି ନାହିଁ। ସେ ତାମିଲ୍ ସୁପରଷ୍ଟାର୍ ସୂର୍ଯ୍ୟାଙ୍କ ସହ 'ଏନ୍‌ଜିକେ'ରେ ନଜର ଆସିବେ।

# କୋହ୍ଲାପୁରର 'ସାପ ଦୁର୍ଗ'



**ନୂଆଦିଲ୍ଲୀ:** ଭାରତରେ ଏମିତି କିଛି ଦୁର୍ଗ ରହିଛି, ଯାହା ବହୁ ପୁରାତନ। ଏପରିକି ଏହି ଦୁର୍ଗ କେବେ ତିଆରି ହୋଇଛି, କିଏ ତିଆରି କରିଛନ୍ତି, ତାହା କାହାକୁ ସଠିକ୍ ଭାବେ ଜଣା ନ ଥାଏ। କେବଳ ଯାହା ଅନୁମାନ କରାଯାଏ। ଏପରି ଏକ ଐତିହାସିକ ଦୁର୍ଗ ହେଉଛି 'ସାପ ଦୁର୍ଗ'। କୁହାଯାଏ, ଏହା ୮୦୦ ବର୍ଷ ତଳର ପୁରୁଣା ଦୁର୍ଗ। ୧୧୭୮ରୁ ୧୨୦୯ ଖ୍ରୀଷ୍ଟାବ୍ଦରେ ଶିଳାହାର ଶାସକ ଦ୍ୱିତୀୟ ଭୋଜ ଏହାକୁ ନିର୍ମାଣ କରିଥିଲେ। କେଉଁଠାରେ ରାଜା ଭୋଜ ତ ଆଉ କେଉଁଠି ଗଙ୍ଗୁ ତେଲି ଏହି ଦୁର୍ଗ ନିର୍ମାଣ କରିଥିବା କୁହାଯାଇଛି।

ଏହାକୁ 'ପହ୍ନାଲା' ଦୁର୍ଗ ମଧ୍ୟ କୁହାଯାଏ। ଯେଉଁଥିରେ ପହ୍ନାଲାଗଡ଼, ପହ୍ନାଲା ଆଦି ନାମରେ ଜଣାଶୁଣା। ଏହି ଦୁର୍ଗ ମହାରାଷ୍ଟ୍ରର କୋହ୍ଲାପୁର ଜିଲ୍ଲାର ଦକ୍ଷିଣପୂର୍ବରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ। ପହ୍ନାଲା ଏକ ଛୋଟ ସହର ଏବଂ ହିଲ୍ ଷ୍ଟେଶନ। କିନ୍ତୁ ଏହାର ଇତିହାସ ଶିବାଜୀ ମହାରାଜଙ୍କ ସହ ଜଡ଼ିତ। ଯଦିଓ ଏହି ଦୁର୍ଗ ଯାଦବ, ବାହମାନୀ ଏବଂ ଆଦିଲ ଶାହି ପରି ଅନେକ ରାଜବଂଶ ଅଧୀନରେ ରହିଆସିଛି। କିନ୍ତୁ ୧୬୭୩ ଖ୍ରୀଷ୍ଟାବ୍ଦରେ ଏହା ଶିବାଜୀ ମହାରାଜଙ୍କ ଅଧୀନକୁ ଯାଇଥିଲା। କୁହାଯାଏ, ଶିବାଜୀ ମହାରାଜ ପହ୍ନାଲା ଦୁର୍ଗରେ ଦୀର୍ଘ ସମୟ ରହିଥିଲେ। ଏଠାରେ ସେ ୫୦୦ ଦିନରୁ ଅଧିକ ରହିଥିଲେ। ପରେ ଏହି ଦୁର୍ଗ ଇଂରେଜମାନଙ୍କ ଅଧୀନକୁ ଚାଲିଯାଇଥିଲା। ଏହି ଦୁର୍ଗକୁ 'ସାପ' ଦୁର୍ଗ କୁହାଯାଏ। କାରଣ ଏହା ଅଙ୍କାବଙ୍କା ଭାବରେ ନିର୍ମାଣ କରାଯାଇଛି। ଏମିତି ଜଣାପଡ଼େ କି, ଏହା ଉପରେ ଯେମିତି ସାପ ଚାଲୁଛନ୍ତି। ଏହି ଦୁର୍ଗ ନିକଟରେ କୁଳଦେବୀ ତୁଳଜା ଭବାନୀଙ୍କ ମନ୍ଦିର ରହିଛି। ଯେଉଁଥିରେ ଏକ ଗୁପ୍ତ ସୁଡ଼ଙ୍ଗ ରହିଛି। ପ୍ରାୟ ୨୨ କିଲୋମିଟର ପର୍ଯ୍ୟନ୍ତ ଏହି ସୁଡ଼ଙ୍ଗଟି ବ୍ୟାପିଛି। ଏହି ସୁଡ଼ଙ୍ଗକୁ ଏବେ ବନ୍ଦ କରିଦିଆଯାଇଛି। କୁହାଯାଏ, ଶତ୍ରୁପକ୍ଷ ଆକ୍ରମଣ ସମୟରେ ଏହି ସୁଡ଼ଙ୍ଗରେ ରହି ଜୀବନ ବଞ୍ଚାଇବାକୁ ପଡୁଥିଲା।

# ପ୍ରଥମେ ଇଟାଲୀରେ ହୋଇଥିଲା ଲକ୍‌ଡାଉନ



**ରୋମ୍:** ୟୁରୋପର ପ୍ରଥମ ଦେଶ ଭାବେ ପ୍ରଥମେ ଇଟାଲୀରେ କରୋନା ଭୂତାଣୁ ଦେଖା ଦେଇଥିଲା ବୋଲି ଜଣାପଡ଼ିଛି। ଫଳରେ ବିଶ୍ୱର ଏହି ଦେଶରେ ପ୍ରଥମେ ଲକ୍‌ଡାଉନ୍ କଟକଣା ଲଗାଯାଇଥିଲା। ବିଶ୍ୱରେ ପ୍ରଥମ କରୋନା ରିପୋର୍ଟ ଆସିବାର ୨ ମାସ ପୂର୍ବରୁ ନର୍ଦନ ଇଟାଲୀର ଦୁଇଟି ସହରରେ ୨୦୧୯ ଡିସେମ୍ବରରେ ଏହି ମହାମାରୀ କରୋନା ଭୂତାଣୁ ଦେଖାଦେଇଥିଲା ବୋଲି ଏକ ନ୍ୟାଶନାଲ ହେଲ୍‌ଥ ଇନ୍‌ଷ୍ଟିଚ୍ୟୁଟ୍ ଷ୍ଟଡିରୁ ଜଣାପଡ଼ିଛି। ମିଲାନ ଓ ତୁରିନ୍‌ରେ ବର୍ଜ୍ୟଜଳ ସଂଗ୍ରହ କରାଯାଇ ସାମ୍ପଲ ଟେଷ୍ଟ କରାଯାଇଥିଲା। ଗତବର୍ଷ ଡିସେମ୍ବରରେ ଏଥିରୁ ସାର୍ସ-କୋଭ୍-୨ ଉତ୍ପତ୍ତି ସମ୍ପର୍କରେ ଚିହ୍ନଟ କରାଯାଇଥିଲା। ପରେ ଜାନୁୟାରୀରେ ବୋଲଗ୍ନାରେ ଇସ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ମଧ୍ୟ ଗବେଷକମାନେ ପରୀକ୍ଷା ନିରୀକ୍ଷା କରି ଏସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ବିଭିନ୍ନ ନାଳନର୍ଦ୍ଦମାରେ ଏହା ବ୍ୟାପିବାରେ ଲାଗିଥିଲା। କ୍ରମଶଃ ଏହି ଭୂତାଣୁ କିଛିଦିନ ପରେ ଇଟାଲୀକୁ କବଳିତ କରିଥିଲା। ପ୍ରଥମେ ଚାଇନିଜ୍ କପଲ ଲୋମ୍ବାର୍ଡିର କୋଡୋଗ୍ନୋ ସହରରେ ବୁଲୁଥିବାବେଳେ ଭୂତାଣୁ ଆକ୍ରାନ୍ତ ହୋଇଥିଲେ। ପରେ ଫେବୃୟାରୀ ୨୧ରେ ସରକାର କୋଡୋଗ୍ନୋ ସହରକୁ ରେଡ୍ ଜୋନ୍ ଭାବେ ଘୋଷଣା କରି ବନ୍ଦ କରିଥିଲେ। ଏହା ପରେ ଭେନେଟୋ, ଲୋମ୍ବାର୍ଡି ଭଳି ୯ଟି ସହରରେ କଟକଣା ଲଗାଯାଇଥିଲା।

### ଡିସେମ୍ବରରେ ଦେଖାଦେଇଥିଲା କରୋନା

ଇସ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଜଳ ମାନ ନିରୀକ୍ଷକ ଗୁସେପିନା ଲା ରୋଜା ଏବଂ ତାଙ୍କ ଟିମ୍ ୨୦୧୯ ଅକ୍ଟୋବରରୁ ୨୦୨୦ ଫେବୃୟାରୀ ମଧ୍ୟରେ ୪୦ଟି ବର୍ଜ୍ୟ ଜଳର ସାମ୍ପଲ ପରୀକ୍ଷା କରି ଦେଖିଥିଲେ। ଦୁଇଟି ବିଜ୍ଞାନାଗାରରେ ଭିନ୍ନ ଭିନ୍ନ ପରୀକ୍ଷା କରାଯିବାରୁ ସାର୍ସ-କୋଭ୍-୨ ଭୂତାଣୁ ଥିବା ଜଣାପଡ଼ିଥିଲା। ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ରିପୋର୍ଟ ନେଗେଟିଭ୍ ଆସିଥିବାବେଳେ ଡିସେମ୍ବରରେ ପଜିଟିଭ୍ ବାହାରିଥିଲା। ସେହିଭଳି ସ୍ପେନ୍‌ର ବାର୍ସିଲୋନାରେ ଜାନୁୟାରୀ ୧୫ରେ ସଂଗ୍ରହ କରାଯାଇଥିବା ବର୍ଜ୍ୟଜଳରୁ ମଧ୍ୟ ଏଭଳି ଭୂତାଣୁ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ବ୍ରିସ୍‌ବେନ, ପ୍ୟାରିସ୍, ଆମ୍‌ଷ୍ଟରଡାମ୍‌ର ବର୍ଜ୍ୟଜଳ ଓ ନାଳପାଣିରେ ଏହି ଭୂତାଣୁ ରହି କାୟାବିସ୍ତାର କରିବାରେ ସଫଳ ହୋଇଥିଲେ। ତେଣୁ ବର୍ଜ୍ୟଜଳ ଓ ନାଳ ପାଣିର ସାମ୍ପଲ ପରୀକ୍ଷା ଦ୍ୱାରା ଭୂତାଣୁକୁ ଚିହ୍ନଟ କରାଯାଇପାରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ଅଞ୍ଚଳରେ କରୋନା ଭୂତାଣୁ ବ୍ୟାପିବା ପୂର୍ବରୁ ସେଠାକାର ନାଳପାଣି କିମ୍ବା ବର୍ଜ୍ୟଜଳକୁ ପ୍ରଥମେ ପରୀକ୍ଷା କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଲୋକଙ୍କ ମଧ୍ୟରେ ଭୂତାଣୁ ଆକ୍ରାନ୍ତ କରିବାର ଲକ୍ଷଣ ପ୍ରକାଶ ପାଉ ନ ଥିଲେ ହେଁ ବର୍ଜ୍ୟଜଳରେ ଲୁଚିଥିବା ଏହି ମହାମାରୀ ପରେ ସେମାନଙ୍କୁ ସଂକ୍ରମଣ କରିବାର ଆଶଙ୍କା ରହିଥିବା ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

## ପ୍ରେମିକଙ୍କୁ ଭେଟିଲେ ହୀନା



**ମୁମ୍ବାଇ:** କରୋନା ସଂକ୍ରମଣ ଯୋଗୁ ସାରା ଦେଶରେ ଲକ୍‌ଡାଉନ ଘୋଷଣା କରାଯାଇଥିଲା। ସମସ୍ତେ ଏକପ୍ରକାର ବନ୍ଦ ହୋଇଯାଇଥିଲେ। ତେବେ ଏଥିରୁ ବାଦ୍ ପଡ଼ି ନ ଥିଲେ ସେଲିବ୍ରିଟିମାନେ। ଯିଏ ଯେଉଁଠି ଅଛନ୍ତି ସେଠାରେ ରହିବାକୁ ସୁରକ୍ଷିତ ମଣିଲେ। ଏହାକୁ ନେଇ ପ୍ରେମିକ ରକି ଜୟସୱାଲଙ୍କୁ ଦେଖି ପାରୁ ନ ଥିଲେ ଅଭିନେତ୍ରୀ ହୀନା ଖାନ୍। ଘରେ ପରିବାର ସହ ସେ ସମୟ କାଟୁଥିଲେ। ତାଙ୍କ ବୟଫ୍ରେଣ୍ଡକୁ ବହୁତ ମିସ୍ କରୁଥିଲେ। ହେଲେ ଏବେ ନିୟମ ସାମାନ୍ୟ କୋହଳ ହେବା ପରେ ହିନା ତାଙ୍କୁ ଭେଟିଛନ୍ତି। ନିଜର ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ହିନା ରକିଙ୍କ ସହ ଏକ ଫଟୋକୁ ଶେୟାର କରିଛନ୍ତି। ରକି ମଧ୍ୟ ନିଜ ଷ୍ଟାଟସ୍‌ରେ ଉଭୟଙ୍କ ଫଟୋକୁ ରଖିଛନ୍ତି। କିଛି ମାସ ପରେ ଉଭୟଙ୍କୁ ଏକାଠି ଦେଖି ଫ୍ୟାନ ମାନେ ଖୁସି ହୋଇଯାଇଛନ୍ତି। ପ୍ରକାଶ ଥାଉ କି, ହୀନା ଖାନ ଟେଲି ଜଗତରେ ଜଣେ ସଫଳ ଅଭିନେତ୍ରୀ। ସେ ତାଙ୍କ ଅଭିନୟରେ ଫ୍ୟାନମାନଙ୍କ ବେଶ୍ ହୃଦୟ ଜିତିପାରିଛନ୍ତି ମଧ୍ୟ। 'ୟେ ରିସ୍ତା କ୍ୟା କେହେଲାତା ହେ'ରୁ ଅକ୍ଷରା ଭୂମିକାରେ ହୀନା ନିଜର କ୍ୟାରିୟର ଆରମ୍ଭ କରିଥିଲେ।

# ସାମ୍ପ୍ରତିକ ବିଶ୍ୱ ଏବଂ ଅଷ୍ଟାଙ୍ଗଯୋଗ

**ମନୋରଞ୍ଜନ ସାହୁ**

ନିଜର ବୁଦ୍ଧି ଓ ବିବେକକୁ ନେଇ ସମଗ୍ର ସୃଷ୍ଟିରେ ମନୁଷ୍ୟ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରେ। ପରନ୍ତୁ ସମ୍ପ୍ରତି ବିଶ୍ୱକୁ ନିରେଖି ଚାହିଁଲେ ସର୍ବତ୍ର ହିଂସା, ଦ୍ୱେଷ, ପରଶ୍ରୀକାତରତା, ଲୋଭ, ମୋହ, ଭୟ, ଭ୍ରାନ୍ତି, ସ୍ୱାର୍ଥପରତା ତଥା କ୍ଷମତା-ଲିପ୍‌ସାର ତାଣ୍ଡବ ପରିଦୃଶ୍ୟ ହୁଏ; ଯାହାର ପରିଣାମସ୍ୱରୂପ ସର୍ବତ୍ର ଦୁଃଖ, ଶୋକ, କଷ୍ଟ, ବ୍ୟାଧି, ମହାମାରୀ ତଥା ପାଶବିକତାର ନଗ୍ନରୂପ ଅନୁଭୂତ ହୁଏ। ଏସବୁର ମୂଳ କାରଣ ହେଉଛି ଅଜ୍ଞାନତା। ଅଜ୍ଞାନତା ହିଁ ସମସ୍ତ ଦୁଃଖ, କଷ୍ଟ, ଦୁର୍ଗତି ତଥା ଅଶାନ୍ତିର ମୂଳ କାରଣ।

ଅଜ୍ଞାନତାବଶତଃ ମନୁଷ୍ୟ ଆନନ୍ଦର ଉତ୍ସ ଓ ମାର୍ଗକୁ ଜାଣି ନ ପାରି ପଥଭ୍ରଷ୍ଟ ହୋଇ ଦୁଃଖକଷ୍ଟ ଓ ଦୁର୍ଗତିକୁ ବରଣ କରିଥାଏ। ଏହି ପରିପ୍ରେକ୍ଷୀରେ କେଉଁ ଅନାଦିକାଳରୁ ମନୁଷ୍ୟଙ୍କୁ ଉଚିତ ମାର୍ଗ ପ୍ରଦର୍ଶନ ନିମିତ୍ତ ମହର୍ଷି ପତଞ୍ଜଳି ପ୍ରଣୟନ କରିଛନ୍ତି 'ଯୋଗସୂତ୍ର'; ଯାହା କି 'ପତଞ୍ଜଳି ଯୋଗସୂତ୍ର' ନାମରେ ସର୍ବଜନବିଦିତ।

'ଯୋଗ' ଶବ୍ଦ ସଂସ୍କୃତ ଶବ୍ଦ 'ଯୁଜ୍' ଧାତୁରୁ ଉତ୍ପନ୍ନ, ଯାହାର ଆକ୍ଷରିକ ଅର୍ଥହେଲା ଯୁକ୍ତ ହେବା। ବେଦ କହେ ଈଶ୍ୱର ହେଉଛନ୍ତି ଅଖଣ୍ଡ ଆନନ୍ଦର ଉତ୍ସ। ଜୀବ ସ୍ୱଭାବତଃ ଆନନ୍ଦଲିପ୍‌ସୁ। ଯେଉଁ ମାଧ୍ୟମରେ ମନୁଷ୍ୟ(ଜୀବ) ଈଶ୍ୱର(ପରମ)ଙ୍କ ସାନ୍ନିଧ୍ୟ ଲାଭ କରେ ସେହି ମାଧ୍ୟମ ବା ମାର୍ଗ ହିଁ 'ଯୋଗ'। 'ପତଞ୍ଜଳି ଯୋଗସୂତ୍ର' ସମୁଦାୟ ୪ଟି ଅଧ୍ୟାୟ (ପାଦ) ତଥା ସୂତ୍ରରେ ବର୍ଣ୍ଣିତ।

'ଯୋଗ' ଏକ ଦିବ୍ୟଜ୍ଞାନ; ଯାହା ସମଗ୍ର ବିଶ୍ୱର ମଙ୍ଗଳ ସାଧନ କରିବା ସହିତ ବ୍ୟକ୍ତିଗତ ଜୀବନକୁ ପୂର୍ଣ୍ଣତା ପ୍ରଦାନ କରିଥାଏ। ଏହା ଏକ ଜୀବନର ଧାରା; ଯାହା ମାନବକୁ ମହାମାନବରେ ପରିଣତ କରିପାରେ। ଏହାଦ୍ୱାରା ମନୁଷ୍ୟର ଚିନ୍ତାଧାରା, ବଚନ ଏବଂ କାର୍ଯ୍ୟଶୈଳୀରେ ସାମ୍ୟ ବଜାୟ ରହିଥାଏ। 'ଯୋଗ' ଏକ ମାର୍ଗ; ଯାହା ମନୁଷ୍ୟକୁ ଉନ୍ନତିର ଚରମସୋପାନରେ ପହଞ୍ଚାଇଥାଏ। 'ଯୋଗ' ଏକ ପ୍ରକ୍ରିୟା; ଯାହା କାୟ, ମନ ଏବଂ ବାକ୍ୟକୁ ବିଶୁଦ୍ଧୀକରଣ କରିଥାଏ। ସାଧାରଣତଃ ଦୈନନ୍ଦିନ ଜୀବନର କାର୍ଯ୍ୟଧାରା ମନୁଷ୍ୟର ମାନସିକ ସ୍ଥିତି ଉପରେ ନିର୍ଭର କରେ। ତେଣୁ ଯୋଗସୂତ୍ର ପ୍ରଥମ ଅଧ୍ୟାୟ 'ସାମାଧି ପାଦ'ରେ ମହର୍ଷି ପତଞ୍ଜଳି ବର୍ଣ୍ଣନା କରିଛନ୍ତି 'ଯୋଗଶ୍ଚିତ୍ତବୃତ୍ତିନିରୋଧଃ'। ଏହି ଚିତ୍ତବୃତ୍ତିକୁ ନିରୋଧ କରିବା ପାଇଁ ପତଞ୍ଜଳି ଯେଉଁ ଆଠଟି ଅଙ୍ଗ ବର୍ଣ୍ଣନା କରିଛନ୍ତି ତାହା ଅଷ୍ଟାଙ୍ଗ ଯୋଗ ରୂପେ ପରିଚିତ। ଅଷ୍ଟାଙ୍ଗ ଯୋଗ ହେଉଛି: ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି। ଉପରୋକ୍ତ ସୂତ୍ର ନିମ୍ନମତେ ସଂକ୍ଷେପରେ ବର୍ଣ୍ଣନା କରାଯାଇଛି। ଏ ଆଠଟା ଅଙ୍ଗର ପୁଣି ଉପାଙ୍ଗ ରହିଛି।

ଯମ ଭିତରେ ଅଛି: ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ। ଅହିଂସା ମାନେ କାୟ, ମନ, ବାକ୍ୟରେ କାହା ପ୍ରତି ହିଂସା ଆଚରଣ ନ କରିବା। ସତ୍ୟ ମାନେ ଆଚରଣ ଏବଂ ଉଚ୍ଚାରଣରେ ସତ୍ୟ ପାଳନ କରିବା। ସତ୍ୟ ପ୍ରତିଷ୍ଠିତ ହେଲେ ବ୍ୟକ୍ତି ବାକ୍‌ସିଦ୍ଧି ଅର୍ଜନ କରେ। ଅସ୍ତେୟ ମାନେ ଚୋରି ନ କରିବା। ଅସ୍ତେୟ ପ୍ରତିଷ୍ଠିତ ହେଲେ ବ୍ୟକ୍ତି ସର୍ବସମ୍ପତ୍ତିର ଅଧିକାରୀ ହୁଏ। ବ୍ରହ୍ମଚର୍ଯ୍ୟ ମାନେ ବ୍ରହ୍ମସଂଯୁକ୍ତ ହୋଇ ରହିବା ବା ବ୍ରହ୍ମର ଚଳନରେ ଚାଲିବା। ବ୍ରହ୍ମଚର୍ଯ୍ୟ ପ୍ରତିଷ୍ଠାୟାଂ ବୀର୍ଯ୍ୟଲାଭଃ। ଅର୍ଥାତ୍ ଏହାଦ୍ୱାରା ବ୍ୟକ୍ତି ଅଖଣ୍ଡ ଶକ୍ତିର ଅଧିକାରୀ ହୁଏ। ଅପରିଗ୍ରହ ମାନେ ନିଜର ଦୈନନ୍ଦିନ ଆବଶ୍ୟକତାଠାରୁ ଅଧିକ ଗ୍ରହଣ ନ କରିବା, ଅଧିକ ମିଳିଲେ ତାକୁ ଅନ୍ୟମାନଙ୍କୁ ଦାନ କରିଦେବା ଏବଂ ନିଜ ଜୀବନ ପାଇଁ ଅଦରକାରୀ ବା କ୍ଷତିକାରକ କିଛି ଗ୍ରହଣ ନ କରିବା।

ନିୟମ ଭିତରେ ଅଛି: ଶୌଚ, ସନ୍ତୋଷ, ତପଃ, ସ୍ୱାଧ୍ୟାୟ ଓ ଈଶ୍ୱରପ୍ରଣିଧାନ। ଶୌଚ ମାନେ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସଦାଚାର ଏବଂ ପରିଚ୍ଛନ୍ନତା। ସନ୍ତୋଷ ମାନେ ଯେତିକି ମିଳୁଛି ସେତିକିରେ ସନ୍ତୁଷ୍ଟ ରହିବା। ଏହାଦ୍ୱାରା ଅଖଣ୍ଡ ସୁଖପ୍ରାପ୍ତି ହୋଇଥାଏ। ତପଃ ମାନେ ତପସ୍ୟା, ନିରବଚ୍ଛିନ୍ନ ଅଧ୍ୟବସାୟ। ସ୍ୱାଧ୍ୟାୟ ମାନେ ଧର୍ମଗ୍ରନ୍ଥ ପଠନ ପୂର୍ବକ ତା'ର ଅନୁଶୀଳନ। ଈଶ୍ୱରପ୍ରଣିଧାନ ମାନେ କାୟମନୋବାକ୍ୟରେ ଈଶ୍ୱରଙ୍କ ପ୍ରତି ସମର୍ପଣ ମନୋଭାବ। ଏହାଦ୍ୱାରା ମଣିଷ ସିଦ୍ଧିଲାଭ କରିଥାଏ।

ଆସନ ମାନେ ଧୀରସ୍ଥିରଭାବରେ ମେରୁଦଣ୍ଡ ସିଧା କରି ଦୀର୍ଘ ସମୟ ବସିପାରିବାର ଅଭ୍ୟାସ। ପଦ୍ମାସନ, ସିଦ୍ଧାସନ ପ୍ରଭୃତି ଅନେକ ଯୋଗାସନ ରହିଛି। ଏହା ଯୋଗ ସାଧନାର ପ୍ରଥମ ସୋପାନ କାରଣ ଧ୍ୟାନ କରିବାକୁ ହେଲେ ଯେକୌଣସି ଗୋଟିଏ ଆସନରେ ଅଭ୍ୟସ୍ତ ହେବା ଦରକାର।


ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ

ପ୍ରାଣାୟାମ ହେଉଛି ପ୍ରାଣ ବା ପବନର ଆୟାମ। ପ୍ରଯତ୍ନ ପୂର୍ବକ ସାଧାରଣ ଶ୍ୱାସ-ପ୍ରଶ୍ୱାସର ଗତିରୋଧ ଓ ନିୟନ୍ତ୍ରଣ ହେଉଛି ପ୍ରାଣାୟାମ। ପୂରକ-କୁମ୍ଭକ-ରେଚକ ହେଉଛି ପ୍ରଣାୟାମର ଅଙ୍ଗ। ଉପଯୁକ୍ତ ଗୁରୁଙ୍କ ପାଖରୁ ଶିଖି ପ୍ରାଣାୟାମ କରିବାକୁ ହୁଏ। ନ ହେଲେ ବିପଦର ଆଶଙ୍କା ଥାଏ। ଏହାଦ୍ୱାରା ଧାରଣା ନିମିତ୍ତ ଚିତ୍ତ ପ୍ରସ୍ତୁତ ହୁଏ।

ପ୍ରତ୍ୟାହାର ମାନେ ଇନ୍ଦ୍ରିୟମାନଙ୍କୁ ସେମାନଙ୍କର ଈପ୍‌ସିତ ବସ୍ତୁଠାରୁ ନିବୃତ୍ତ ରଖିବା। ଏହାଦ୍ୱାରା ଇନ୍ଦ୍ରିୟମାନଙ୍କ ଉପରେ କର୍ତ୍ତୃତ୍ୱ ଆସେ।

ଧାରଣା ହେଉଛି ନିର୍ଦ୍ଦିଷ୍ଟ ବିନ୍ଦୁରେ ମନକୁ ସ୍ଥିର ରଖିବା। ଏହାଦ୍ୱାରା ଋତମ୍ଭରା ପ୍ରଜ୍ଞା ଏବଂ ପରମ ଆନନ୍ଦପ୍ରାପ୍ତି ହୋଇଥାଏ।

ଧ୍ୟାନ ମାନେ ଗୁରୁଙ୍କ ନାମ ଜପପୂର୍ବକ ତାଙ୍କର ରୂପ ଓ ଗୁଣ ଚିନ୍ତା କରିବା ବା ଯେକୌଣସି ବିଷୟରେ ଗଭୀର ଭାବେ ଚିନ୍ତା କରିବା। ଜପ ମଣିଷକୁ ତୀକ୍ଷ୍ଣ କରେ ଓ ଧ୍ୟାନ ମଣିଷକୁ ସ୍ଥିର ଓ ଗ୍ରହଣକ୍ଷମ କରେ।

ଶେଷରେ ଧ୍ୟାନର ଚରମ ଅବସ୍ଥାରେ ମଣିଷ ସମାଧିସ୍ଥ ହୋଇଥାଏ। ଏହି ଅବସ୍ଥାରେ ସାଧକ ନିଜକୁ ନିଜର ସାଧନାକୁ ଭୁଲି କେବଳ ସାଧ୍ୟ (ବ୍ରହ୍ମ)ରେ ନିମଗ୍ନ ରହେ ଏବଂ ଋତମ୍ଭରା ପ୍ରଜ୍ଞା ଏବଂ ପରମ ଆନନ୍ଦ ପ୍ରାପ୍ତ ହୁଏ।

ଉପରୋକ୍ତ ଆଲୋଚନାରୁ ଏହା ସୁସ୍ପଷ୍ଟ ଯେ ଜୀବନର ସମସ୍ତ ଈପ୍‌ସିତ ଦ୍ରବ୍ୟ ଏହି ଅଷ୍ଟାଙ୍ଗଯୋଗ ମାଧ୍ୟମରେ ଉପଲବ୍ଧ ହୋଇପାରେ। ଯୋଗର ପରିସରକୁ ବୁଝାଇବାକୁ ଯାଇ ସାଧାରଣ ମନୁଷ୍ୟର ଭ୍ରାନ୍ତ ଧାରଣା ଦୂର କରିବା ଉଦ୍ଦେଶ୍ୟରେ ମହର୍ଷି ପତଞ୍ଜଳି ଯୋଗସୂତ୍ର ସାଧନପାଦ ସୂତ୍ର ସଂଖ୍ୟା ୩୧ରେ ବର୍ଣ୍ଣନା କରିଛନ୍ତି- "ଜାତି-ଦେଶ-କାଳ-ସମୟ-ଅନବଚ୍ଛିନ୍ନାଃ ସାର୍ବଭୌମା ମହାବ୍ରତମ୍।'' ଅର୍ଥାତ୍ ଏହି ମହାବ୍ରତ (ଅଷ୍ଟାଙ୍ଗ ଯୋଗ)କୁ ଦେଶ, କାଳ ଏବଂ ପରିସ୍ଥିତିର ଊର୍ଦ୍ଧ୍ୱକୁ ଯାଇ ସାର୍ବଜନୀନ ଭାବେ ପ୍ରତ୍ୟହ ଅଭ୍ୟାସ କରିବା ଉଚିତ। ତେଣୁ 'ଯୋଗ'କୁ ଯେକୌଣସି ଧର୍ମ ତଥା ଦେଶର ଅଧିବାସୀ ସ୍ଥାନ-କାଳ-ପାତ୍ରର ଊର୍ଦ୍ଧ୍ୱରେ ନିୟମିତ ଅଭ୍ୟାସ କରିବା ନିମିତ୍ତ 'ପତଞ୍ଜଳି-ଯୋଗସୂତ୍ର' ଅନୁମୋଦନ ପ୍ରଦାନ କରିଛି।

ଆଜି ବିଶ୍ୱ ଯୋଗ ଦିବସ। ହେ ମୋର ବିଶ୍ୱବାସୀ ଆଜିର ଏ ପବିତ୍ର ଦିବସରେ ଆସନ୍ତୁ ସଭିଏଁ ଏକତ୍ର ହୋଇ ଏହି ସଂକଳ୍ପ ନେବା- ପ୍ରତ୍ୟହ ଯୋଗାଭ୍ୟାସ ପୂର୍ବକ ବିଶ୍ୱମୈତ୍ରୀ, ସାମ୍ୟ ଏବଂ ଅଖଣ୍ଡ ଶାନ୍ତିରେ ସହାବସ୍ଥାନ କରି ପରମସୁଖକୁ ଅନୁଭବ କରିବା।

ଚିକିତ୍ସକ, ମୋ:୯୪୩୭୨୮୨୫୨୫

# ବାପାଙ୍କ ପାଇଁ..



**ତାଙ୍କ ପାଖେ ନା ଥିଲା ଆର୍ଥିକ ସମ୍ବଳର ପ୍ରାଚୁର୍ଯ୍ୟ ନା ସ୍ଥିତି ଥିଲା ସୁଦୃଢ଼ । ହେଲେ ଥିଲା କର୍ତ୍ତବ୍ୟବୋଧ ଆଉ ଅଦମ୍ୟ ମନୋବଳ। ଆଉ ଯେଉଁଥିପାଇଁ ସବୁ ଦୁଃଖ କଷ୍ଟକୁ ଏକାକୀ ସହି ମୁଣ୍ଡ ଝାଳ ତୁଣ୍ଡରେ ମାରି ଫୁଟାଇଥିଲେ ସନ୍ତାନ ମୁହଁରେ ହସ ଏବଂ ପୂରା କରିଥିଲେ ସେମାନଙ୍କୁ ନିଜଠୁ ଖୁବ୍ ଉଚ୍ଚରେ ଦେଖିବାର ସ୍ୱପ୍ନ। ଏଭଳି ବାପାଙ୍କ ସମ୍ପର୍କରେ ଆଜି ଫାଦର୍ସ ଡେ’ ଅବସରରେ ଯାହା କୁହନ୍ତି ଏମାନେ ...**

**ବାପା ମୋ ପାଇଁ ଚଳନ୍ତି ଠାକୁର:** ବାପା(ଏ. ବାଲାରାଜୁ ପାତ୍ର)ଙ୍କ ସମ୍ପର୍କରେ କିଛି କହିବାକୁ ମୋ ପାଖେ ଶବ୍ଦ ନିଅଣ୍ଟ। ପରିବାରରେ ଖୁସି ଆଣିବା ଏବଂ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ କରିବା ଲାଗି ତାଙ୍କୁ ବହୁ କଷ୍ଟ କରୁଥିବାର ଦେଖିଛି। ଦାରିଦ୍ର୍ୟ ଅବସ୍ଥାରେ ଥାଇ ବେଳାଏ ଖାଇ ବେଳାଏ ଉପବାସରେ ରହିଛନ୍ତି ଏବଂ ଭବିଷ୍ୟତରେ ପିଲାମାନେ ଯେପରି ନିଜ ପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ମାଆ ଓ ବାପା ଉଭୟ ପରଘରେ କାମ ବି କରିଛନ୍ତି। ଆମକୁ ଖାଦ୍ୟଠାରୁ ଆରମ୍ଭ କରି ଅନ୍ୟ ଜିନିଷ ଯୋଗାଇବାରେ ସେ କେବେ ଅବହେଳା କରିନାହାନ୍ତି। ଆମମାନଙ୍କ ବୟସ ବଢ଼ିବା ସହ ପଢ଼ା ଏବଂ ଅନ୍ୟାନ୍ୟ ଖର୍ଚ୍ଚର ବୋଝ ବଢୁଥିଲେ ବି ସେ କେବେ ଏ ସମ୍ପର୍କରେ ଜଣାଇବାକୁ ଦିଅନ୍ତି ନାହିଁ। କୁଲି ବୃତ୍ତି କରି ବଡକଷ୍ଟରେ ମାଲକାନଗିରିରେ ପ୍ରାଥମିକ ଶିକ୍ଷାରୁ ଆରମ୍ଭ କରି ଯୁକ୍ତ ଦୁଇ ବିଜ୍ଞାନ ପରେ ଭୁବନେଶ୍ୱରରେ ବି.ଟେକ୍ ପଢ଼ାଇଛନ୍ତି। ଆଉ କେବଳ ତାଙ୍କରି ଚେଷ୍ଟା ଲାଗି ଆଜି ମୁଁ ଜଣେ ସଫଳ ବ୍ୟାଙ୍କ କର୍ମଚାରୀ ହୋଇପାରିଛି। ମୋ ପାଇଁ ମୋ ବାପାମାଆ ହିଁ ଚଳନ୍ତି ଠାକୁର। ଜୀବନରେ ତାଙ୍କୁ ଯେପରି ଆଉ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ନ ପଡେ ସେଥିପ୍ରତି ସବୁବେଳେ ଧ୍ୟାନ ଦେବି। ଆଉ ସର୍ବଦା ତାଙ୍କୁ ଖୁସିରେ ରଖିବାକୁ ଚେଷ୍ଟା କରିବି।

*– ପି. ଆଶିଷ କୁମାର,*
*ବ୍ୟାଙ୍କ କର୍ମଚାରୀ, ମାଲକାନାଗିରି*



ବାପା ଅନାଦି ଚରଣଙ୍କ ସହ ରାମଚନ୍ଦ୍ର





ବାପା ଏ. ବାଲାରାଜୁଙ୍କ ସହ ପି. ଆଶିଷ କୁମାର

**ବାପାଙ୍କ ତ୍ୟାଗର ସୀମାନାହିଁ:** ଆମ ପରିବାରର ଏକମାତ୍ର ରୋଜଗାର ପନ୍ଥା କେବଳ ଚାଷ। ସମ୍ପତ୍ତି କହିଲେ କେଇ ଗୁଣ୍ଠ ଜମି। ଏଣେ ପରିବାରରେ ମାଆ, ବାପା ଏବଂ ଆମେ ଦୁଇ ଭାଇ ଏବଂ ଦୁଇ ଭଉଣୀ। ଏମିତିରେ ୬ ଜଣ ମଣିଷଙ୍କ ଖାଦ୍ୟ ସାଙ୍ଗକୁ ଆମ ପାଠପଢ଼ା ଖର୍ଚ୍ଚ ତୁଲାଇବା ଲାଗି ବାପା(ଅନାଦି ଚରଣ ମଲ୍ଲିକ) ଅନେକ କଷ୍ଟ କରିଛନ୍ତି। ଅନ୍ୟଠାରୁ ଭାଗ ଚାଷ କରି ବାପା ଆମକୁ ମଣିଷ କରିଛନ୍ତି । ନିଜେ ଯେତେ କଷ୍ଟରେ ଥିଲେ ସୁଦ୍ଧା ଆମମାନଙ୍କ ଆଗରେ କେବେ ପ୍ରକାଶ କରି ନାହାନ୍ତି। ସେସବୁକୁ ଅନ୍ତରରେ ଚାପି ରଖି ଆମ ମୁହଁରେ ହସ ଫୁଟାଇବାକୁ ସବୁବେଳେ ଚେଷ୍ଟା କରିଛନ୍ତି ଏବଂ ଆଗକୁ ବଢ଼ି ବଡ ମଣିଷ ହେବାକୁ ପରାମର୍ଶ ଦେଇଛନ୍ତି। ପରିବାରର ଅଭାବ ଅନଟନ ମଧ୍ୟରେ ପାଠପଢ଼ାର ସମସ୍ତ ଖର୍ଚ୍ଚ ବହନ କରିଛନ୍ତି। ପିଲାଟିବେଳୁ ମୋର ଗୋଟିଏ ଗୋଡ ଖରାପ ଥିଲେ ସୁଦ୍ଧା, ଯେପରି ମୋ ମନୋବଳ ଦୁର୍ବଳ ନ ହୁଏ ସେଥିପାଇଁ ସେ ସର୍ବଦା ସକାରାତ୍ମକ ପରାମର୍ଶ ଦେଇ ଆସିଛନ୍ତି। ଧାରକରଜ କରି ମୋତେ ବିଇଡି ପଢ଼ାଇଛନ୍ତି। ତାଙ୍କ ପ୍ରୋତ୍ସାହନ ଆଉ ପ୍ରେରଣା ଯୋଗୁ ଆସି ମୁଁ ଜଣେ ସରକରୀ ଶିକ୍ଷକ ହୋଇପାରିଛି। ଆମକୁ ମଣିଷ କରି ଗଢ଼ିବା ପାଇଁ ବାପାଙ୍କର ତ୍ୟାଗ ଏବଂ ପରିଶ୍ରମର ସୀମା ନାହିଁ। ତାଙ୍କ ପାଇଁ କେବଳ ଫାଦର୍ସ ଡେ’ ଭଳି ଗୋଟିଏ ଦିନ ନୁହେଁ ବରଂ ଜୀବନର ପ୍ରତିଟି ଦିନ ଉତ୍ସର୍ଗୀକୃତ। ପୁଅ ହିସାବରେ ବାପା ଏବଂ ମାଆଙ୍କୁ ସର୍ବଦା ଖୁସିରେ ରଖିବା ଏବଂ ତାଙ୍କ ପ୍ରତି ଥିବା ସମସ୍ତ କର୍ତ୍ତବ୍ୟ କରିବାରେ କେବେ ଅବହେଳା କରିବି ନାହିଁ।

–ରାମଚନ୍ଦ୍ର ମଲ୍ଲିକ(ସରକାରୀ ଶିକ୍ଷକ, ଡିମିରିଆ, କେନ୍ଦୁଝର)



ବାପା ବୈଷ୍ଣବ ଚରଣଙ୍କ ସହ ଜିତେନ୍ଦ୍ର



**ବାପା ମୋ ମେରୁଦଣ୍ଡ:** ଜୀବନରେ କଷ୍ଟ କ’ଣ ଆଉ ତା’ ଭିତରେ ହସି ହସି ବଞ୍ଚିବାର ମଜା କ’ଣ, ବାପା(ବୈଷ୍ଣବ ଚରଣ ସାହୁ)ଙ୍କଠାରୁ ଶିଖିଛି। ସେ ଯଦିଓ ଶାରୀରିକସ୍ତରରେ ଭିନ୍ନକ୍ଷମ, ହେଲେ ତାଙ୍କ ସୁଦୃଢ଼ ମନୋବଳ ଆଜି ଆମକୁ ସ୍ୱରୋଜଗାରକ୍ଷମ ହେବାରେ ସକ୍ଷମ କରିପାରିଛି। ଜନ୍ମରୁ ତାଙ୍କର ପୋଲିଓରେ ଦୁଇ ଗୋଡ ଅଚଳ। ତଥାପି ପରିବାରର ଆର୍ଥିକ ଖର୍ଚ୍ଚ ତୁଲାଇବା ଲାଗି କାହା ଆଗରେ ହାତ ପତାଇ ନାହାନ୍ତି ବରଂ ନିଜେ ଏକ ଚା ଦୋକାନ କରିଛନ୍ତି। ସ୍ୱଳ୍ପ ଆୟରେ ଆମ ପଢ଼ା ଖର୍ଚ୍ଚ ସାଙ୍ଗକୁ ଅନ୍ୟାନ୍ୟ ଖର୍ଚ୍ଚରେ କେବେ ଅବହେଳା କରି ନାହାନ୍ତି। ଜୀବନରେ ଯେତେ ଜଟିଳ ପରିସ୍ଥିତି ଆସୁ ନା କାହିଁକି କେବେ ଧୈର୍ଯ୍ୟହରା ନ ହୋଇ ସାହସର ସହ ଏହାର ମୁକାବିଲା କରିବାର କଳା ତାଙ୍କଠାରୁ ହିଁ ଶିଖିଛି। ତାଙ୍କ ପରାମର୍ଶରେ ଏମ୍.ଏ. ପଢ଼ା ଶେଷ କରି ଓଡିଶା ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସରେ ଚାକିରି କରିବାର ସୁଯୋଗ ପାଇଛି। ତାଙ୍କ ଆଶା ପୂରଣ ଲାଗି ଭବିଷ୍ୟତରେ ଆହୁରି ଉଚ୍ଚପଦକୁ ଯିବା ଲାଗି ଉଦ୍ୟମ ଜାରିରଖିଛି। ମୋର ପ୍ରତିଟି ସଫଳତା ପଛରେ ତାଙ୍କ ପ୍ରେରଣା ରହିଛି। ସତ କହିବାକୁ ଗଲେ ସେ ମୋ ମେରୁଦଣ୍ଡ। ଜୀବନରେ ସବୁବେଳେ ତାଙ୍କୁ ଖୁସିରେ ରଖିପାରିଲେ ମୋ ଜୀବନ ସାର୍ଥକ ହୋଇପାରିବ।

**– ଜିତେନ୍ଦ୍ର କୁମାର ସାହୁ,**
ଓଆଇଏସ୍ଏଫ୍ କର୍ମଚାରୀ, ଖୋର୍ଦ୍ଧା

## ଯୁ|ଥ|ଆ|ଲ|ର୍ଟ

# କମାନ୍ତୁ ଇନ୍ଧନ ଖର୍ଚ୍ଚ

**ଦିନକୁ ଦିନ ଗାଡ଼ି ମୋଟର ସଂଖ୍ୟା ଯେଉଁ ଭଳି ବଢ଼ି ଚାଲିଛି ସେହି ଅନୁପାତରେ ପୃଥିବୀରୁ କ୍ରମଶଃ ଇନ୍ଧନ ହ୍ରାସ ପାଉଛି। ଗାଡ଼ି ବ୍ୟବହାର କରୁଥିଲେ କେତୋଟି ଛୋଟ କଥା ପ୍ରତି ଦୃଷ୍ଟି ଦେଲେ ଆପଣ ପେଟ୍ରୋଲ, ଡିଜେଲ ଆଦି ଇନ୍ଧନ ଖର୍ଚ୍ଚ କମାଇ ପାରିବେ। ଜାଣି ରଖନ୍ତୁ ସେ ସମ୍ପର୍କରେ...**

➤ପେଟ୍ରୋଲ କିମ୍ବା ଡିଜେଲ୍ ବଞ୍ଚାଇବା ଲାଗି ସବୁଠାରୁ କମ୍ ଦୂରତା ବା ଶର୍ଟକଟ୍ ରାସ୍ତା କେଉଁଟା ପୂର୍ବରୁ ଜାଣିଲେ ମଧ୍ୟ ଯିବା ସମୟରେ ଆପଣ ଅସୁବିଧାର ସମ୍ମୁଖୀନ ନ ହେବା ସହ ଯଥେଷ୍ଟ ସମୟ ଏବଂ ଇନ୍ଧନ ବଞ୍ଚାଇପାରିବେ।

➤ଦୁଇଚକିଆ ହେଉ କିମ୍ବା ବଡ଼ ଗାଡ଼ିରେ ଯାତ୍ରା କରୁଥିଲେ ଟ୍ରାଫିକ୍‌ରେ ରାସ୍ତା ପାର କରିବା ଲାଗି ଅପେକ୍ଷା କରିବା ସମୟରେ ହେଉ କିମ୍ବା ହଠାତ୍ କାହା ସହ ଭେଟ ହୋଇଗଲେ କଥା ହେବା କିମ୍ବା ରାସ୍ତାକଡ଼ରୁ କିଛି କିଣିବା ସମୟରେ ଗାଡ଼ିକୁ ଷ୍ଟାର୍ଟ ମୋଡ୍‌ରେ ନ ରଖି ବନ୍ଦ କରିଦିଅନ୍ତୁ।

➤ବଡ଼ ଗାଡ଼ିରେ ବିନା ଏସିରେ କେଉଁଆଡ଼େ ଯିବା ଲାଗି ଅନେକେ କୁଣ୍ଠାବୋଧ କରିଥାନ୍ତି। ଯଦିଓ ଏହା ଆରାମଦାୟକ ହେଲେ ଆପଣ ଜାଣନ୍ତି କି, ଏସି ପ୍ରାୟ ୧୦% ପେଟ୍ରୋଲ୍ ଖର୍ଚ୍ଚ କରିଥାଏ। ତେଣୁ ଏସି ଅନ୍ କରୁଥିଲେ ଗାଡ଼ି ଭିତର ଥଣ୍ଡା ହେବାର ତୁରନ୍ତ ପରେ ବନ୍ଦ କରିଦିଅନ୍ତୁ ଏବଂ ଅଳ୍ପ ସମୟ ଫ୍ୟାନ୍ ଅନ୍ କରିଦିଅନ୍ତୁ। ଏହାଦ୍ୱାରା ଗାଡ଼ି ଭିତର ଥଣ୍ଡା ରହିବା ସହ ଆପଣ ଇନ୍ଧନ ମଧ୍ୟ ବଞ୍ଚାଇ ପାରିବେ।



➤ ଦିନବେଳା ଗାଡ଼ିକୁ ସବୁବେଳେ ଉପରେ ଛାତ ବା ଯେକୌଣସି ଛପର ଥିବା ସ୍ଥାନରେ ରଖନ୍ତୁ। ଏଭଳି ସୁବିଧା ନ ଥିଲେ ଗଛ ଛାଇରେ ପାର୍କିଂ କରନ୍ତୁ। କାରଣ ସିଧା ସଳଖ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବା ଦ୍ୱାରା ଗାଡ଼ି ସହ ଏହାର ଇଞ୍ଜିନ ଗରମ ହୋଇଥାଏ। ଗାଡ଼ି ଷ୍ଟାର୍ଟ ହେବା ପରେ ଇଞ୍ଜିନ ଥଣ୍ଡା ହେବା ଲାଗି ଅଧିକ ଇନ୍ଧନ ଆବଶ୍ୟକ କରିଥାଏ। ତେଣୁ ଥଣ୍ଡା ଏବଂ ଛାଇ ସ୍ଥାନରେ ଗାଡ଼ି ପାର୍କ କରିବା ଦ୍ୱାରା ଆପଣ ଇନ୍ଧନ ବଞ୍ଚାଇ ପାରିବେ।

➤ଗାଡ଼ି ଚାଳନା ମଧ୍ୟ ଏକ କଳା। କାରଣ ଭଲ ଭାବେ ଗାଡ଼ି ଚଳାଇପାରିଲେ ଜଣେ ନା କେବଳ ନିଜ ସହିତ ଗାଡ଼ିକୁ ସୁରକ୍ଷା ଦେଇପାରିବ ବରଂ ଅନାବଶ୍ୟକ ଇନ୍ଧନ ନଷ୍ଟକୁ ମଧ୍ୟ ରୋକିପାରିବ। କାରଣ ରଫ୍ ଡ୍ରାଇଭିଂ କରିବା, ମନଇଚ୍ଛା ଗାଡ଼ିର ଏକ୍ସିଲେରେଟର ବଢ଼ାଇବା, ହଠାତ୍ ବ୍ରେକ୍ କରିବା ଆଦି ଦ୍ୱାରା ଗାଡ଼ିର ଇନ୍ଧନ ମଧ୍ୟ ସେହି ଅନୁପାତରେ ଅଧିକ ସରିଥାଏ। ତେଣୁ ସ୍ମୁଥ୍ ଡ୍ରାଇଭିଂ ଦ୍ୱାରା କିଛି ମାତ୍ରାରେ ପେଟ୍ରୋଲ୍, ଡିଜେଲ୍ ସେଭ୍ କରାଯାଇପାରିବ।

➤ ଇନ୍ଧନ ଖର୍ଚ୍ଚ ବଢ଼ିବାରେ ଗିୟର ପରିବର୍ତ୍ତନ ଠିକ୍ ଭାବେ ନ ହେବା ମଧ୍ୟ ଏକ କାରଣ। ହାଇ ସ୍ପିଡ୍‌ରେ ଲୋ ଗିୟର ଏବଂ ଲୋ ସ୍ପିଡ୍‌ରେ ହାଇ ଗିୟର ବ୍ୟବହାର କରିବା ଦ୍ୱାରା ଆବଶ୍ୟକରୁ ଅଧିକ ଇନ୍ଧନ ସରିଥାଏ। ତେଣୁ କେତେ ସ୍ପିଡ୍‌ରେ କେତେ ନମ୍ବର ଗିୟର ପଡିବା ଦରକାର ଭଲଭାବେ ଜାଣନ୍ତୁ ଏବଂ ସେହି ଅନୁଯାୟୀ ଏହାର ଉପଯୋଗ କରନ୍ତୁ।



## ଏ ସପ୍ତାହର ପ୍ରଶ୍ନ

୧– .........ରାଜ୍ୟ ପକ୍ଷରୁ ଇଣ୍ଟିଗ୍ରେଟେଡ୍ ଫ୍ଲଡ୍ ଓ୍ୱାର୍ନିଂ ସିଷ୍ଟମ (ଆଇଫ୍ଲୋଜ୍) ଆରମ୍ଭ କରାଯାଇଛି ?
୨– ଇଣ୍ଟରନାଶନାଲ୍ ଅଲିମ୍ପିକ୍ କମିଟିର ହେଡ୍‌କ୍ୱାର୍ଟର........... ଠାରେ ଅବସ୍ଥିତ ?
୩– ସୁମନ୍ତ କଠପାଲିଆ..............ର ଚିଫ୍ ଏକ୍‌ଜିକ୍ୟୁଟିଭ୍ ଭାବେ ନିଯୁକ୍ତ ?
୪– ‘ଜିରୋ ଡିସ୍କ୍ରିମିନେଶନ୍ ଡେ’............. ତାରିଖରେ ପାଳନ କରାଯାଏ ?
୫– କମାରକୁ ଆମଗରମୀ ବଢେଇ ହାତରେ ଘାଆ
ନାଟୁଆ ପିଲାର ଲୋଟଣୀ କାଶ .................... ?

## ଗତ ଥରର ଉତ୍ତର

୧ ଉତ୍ତର ପ୍ରଦେଶ
୨ ହାଇଦ୍ରାବାଦ
୩ ଶାଳିଜା ଧାମି
୪ ଚାଣକ୍ୟ
୫ ଏସିଆନ୍ ହ୍ୟୁମାନ୍ ରାଇଟ୍ସ କମିଶନ୍

## ଉତ୍ତରଦାତା



ପ୍ରଭଞ୍ଜନ ପଲାଇ
କଟକ



ସ୍ମୃତିରେଖା ପରିଡା, ବାଲେଶ୍ୱର



ବିନୋଦ ବିହାରୀ
ବେହେରା, କଟକ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଜା|ଣ|ନ୍ତୁ|ଦୁ|ନି|ଆ

# ପୃଥିବୀର ରହସ୍ୟମୟ ସ୍ଥାନ

**ପୃଥିବୀ ପୃଷ୍ଠରେ ଅନେକ ରହସ୍ୟମୟ ସ୍ଥାନ ରହିଛି, ଯାହା ସମ୍ପର୍କରେ ନାନାଦି ଲୋକକଥା ଥିଲେ ହେଁ ବାସ୍ତବ ରହସ୍ୟ ସମ୍ପର୍କରେ ଜାଣିବା ଲାଗି ଏଯାଏ କୌଣସି ବୈଜ୍ଞାନିକ ଗବେଷଣା ବି ସଫଳ ହୋଇପାରିନି। ଜାଣି ରଖନ୍ତୁ ଏଭଳି କିଛି ରହସ୍ୟମୟ ସ୍ଥାନ ସମ୍ପର୍କରେ...**



**ସେଣ୍ଟିନଲ୍ ଦ୍ୱୀପ:** ଆଣ୍ଡାମାନ୍ ନିକୋବର ଦ୍ୱୀପସମୂହରେ ରହିଛି ଏହି ସେଣ୍ଟିନେଲ୍ ଦ୍ୱୀପ। ଯେଉଁଠାରେ ଶହ ଶହ ବର୍ଷ ଧରି ରହିଆସୁଛନ୍ତି ସେଣ୍ଟିନେଲିସ୍ ଜନଜାତି। ହେଲେ ବାହ୍ୟଦୁନିଆ ସହ ସେମାନଙ୍କର କୌଣସି ସମ୍ପର୍କ ନାହିଁ। ଏମିତିକି ଏହି ଜନଜାତି ସେମାନେ ରହୁଥିବା ଦ୍ୱୀପକୁ କାହାକୁ ପ୍ରବେଶ କରିବାକୁ ଦେଇ ନ ଥାଆନ୍ତି କିମ୍ବା କେବେ ସେଠାରୁ ବାହାରକୁ ଆସି ନ ଥାନ୍ତି। ସେଠାକୁ ଯିବା ଲାଗି କିମ୍ବା ସେମାନଙ୍କ ସହ ଯୋଗାଯୋଗ କରିବା ଲାଗି ଚେଷ୍ଟା କରୁଥିବା ଲୋକଙ୍କୁ ସେମାନେ ହତ୍ୟା କରିଦିଅନ୍ତି। ଏବେ ବି ସେମାନେ ଫଳମୂଳ, କଞ୍ଚାମାଛ ଏବଂ ଜଙ୍ଗଲରୁ ପଶୁ ଶିକାର କରି ଖାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ନିଆଁର ବ୍ୟବହାର ଶିଖି ନ ଥିବା କୁହାଯାଏ। ତେବେ ଏହା ପଛରେ କ’ଣ ରହସ୍ୟ ରହିଛି ଏ ଯାଏଁ ଜଣାପଡିନି।

**ଡାନାକିଲ୍ ମରୁଭୂମି:** ଉତ୍ତର ଇଥିଓପିଆ, ଦକ୍ଷିଣ ଏରିଟ୍ରିଆ, ଉତ୍ତରପଶ୍ଚିମ ଦିଜ୍‌ବୌତି ଅଞ୍ଚଳରେ ପ୍ରାୟ ୫୨,୮୭୯ବର୍ଗ ମାଇଲ୍ ସ୍ଥାନ ବ୍ୟାପି ରହିଛି ଡାନିକିଲ୍ ମରୁଭୂମି, ଯାହାକୁ ପୃଥିବୀର ସବୁଠୁ କ୍ରୁର ସ୍ଥାନ ବା ‘କ୍ରୁଏଲେଷ୍ଟ ପ୍ଲେସ୍ ଅନ ଆର୍ଥ’ ବୋଲି କୁହାଯାଏ। ଏଠାରେ ସାଧାରଣ ତାପମାତ୍ରା ୪୮ଡିଗ୍ରୀ ସେଲ୍‌ସିଅସ୍ ରହୁଥିବା ବେଳେ କେବେ କେବେ ତାହା ୧୪୫ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହୋଇଥାଏ। ଅଧିକାଂଶ ସମୟରେ ମାଟିରୁ ଅଗ୍ନି ଉଦ୍‌ଗିରଣ ମଧ୍ୟ ହୋଇଥାଏ। ସେଠାରେ ସବୁବେଳେ ଜଳାଶୟଗୁଡିକରେ ପାଣି ଫୁଟିଥାଏ। ଫଳରେ ମଣିଷ ବସବାସ କରିବା ଅସମ୍ଭବ। ସେଠାରେ ଏତେ ଅଧିକ ତାପମାତ୍ରା ରହିବାର କାରଣ ଏଯାଏ ଅସ୍ପଷ୍ଟ।

**ସ୍ନେକ୍ ଆଇସ୍‌ଲାଣ୍ଡ:** ଆଟଲାଣ୍ଟିକ୍ ମହାସାଗର ମଧ୍ୟରେ ବ୍ରାଜିଲ୍ ସୀମାକୁ ଲାଗି ରହିଛି ପ୍ରାୟ ୧୦୬ ଏକର ସ୍ଥାନ ପରିମିତ ଇଲ୍‌ହା ଡା କ୍ୱିମାଦା ଗ୍ରାଣ୍ଡ ଆଇସ୍‌ଲାଣ୍ଡ। ପଥର ପାହାଡ ଏବଂ ଘଞ୍ଚଜଙ୍ଗଲ ଘେରା ଏହି ଦ୍ୱୀପରେ ରହିଛନ୍ତି ବହୁସଂଖ୍ୟାରେ ବିଷାକ୍ତ ସାପ। ସେଠାରେ ପ୍ରତି ତିନି ଫୁଟ୍‌ରେ ଏକରୁ ପାଞ୍ଚଟି ବିଷାକ୍ତ ସାପ ଦେଖିବାକୁ ମିଳିଥାନ୍ତି, ଯେଉଁଥିଲାଗି ଏହାକୁ ସ୍ନେକ୍ ଆଇସ୍‌ଲାଣ୍ଡ ବୋଲି କୁହାଯାଏ। ବ୍ରାଜିଲ୍ ନୌସେନା ପକ୍ଷରୁ ଉକ୍ତ ଦ୍ୱୀପକୁ ଯିବା ଲାଗି ସାଧାରଣ ଲୋକଙ୍କୁ ପ୍ରତିବନ୍ଧକ ଲଗାଯାଇଛି। ସେଠାରେ ଏତେ ସଂଖ୍ୟାରେ ସାପ ରହିବା ପଛରେ ଥିବା କାରଣ ବୈଜ୍ଞାନିକ ବି ଖୋଜି ପାଇନାହାନ୍ତି।



## ରଥଯାତ୍ରାର ପୁନର୍ବିଚାର ପାଇଁ ନିବେଦନ

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.): କରୋନା ପାଇଁ ଚଳିତବର୍ଷ ରଥଯାତ୍ରା ବନ୍ଦ ରହିବ। ସୁପ୍ରିମ୍‌କୋର୍ଟଙ୍କ ଏହି ରାୟ ପରେ ସେବାୟତ ଏବଂ ଅନେକ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମହାପ୍ରଭୁଙ୍କ ଏହି ମହାନ ପରମ୍ପରା କିପରି ବଜାୟ ରହିବ ସେ ନେଇ ବିଭିନ୍ନ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ପିଟିଶନ ଦାଏର ହୋଇଛି। ଏହିକ୍ରମରେ ଶନିବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ସର୍ବୋଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତିଙ୍କ ଉଦ୍ଦେଶ୍ୟରେ ଅନୁରୋଧ ସହ ଭାବାବେଗ ସମ୍ବଳିତ ଏକ ଚିଠି ଲେଖାଯାଇଛି। ୫୭୧/୨୦୨୦ ରିଟ୍ ପିଟିଶନରେ ରାୟର ପୁନର୍ବିଚାର କରିବା ପାଇଁ ଅନୁରୋଧ କରାଯିବା ସହ ପକ୍ଷଭୁକ୍ତ ହେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## ଅନ୍‌ଲାଇନ୍‌ରେ ୨.୨ଲକ୍ଷ ଠକେଇ ଅଭିଯୋଗ

ବାଲିଅନ୍ତା,୨୦।୬(ଡି.ଏନ୍.ଏ): ଅନଲାଇନ ମାଧ୍ୟମରେ ୨ଲକ୍ଷ ୨୦ହଜାର ୯୩୪ଟଙ୍କା ଠକେଇ କରିଥିବା ବାଲିଅନ୍ତା ଥାନାରେ ଶନିବାର ଅଭିଯୋଗ ହୋଇଛି। ଏହି ଠକେଇର ଶିକାର ହୋଇଛନ୍ତି ବାସୁଦେଇପୁର ଗ୍ରାମର ନିରାକାର ମିଶ୍ର। ସୂଚନା ଅନୁଯାୟୀ, ଶୁକ୍ରବାର ନିରାକାରଙ୍କ ମୋବାଇଲକୁ ଏକ ମେସେଜ ଆସିଥିଲା। ସେଥିରେ ଉଲ୍ଲେଖ ଥିଲା ଯେ, ତୁମର କେୱାଇସି ପେଟିଏମ୍ ଏକ୍ସପାଏରି ହେବାକୁ ଯାଉଛି, ଏହାକୁ ଅପଡେଟ କରି ନିଅନ୍ତୁ। ନିରାକାର କିଛି ନ କରିବାରୁ ଶନିବାର ଉକ୍ତ ନମ୍ବରରୁ କଲ ଆସିଥିଲା। ଆପଣଙ୍କୁ ପେଟିଏମ୍ ଅପଡେଟ କରିବା ପାଇଁ ପ୍ଲେ ଷ୍ଟୋରରୁ କୁଇକ୍ ସପୋର୍ଟ ଆପ୍ ଡାଉନଲୋଡ କରି ତା'ର ସିଷ୍ଟମକୁ ଯିବା ପାଇଁ କୁହାଯାଇଥିଲା। ଏହାପରେ ମୋବାଇଲ ନଂ ଠିକ୍ ଥିଲେ ବ୍ୟାଙ୍କ ଅପଶନ ଯାଇ ଇଣ୍ଟରନେଟ ବ୍ୟାଙ୍କିଙ୍ଗ ଦ୍ୱାରା ୩ଟଙ୍କା ଏସ୍‌ବିଆଇ ଆକାଉଣ୍ଟରୁ ଡିପୋଜିଟ ପାଇଁ କୁହାଯାଇଥିଲା। ନିରାକାର ଏହା କରିବା ବେଳେ ସର୍ଭର ସ୍ଲୋ ଥିବାରୁ ଅନ୍ୟ ଏକ ବ୍ୟାଙ୍କ ଆକାଉଣ୍ଟରୁ କରିଥିଲେ। ତେବେ ଏହାର କିଛି ସମୟ ପରେ ନିରାକାରଙ୍କ ମୋବାଇଲକୁ ପର୍ଯ୍ୟାୟକ୍ରମେ ୨ଲକ୍ଷ ଟଙ୍କା ଉଠାଯାଇଥିବା ମେସେଜ ଆସିଥିଲା। ଶେଷରେ ଠକେଇର ଶିକାର ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଆଶାକର୍ମୀଙ୍କୁ ମିଳୁନି ସୁରକ୍ଷା ସାମଗ୍ରୀ

କଟକ ଅଫିସ,୨୦।୬- କଟକ ମହାନଗର ନିଗମ ଅଧୀନରେ ୨୫୬ ଜଣ ଆଶାକର୍ମୀ କାମ କରୁଛନ୍ତି। ସେମାନଙ୍କୁ ଏଯାଏ ସରକାରଙ୍କ ତରଫରୁ ମାସ୍କ, ସାନିଟାଇଜର, ଗ୍ଲୋଭ୍‌ସ, ସର୍ଭେ ରିପୋର୍ଟ ଫର୍ମାଟ ଆଦି ଯୋଗାଇ ଦିଆଯାଇନାହିଁ ବୋଲି ଆଶାକର୍ମୀ ଅଭିଯୋଗ କରିଛନ୍ତି। ଫଳରେ କରୋନା ପାଇଁ କ୍ଷେତ୍ର ପରିଦର୍ଶନ କରି ସକ୍ରିୟ ସର୍ବେକ୍ଷଣ କରିବାକୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ବ୍ୟତୀତ ଏବେ ସେମାନଙ୍କୁ ସରକାରଙ୍କ ତରଫରୁ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଓ ଯକ୍ଷ୍ମାରୋଗ ପାଇଁ ଅତିରିକ୍ତ ତଥ୍ୟ ସଂଗ୍ରହ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସଙ୍ଗରୋଧରେ ରହୁଥିବା ଲୋକଙ୍କ ତଥ୍ୟ, ପ୍ରବାସୀଙ୍କ ପଞ୍ଜୀକରଣ, ସନ୍ଦିଗ୍ଧଙ୍କ ନମୁନା ସଂଗ୍ରହ, ଯକ୍ଷ୍ମାରୋଗୀଙ୍କୁ ଡଟସ୍ ଦେବା ପରି ଗୁରୁତ୍ୱପୂର୍ଣ୍ଣ କାମରେ ବି ଏମାନେ ସହାୟତା କରିଥାନ୍ତି। ଏସବୁ ଗୁରୁତ୍ୱପୂର୍ଣ୍ଣ ସେବା ପାଇଁ ନିୟୋଜିତ କରାଯାଉଥିବା ଆଶାକର୍ମୀଙ୍କୁ ସର୍ବନିମ୍ନ ପରିମାଣର ସୁରକ୍ଷା ସାମଗ୍ରୀ ନ ମିଳିଥିବାରୁ ସକ୍ରିୟ ସର୍ବେକ୍ଷଣ ପ୍ରଭାବିତ ହେଉଛି।

# ଜେଲ୍ ଗଲେ, ରିମାଣ୍ଡରେ ଆସିବେ ୩ ଅଭିଯୁକ୍ତ

**୪.୫ କୋଟିର ବ୍ରାଉନସୁଗାର ଜବତ ମାମଲା**

- କୋଲକାତା ଯିବ ଏସ୍‌ଟିଏଫ୍ ଟିମ୍

ଭୁବନେଶ୍ୱର,୨୦।୬ (ବ୍ୟୁରୋ)

ବାଲେଶ୍ୱରରୁ ଭୁବନେଶ୍ୱର ଚାଲାଣବେଳେ ରସୁଲଗଡ଼ ଛକରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ହାତରେ ଶୁକ୍ରବାର ଧରାପଡିଥିଲା ୪.୫ କୋଟି ଟଙ୍କାର ବ୍ରାଉନସୁଗାର। ଏସ୍‌ଟିଏଫ୍ ଟିମ୍ ଏକ ବୋଲେରୋରୁ ୪ କେଜି ୪୮୬ ଗ୍ରାମର ବ୍ରାଉନସୁଗାର ଜବତ କରିବା ସହ ସମ୍ପୃକ୍ତ ୩ ଅଭିଯୁକ୍ତ ବାଲେଶ୍ୱର ନରସିଂହପୁରର ଦେବାଶିଷ ବେହେରା ଓରଫ ରିଙ୍କୁ, ବାଲେଶ୍ୱର ଟାଉନ୍ ଗୋପାଳ ଗାଁର ସେକ୍ କୌସର ଅଲ୍ଲୀ ଓ ପ୍ରବୀର କୁମାର ସିଂଙ୍କୁ ଗିରଫ କରାଯାଇଥିଲା। ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଏହି ର୍‍ୟାକେଟର ମାଷ୍ଟରମାଇଣ୍ଡ ଓ ସମ୍ପୃକ୍ତ ଅନ୍ୟମାନଙ୍କୁ ଚିହ୍ନଟ ପାଇଁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ ଏସ୍‌ଟିଏଫ୍। ଏଥିଲାଗି ଶନିବାର ୫ ଦିନ ରିମାଣ୍ଡ ପାଇଁ କୋର୍ଟରେ ଆବେଦନ କରିଛି। ସୋମବାର କୋର୍ଟ ଅନୁମତି ଦେବା ପରେ ସେମାନଙ୍କୁ ଆଣି ପଚରାଉଚରା କରାଯିବ ବୋଲି ଜଣାପଡିଛି। କୋଲକାତା ଓ ବାଂଲାଦେଶର ନିଶା ମାଫିଆ ଏଥିରେ ସମ୍ପୃକ୍ତ ରହିଥିବାରୁ ଏସ୍‌ଟିଏଫ୍ ଏହା ଉପରେ କଡ଼ା ନଜର ରଖି ଧରିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି। ଖୁବ୍‌ଶୀଘ୍ର ଏକ ଟିମ୍ କୋଲକାତା ଯିବ ବୋଲି ଏସ୍‌ଟିଏଫ୍‌ର ଜଣେ ଅଧିକାରୀ କହିଛନ୍ତି।

## ଶଟ୍‌ଡାଉନ୍‌ରେ ହଟହଟା ହେଲେ ଯାତ୍ରୀ



ଭୁବନେଶ୍ୱର,୨୦।୬ (ବ୍ୟୁରୋ)

ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୧୧ ଜିଲାରେ ଶନି ଓ ରବିବାର ଦୁଇ ଦିନିଆ ଶଟ୍‌ଡାଉନ୍ କରାଯାଉଛି। ଏଥିଯୋଗୁ ଦୋକାନ ବଜାର ଓ ଗାଡି ମୋଟର ବନ୍ଦ ରହୁଛି। ବିଭିନ୍ନ ସ୍ଥାନରେ ପୋଲିସ ଅଟକାଇ ଯାଞ୍ଚ କରୁଛି। ହେଲେ ଟ୍ରେନ୍‌ରେ ବାହାରୁ ଆସୁଥିବା ଯାତ୍ରୀ ଜାଣି ନ ପାରି ନାନା ହଟହଟାର ସମ୍ମୁଖୀନ ହେଉଛନ୍ତି। ଖାଇବା ଓ ଘରକୁ ଯିବାରେ ସମସ୍ୟା ଭୋଗୁଛନ୍ତି। ପ୍ରବାସୀମାନେ ଟିକେଟ ଦେଖାଇ ଯାଇପାରିବାର ନିୟମ ରହିଥିଲେ ମଧ୍ୟ ଗାଡ଼ି ମିଳୁ ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶନିବାର ଭୁବନେଶ୍ୱର ରେଳ ଷ୍ଟେଶନରେ ଶହଶହ ଯାତ୍ରୀ ଓହ୍ଲାଇଥିଲେ ମଧ୍ୟ ଗନ୍ତବ୍ୟସ୍ଥଳକୁ ଯାଇ ନ ପାରି ଅଟକି ରହିଥିଲେ। କେତେଜଣ ଓଲା ଓ ସେବା ପ୍ରଦାନ କରିବାକୁ ଅନୁମତି ପାଇଥିବା ଗାଡ଼ିକୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିବାବେଳେ ଆଉ କେତେଜଣ ଷ୍ଟେଶନରେ ରହିଯିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଟ୍ରେନ୍‌ରେ ଆସିଥିବା ଜଣେ ରୋଗୀ ଗାଡ଼ି ନ ପାଇ ହଇରାଣ ହୋଇଥିଲେ। ତାଙ୍କୁ ଦୁଇଜଣ ବ୍ୟକ୍ତି କାନ୍ଧେଇ ନେଉଥିବା ଦେଖିବାକୁ ମିଳିଥିଲା। ସେହିପରି ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ସମାନ ସ୍ଥିତି ଉପୁଜିଥିଲା। ତେବେ ଦିନରେ ରାସ୍ତାଘାଟ ଖାଁ ଖାଁ ଥିବାବେଳେ ସନ୍ଧ୍ୟାରେ ପୋଲିସର ଯାଞ୍ଚରେ ଢିଲା ଦେଖି ଅନେକ ଅମାନିଆ ସହର ବୁଲାବୁଲି କରିଥିଲେ।

## ଭୁବନେଶ୍ୱର ରେଳ ଷ୍ଟେଶନରେ ଲାଗିଲା ସ୍ୱୟଂଚାଳିତ ସାନିଟାଇଜର ଡିସ୍ପେନ୍ସର ମେଶିନ

ଭୁବନେଶ୍ୱର, ୨୦।୬(ବ୍ୟୁରୋ)

ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱର ରେଳ ଷ୍ଟେଶନରେ ସ୍ୱୟଂଚାଳିତ ସାନିଟାଇଜର ଡିସ୍ପେନ୍ସର ମେଶିନ ଲଗାଯାଇଛି। ଏହାସହ ଭୁବନେଶ୍ୱର ଓ ବିଶାଖାପାଟଣା ଷ୍ଟେଶନ ସମେତ ଆଉ କେତେକ ଷ୍ଟେଶନରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଧାରିତ ଥର୍ମାଲ ଫଟୋ ଇମେଜିଙ୍ଗ କ୍ୟାମେରା ବ୍ୟବସ୍ଥା କରାଯାଇଛି। ଯାତ୍ରୀମାନେ ପ୍ଲାଟଫର୍ମକୁ ପ୍ରବେଶ କରିବା ସମୟରେ ସେମାନଙ୍କ ତାପମାତ୍ରା ଫଟୋ ମାଧ୍ୟମରେ କମ୍ପ୍ୟୁଟର ସ୍କ୍ରିନ୍‌ରେ ଦେଖାଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ବିଶେଷକରି ଶ୍ରମିକ ସ୍ୱତନ୍ତ୍ର ଟ୍ରେନଗୁଡ଼ିକୁ ପରିଚାଳନା କରୁଥିବା ରେଳପଥର ସମସ୍ତ ଷ୍ଟେଶନରେ ଟ୍ରେନ ଆସିବା ପୂର୍ବରୁ ଓ ଟ୍ରେନ ଛାଡିବା ପରେ ବ୍ୟାପକ ଭାବେ ବିଶୋଧନ କରାଯାଉଛି। ଟ୍ରେନକୁ ଚଢ଼ିବା ପୂର୍ବରୁ ଓ ଓହ୍ଲାଇବା ପରେ ଯାତ୍ରୀଙ୍କ ଶରୀରର ତାପମାତ୍ରା ମପାଯାଉଥିବା ବେଳେ ଆବଶ୍ୟକ ହେଲେ ସ୍ୱାସ୍ଥ୍ୟ ପରୀକ୍ଷଣ କରାଯାଉଛି। ଯାତ୍ରୀମାନେ ଯେପରି ସ୍ୱଚ୍ଛତା ସହ ଟ୍ରେନରେ ଯାତ୍ରା କରିବେ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। କୋଭିଡ୍-୧୯ ସଂକ୍ରମଣ ରୋକିବା ପାଇଁ ଖୋର୍ଦ୍ଧା ରୋଡ଼, ସମ୍ବଲପୁର ଓ ୱାଲ୍‌ଟିୟର ରେଳମଣ୍ଡଳକୁ ଷ୍ଟେଶନ ଓ ଆବାସିକ ଅଞ୍ଚଳକୁ ବିଶୁଦ୍ଧୀକରଣ କରି ସ୍ୱଚ୍ଛତା ବଜାୟ ରଖିବାକୁ କୁହାଯାଇଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

## କରୋନା ସାଜିଲା ମା-ପୁଅ ମିଳନର ମାଧ୍ୟମ



ସଙ୍ଗରୋଧ କେନ୍ଦ୍ରରୁ ଫେରି ପୂର୍ଣ୍ଣଚନ୍ଦ୍ର ମା'ଙ୍କୁ ଭେଟୁଛନ୍ତି ।

- ୨୨ ବର୍ଷ ପରେ ଘରକୁ ଫେରିଲେ ପୂର୍ଣ୍ଣଚନ୍ଦ୍ର
- କାମ ଅନ୍ୱେଷଣରେ ଗାଁ ଛାଡ଼ି ପଳାଇଥିଲେ

ଖୋର୍ଦ୍ଧା ଅଫିସ,୨୦।୬

କରୋନା ଭୂତାଣୁକୁ ନେଇ ବିଶ୍ୱବ୍ୟାପୀ ଆତଙ୍କ ସୃଷ୍ଟି ହୋଇଛି। ଫଳରେ ବିଭିନ୍ନ ସ୍ଥାନରେ ରହି କାମ କରୁଥିବା ଲୋକେ ଜୀବନ ବଞ୍ଚାଇବାକୁ ନିଜ ଘରକୁ ଫେରୁଛନ୍ତି। ଏହି ସମୟରେ ଦିନେ କି ଦୁଇ ଦିନ ନୁହେଁ, ଦୀର୍ଘ ୨୨ବର୍ଷ ଧରି ବାହାରେ ଥିବା ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ବଡ଼କୁଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଭୁଜବଳ ଘରକୁ ଫେରିଛନ୍ତି।

ସୂଚନାଥାଉ କି, ବଡ଼କୁଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ୧୬ବର୍ଷ ବୟସରେ କାମ ଅନ୍ୱେଷଣରେ ଘର ଛାଡି ବାହାର ରାଜ୍ୟକୁ ପଳାଇଥିଲେ। ଏହା ପରେ ସେ ଆଉ ଘରକୁ ଫେରି ନ ଥିଲେ। ତେବେ କରୋନା ମହାମାରୀ ଲାଗି ସେ କାମ କରୁଥିବା କମ୍ପାନୀ ବନ୍ଦ ହୋଇଯାଇଥିଲା। କାମ ନ ମିଳିବାରୁ ସେ ଗ୍ରାମକୁ ଫେରିବା ଲାଗି ମନସ୍ଥ କରିଥିଲେ। ଟ୍ରେନରେ ଗାଁକୁ ଫେରି ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ଏହା ଜଣାପଡ଼ିବା ପରେ ପରିବାର ଲୋକଙ୍କଠାରୁ ଆରମ୍ଭ କରି ସାଙ୍ଗସାଥି ଓ ସମ୍ପର୍କୀୟମାନେ ତାଙ୍କୁ ଦେଖା କରିବାକୁ ଚାହିଁ ବସିଥିଲେ। ୧୪ ଦିନିଆ ସଙ୍ଗରୋଧ ଅବଧି ଶେଷ ହେବା ପରେ ପରିବାର ଲୋକଙ୍କ ସମେତ ତାଙ୍କ ସାଙ୍ଗସାଥି ସାମାଜିକ ଦୂରତ୍ୱ ରକ୍ଷାକରି ବାଜା ବଜାଇ ଗ୍ରାମ ପରିକ୍ରମା କରାଇ ତାଙ୍କୁ ପାଛୋଟି ନେଇଥିଲେ। ୨୨ ବର୍ଷ ପରେ ପୁଅକୁ ପାଖରେ ପାଇ ତାଙ୍କ ମା' ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ମା-ପୁଅଙ୍କ ଏହି ମିଳନକୁ ଦେଖି ସେଠାରେ ଉପସ୍ଥିତ ଗ୍ରାମବାସୀ ମଧ୍ୟ ଭାବବିହ୍ୱଳ ହୋଇପଡିଥିଲେ। କରୋନା ଲାଗି ମା'-ପୁଅର ମିଳନ ହୋଇପାରିଲା ବୋଲି ସାଧାରଣରେ ଆଲୋଚନା ହେଉଛି।

# ଘରେ ରହିବାକୁ କହୁଥିଲେ, ଘରୁ ତଡ଼ିଦେଲେ

**ମାନବିକତା ଭୁଲିଗଲେ ସରକାର**

- ଯୋବ୍ରା ଚୂନଭାଟି ବସ୍ତିରେ ଉଚ୍ଛେଦ କାର୍ଯ୍ୟକୁ ବିରୋଧ
- ଆନ୍ଦୋଳନ ଚେତାବନୀ ଦେଲେ ବସ୍ତିବାସିନ୍ଦା

କଟକ ଅଫିସ,୨୦।୬

କରୋନା ଭୂତାଣୁ ଆତଙ୍କ ଏବେ ବିଶ୍ୱବ୍ୟାପୀ। ଓଡ଼ିଶାରେ ମଧ୍ୟ ନିୟମିତ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ସଂକ୍ରମଣକୁ ରୋକିବା ପାଇଁ ଘରେ ରୁହ, ସୁରକ୍ଷିତ ରୁହ, ଏଭଳି ସଚେତନବାଣୀ ସରକାର କହୁଛନ୍ତି। କିନ୍ତୁ ଏଭଳି ଏକ ବିପଦପୂର୍ଣ୍ଣ ସମୟରେ ସରକାର ଆମକୁ ଘରୁ ତଡ଼ିଦେଇ ଅମାନବିକତାର ପରିଚୟ ଦେଇଛନ୍ତି ବୋଲି ବସ୍ତି ବାସିନ୍ଦା ମିଳିତ ମଞ୍ଚ ଅଭିଯୋଗ କରିଛି। ଏସ୍‌ସିବି ମେଡିକାଲ୍‌ର ସମ୍ପ୍ରସାରଣ ପାଇଁ ପୁଣି ଥରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହେବା ପରେ ଏହାକୁ ବିରୋଧ କରିଛି ମଞ୍ଚ।

ଯୋବ୍ରା ଚୂନଭାଟି ବସ୍ତିର ଗରିବ ପରିବାରକୁ ଉଚ୍ଛେଦ କରି ତାଙ୍କର ପିଲାଛୁଆଙ୍କୁ ଖୋଲା ଆକାଶ ତଳେ ପକେଇ ଦେବା ନିନ୍ଦନୀୟ। ଗରିବ ବସ୍ତିବାସିନ୍ଦା କ'ଣ ମଣିଷ ନୁହେଁ ନା ସେମାନଙ୍କୁ କରୋନା ହେବନାହିଁ ବୋଲି ମଞ୍ଚ ପ୍ରଶ୍ନ କରିଛି। ମଞ୍ଚର ଆବାହକ ଖଗେଶ୍ୱର ସେଠୀ ଏଥିପାଇଁ ସରକାରଙ୍କୁ ଦାୟୀ କରିଛନ୍ତି। ଭବିଷ୍ୟତରେ କୌଣସି ପ୍ରକାର ସମସ୍ୟା ଦେଖାଦେଲେ, ସରକାର ଉତ୍ତରଦାୟୀ ରହିବେ ବୋଲି ସେ କହିଛନ୍ତି। ବସ୍ତିବାସିନ୍ଦାଙ୍କୁ ଉପଯୁକ୍ତ ଭାବରେ ଥଇଥାନ କରାଯାଉନି। ଲକ୍‌ଡାଉନ୍ ଯୋଗୁ ବସ୍ତିବାସିନ୍ଦା ସଙ୍ଗଠିତ ହୋଇପାରୁ ନାହାନ୍ତି। ଏହାର ସୁଯୋଗରେ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ଦ୍ୱାରା ହୀନ ଷଡ଼ଯନ୍ତ୍ର କରି ବସ୍ତି ଉଚ୍ଛେଦ କରାଯିବା ମାନବିକ ଅଧିକାର ହରଣ ବୋଲି ଅଭିଯୋଗ ଉଠିଛି। ବସ୍ତିବାସିନ୍ଦାଙ୍କ ମଧ୍ୟରୁ ଅଧିକାଂଶ ଦଳିତ ଓ ସେଥିରୁ ଅନେକ ସଫେଇ କର୍ମୀ। ସେମାନଙ୍କୁ ଭଡ଼ାଘରେ ରହିବାକୁ କୁହାଯାଇଛି। ଏବେ ତ ଭଡ଼ାଘର କେହି ଦେବେ ନାହିଁ। ଯଦି ବା କିଏ ଭଡ଼ାଘରେ ରହିବ, ସରକାର ଦେଇଥିବା ଅର୍ଥ ସେଥିରେ ହିଁ ଚାଲିଯିବ। ଜଗତପୁର ବିରୂପା କୂଳରେ ମିଳିବାକୁ ଥିବା ଜାଗାରେ ଘର ତିଆରି ହେବ କେମିତି ବୋଲି ବସ୍ତିବାସିନ୍ଦା ପ୍ରଶ୍ନ କରିଛନ୍ତି। ସରକାର ଯଦି କଟକଣା ଭାଙ୍ଗି ବସ୍ତିବିରୋଧୀ ପଦକ୍ଷେପ ନେବେ, ତେବେ ବସ୍ତିବାସିନ୍ଦା ଆନ୍ଦୋଳନ କରିବାକୁ ବାଧ୍ୟହେବେ ବୋଲି ମଞ୍ଚ ଚେତାବନୀ ଦେଇଛି।




ପୁରୀ ସମୁଦ୍ର ବେଳାଭୂମିରେ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ପଦ୍ମଶ୍ରୀ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ଭାର୍ଗବୀରେ ତିଳତର୍ପଣ ଦେଇ ଶ୍ରଦ୍ଧାଞ୍ଜଳି

**ଗୋପବନ୍ଧୁଙ୍କ ଶ୍ରାଦ୍ଧୋତ୍ସବ**

ସାକ୍ଷୀଗୋପାଳ,୨୦।୬ (ଡି.ଏନ୍.ଏ): ଉତ୍କଳମଣି ପଣ୍ଡିତ ଗୋପାବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସରେ ପୁରୀ ଜିଲା ସତ୍ୟବାଦୀ ଅନ୍ତର୍ଗତ ପୁଣ୍ୟାତ୍ମାଙ୍କ ଜନ୍ମପୀଠ ସୁଆଣ୍ଡୋ ଓ ସାଧନା ପୀଠ ସତ୍ୟବାଦୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କୁଳଦେବତା ରାଧା ବିନୋଦ ବିହାରୀଙ୍କ ନିକଟରୁ ପ୍ରଦୀପ ପ୍ରଜ୍ୱଳନ କରାଯାଇ ହରିନାମ କୀର୍ତ୍ତନ ସହ ଗୋପବନ୍ଧୁ ଅମର ରହେ ଧ୍ୱନି ଦେଇ ଶ୍ରଦ୍ଧାଳୁମାନେ ଭାର୍ଗବୀ ନଦୀ ତୁଠରେ ପହଞ୍ଚିଥିଲେ। କୁଳପୁରୋହିତ ଲକ୍ଷ୍ମୀକାନ୍ତ ନନ୍ଦ ଗୋପବନ୍ଧୁଙ୍କ ତିନି ପୁରୁଷ ପିତୃ ଓ ମାତୃ, ନାମ ଗୋତ୍ର ସହ ମନ୍ତ୍ର ଉଚ୍ଚାରଣ କରିଥିଲେ। ଗୋପବନ୍ଧୁ ସ୍ମୃତି ପରିଷଦ ସଭାପତି ଧୀରେନ୍ଦ୍ର ନାଥ ଦାସଙ୍କ ପୌରୋହିତ୍ୟରେ ଦେବେନ୍ଦ୍ର ଦାସ, ରବୀନ୍ଦ୍ର ଦାସ, ରତିକାନ୍ତ ମିଶ୍ର ଓ ନିରଞ୍ଜନ ମହାପାତ୍ର ପ୍ରମୁଖ ତିଳତର୍ପଣ କରିଥିଲେ। ଷଠୀଘରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସେହିପରି ବୀରଗୋବିନ୍ଦପୁରସ୍ଥିତ ଗ୍ରାମ କୃଷି ବିକାଶ ପରିଷଦ କାର୍ଯ୍ୟାଳୟରେ ପରିଷଦର ସମ୍ପାଦକ ପ୍ରତାକ ପାହାନ୍ତାସିଂହ, କୋଷାଧ୍ୟକ୍ଷ ସଞ୍ଜୁକ୍ତା ପାହାନ୍ତାସିଂହ, ରାମାକାନ୍ତ ଦାଶ, ସୁରେନ୍ଦ୍ରନାଥ ପଣ୍ଡା, କିଶୋର ଚନ୍ଦ୍ର ମହାପାତ୍ର ପ୍ରମୁଖ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳ ଦେଇ ଶ୍ରଦ୍ଧା ନିବେଦନ କରିଥିଲେ। ସନ୍ଧ୍ୟାରେ ପଞ୍ଚସଖା ସମାଧି ପୀଠରେ ଗୋପବନ୍ଧୁଙ୍କ ସମାଧି ନିକଟରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ପୂର୍ଣ୍ଣାନନ୍ଦ ତ୍ରିପାଠୀ, ଦେବଦତ୍ତ ମିଶ୍ର, ଅଶୋକ ବେହେରା, ବନମାଳୀ ବେହେରା, ଆଲୋକ ଖୁଣ୍ଟିଆ ଓ ତୁସାର ରଞ୍ଜନ ନାୟକ ଯୋଗଦେଇଥିଲେ। ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ବସଷ୍ଟାଣ୍ଡ, କାଦୁଆ ଆଶ୍ରମ, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳ କଲେଜ, ଗବକୁଣ୍ଡ ହାଟ, ସାରଙ୍ଗଯୋଡି, ଅଳଗୁମ, ଶୁକଳ ଆଦି ସ୍ଥାନରେ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ଚାଇନା ଆପ୍‌କୁ ନା, ବିକଳ୍ପ ଚାହୁଁଛନ୍ତି ଯୁବପିଢ଼ି

କଟକ ଅଫିସ,୨୦।୬

କିଛିଦିନ ହେଲା ଭାରତ ଓ ଚାଇନା ଭିତରେ ଲାଗିରହିଥିବା ତିକ୍ତତା ଓ କରୋନା ସଂକ୍ରମଣ ଭୟ ଯୋଗୁ ଚାଇନା ଓ ସେଠାକାର ଉତ୍ପାଦିତ ଦ୍ରବ୍ୟ ପ୍ରତି ବିମୁଖ ହୋଇଛନ୍ତି ଭାରତୀୟ। କରୋନା ମହାମାରୀର ଆତଙ୍କ ସମୟରେ ଦେଶର ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ଭାରତର ଆହ୍ୱାନ ମଧ୍ୟ ଦେଇଛନ୍ତି। ଏହି କ୍ରମରେ ଚାଇନାର ଇଲେକ୍ଟ୍ରୋନିକ୍ସ ଗ୍ୟାଜେଟ୍‌ସ ବା ବୈଦ୍ୟୁତିକ ସରଞ୍ଜାମକୁ ବର୍ଜନ କରିବା ପାଇଁ ସବୁଠି ସ୍ୱର ତେଜୁଛି। ଏବେ ଗଲୱାନ ଘାଟିରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ଦେଶବାସୀ, ବିଶେଷକରି ଯୁବପିଢ଼ି ଚାଇନାର ମୋବାଇଲ ଆପ୍ଲିକେଶନ ସବୁକୁ ବର୍ଜନ କରିବାକୁ ଆଗଭର ହୋଇଛନ୍ତି। ଏନେଇ ସୋସିଆଲ ମିଡିଆ ଫେସବୁକ୍, ଇନଷ୍ଟାଗ୍ରାମ, ହ୍ୱାଟ୍‌ସଆପ୍ ଆଦିରେ ଚାଇନା ସାମଗ୍ରୀ ଓ ଆପ୍ ବିରୋଧରେ ବିଭିନ୍ନ ପ୍ରକାର ପୋଷ୍ଟ ବଢ଼ିବାରେ ଲାଗିଛି। କିଛିବର୍ଷ ଧରି ଲୋକପ୍ରିୟ ହୋଇଥିବା ଚାଇନାର ଆପ୍ ଟିକ୍‌ଟକ୍‌କୁ ମଧ୍ୟ ବର୍ଜନ କରିଛନ୍ତି ଅଧିକାଂଶ ଯୁବପିଢ଼ି। ଏକ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ମଧ୍ୟ ସୂଚାଇଛନ୍ତି ଯେ ଟିକ୍‌ଟକ୍ ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ କରିବା ସହ ସଂସ୍କୃତିକୁ ନଷ୍ଟ କରୁଛି। ଏହା ଉପରେ ଲଗାମ ଲଗାଇବାକୁ ସରକାରଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ମୋଟାମୋଟି କଥା ହେଉଛି ଯେ ଚାଇନା ପ୍ରସ୍ତୁତ ସାମଗ୍ରୀ ବିରୋଧରେ ଅଧିକାଂଶଙ୍କ ସ୍ୱର ଉଠୁଛି। ଅବଶିଷ୍ଟ ଜନତା ଚାଇନା ଦ୍ରବ୍ୟର ଭାରତୀୟ ବିକଳ୍ପ ଚାହୁଁଛନ୍ତି, ଯଦ୍ୱାରା ସେମାନେ ଚାଇନାକୁ ବର୍ଜନ କରିପାରିବେ।

### ବହୁ ପୂର୍ବରୁ ବର୍ଜନ କରିବାର ଥିଲା



"ଚାଇନିଜ ଆପ କିମ୍ବା ସାମଗ୍ରୀ ବ୍ୟବହାର ନ କରିବା ପାଇଁ ସୋସିଆଲ ମିଡିଆରେ ଯେଉଁ ଆହ୍ୱାନ ଦିଆଯାଉଛି, ତାହା ବହୁ ପୂର୍ବରୁ ହେବାର ଥିଲା। ସୀମାରେ ଗୋଟିଏ ପଟେ ଆମର ସେନା ଚାଇନା ହାତରେ ଶହୀଦ ହେଉଥିବା ବେଳେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ବ୍ୟବହାର କରି ଚାଇନା ଅର୍ଥନୀତିକୁ ଲାଭ ଦେବା ବନ୍ଦ ହେଉ।

– ଲୁନା ସ୍ୱାଇଁ

### ଆପ୍ ଡିଲିଟ୍ କରିଦେଲେ ହେବନି



"ମୁଁ ଏବେଯାଏ ଟିକ୍‌ଟକ୍‌କୁ ଫୋନ୍‌ରୁ ଡିଲିଟ ମାରିନାହିଁ। ଏପରିକି ମୋ' ମୋବାଇଲ ମଧ୍ୟ ଚାଇନା ତିଆରି। ଚାଇନାର ଆପ୍ କିମ୍ବା ସାମଗ୍ରୀର ବ୍ୟବହାର ବନ୍ଦ କରିଦେଲେ ସେମାନଙ୍କ ଆର୍ଥିକ ଅଭିବୃଦ୍ଧିରେ ରୋକ୍ ଲାଗିବ ନାହିଁ। ସେଠାକାର ଯାହା ସବୁ ଆମେ ବ୍ୟବହାର କରୁଛେ, ତାହା ଆମ ଦେଶରୁ ପ୍ରସ୍ତୁତ ହେଲେ ଲୋକେ ସ୍ୱଦେଶୀ ହୋଇପାରିବେ।

– ରାଜଲକ୍ଷ୍ମୀ ସ୍ୱାଇଁ

### ସରକାର ବିକଳ୍ପ ତିଆରି କରନ୍ତୁ



"ଚାଇନିଜ୍ ଆପ୍‌ଗୁଡ଼ିକ ଭାରତରେ ଲୋକପ୍ରିୟ ହୋଇସାରିଛି। କୌଣସି ଆପ୍‌କୁ ଡିଲିଟ କଲେ ଚାଇନାର କିଛି କ୍ଷତି ହେବନାହିଁ। ଆମ ଦେଶରେ ଏଥିପାଇଁ ବିକଳ୍ପ ଆପ୍ ଏବଂ ବିକଳ୍ପ ଦ୍ରବ୍ୟ ପ୍ରସ୍ତୁତ ହେବା ଜରୁରୀ। କେନ୍ଦ୍ର ସରକାର ଏ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନିଅନ୍ତୁ।

– ଚିନ୍ମୟ ଖୁଣ୍ଟିଆ।

### ବହୁପୂର୍ବରୁ ବନ୍ଦ କରିଛି ଚାଇନା ଆପ୍



"ମୁଁ ବହୁ ପୂର୍ବରୁ ଚାଇନିଜ ଆପ୍ଲିକେଶନର ବ୍ୟବହାର ବନ୍ଦ କରିଦେଇଛି। ପ୍ରଥମେ ନିଜେ ସଚେତନ ହେଲେ ଅନ୍ୟମାନେ ମଧ୍ୟ ହୋଇପାରିବେ। ସରକାର ମଧ୍ୟ ଚାଇନା ଉତ୍ପାଦିତ ଦ୍ରବ୍ୟ ପ୍ରତି କଠୋର ହେବା ଦରକାର। ଚାଇନାର ସମସ୍ତ ବ୍ୟବସାୟ ଭାରତରେ ବନ୍ଦ ହେବା ଆବଶ୍ୟକ।

– ଶୁଭଶ୍ରୀ ସ୍ୱାଇଁ

**ଫଟୋରେ ଖବର**







ରଥଯାତ୍ରା ଲାଗି ଆଶା ଆଶଙ୍କା ଲାଗି ରହିଥିବା ବେଳେ ଶନିବାର ଚକରେ ରଙ୍ଗ ଦିଆଯିବା ପରେ ପୁରୀ ବଡ଼ଦାଣ୍ଡରେ ତିନି ଠାକୁରଙ୍କ ରଥ।

**କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୯୮ ହେଲା**

କେନ୍ଦ୍ରାପଡ଼ା ଅଫିସ, ୨୦।୬: କେନ୍ଦ୍ରାପଡ଼ା ଜିଲାରେ କ୍ରମାଗତ ଭାବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଶନିବାର ନୂତନ ୫ଜଣ ଆକ୍ରାନ୍ତଙ୍କ ଚିହ୍ନଟ ପରେ ଏହି ସଂଖ୍ୟା ୧୯୮ରେ ପହଞ୍ଚିଛି। ସେହିପରି ୪ ଜଣ ସୁସ୍ଥ ହୋଇଥିବା ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅଦ୍ୟାବଧି ୧୭୪ ଜଣ ସୁସ୍ଥ ହେଲେଣି। ୨୪ ଜଣ ଆକ୍ରାନ୍ତ ଏବେ ଚିକିତ୍ସିତ ହେଉଛନ୍ତି। ନୂତନ କରୋନା ଆକ୍ରାନ୍ତଙ୍କୁ ଛତାସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏମାନେ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାରୁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ନାହିଁ। ଏପ୍ରିଲ ୭ ତାରିଖରେ ଜିଲାରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲା।

# କଳିଙ୍ଗନଗରରେ ନିଯୁକ୍ତି, ଉତ୍ପାଦନ ଲକ୍ଷ୍ୟଚ୍ୟୁତ

ଯାଜପୁର ଅଫିସ,୨୦।୬

- ସଙ୍କଟରେ ଇସ୍ପାତ ଶିଳ୍ପ
- ପ୍ରାୟ ୫ ହଜାର ବୈଷୟିକ ଡିଗ୍ରୀଧାରୀ ନିଯୁକ୍ତି ଅପେକ୍ଷାରେ

ଯାଜପୁର ଜିଲାରେ ଶିଳ୍ପ, କାରଖାନା ବଢ଼ିଛି, ହେଲେ ବିକାଶଧାରା ପଛକୁ ଠେଲି ହୋଇଯାଇଛି। ନିଯୁକ୍ତି ଓ ଉତ୍ପାଦନ ଲକ୍ଷ୍ୟଚ୍ୟୁତ ହୋଇଥିବାବେଳେ ବିଭିନ୍ନ ଦୁର୍ନୀତି ଓ ବେକାରି ସମସ୍ୟା ଜିଲାକୁ ଗ୍ରାସ କରିବାରେ ଲାଗିଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ପରିକଳ୍ପନା ନବେ ଦଶକରେ ଆରମ୍ଭ ହୋଇଥିଲା। ଓଡ଼ିଶାରେ ୨ୟ ଇସ୍ପାତ କାରଖାନାର ସ୍ଲୋଗାନ କଳିଙ୍ଗନଗରରେ ଶୁଣିବାକୁ ମିଳିଥିଲା। ଏହା ପ୍ରଭାବରେ ପ୍ରଥମ ଘରୋଇ ଶିଳ୍ପସଂସ୍ଥା ଭାବେ ମେସ୍କୋ ଷ୍ଟିଲ କଳିଙ୍ଗନଗରରେ ପାଦ ଥାପିଥିଲା। ଖଣି ପାଇବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏକ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ବାଢ଼ିଥିଲେ। ରାଜ୍ୟରେ ମୂଲ୍ୟଯୁକ୍ତ ଶିଳ୍ପ ନୀତି ଘୋଷଣା କରି ବିଜୁବାବୁ ନିଜସ୍ୱ କାରଖାନା ନ ଥିଲେ ଖଣି ମିଳିବ ନାହିଁ ବୋଲି କଡ଼ା ନିର୍ଦ୍ଦେଶନାମା ଘୋଷଣା କରିଥିଲେ। ଖଣି ପାଇବା ଲୋଭରେ ସେ ସମୟରେ ବହୁ ଶିଳ୍ପପତି ଓଡ଼ିଶାକୁ ମୁହାଁଇଥିଲେ ଓ ଶିଳ୍ପ ପ୍ରତିଷ୍ଠାର ବାହାନା ଦେଖାଇଥିଲେ। ଗତ ୨୫ବର୍ଷ ମଧ୍ୟରେ କଳିଙ୍ଗନଗର ଷ୍ଟିଲ୍ ହବ୍ ଅତିକମ୍‌ରେ ୨୦ ମିଲିୟନ ଟନ୍ ଇସ୍ପାତ ଉତ୍ପାଦନ କରିବ ବୋଲି ସେତେବେଳେ କୁହାଯାଇଥିଲା। ଏହାବାଦ୍ ୨୦୩୦ ସୁଦ୍ଧା କେବଳ କଳିଙ୍ଗନଗର ଶିଳ୍ପାଞ୍ଚଳରୁ ୧୦୦ ମିଲିୟନ ଟନ୍ ଇସ୍ପାତ ଉତ୍ପାଦନ ହେବ ବୋଲି ଗତ ମାର୍ଚ୍ଚରେ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। କିନ୍ତୁ ବିଡ଼ମ୍ବନା ଯେ, ଗତ ୨୫ ବର୍ଷ ମଧ୍ୟରେ ଦୁଇ ଅଙ୍କ ମିଲିୟନ ଟନ ପର୍ଯ୍ୟନ୍ତ ଇସ୍ପାତ ଉତ୍ପାଦନ ଛୁଇଁ ପାରିନାହିଁ। ଗତ ପ୍ରାୟ ୩ ମାସ ହେବ କରୋନା ସଂକ୍ରମଣ ଷ୍ଟିଲ ଉତ୍ପାଦନରେ ସାମାନ୍ୟ ବ୍ୟାହତ ଘଟାଇଥିବା ଶିଳ୍ପପତିମାନେ ମତପ୍ରକାଶ କରୁଛନ୍ତି। ଟାଟା ଷ୍ଟିଲର ୩ରୁ ୮ ମିଲିୟନ ଟନ କ୍ଷମତା ପର୍ଯ୍ୟନ୍ତ ସମ୍ପ୍ରସାରଣ କାର୍ଯ୍ୟ ଅଟକି ରହିଥିବାବେଳେ ନୀଳାଚଳ, ମଇଥାନ, ମେସ୍କୋ ଭଳି ବୃହତ ଇସ୍ପାତ କାରଖାନା ବନ୍ଦ ପଡ଼ିଛି। ତେବେ ଏହି କାରଖାନାଗୁଡ଼ିକରେ ଆରମ୍ଭରୁ ନିଯୁକ୍ତି କଥାକୁ ଅବଲୋକନ କଲେ ସ୍ଥାନୀୟ ନିଯୁକ୍ତିକୁ ସମ୍ପୂର୍ଣ୍ଣ ଭାବେ ଅବହେଳା କରାଯାଇଥିବା କୁହାଯାଉଛି। କେତେକ କମ୍ପାନୀରେ ଓଡ଼ିଆଙ୍କୁ ବିଦା କରି ବାହାର ରାଜ୍ୟର ଲୋକଙ୍କୁ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ମଧ୍ୟ ଉଠିଛି।

ଯାଜପୁର ଜିଲା କର୍ମ ନିୟୋଜନ ସଂସ୍ଥାରେ ଏଯାଏ ୨୪,୫୯୬ ଜଣ ବେକାର ଶିକ୍ଷିତ ଯୁବତୀଯୁବକ ପଞ୍ଜୀକରଣ କରିଛନ୍ତି। ହେଲେ ଦୁର୍ଭାଗ୍ୟ ଯେ, ୨୦୧୮-୧୯ ଓ ୨୦୧୯-୨୦ ବର୍ଷରେ ମାତ୍ର ଜଣଙ୍କୁ ଜିଲା କର୍ମ ନିୟୋଜନ ସଂସ୍ଥା ଜରିଆରେ ନିଯୁକ୍ତି ମିଳିଛି। ଶିଳ୍ପ କାରଖାନାରେ ନିଯୁକ୍ତି ଆଶାରେ ଗତ ୧୦ ବର୍ଷ ମଧ୍ୟରେ ଜିଲାର ପ୍ରାୟ ୫ ହଜାର ଯୁବତୀଯୁବକ ବିଭିନ୍ନ ବୈଷୟିକ ଶିକ୍ଷା ଲାଭ କରିଛନ୍ତି। ହେଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୪ ପ୍ରତିଶତ ବୈଷୟିକ ଡିଗ୍ରୀଧାରୀ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଚାକିରି ପାଇଥିବା ଜଣାପଡ଼ିଛି। ଏଥିରୁ କଳିଙ୍ଗନଗର ଶିଳ୍ପ କାହା ସ୍ୱାର୍ଥରେ ବୋଲି ଏବେ ସାଧାରଣରେ ପ୍ରଶ୍ନ ହେଉଛି। କାରଖାନାରେ ଅଭିଜ୍ଞତା ନ ଥିଲେ ନିଯୁକ୍ତି ମିଳିବ ନାହିଁ ବୋଲି କମ୍ପାନୀ କର୍ତ୍ତୃପକ୍ଷ ଯୁକ୍ତି କରୁଛନ୍ତି। ଏଥିରେ ଜିଲା ପ୍ରଶାସନିକ ଅଧିକାରୀମାନେ ମଧ୍ୟ ସହମତି ଦେଉଛନ୍ତି। ତେବେ ନିଯୁକ୍ତି ନ ଥିଲେ ଅଭିଜ୍ଞତା କେଉଁଠୁ ଆସିବ ବୋଲି ଚାକିରି ଆଶାୟୀ ଯୁବତୀଯୁବକମାନେ ପ୍ରଶ୍ନ କରୁଛନ୍ତି। ଅନ୍ୟପକ୍ଷରେ ବେକାରି ସମସ୍ୟା ଅପରାଧିକ କାର୍ଯ୍ୟକଳାପକୁ ଅଧିକ ପ୍ରୋତ୍ସାହିତ କରୁଛି ବୋଲି ଅଭିଯୋଗ ହେଉଛି।

ଶ୍ରମିକ ନେତା ବିଦ୍ୟାଧର ମହାନ୍ତି କୁହନ୍ତି, ବେକାରି ଦୂର ପାଇଁ ରାଜନେତାଙ୍କ ଆଦୌ ଚିନ୍ତା ନାହିଁ। ୩/୪ ବର୍ଷରେ ଥରେ ଆରପିଡିଏସି ବୈଠକ ବସିବା ଏହାକୁ ସ୍ପଷ୍ଟ କରୁଛି। ପ୍ରବାଦପୁରୁଷ ବିଜୁବାବୁଙ୍କ ସ୍ୱପ୍ନ ଏଠାରେ ଧୂଳିସାତ ହୋଇଛି। ରାଜନେତାମାନେ କମ୍ପାନୀର ହାତବାରିଶି ସାଜି ବେକାର ଯୁବତୀଯୁବକଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଉଛନ୍ତି ବୋଲି ସେ କହିଛନ୍ତି। ଯାଜପୁରରୋଡ୍‌ର ତ୍ରିନାଥ ରାଉତ କହିଛନ୍ତି, ସେ ୩ ବର୍ଷ ହେଲା ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଶିକ୍ଷା ଲାଭ କରିଛନ୍ତି। ବିଭିନ୍ନ ଅନୁଷ୍ଠାନରେ ତାଙ୍କର ଅଭିଜ୍ଞତା ମଧ୍ୟ ରହିଛି। ହେଲେ କଳିଙ୍ଗନଗର ଶିଳ୍ପ କାରଖାନାରେ ନିଯୁକ୍ତି ପାଇବାକୁ ଯେତେ ପ୍ରୟାସ କଲେ ମଧ୍ୟ ହେଉନାହିଁ।

## ପାଣିଟାଙ୍କି କାର୍ଯ୍ୟ ଆରମ୍ଭରୁ ନିମ୍ନମାନର



ରସୁଲପୁର,୨୦।୬(ଡି.ଏନ.ଏ.)

ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତରେ ବସୁଧା ଯୋଜନାରେ ପାଣି ଟାଙ୍କି ନିର୍ମାଣ ହେଉଛି। ତେବେ ଏହି କାର୍ଯ୍ୟ ଆରମ୍ଭରୁ ନିମ୍ନମାନର ହେଉଥିବା ନେଇ ପ୍ରଥମାଖଣ୍ଡି ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଗ୍ରାମ୍ୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ ପଦ୍ମନାଭ ଖଣ୍ଡାଇଙ୍କ ଅନୁପସ୍ଥିତିରେ କାର୍ଯ୍ୟ ହେଉଥିବାରୁ ଏହାକୁ ତୁରନ୍ତ ବନ୍ଦ କରାଯିବାକୁ ଗ୍ରାମବାସୀ ଅଡିବସିବା ସହ ସରପଞ୍ଚ ଚିନ୍ତାମଣି ସୁରଙ୍କୁ ଅବଗତ କରାଇଥିଲେ। ଏପରି କି କାର୍ଯ୍ୟ ବନ୍ଦ କରାଯାଇ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ଯନ୍ତ୍ରୀ ଖଣ୍ଡାଇ ପହଞ୍ଚି ସରକାରୀ ନିୟମ ମୁତାବକ କାର୍ଯ୍ୟ କରାଯିବ ବୋଲି ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପୁଣି କାର୍ଯ୍ୟ ଆରମ୍ଭ ହୋଇଥିଲା।

ସୂଚନା ଅନୁସାରେ, ପ୍ରଥମାଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ୩୬.୩୦ଲକ୍ଷ ଟଙ୍କା ବ୍ୟୟରେ ୨ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ଓଭର ହେଡ ପାଣି ଟାଙ୍କି ନିର୍ମାଣ କରାଯାଉଛି। ଏବେ ଟାଙ୍କିର ମୂଳଦୁଆ କାର୍ଯ୍ୟ ଆରମ୍ଭ ହୋଇଛି। ଟାଙ୍କି ନିର୍ମାଣ ସମୟରେ ଠିକାଦାର ନିମ୍ନମାନର ବାଲି, ଚିପ୍ସ ଓ ସିମେଣ୍ଟ ବ୍ୟବହାର କରୁଥିବା ନେଇ ଗ୍ରାମବାସୀଙ୍କ ନଜରକୁ ଆସିଥିଲା। ଏଥିସହ ପ୍ଲିନ୍ଥ ଲେବେଲ ଲୁହା ଛଡ଼ ବ୍ୟବହାରରେ କେତେକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଏହାକୁ ନେଇ ଆପତ୍ତି ଉଠିବାରୁ ଉକ୍ତ ତ୍ରୁଟିକୁ ଠିକାଦାରଙ୍କ ପକ୍ଷରୁ ସୁଧାରି ଦିଆଯାଇଥିଲା। ହେଲେ ବନ୍ଧା ଯାଇଥିବା ରଡ ଫ୍ରେମ୍‌ରେ ବ୍ୟବଧାନ ବଜାଇ ରଖିବା ପାଇଁ ପ୍ଲାଷ୍ଟିକ କ୍ୟାପ୍ ବଦଳରେ ଠିକାଦାର ଚିପ୍ସ ଖଣ୍ଡ ବ୍ୟବହାର କରୁଥିବା ଦେଖାଯାଇଥିଲା। ବର୍ଷାଋତୁ ପୂର୍ବରୁ ଫାଉଣ୍ଡେସନ ଶେଷ କରିବାର ଥିଲା। ମାତ୍ର ଏଦିଗରେ ବିଳମ୍ବ ହୋଇଥିବାରୁ ଠିକାଦାର ତରବରିଆ ଭାବରେ କାର୍ଯ୍ୟ ଶେଷ କରିବାକୁ ପ୍ରୟାସ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ଯନ୍ତ୍ରୀ ପହଞ୍ଚି ସରପଞ୍ଚଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଠିକାଦାରଙ୍କୁ ନିମ୍ନମାନର ବାଲି, ସିମେଣ୍ଟ, ଚିପ୍ସ ଆଦିକୁ ବଦଳାଇ ଉଚ୍ଚମାନର ସାମଗ୍ରୀ ବ୍ୟବହାର କରିବାକୁ ଯନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଯନ୍ତ୍ରୀ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗରେ କେତେକ ସତ୍ୟତା ରହିଛି। ତେବେ ଉକ୍ତ ତ୍ରୁଟିର ପୁନାରବୃତ୍ତି ନ ହେବା ପାଇଁ ଠିକାଦାରଙ୍କୁ ଚେତାବନୀ ଦିଆଯାଇଛି ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଗୁରୁତର ମହିଳାଙ୍କ ମୃତ୍ୟୁ

ତିର୍ତ୍ତୋଲ, ୨୦।୬ (ଡି.ଏନ.ଏ.): ସ୍ୱାମୀଙ୍କ ଆକ୍ରମଣରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ସ୍ତ୍ରୀଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ତିର୍ତ୍ତୋଲ ଥାନା ପିପ୍ପଳମାଧବ ପଞ୍ଚାୟତସ୍ଥିତ ବଡିଲ ଗ୍ରାମର ପ୍ରକାଶ ନାଥଙ୍କ ସ୍ତ୍ରୀ ଝୁନା(୨୮)। ଏହାପରେ ଅଭିଯୁକ୍ତ ସ୍ୱାମୀ ପ୍ରକାଶଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ମାମଲା (ନଂ.୧୮୬/୨୦)ରୁଜୁ ହୋଇଛି। ସୋମବାର କୌଣସି କାରଣକୁ ନେଇ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରକାଶ ପନିକି ଓ ଶାବଳ ସାହାଯ୍ୟରେ ଝୁନାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା।

### ନଦୀରେ ବୁଡ଼ିଗଲେ ଯୁବତୀ

କୁଜଙ୍ଗ,୨୦।୬(ଡି.ଏନ୍.ଏ.): କୁଜଙ୍ଗ ଥାନା ଅଧୀନ ତେନ୍ତୁଳିଆ ଖମାର ମହାନଦୀରେ ଶନିବାର ଅପରାହ୍ନରେ ଜଣେ ଯୁବତୀ ବୁଡ଼ି ଯାଇଛନ୍ତି। ତାଙ୍କ ପରିଚୟ ମିଳିପାରିନାହିଁ। ଯୁବତୀ ପାଣିରେ ବୁଡ଼ିଯାଉଥିବା ଦେଖି ନିକଟରେ ମାଛ ଧରୁଥିବା ଜଣେ ମତ୍ସ୍ୟଜୀବୀ କୁଜଙ୍ଗ ଅଗ୍ନିଶମ ବିଭାଗରେ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଯୁବତୀଙ୍କ ପତ୍ତା ମିଳି ନାହିଁ। ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି। କୁଜଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

### ବିଷପିଇ ଯୁବତୀଙ୍କ ଆତ୍ମହତ୍ୟା

ଓଡଗାଁ,୨୦।୬(ସ୍ୱ.ପ୍ର.): ଓଡଗାଁ ଆଦର୍ଶ ଥାନା ବାହାଡାଝୋଲା ଫାଣ୍ଡି ଅନ୍ତର୍ଗତ କଲିଆ ଗାଁର ଘନଶ୍ୟାମ ପ୍ରଧାନଙ୍କ ଝିଅ ଲଳିତା(୨୦) ଶନିବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। କୌଣସି କାରଣରୁ ଝିଅ ବିଷ ଖାଇଥିବା ଜାଣିବା ପରେ ପରିବାର ଲୋକେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ୮/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଲଘୁଖଣିଜ ପରିବହନ ଗାଡ଼ିରୁ ଜରିମାନା ଆଦାୟ

ରସୁଲପୁର,୨୦।୬(ଡି.ଏନ.ଏ.): ରସୁଲପୁର ତହସିଲ ପକ୍ଷରୁ ଶନିବାର ୧୬ନଂ ଜାତୀୟ ରାଜପଥରେ ବେଆଇନ ଲଘୁଖଣିଜ ସାମଗ୍ରୀ ପରିବହନ କରୁଥିବା ଗାଡ଼ି ଉପରେ ଚଢ଼ାଉ କରାଯାଇ ୧.୪୩ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ଅନ୍ୟ ଅଧିକାରୀ ଓ କୁଆଖିଆ ପୋଲିସ ସହାୟତାରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ରାଜପଥର ବାରବାଟୀ ଛକଠାରୁ ମୂଳାପାଳ ଛକ ପର୍ଯ୍ୟନ୍ତ ହୋଇଥିଲା। ତହସିଲଦାର ୫ଟି ଟିପ୍ସ ବୋଝେଇ ହାଇୱା ଓ ୨ଟି ଟିପ୍ପର ଗାଡି ଜବତକରି ତହସିଲକୁ ଆଣିଥିଲେ। ସେଠାରେ ଜବତ ଗାଡିଗୁଡିକର କାଗଜପତ୍ର ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ଲଘୁ ଖଣିଜ ଦ୍ରବ୍ୟ ପରିବହନ ସକାଶେ ଗାଡି ଚାଳକଙ୍କ ପାଖରେ ଅନୁମତି ନ ଥିବା ଜଣାପଡିଥିଲା। ଚଳିତ ମାସରେ ଏହି ତହସିଲ ପକ୍ଷରୁ ବିଭିନ ବେଆଇନ ଲଘୁ ଖଣିଜ ସାମଗ୍ରୀ ଚାଲାଣ ଉପରେ ଚଢାଉ କରାଯାଇ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଇଥିବା ସୂଚନା ମିଳିଛି।

### ଗୁଣି ସନ୍ଦେହ: ଗରମ ପାଣିରେ ଯୁବକଙ୍କ ହାତ ବୁଡ଼ାଇଲେ

ରଣପୁର,୨୦।୬(ସ୍ୱ.ପ୍ର.): ଗୁଣିଗାରେଡି ସନ୍ଦେହରେ ଜଣେ ଯୁବକଙ୍କୁ ମାଡ଼ ମରାଯିବା ସହ ତାଙ୍କ ହାତକୁ ଗରମ ପାଣିରେ ବୁଡାଇ ଦିଆଯାଇଛି। ଏଥିରେ ତାଙ୍କ ହାତରେ ଫୋଟକା ହୋଇଯାଇଛି। ଏଭଳି ଘଟଣା ରଣପୁର ବ୍ଲକ ମହତପଲ୍ଲା ପଞ୍ଚାୟତ ଭଲିଆମାଳି ଗ୍ରାମରେ ଦେଖିବାକୁ ମିଳିଛି। ଗୁରୁତର ଯୁବକ ହେଲେ ବସନ୍ତ ଦିହୁରି। ତାଙ୍କୁ ଚିକିତ୍ସା ପାଇଁ ରଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ବିଭାଗୀୟ ଅଧିକାରୀଙ୍କ ଅବହେଳାକୁ ଦାୟୀ

ରଘୁନାଥପୁର,୨୦।୬(ଡି.ଏନ.ଏ.)

**ବିଦ୍ୟୁତ୍ ସମସ୍ୟା ନେଇ ଉପଭୋକ୍ତା ସଂଘର ବୈଠକ**

କରୋନା ଭୂତାଣୁକୁ ନେଇ ଲକ୍‌ଡାଉନ, ଶଟ୍‌ଡାଉନ ଜାରି ରହିଥିବାବେଳେ ରଘୁନାଥପୁର ବ୍ଲକ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ଏପରି କି ଲୋକେ ଅସହ୍ୟ ଗୁଳୁଗୁଳିରେ ଆଉଟପାଉଟ ହେଉଛନ୍ତି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ରଘୁନାଥପୁର ମଣ୍ଡଳ ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ସଂଘ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ କର୍ମକର୍ତ୍ତା ସାମାଜିକ ଦୂରତ୍ୱ ରକ୍ଷାକରି ବିଭାଗୀୟ ଅଧିକାରୀଙ୍କ ଚରମ ଅବହେଳାକୁ ଦାୟୀ କରିଥିଲେ। ଆସନ୍ତା ୨୩ରେ ସାଧାରଣ ବୈଠକ ଡକାଯାଇ ବିଧିବଦ୍ଧ ଭାବେ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ସଂଘ ସଭାପତି ରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ସେସବୁ ଥିବା ସମୟରେ ସମସ୍ୟା ସମାଧାନର ପନ୍ଥା ବାହାରି ନ ଥିବାବେଳେ ବର୍ତ୍ତମାନ ଟାଟା କମ୍ପାନୀ ଏଥିପ୍ରତି ସଚେତନ ହେବା ପାଇଁ ମତ ପ୍ରକାଶ ପାଇଥିଲା। ଏଥିରେ କର୍ମକର୍ତ୍ତା ବିନୋଦ ବିହାରୀ ମହାନ୍ତି, ଜଗନ୍ନାଥ ମହାପାତ୍ର, କୃଷ୍ଣଚନ୍ଦ୍ର ମହାନ୍ତି, ସୋମନାଥ ବାରିକ, ବୈଷ୍ଣବ ଚରଣ ବାୟା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସୁବ୍ରତ ନାୟକ ଓ ରବୀନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ମଦବିରୋଧୀ ଅଭିଯାନ

ଡେରାବିଶ, ୨୦।୬(ସ୍ୱ.ପ୍ର.)

ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତରେ ଶନିବାର ମହିଳାମାନେ ମଦ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସରପଞ୍ଚ ଉମାକାନ୍ତ ନାୟକ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମହାସଂଘ ନେତୃତ୍ୱରେ ଶତାଧିକ ଏସ୍‌ଏଚ୍‌ଜିର ମହିଳା ସଦସ୍ୟା, ନିର୍ବାଚିତ ଲୋକ ପ୍ରତିନିଧି ଆନନ୍ଦ ବଜାରରେ ପହଞ୍ଚି ଚୋରା ମଦ ବିକ୍ରି କାରବାରରେ ସାମିଲ ଦୋକାନୀମାନଙ୍କୁ ଏହି ବନିୟମ କାର୍ଯ୍ୟ ନ କରିବାକୁ ଚେତାବନୀ ଦେଇଛନ୍ତି। ଯଦି କେହି ଏଭଳି କାରବାର କରନ୍ତି ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସରପଞ୍ଚ ଓ ମହାସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦମୁକ୍ତ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ ସଭାନେତ୍ରୀ ଶୈଳବାଳା ପୋଥାଳ ଓ ସମ୍ପାଦିକା ଶ୍ରୀୟା ରାୟ ସୂଚନା ଦେଇଛନ୍ତି। ଏହି ଅଭିଯାନରେ ପଞ୍ଚାୟତର ନାଏବ ସରପଞ୍ଚ ସରୋଜିନୀ ସାହୁ, ଓାର୍ଡସଭ୍ୟା କବିତା ସେଠୀ, ଆଶା କର୍ମୀ ରୀନାରାଣୀ ସାହୁ ଓ ସାମାଜିକ କର୍ମୀ ନିତ୍ୟାନନ୍ଦ ସାହୁ ଅଂଶଗ୍ରହଣ କରିଥିଲେ।

## ମହିଳାଙ୍କ ମୃତ୍ୟୁ ଘଟଣା: ସ୍ୱାମୀ ଗିରଫ

ରତ୍ନଗିରି,୨୦।୬(ଡି.ଏନ.ଏ.)

ବରୀ ବ୍ଲକ ଅଧୀନ ରମ୍ଭା ପଞ୍ଚାୟତର ସୁବାସ ସାମଲଙ୍କ ସ୍ତ୍ରୀ ଲିଲିଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ତେବେ ଏହା ସନ୍ଦେହଜନକ ମୃତ୍ୟୁ ନୁହେଁ ବରଂ ହତ୍ୟାକାଣ୍ଡ ବୋଲି ଲିଲିଙ୍କ ବାପଘର ପକ୍ଷରୁ ବରୀ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ପୋଲିସ ଲିଲିଙ୍କ ସ୍ୱାମୀ ସୁବାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନା ଅନୁସାରେ, ବଡ଼ଚଣା ବ୍ଲକ୍ ମାଣ୍ଡୁକା ଗ୍ରାମର ସ୍ୱର୍ଗତ ଦର୍ଶନ ସିଂଙ୍କ ଝିଅ ଲିଲି ୨୦୧୮ରେ ସୁବାସଙ୍କୁ ବିବାହ କରିଥିଲେ। ବିବାହ ପରେ ସୁବାସଙ୍କ ପରିବାର ଲିଲିଙ୍କୁ ଅଧିକ ଯୌତୁକ ଅଣିବା ପାଇଁ ବାଧ କରିବା ସହ ନିର୍ଯାତନା ଦେଇଆସୁଥିଲେ। ଲିଲି ଏ ବିଷୟରେ ତାଙ୍କ ପରିବାରକୁ ଜଣାଇବା ପରେ ଉଭୟ ପକ୍ଷରୁ ଆପୋସ ସମାଧାନ କରାଯାଇଥିଲା। ମାତ୍ର ୧୭ ତାରିଖ ବିଳମ୍ବିତ ରାତିରେ ଲିଲି ଫୋନ ଯୋଗେ ତାଙ୍କୁ ସେଠାରୁ ନେଇଯିବା ପାଇଁ ବାପଘର ଲୋକଙ୍କୁ ଅନୁରୋଧ କରିଥିଲେ। ନ ନେଲେ ଶାଶୁଘର ମାରିଦେବେ ବୋଲି ଜଣାଇଥିଲେ। ହେଲେ ବାପ ଘର ଲୋକ ନେବାକୁ ଆସି ନ ଥିଲେ। ପରଦିନ ସକାଳୁ ସ୍ୱାମୀ ସୁବାସ ଫୋନ୍ ଯୋଗେ ଲିଲି ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ଘର ଲୋକଙ୍କୁ ଜଣାଇଥିଲେ। ପୋଲିସ (ନଂ-୧୨୯/୨୦)ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଅପମିଶ୍ରଣ ଖାଦ୍ୟ, ନକଲି ସାମଗ୍ରୀ କାରବାର ବଢୁଛି

ବରୀ,୨୦।୬ (ସ୍ୱ.ପ୍ର.)

**ପ୍ରଶାସନ ପଦକ୍ଷେପ ନେବାକୁ ଦାବି**

ବରୀ ବ୍ଲକ ଅଞ୍ଚଳରେ ୫୦ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ମଧ୍ୟ ଜନସଚେତନତା ଅଭାବ ପରିଲକ୍ଷିତ ହେଉଛି। କାରଣ ଲକ୍‌ଡାଉନ, ଶଟ୍‌ଡାଉନର ନିୟମକୁ କେତେକ ଉଠାଦୋକାନୀ ମାନୁ ନ ଥିବା ଦେଖିବାକୁ ମିଳିଛି। ବରୀ-ବରୁହାଁ ଓ ବାଲିକୁଦା ଅଞ୍ଚଳରେ ଏବେ ନକଲି ସାମଗ୍ରୀ ଓ ଅପମିଶ୍ରଣ ଖାଦ୍ୟର ବିକ୍ରି ବଢ଼ିଛି। ଏଥିଯୋଗୁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏ ସଂକ୍ରାନ୍ତରେ ଗ୍ରାହକ ଫୋରମ ପକ୍ଷରୁ ଖାଦ୍ୟ ଯୋଗାଣ ସଚିବ ଓ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଏବେ ଏସବୁ ବଜାରରେ ୩ ହଜାରରୁ ଊର୍ଦ୍ଧ୍ୱ ଦୋକାନ ରହିଛି। ଏଠାରେ ନକଲି ସାମଗ୍ରୀ ବିକ୍ରି ହେବା ସହିତ ଅପମିଶ୍ରଣ ଖାଦ୍ୟ ଗ୍ରାହକଙ୍କୁ ଖୋଲା ଖୋଲି ବିକ୍ରି କରାଯାଉଛି। ପ୍ରତିବାଦ କଲେ ଗ୍ରାହକଙ୍କୁ ଆକ୍ରୋଶର ଶିକାର ହେବାକୁ ପଡୁଛି। ନାମିଦାମୀ କମ୍ପାନୀର ବ୍ରାଣ୍ଡରେ ନକଲି ସାମଗ୍ରୀ ବଜାରରେ ମିଳୁଛି। ଏ ସାମଗ୍ରୀ କିଣି ଗ୍ରାହକ ଠକାମିର ଶିକାର ହେଉଛନ୍ତି। ବିଶେଷ କରି ଇଲେକଟ୍ରୋନିକ୍ସ, ପ୍ଲାଷ୍ଟିକ, ମାଟି ପାତ୍ର, କମ୍ପ୍ୟୁଟର ଆଦିରେ ବହୁ ନ କଲି ସାମଗ୍ରୀ ଦେଖିବାକୁ ମିଳୁଛି। ବଣରେ ରନ୍ଧା ମଦ ଭାଟି ଚାଲିଛି। ନକଲି ସାମଗ୍ରୀ ବେପାରୀ ପୋଲିସ ଓ ସ୍ଥାନୀୟ ଖାଦ୍ୟ ଯୋଗାଣ ନିରୀକ୍ଷକଙ୍କୁ ବଟି ଦେଉଥିବା ଅଭିଯୋଗ ହୋଇଛି। ମାଛ ବ୍ୟବସାୟୀ କେମିକାଲ ଦ୍ୱାରା ୮ ଦିନ ପର୍ଯ୍ୟନ୍ତ ରଖି ବିକ୍ରି କରୁଛନ୍ତି। ଅଟାରେ ବାଲି, ଚାଉଳରେ ଗୋଡି, ଫୁଟଣରେ ଛୋଟଛୋଟ ଗୋଡି ଗୁଣ୍ଡ ମିଳୁଥିବା ଅଭିଯୋଗ ହୋଇଛି। କେତେଜଣ ମିଠା ଦୋକାନୀ କେମିକାଲ ଦେଇ ମିଠା ତିଆରି କରୁଛନ୍ତି। ପୋଡା ତେଲରେ ଫୁଟପାଥ୍ ଦୋକାନୀ ସାମଗ୍ରୀ ତିଆରି କରୁଛନ୍ତି। ମହାମାରୀ ବେଳେ ଏଭଳି ଅପମିଶ୍ରଣ ଖାଦ୍ୟ ପଦାର୍ଥ ଓ ନକିଲି ସାମଗ୍ରୀ ବିକ୍ରି ବନ୍ଦ କରିବା ପାଇଁ ଫୋରମ ପକ୍ଷରୁ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ଜିଲାପାଳ ରଞ୍ଜନ କୁମାର ଦାସ କହିଛନ୍ତି, ଅଭିଯୋଗ ମିଳିଛି। ଖୁବଶୀଘ୍ର ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଯାଜପୁରରେ ୩ ନୂଆ ସଂକ୍ରମିତ

ଯାଜପୁର ଅଫିସ,୨୦।୬: ଯାଜପୁର ଜିଲାର ବିଞ୍ଝାରପୁର, ବରୀ ଓ ଦଶରଥପୁର ବ୍ଲକରେ ଶନିବାର ଜଣେ ଲେଖାଏ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସଂକ୍ରମିତ ସଂଖ୍ୟା ୩୬୦ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ କୋଲକାତାରୁ ୨ ଜଣ ଓ ହରିୟାଣାରୁ ଜଣେ ଫେରିଥିବା ଜିଲା ସୂଚନା ଓ ଲୋକଙ୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷେ ଏଯାଏ ୨୦,୧୮୧ ଜଣ ପ୍ରବାସୀ ଜିଲାକୁ ଫେରିଛନ୍ତି।

## ୧୭୦୦ ଲିଟର କିରୋସିନ ଜବତ

ବାଲିକୁଦା,୨୦।୬(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା କୁଶୁପୁର ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିବେଲାରୀ ଗାଁରେ କିରୋସିନ୍ ଚୋରା ଚାଲାଣ କରୁଥିବା ପିକ୍‌ଅପ୍ ଭ୍ୟାନ୍‌କୁ ସ୍ଥାନୀୟ ଯୁବକମାନେ ଶୁକ୍ରବାର ରାତିରେ କାବୁ କରିଛନ୍ତି। ଏନେଇ ଅନ୍ତପୁର ଫାଣ୍ଡିରେ ଖବର ଦିଆଯିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଭ୍ୟାନ ସମେତ ସେଥିରେ ଥିବା ୧୭୦୦ ଲିଟର କିରୋସିନ ଜବତ କରିଛି। ଅପରପକ୍ଷେ ଗାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ଜଗତ୍‌ସିଂହପୁର ସଦର ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ସଲ୍ଲାଉଦ୍ଦିନ ଖାଁ ପ୍ରଦ୍ୟୁମ୍ନ ରାଉତରାୟ ଏବଂ ବାଲିକୁଦା ଯୋଗାଣ ନିରୀକ୍ଷିକା ଅରୁଣା ସ୍ୱାଇଁ ପ୍ରମୁଖ ଥାନାରେ ପହଞ୍ଚି ଜବତ ଗାଡ଼ିକୁ ଫାଣ୍ଡିରୁ ଥାନାକୁ ଆଣିବା ପାଇଁ ପରାମର୍ଶ ଦେଇଛନ୍ତି। ପ୍ରାଥମିକ ତଦନ୍ତରୁ ଏହି କିରୋସିନ ଚିଙ୍ଗୁଡି ଘେରିକୁ ପଠାଯାଉଥିବା ସୂଚନା ମିଳିଛି।

## ଜଗତ୍‌ସିଂହପୁରରେ ପୁଣି ୪ ଆକ୍ରାନ୍ତ

ଜଗତ୍‌ସିଂହପୁର ଅଫିସ, ୨୦।୬

ଜଗତ୍‌ସିଂହପୁର ଜିଲାରେ ପୁଣି ୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନେ ଏରସମା ବ୍ଲକ ଅଞ୍ଚଳର ବୋଲି ଜଣାପଡ଼ିଛି। ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ପଶ୍ଚିମବଙ୍ଗ ଓ ୨ ଜଣ ଦିଲ୍ଲୀ ଫେରନ୍ତା। ସେମାନେ କ୍ୱାରାଣ୍ଟାଇନ୍‌ରେ ଥିଲେ। ଅନ୍ୟଜଣକ ଗୁଜରାଟରୁ ଫେରି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ସେ ଘରେ ଥିବାରୁ ସଂକ୍ରମଣ ବ୍ୟାପିବା ଆଶଙ୍କାରେ ଉକ୍ତ ଗାଁକୁ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଏଥିସହ ଆକ୍ରାନ୍ତଙ୍କ ସମ୍ପର୍କରେ ଆସିଥିବା ବ୍ୟକ୍ତିଙ୍କୁ ଠାବ କରିବା ଆରମ୍ଭ ହୋଇଛି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୭୯ରେ ପହଞ୍ଚିଛି।

## ଫାଣ୍ଡି ଅଧିକାରୀଙ୍କ ବଦଳି ପ୍ରତ୍ୟାହାର ଦାବିରେ ଗଣଧାରଣା

ନୟାଗଡ଼ ଅଫିସ/ରଣପୁର,୨୦।୬(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ଥାନା ରାଜସୁନାଖଳା ଫାଣ୍ଡି ଅଧିକାରୀଙ୍କ ବଦଳି ପ୍ରତ୍ୟାହାର ଦାବିରେ ଶନିବାର ଫାଣ୍ଡି ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଚାଲୁ ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁରହିବ ବୋଲି ଆନ୍ଦୋଳନକାରୀ ପ୍ରକାଶ କରିଛନ୍ତି। ସମ୍ପ୍ରତି କରୋନା ପାଇଁ କଟକଣା ଜାରି ହୋଇଥିବାବେଳେ ଧାରଣାସ୍ଥଳରେ ତାହା ପାଳନ ହେଉ ନ ଥିବା ଦେଖିବାକୁ ମିଳିଥିଲା। ଅଧିକାଂଶ ଆନ୍ଦୋଳନକାରୀଙ୍କ ମୁହଁରେ ମାସ୍କ ନ ଥିଲା। ପୁଣି ସମାଜିକ ଦୂରତ୍ୱ ରକ୍ଷା କରାଯାଇ ନ ଥିଲା। ସେହିପରି ଫାଣ୍ଡି ସମ୍ମୁଖରେ ଶତାଧିକ ଲୋକ ଏକତ୍ରିତ ହୋଇଥିଲେ ମଧ୍ୟ ପୋଲିସର ବାରଣ ନ ଥିଲା। ପ୍ରାପ୍ତ ସୂଚନା ଅନୁସାରେ ଫାଣ୍ଡି ଅଧିକାରୀ ପ୍ରଦୀପ କୁମାର ସାମଲଙ୍କ କଟକ କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟକୁ ବଦଳି ହୋଇଥିବାବେଳେ ସେ ଶନିବାର କାର୍ଯ୍ୟରେ ଯୋଗ ଦେଇଛନ୍ତି।

# ବଦଳିଯାଉଛି ପିତା ଧର୍ମ ପିତା ସ୍ୱର୍ଗର ପରିଭାଷା

ଖଣ୍ଡପଡ଼ା,୨୦।୬(ଅଜୟ କୁମାର ମହାରଣା): ହାତ ଧରି ଯିଏ ଚାଲିବା ଶିଖାଏ, ସମ୍ବଳ ନ ଥାଇ ମୁଣ୍ଡଝାଳ ତୁଣ୍ଡରେ ମାରି ଯିଏ ପିଲାର ଭବିଷ୍ୟତ ପାଇଁ ଚିନ୍ତାକରେ, ଯାହାଙ୍କୁ ପାଖରେ ପାଇଲେ ଶତ ସିଂହର ବଳ ଆସେ ସିଏ ଆମର ବାପା। ଏକାନ୍ତ ପରିବାରରେ ମୂଲ୍ୟବୋଧର ଅବକ୍ଷୟ ଯୋଗୁ ପିତୃତ୍ୱ ଆଜି ବିପନ୍ନ। କାହିଁ କେଉଁ କାଳରୁ ରହି ଆସିଥିବା ସେହି ମହାନ୍ ସଂସ୍କୃତି ପିତା ଧର୍ମଃ ପିତା ସ୍ୱର୍ଗଃ ପିତା ହି ପରମଂ ତପଃ, ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତାଃ। ଏପରି ଭାବ ଆମ ସମାଜରେ ସମ୍ପ୍ରତି ବୁଡିବାକୁ ବସିଲାଣି। ଯେପରି ମା'ହେବାରେ ଥାଏ ନାରୀ ଜୀବନର ସାର୍ଥକତା, ସେମିତି ବାପା ହେବାରେ ପୁରୁଷର ଥାଏ ଗର୍ବ ଆଉ ଆତ୍ମସନ୍ତୋଷ। ଆଜିର ଯୁବ ପିଢ଼ିଙ୍କ ନିକଟରେ ମା' ବାପାଙ୍କ ଯେପରି କିଛି ଗୁରୁତ୍ୱ ନାହିଁ ପରିଣାମ ସ୍ୱରୂପ ବାପାର ଶେଷ ସମୟ କଟୁଛି ଦୁର୍ଦ୍ଦିନରେ। ଜୁନ ତୃତୀୟ ରବିବାର ବିଶ୍ୱ ପିତୃ ଦିବସ ଅବସରରେ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ମତକୁ ନେଇ ଉପସ୍ଥାପନା।

**ବିଶ୍ୱ ପିତୃ ଦିବସ ଆଜି**

### କ'ଣ କହନ୍ତି ଏମାନେ...

#### ମୋ ପାଇଁ ବାପା ସବୁକିଛି



ଉପଯୁକ୍ତ ସଂସ୍କାର, ଶିକ୍ଷା ପ୍ରଦାନ କରିଥିବା ପିତାଙ୍କ ଅବଦାନ କୌଣସି ପୁତ୍ର କେବେ ବି ଶୁଝିପାରି ନ ଥାଏ। ମୋ ପାଇଁ ମୋ ବାପା ସବୁକିଛି। ପିତୃତ୍ୱ ଏକ ପରୀକ୍ଷା। ତ୍ୟାଗ ଓ ତିତିକ୍ଷାର ଅମ୍ଳାନ ଗାଥା। ପୁତ୍ର କନ୍ୟାକୁ ବୁଦ୍ଧତ୍ୱ ପ୍ରଦାନ କରିବାରେ ସେ ହିଁ ସାଜିଥାନ୍ତି ଅସଲ ବିଧାଣି। ସଂସାରର ସବୁ ବାପାଙ୍କ ଓଠରେ ହସ ଭରିଦେବା ହିଁ ସବୁ ସନ୍ତାନଙ୍କ ଜୀବନର ଲକ୍ଷ୍ୟ ହେଉ, ପିତୃ ଦିବସରେ ମୋର ଏହାହିଁ କାମନା।

- ପ୍ରଭାସିନୀ ଜ୍ୟୋତିର୍ମୟୀ, ସ୍ନାତକୋତ୍ତର ଛାତ୍ରୀ, ଜାତୀୟ ସଂସ୍କୃତ ମହାବିଦ୍ୟାଳୟ, ତିରୁପତି

#### ପୁଅ ଅପେକ୍ଷା ହାତର ବାଡ଼ି ଭରସାଯୋଗ୍ୟ



ଯେଉଁ ସଂସ୍କୃତିରେ ଦିନେ ବାପା ଥିଲେ ଆଶିଷର ଆକାଶ ଦୀପଟିଏ, ମା' ଥିଲେ ସର୍ବଂସହା ପୃଥିବୀ, ସେଇ ସଂସ୍କୃତିରେ ଆଜି ମା'ବାପା ହେଇ ଯାଇଛନ୍ତି ଅସ୍ପୃଶ୍ୟ ଓ ଅବାଞ୍ଛିତ। ସଂଯୁକ୍ତ ପରିବାର ପ୍ରଥା ଲୋପ ପ୍ରାୟ, ଯାହା ଦିନେ ଭାରତବର୍ଷର ଗୌରବ ଥିଲା। ଝିଅ ପୁଅ ଯେତେ ଶିକ୍ଷିତ ହେଉଛନ୍ତି, ସେତେ ଅଧିକ ଜରା ନିବାସ ନିର୍ମାଣ ଚାଲିଛି। ସବୁ ମା'ବାପାଙ୍କ ଆଖିରେ ଏବେ ଆତଙ୍କର ଛାଇ। ଏ ସଂସାରର ମା' ବାପାମାନେ ଅନୁଭବ କରିସାରିଲେଣି ଯେ, ନିଜ ହାତରେ ବଡ କରିଥିବା ପୁଅ ଅପେକ୍ଷା ହାତର ବାଡି ଏବେ ତାଙ୍କ ପାଇଁ ବେଶି ଭରସାଯୋଗ୍ୟ।

- ଡ. ପବିତ୍ର କୁମାର ସୁବୁଦ୍ଧି, ପ୍ରାଧାପକ, ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ

#### ସୁପୁତ୍ର ହେବା ପାଇଁ ପ୍ରତିଜ୍ଞା କରିବା



ଆମ ସମାଜରେ ପିଲାମାନେ ପିତାଙ୍କ ଋଣ ଶୁଝିବା ପରିବର୍ତ୍ତେ ସମ୍ପତ୍ତି ଲୋଭରେ ତାଙ୍କୁ ଘରୁ ବାହାର କରିଦେଉଛନ୍ତି। ପୁଣି କେଉଁଠି ନିଜ ସ୍ତ୍ରୀ ପାଇଁ ବାପାଙ୍କୁ ମାରିବାକୁ ପଛାଉନାହାନ୍ତି। ଅନ୍ୟ କେଉଁଠି ବୁଢ଼ା ବାପାକୁ ବୋଝ ଭାବି ଜରାଶ୍ରମରେ ଛାଡି ଦେଉଛି। ଏହା କରିବା ପୂର୍ବରୁ ନିଜେ ଭାବିବା ଦରକାର ମୋର ବି ଦିନେ ଏହି ସମୟ ଆସିବ। ତେଣୁ ଆଜିର ଦିବସରେ ତାଙ୍କ ଅବଦାନକୁ ସ୍ମରଣ କରି ଜଣେ ସୁପୁତ୍ର ହେବା ପାଇଁ ପ୍ରତିଜ୍ଞା କରିବା।

- ଈଶ୍ୱର ଚନ୍ଦ୍ର ସାହୁ, ଯନ୍ତ୍ରୀ, ଭଟିମୁଣ୍ଡା

#### ତାଙ୍କ ବରଦାନ ବର୍ଣ୍ଣନାତୀତ



ପିତାହିଁ ପ୍ରକୃତିର ପାଳକ। ତ୍ୟାଗ ଓ ତିତିକ୍ଷାର ଅମ୍ଳାନ ଗାଥା। ତାଙ୍କ ବରଦାନ ବଦାନ୍ୟତା ବର୍ଣ୍ଣନାତୀତ। ପିତା ଆମର ଆଲୋକର ଉତ୍ସ, ହୃଦୟର ଦମ୍ଭ ଓ ମନର ସାହସ। କୁହାଯାଏ ଚାରିଧାମ ବୁଲିଲେ ଯେତିକି ପୁଣ୍ୟ ଅର୍ଜନ ହୋଇଥାଏ, ତା'ର ଦଶଗୁଣ ପୁଣ୍ୟ ମିଳିଥାଏ ମା' ବାପାଙ୍କ ସେବାରୁ। ଏଣୁ ସଂସାରର ସବୁ ବାପାଙ୍କ ଓଠରେ ହସ ଭରିଦେବା ହିଁ ସବୁ ସନ୍ତାନର ଏକାନ୍ତ କାମ୍ୟ।

- ମୋନାଲୀ ସାହୁ, ଛାତ୍ରୀ, ରମାଦେବୀ ମହିଳା ମହାବିଦ୍ୟାଳୟ

#### ପିତାଙ୍କ ଅନୁଶାସନ ଉତ୍ତମ ସନ୍ତାନ ଗଢିପାରେ



ପିତା ପରିବାରର ମୁଖ୍ୟ ହିସାବରେ ସ୍ୱୀୟ ଆଦର୍ଶ, ଯତ୍ନଶୀଳତା ଓ ଅନୁଶାସନ ଦ୍ୱାରା ଏକ ଉତ୍ତମ ସନ୍ତାନ ଗଢିପାରେ। ନିଜ ପିତାଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ପୂର୍ବକ ସନ୍ତାନକୁ ବନ୍ଧୁ ଭାବରେ ପରାମର୍ଶ ଦେଇ ଗଢି ପାରିଲେ ପିତୃତ୍ୱ ସାର୍ଥକ ହୋଇଥାଏ।

- ପ୍ରଫୁଲ୍ଲ କୁମାର ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଦଶପଲ୍ଲା

## ସଂକ୍ଷେପରେ

### ଦକ୍ଷିଣବାଡ଼ ପଞ୍ଚାୟତ ଶଟ୍‌ଡାଉନ

**ଭଣ୍ଡାରିପୋଖରୀ, ୨୦।୬(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ସଦର ସମେତ ସଦର ଦକ୍ଷିଣବାଡ଼ ପଞ୍ଚାୟତକୁ ସରପଞ୍ଚ ବିଜୟଶଙ୍କର ମହାନ୍ତି ଜିଲାପାଳ କ୍ଷମତା ପ୍ରୟୋଗ କରି ୧୯ରୁ ୨୪ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଶଟ୍‌ଡାଉନ ଓ ୨୫ରୁ ୩୦ତାରିଖ ପର୍ଯ୍ୟନ୍ତ ଆଂଶିକ ଶଟ୍‌ଡାଉନ ଘୋଷଣା କରିଛନ୍ତି। ସଂକ୍ରମଣ ରୋକିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା ସରପଞ୍ଚ ବିଜୟ ଶଙ୍କର ମହାନ୍ତି ଶୁକ୍ରବାର ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଦୋକାନ ବଜାର ଖୋଲାଯିବ। ଗ୍ରାହକମାନେ ସାମାଜିକ ଦୂରତ୍ୱ ରଖିବା ଓ ମାସ୍କ ପିନ୍ଧିବା ବାଧ୍ୟତାମୂଳକ। ଯଦି କେହି ବ୍ୟବସାୟୀ ଉଲ୍ଲଂଘନ କରନ୍ତି ୫ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ସରପଞ୍ଚ ସୂଚନା ଦେଇଛନ୍ତି।

### ରଥଯାତ୍ରା ପାଇଁ ଜିଲାରେ ଲାଗୁ ହେଲା କଟକଣା

**ଭଦ୍ରକ ଅଫିସ, ୨୦।୬:** ରଥଯାତ୍ରା ପାଳନ ବନ୍ଦ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଭଦ୍ରକ ଜିଲାରେ ବିଭିନ୍ନ ସ୍ଥାନରେ ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସ କଟକଣା ଲାଗୁ କରିଛନ୍ତି। ଏହି କଟକଣା ଆସନ୍ତା ୨୩ ତାରିଖ ରଥଯାତ୍ରା ଏବଂ ଜୁଲାଇ ୧ ତାରିଖ ବାହୁଡ଼ା ଯାତ୍ରା ପାଇଁ ଲାଗୁ ହେବ। ଏହି ସମୟରେ ସମସ୍ତ ମନ୍ଦିର, ଧର୍ମାନୁଷ୍ଠାନ ବନ୍ଦ ରହିବ। କୌଣସି ସ୍ଥାନରେ ୭ଜଣରୁ ଅଧିକ ଲୋକ ଏକାଠି ହୋଇପାରିବେ ନାହିଁ। କେବଳ ଦୁଇଜଣ ସେବାୟତ ଅବା ପୂଜାରୀ ଠାକୁରଙ୍କ ନୀତିକାନ୍ତି କରିପାରିବେ। କୌଣସି ଭକ୍ତ ମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ। ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ରକ୍ଷା କରିବା ବାଧ୍ୟତାମୂଳକ ବୋଲି ଜିଲାପାଳ ଡ. ଦାସ ତାଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି।

### ରଥଯାତ୍ରା ବନ୍ଦ ନେଇ ଶ୍ରଦ୍ଧାଳୁ ଅସନ୍ତୁଷ୍ଟ

**କେନ୍ଦୁଝର, ୨୦।୬ (ସ୍ୱ.ପ୍ର.):** କେନ୍ଦୁଝରର ଆରାଧ୍ୟ ବଳଦେବଜୀଉଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ପ୍ରଶାସନ ରଥ ଯାତ୍ରା କରିବାକୁ ମନା କରିଦେବାରୁ ଲକ୍ଷ ଲକ୍ଷ ଭକ୍ତଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଛି। ପ୍ରତିବର୍ଷ ଅପେକ୍ଷା ଚଳିତବର୍ଷ ରଥ ନିର୍ମାଣ କାର୍ଯ୍ୟ ବହୁ ଆଗରୁ ଶେଷ ସାରିଥିଲା। ଅନ୍ୟ ଜିଲା ତୁଳନାରେ କରୋନା ସଂକ୍ରମଣ କମ ରହିଛି । ଏଣୁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଲକ୍‌ଡାଉନ ଘୋଷଣା କରି ରଥ ଯାତ୍ରା ପାଳନ ହୋଇ ପାରନ୍ତା ବୋଲି ଅନେକ ମତବ୍ୟକ୍ତ କରିଛନ୍ତି। ଯଦି ରଥଯାତ୍ରା ହେବା ସମ୍ଭାବନା ନ ଥିଲା ତେବେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କାହିଁକି ରଥ ନିର୍ମାଣ କରାଗଲା ବୋଲି ଅନେକ ମତବ୍ୟକ୍ତ କରୁଛନ୍ତି। ରଥଯାତ୍ରା ବନ୍ଦ ହେବା ଶୁଣି ବହୁ ଭକ୍ତଙ୍କ ଭାବାବେଗକୁ ଆଘାତ ଲାଗିଛି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ଯୁବକ ଗିରଫ

**ପଦ୍ମପୁର, ୨୦।୬(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକା ଜଣଙ୍କ ଘରେ ଶୋଇଥିବା ବେଳେ ପୁରୁଷୋତ୍ତମପୁର ଗ୍ରାମର ଦେବଦତ୍ତ ବେହେରା ତାଙ୍କ ଘରେ ପଶି ବଳାତ୍କାର କରିଥିଲେ । ଏନେଇ ପୀଡ଼ିତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପୋକ୍‌ସୋ ଆଇନ ଅନୁଯାୟୀ ମାମଲା(ନଂ. ୬୭/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି।

### ଗରିବ କଲ୍ୟାଣ ରୋଜଗାର ଯୋଜନା ଉପରେ ସଚେତନତା

**ଖଇରା, ୨୦।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ପାର୍ବତୀପୁର ଗ୍ରାମରେ ଶନିବାର ଅପରାହ୍ନରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭଜପା ଯୁବମୋର୍ଚ୍ଚାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଭାଜପାର ରାଜ୍ୟ ମୁଖପାତ୍ର ଠାକୁର ରଣଜିତ ଦାସ ସ୍ଥାନୀୟ ପ୍ରବାସୀମାନଙ୍କୁ ଯୋଜନାର ସବିଶେଷ ତଥ୍ୟ ବୁଝାଇଥିଲେ। ଏବେ ଶ୍ରମଜୀବୀ ଯାହାର ଯେଉଁ କର୍ମରେ ଦକ୍ଷତା ଅଛି ସେ ପ୍ରଧାନମନ୍ତ୍ରୀଙ୍କ ଏହି ଆର୍ଥିକ ସହାୟତାକୁ ବିନିଯୋଗ କରି ନିଜ ମା'ବାପାଙ୍କ ପାଖରେ ରହି ନିଜ ଅଞ୍ଚଳର ବିକାଶରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ । ୬ ରାଜ୍ୟର ୧୧୬ ଜିଲା ମଧ୍ୟରେ ଓଡିଶାର ବାଲେଶ୍ୱର ଜିଲା ମଧ୍ୟ ସାମିଲ ହୋଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହା ପ୍ରବାସୀମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବ ବୋଲି ପ୍ରକାଶ କରିଥିଲେ । ସ୍ଥାନୀୟ ଭାଜପା ନେତା ମଧୁସୂଦନ ଜେନା ଉପସ୍ଥିତ ଥିଲେ ।

# ପୋତି ହୋଇପଡୁଛି କେନାଲ

**ଚମ୍ପୁଆ, ୨୦।୬ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ଏନଏସି ଅନ୍ତର୍ଗତ ୨ ନଂ. ୱାର୍ଡ ପାଞ୍ଚପୋଖରିଆଠାରେ କେନାଲ ପୋତି ହୋଇପଡିଥିବାରୁ ଚାଷଜମିକୁ ପାଣି ମାଡିପାରୁନାହିଁ। ଏପରିକି ପାଣି ରହୁଥିବା ପୋଖରୀରୁ ପଙ୍କ ଉଦ୍ଧାର କରାଯାଉ ନ ଥିବାରୁ ବର୍ଷାଜଳ ଠିକ୍ ଭାବେ ଗଚ୍ଛିତ ହୋଇପାରୁନାହିଁ। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି।

ଦୀର୍ଘ ବର୍ଷ ପୂର୍ବରୁ ଚାଷ ଜମିକୁ ପାଣି ମଡାଇବା ନିମନ୍ତେ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ଦ୍ୱାରା ଗାଁ ମଝିରେ ଏକ ବଡ ପୋଖରୀ ଖୋଳାଯାଇଥିଲା । ଏହି ପୋଖରୀରୁ କେନାଲ ମାଧ୍ୟମରେ ପ୍ରାୟ ୨୫ହେକ୍ଟର ଚାଷ ଜମିକୁ ପାଣି ମଡାଇ ଚାଷୀମାନେ ଚାଷକାମ କରୁଥିଲେ। ମାତ୍ର ୨ବର୍ଷ ହେବ ଏହି କେନାଲ ପୋତି ହୋଇପଡ଼ିଛି। ଏପରିକି ଚାଷ ବାବଦକୁ ଜଳ କର ଚାଷୀମାନେ ଦେଇ



ପାଞ୍ଚପୋଖରିଆଠାରେ ପୋତି ହୋଇ ପଡିଥିବା କେନାଲ।

■ଚାଷ ଜମିକୁ ମାଡୁନି ପାଣି
■ଚାଷୀ ଅସନ୍ତୋଷ

ଆସୁଥିଲେ ମଧ୍ୟ ଏହାର ପ୍ରତିକାର ଦିଗରେ ଦୃଷ୍ଟି ଦିଆଯାଉନାହିଁ। ଏ ବିଷୟରେ ଚାଷୀମାନେ ଏନଏସି କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହେଉ ନ ଥିବା ପ୍ରକାଶ କରିଛନ୍ତି। ଚାଷୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ଏ ସମ୍ପର୍କରେ ଏନଏସି ଯନ୍ତ୍ରୀ ସୁଶୀଲ ମୁର୍ମୁଙ୍କୁ ପଚାରିବାରୁ ଉକ୍ତ ପାଣି ଯିବା ରାସ୍ତାରେ ଏକ ନୂତନ କଲଭର୍ଟ ହୋମ୍‌ପାଇପ୍ ଦ୍ୱାରା କରାଯାଇଛି। ଏହି ହୋମ୍‌ପାଇପ୍‌ରେ ମାଟି ଭର୍ତ୍ତି ହୋଇ ଜାମ୍ ହୋଇଯାଇଥିବାରୁ ପାଣି ଯାଇପାରୁନାହିଁ। ୨ରୁ ୪ଦିନ ମଧ୍ୟରେ ଏହାକୁ ସଫା କରି ଦିଆଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ୩୩ ପଜିଟିଭ୍ ଚିହ୍ନଟ

**ଭଦ୍ରକଅଫିସ/ବାରିପଦାଅଫିସ/ କେନ୍ଦୁଝର/ପାଟଣା, ୨୦।୬(ସ୍ୱ.ପ୍ର.)**

ଉତ୍ତର ଓଡ଼ିଶାରେ ଶନିବାର ଆଉ ୩୩ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଭଦ୍ରକ ଜିଲାରେ ୫, ମୟୂରଭଞ୍ଜରେ ୧୦ ଓ କେନ୍ଦୁଝର ଜିଲାରେ ୧୮ଜଣ ଚିହ୍ନଟ ହୋଇଛନ୍ତି। ଭଦ୍ରକ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୮୬ଛୁଇଁଛି। ଏଥିମଧ୍ୟରୁ ୧୬୮ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ମାତ୍ର ୧୮ଜଣ ଚିକିତ୍ସାଧୀନ ରହିଛନ୍ତି। ସମସ୍ତେ ସଙ୍ଗରୋଧରୁ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି। ମୟୂରଭଞ୍ଜ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୩୯କୁ ବୃଦ୍ଧି ପାଇଛି। କରଞ୍ଜିଆ, ବିଶୋଇ, ଯଶିପୁର, ଶ୍ୟାମାଖୁଣ୍ଟା, ଶୁରୁକୁଲି, ଉଦଳା ବ୍ଲକରୁ ଜଣେ ଲେଖାଏ ଚିହ୍ନଟ ହୋଇଥିବା ବେଳେ ବଡ଼ସାହି ବ୍ଲକ ଓ ବାରିପଦା ମ୍ୟୁନିସିପାଲିଟିରୁ ୨ ଜଣ ଲେଖାଏ ଚିହ୍ନଟ ହୋଇଛନ୍ତି। ୮ଜଣ ପ୍ରଶାସନ ପକ୍ଷରୁ ହୋଇଥିବା ସଙ୍ଗରୋଧ ଗୃହରୁ ଚିହ୍ନଟ ହୋଇଛନ୍ତି। ୨ ଜଣ ଲୋକାଲ କେସ୍ ବାରିପଦା ସହରର ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାରେ ୯୦ ଜଣ ସୁସ୍ଥ ହୋଇଥିବା ବେଳେ ୪୯ଜଣ ଚିକିତ୍ସାଧୀନ ଅଛନ୍ତି। ସେହିପରି କେନ୍ଦୁଝର ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୯୮ରେ ପହଞ୍ଚିଛି। ସମସ୍ତେ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଥିଲେ। ସଦର ବ୍ଲକ, ଝୁମ୍ପୁରା, ତେଲକୋଇ, ପଟଣା, ସାହରପଡା, ଘଷିପୁରା, ଯୋଡ଼ା ବ୍ଲକ ଅଞ୍ଚଳରେ ଚିହ୍ନଟ ହୋଇଛି। ସମୁଦାୟ ୯୮ ଆକ୍ରାନ୍ତଙ୍କ ମଧ୍ୟରୁ ଅଦ୍ୟାବଧି ୪୬ ଜଣ ସୁସ୍ଥ ହୋଇ ଘରକୁ ଯାଇଥିବା ବେଳେ ଅନ୍ୟ ୫୨ଜଣ କେନ୍ଦୁଝର କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପାଟଣା ବ୍ଲକରେ ସଂକ୍ରମିତଙ୍କ ସଂଖ୍ୟା ୮ରେ ପହଞ୍ଚିଛି। ଏଥିଲାଗି ମାଛଗଡ଼ ପଞ୍ଚାୟତକୁ ୭୨ଘଣ୍ଟା ପାଇଁ ଶଟ୍‌ଡାଉନ୍ ଘୋଷଣା କରାଯାଇଛି।

## ଷ୍ଟୋନ୍ କ୍ଲଷ୍ଟର ପରିଦର୍ଶନ କଲେ ଶିଳ୍ପ ନିର୍ଦ୍ଦେଶକ

**ସୋର, ୨୦।୬(ଡି.ଏନ.ଏ.)**

ସୋର ବ୍ଲକ ଅଧୀନ କେଶରୀପୁରଠାରେ ଏମ୍‌ଏସ୍‌ଏମଇ ତତ୍ତ୍ୱାବଧାନରେ ପ୍ରତିଷ୍ଠିତ ସୋର ଷ୍ଟୋନ କ୍ଲଷ୍ଟରକୁ ରାଜ୍ୟ ଶିଳ୍ପ ନିର୍ଦ୍ଦେଶକ ରଘୁଜୀ ଓ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ଜିଲା ଶିଳ୍ପକେନ୍ଦ୍ର ଅଧିକାରୀ ହରିହର ଜେନା ଯୋଗଦେଇ କ୍ଲଷ୍ଟର କାର୍ଯ୍ୟ ଅଗ୍ରସର ନେଇ ସମୀକ୍ଷା କରିଥିଲେ। କେନ୍ଦ୍ର ସରକାରଙ୍କ ମମ, ଅଣୁ ଓ କ୍ଷୁଦ୍ର ଶିଳ୍ପ ସହାୟତାରେ ପ୍ରସ୍ତର ଶିଳ୍ପୀମାନଙ୍କ ସୁବିଧା ସୁଯୋଗ ପାଇଁ ଏହି ମେଗା ପ୍ରକଳ୍ପ ଗତ ୨୦୧୮ରେ ଆରମ୍ଭ ହୋଇଛି। ଏଠାରେ ବଡ଼ବଡ଼ ପଥର ଖଣ୍ଡକୁ ମେଶିନ୍ ସହାୟତାରେ କାଟି ଶିଳ୍ପୀଙ୍କ ଆବଶ୍ୟକତା ଅନୁଯାୟୀ ଛୋଟ ଛୋଟ ଖଣ୍ଡ କରି ସହଜ ଏବଂ ସ୍ୱଳ୍ପ ସମୟ ମରେ ମୂର୍ତ୍ତି ଗଢ଼ିବା ପାଇଁ ବ୍ୟବସ୍ଥା ରହିଛି। ଏହି ପରିଦର୍ଶନ ବେଳେ ପଥର କାଟୁଥିବା କାରିଗରମାନଙ୍କ ସହିତ ନିର୍ଦ୍ଦେଶକ ଏବଂ ଜିଲାପାଳ ଆଲୋଚନା କରିଥିଲେ। ଏହି ପ୍ରକଳ୍ପ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ କେବଳ ପରୀକ୍ଷାମୂଳକ ଭାବେ ପଥରକଟା ବ୍ୟତୀତ ଶିଳ୍ପୀମାନଙ୍କ ଆବଶ୍ୟକତା ପୂରଣ ହେଉନାହିଁ। ଏହା କେବେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ସେ ନେଇ କର୍ମଚାରୀମାନେ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ନିର୍ଦ୍ଦେଶକ ଅସନ୍ତୋଷ ପ୍ରକାଶ କରିଥିଲେ। ପରିଦର୍ଶନ ବେଳେ ସ୍ଥାନୀୟ ପଥରଶିଳ୍ପୀମାନେ ଉପସ୍ଥିତ ଥିଲେ।

## ୨ଭଉଣୀଙ୍କୁ ସହାୟତା

**ଖଇରା, ୨୦।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଗରସଙ୍ଗ ପଞ୍ଚାୟତ ଅଧୀନ ବଉଳାଣି ଗ୍ରାମର ଅସହାୟ ୨ ଭଉଣୀ ନମିତା(୨୨) ଓ ଲକ୍ଷ୍ମୀପ୍ରିୟା(୧୮)ଙ୍କୁ ସହାୟତାର ହାତ ବଢାଇଛନ୍ତି ପଳସା ମଠର ମହନ୍ତ ତଥା ବିଶିଷ୍ଟ ସମାଜସେବୀ ଗଙ୍ଗାଧର ମହାନ୍ତି । ସେ ଶୁକ୍ରବାର ନମିତା, ଲକ୍ଷ୍ମୀପ୍ରିୟା ଓ ମାନସିକ ଭାରସାମ୍ୟ ହରାଇଥିବା ତାଙ୍କ ବାପା ଶ୍ରୀକାନ୍ତ ସେଠୀଙ୍କୁ ଭେଟି ୪ହଜାର ୫ଶହ ଟଙ୍କା, କମ୍ବଳ ଓ ଗାମୁଛା ପ୍ରଦାନ କରିଛନ୍ତି। ୨ ଭଉଣୀଙ୍କ ବାପା ପାଗଳ ହୋଇଯିବା ପରେ ମା' ହୃଦ୍‌ଘାତରେ ପ୍ରାଣ ହରାଇଥିଲେ। ୨ଭଉଣି ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ଖବର ଗଣମାଧ୍ୟମରେରେ ପ୍ରକାଶ ପାଇବା ପରେ ଗଙ୍ଗାଧରଙ୍କ ତରଫରୁ ଏହି ସହାୟତା ପ୍ରଦାନ କରାଯାଇଛି।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଲାଗି ମକ୍‌ଡ୍ରିଲ

**ବାଲେଶ୍ୱର ଅଫିସ, ୨୦।୬**

ବାଲେଶ୍ୱର ସଦର ବ୍ଲକ ପଦମପୁର ପଞ୍ଚାୟତ ବଡ଼କିଆ ବାତ୍ୟା ଆଶ୍ରୟସ୍ଥଳରେ ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଲାଗି ମକ୍‌ଡ୍ରିଲକୁ ଶୁକ୍ରବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଉଦ୍‌ଘାଟନ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଧନଜୀବନ କ୍ଷୟକ୍ଷତିକୁ ରୋକିବା ସହ ଲୋକମାନଙ୍କୁ ବିଭିନ୍ନ ଉପାୟରେ ଉଦ୍ଧାର କରିବା ପାଇଁ ଜିଲାପାଳ ଗୁରୁତ୍ୱ ଦେଇଥିଲେ।

ବଡ଼କିଆ ବାତ୍ୟା ଆଶ୍ରୟସ୍ଥଳରେ ଅନୁଷ୍ଠିତ ମକ୍‌ଡ୍ରିଲରେ ଏନ୍‌ଡିଆରଏଫ୍, ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିଭଳି ଉଦ୍ଧାର କରାଯାଇଥାଏ, ସେ ସମ୍ପର୍କିତ କୌଶଳ ପ୍ରଦର୍ଶିତ ହୋଇଥିଲା। ଓସ୍‌ଡମା ସହଯୋଗରେ ଅନୁଷ୍ଠିତ ମକ୍‌ଡ୍ରିଲରେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ



ବଡ଼କିଆ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ ପ୍ରଦର୍ଶନ।

କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜନସାଧାରଣ ସର୍ବଦା ପ୍ରସ୍ତୁତ ହୋଇ ରହିବାକୁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା। ଜିଲାର ସମସ୍ତ ବ୍ଲକ ତଥା ୧୪୦ଟି ବନ୍ୟା/ବାତ୍ୟା ଆଶ୍ରୟସ୍ଥଳରେ ଏହି ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିବା ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ମକ୍‌ଡ୍ରିଲ ପୂର୍ବରୁ ଏବଂ ପରେ ଆଶ୍ରୟସ୍ଥଳଗୁଡ଼ିକର ବିଶୋଧନ କରାଯାଇଥିଲା। ଉପଜିଲାପାଳ ନୀଲୁ ମହାପାତ୍ର, ସଦର ବିଡିଓ ନରେନ୍ଦ୍ର ଖମାରୀ, ଜିଲା ଜରୁରିକାଳୀନ ଅଧିକାରୀ ରିଜୱାନା କଅକବ, ଏନ୍‌ଡିଆରଏଫ ଟିମ୍ କମାଣ୍ଡର, ଅଗ୍ନିଶମ ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ଜିଲା ପ୍ରକଳ୍ପ ସଂଯୋଜକ(ଓସ୍‌ଡମା) ଅବନୀକାନ୍ତ ଭୂୟାଁ, କମ୍ୟୁନିଟି ମୋବିଲାଇଜର ଆନନ୍ଦ କୁମାର ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ରାସ୍ତାରେ ଜମୁଛି ଦୂଷିତ ଜଳ

### ନିଷ୍କାସନ ସୁବିଧା ନାହିଁ,

**ପଦ୍ମପୁର, ୨୦।୬(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତର ଜେନାସାହିରେ ୪୦ରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତି ପରିବାର ବାସ କରୁଛନ୍ତି। ଏହି ବସ୍ତିକୁ ନିର୍ମାଣ ହୋଇଥିବା ରାସ୍ତାପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ଆଣ୍ଠୁଏ ଅପରିଷ୍କାର ପାଣି ଜମି ରହିଛି। ଏଥିରେ ପୋକ ସାଲୁବାଲୁ ହେଉଛନ୍ତି। ଏହି ରାସ୍ତାପାର୍ଶ୍ୱରେ ଥିବା ଏକମାତ୍ର ନଳକୂପ ଚାରିପଟେ ଦୂଷିତ ପାଣି ଜମି ରହିଛି।



ରାସ୍ତାରେ ନାଳପାଣି।

ଗ୍ରାମବାସୀ ଏହି ଦୂଷିତ ପରିବେଶରେ ଥିବା ନଳକୂପର ପାଣି ନେଇ ବ୍ୟବହାର କରୁଛନ୍ତି। ଫଳରେ ନାନାପ୍ରକାର ସଂକ୍ରାମକ ରୋଗର ଶିକାର ହେଉଛନ୍ତି। ବାରମ୍ବାର ଗ୍ରାମବାସୀ ଏନେଇ ବିଭାଗୀୟ ଅଧିକାରୀ ଓ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏ ବିଷୟରେ ସରପଞ୍ଚ ପ୍ରଫୁଲ୍ଲ କୁମାର ପଳିତାଙ୍କୁ ପଚାରିବାରୁ ସେ ଖୁବ୍‌ଶୀଘ୍ର ଜାଗା ମିଳିଲେ ନିଷ୍କାସନ ଲାଗି ନାଳ ନିର୍ମାଣ ହେବ ବୋଲି କହିଛନ୍ତି।

## ଅନ୍‌ଲାଇନ୍ ଶିକ୍ଷୟିତ୍ରୀ ପରିଚୟ ଦେଇ ୧୪ହଜାର ହଡ଼ପ

**ସୋର, ୨୦।୬(ଡି.ଏନ.ଏ.)**

ସୋରରେ ଅନ୍‌ଲାଇନ୍ ଶିକ୍ଷୟିତ୍ରୀ ଭାବେ ନିଜକୁ ପରିଚୟ ଦେଇ ଜଣେ ଛାତ୍ରଙ୍କ ଅଭିଭାବକଙ୍କ ବ୍ୟାଙ୍କ ଖାତାରୁ ଅଭିନବ ଭାବେ ଟଙ୍କା ଗାଏବ କରିଛନ୍ତି। ଏହି ଠକେଇର ଶିକାର ହୋଇଛନ୍ତି ଜଣେ ୧୩ ବର୍ଷର ଛାତ୍ର। ଜଣେ ମହିଳା ନିଜକୁ ଅନ୍‌ଲାଇ୍‌ନ ଶିକ୍ଷୟିତ୍ରୀର ପରିଚୟ ଦେଇ ଗେମ୍‌ରେ ଜିତିଲେ ଡାଇମଣ୍ଡ ମିଳିବାର ପ୍ରଲୋଭନ ଦେଖାଇ ଉକ୍ତ ଛାତ୍ରଙ୍କୁ ତାଙ୍କ ବାପାଙ୍କ ବ୍ୟାଙ୍କ ଜମାଖାତା ନମ୍ବର ଏବଂ ଏଟିଏମ୍ ନମ୍ବର ହାତେଇ ୧୩, ୯୯୯ଟଙ୍କା ହଡ଼ପ୍ କରିଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି।

ସୋର ପୌରପରିଷଦ ଅନ୍ତର୍ଗତ ବଡ଼ଖୁରୀ ଗ୍ରାମର ଜିତେନ୍ଦ୍ର ମହାନ୍ତିଙ୍କ ୧୩ ବର୍ଷର ପୁଅ ହାଇସ୍କୁଲରେ ନାମ ଲେଖାଇଛନ୍ତି। ଏବେ କରୋନା ଲାଗି ସଂପୃକ୍ତ ବିଦ୍ୟାଳୟରେ ଅନ୍‌ଲାଇନ୍ ପାଠପଢ଼ା ଯାଉଥିବାରୁ ଜିତେନ୍ଦ୍ର ପୁଅକୁ ଏକ ନୂଆ ମୋବାଇଲ କିଣିଦେଇଥିଲେ। ପୁଅ ମୋବାଇଲରେ ପାଠ ପଢ଼ିବା ସହିତ ଫ୍ରି ଫାୟାର ଗେମ୍ ଖେଳୁଥିଲେ। ଏଥିରେ ଜଣେ ମହିଳା ନିଜକୁ ଶିକ୍ଷୟିତ୍ରୀର ପରିଚୟ ଦେଇ ଗେମ୍‌ରେ ଜିତିଲେ ଡାଇମଣ୍ଡ୍ ମଳିବ ଓ କାହାକୁ କିଛି ନ ଜଣାଇ ବାପାଙ୍କର ଆକାଉଣ୍ଟ୍ ନମ୍ବର ଏବଂ ଏଟିଏମ୍ ନମ୍ବର ଦେବାକୁ କହିଥିଲେ। ଛାତ୍ରଜଣକ ବାପାଙ୍କର ୟୁକୋ ବ୍ୟାଙ୍କ ଜମାଖାତା ନମ୍ବର ଏବଂ ଏଟିଏମ୍ ନମ୍ବର କାହାକୁ କିଛି ନ କହି ଦେଇଦେବା ପରେ ଗତ ୧୨ରୁ ୧୫ ତରିଖ ଭିତରେ ବିଭିନ୍ନ ପର୍ଯ୍ୟାୟରେ ୧୩୯୯୯ଟଙ୍କା ଉଠାଇ ନେଇଥିଲେ। ଜିତେନ୍ଦ୍ର ୧୬ ତାରିଖରେ ତାଙ୍କ ମୋବାଇଲକୁ ଆସିଥିବା ମେସେଜ୍‌ରୁ ଟଙ୍କା ଉଠିଥିବା ଜାଣି ବ୍ୟାଙ୍କକୁ ଯାଇ ଏହି ଟଙ୍କା ହଡ଼ପ୍ ସମ୍ପର୍କରେ ନିଶ୍ଚିତ ହେବା ପରେ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ପ୍ରଥମିକ ତଦନ୍ତ ଆରମ୍ଭ କରିଛି।

## ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ଭୂମିପୂଜା

**ପାଟଣା,୨୦।୬(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସାହାରପଡା ବ୍ଲକ ଦାମାହୁଦା ପଞ୍ଚାୟତରେ ଶନିବାର ୧୮୨ କୋଟି ୩୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଲାଗି ପାଟଣା ବିଧାୟକ ଜଗନ୍ନାଥ ନାଏକ ଭୂମିପୂଜା କରିଛନ୍ତି। ଏହି ପ୍ରକଳ୍ପ ସକାଶେ ଜିଲା ଖଣିଜ ପ୍ରତିଷ୍ଠାନରୁ ବ୍ୟୟ ମଞ୍ଜୁର ହୋଇଛି। ୨୦୨୨ ମଧ୍ୟରେ କାର୍ଯ୍ୟକୁ ଶେଷ କରିବାରୁ ସମୟ ଧାର୍ଯ୍ୟ କରାଯାଇଛି। ଦିନକୁ ୧୫ ମିଲିୟନ ଜଳ ବୈତରଣୀ ନଦୀରୁ ବିଶୋଧନ କରି ବ୍ଲକର ୧୩୯ ଗାଁର ୮୭ ହଜାର ଲୋକଙ୍କୁ ପାଣି ଯୋଗାଇ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି ଆନନ୍ଦପୁର ଡିଭିଜନ ଆରଡବ୍ଲ୍ୟୁଏସଏସ ନିର୍ବାହୀଯନ୍ତ୍ରୀ ବଳରାମ ମିଶ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ସ୍ଥାନୀୟ ସରପଞ୍ଚ ଶିବାନୀ ଚାମ୍ପିଆ, ନିର୍ବାହୀ ଯନ୍ତ୍ରୀ ବଳରାମ ମିଶ୍ର, କନିଷ୍ଠ ଯନ୍ତ୍ରୀ ସତ୍ୟରାୟଣ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ।



ବିଧାୟକ ଜଗନ୍ନାଥ ନାୟକଙ୍କ ଉପସ୍ଥିତିରେ ଭୂମିପୂଜା କରାଯାଉଛି।

## ଦୁର୍ଘଟଣା ଉଜାଡ଼ିଦେଲା ସୁନାର ସଂସାର

**ଉଦଳା, ୨୦।୬(ଡି.ଏନ୍.ଏ.)**

ସବୁଦିନ ପରି ସେଦିନ ମଧ୍ୟ ସିଏ କାମରେ ଯାଇଥିଲେ। ସନ୍ଧ୍ୟା ହେଲା ବେଳକୁ ସ୍ତ୍ରୀ ଏବଂ ଛୋଟ ଝିଅ ଚାହିଁ ରହିଥିଲେ ଫେରିବା ବାଟକୁ । ହେଲେ ଆସିଲା ତାଙ୍କୁ ଦୁର୍ଘଟଣା ଖବର । ଦୁର୍ଘଟଣା ଖବର ପାଇବା ପରେ ପୁରା ପରିବାର ଅସ୍ତବ୍ୟସ୍ତ ହୋଇପଡିଥିଲେ ସତ ହେଲେ ମନରେ ଆଶା ଥିଲା କିଛି ଦିନ ପରେ ସେ ସୁସ୍ଥ ହେବେ ଏବଂ ପୂର୍ବ ଭଳି ସବୁକିଛି ଠିକଠାକ୍ ଚାଲିବ । ହେଲେ କିଏ ଜାଣିଥିଲା ବିଧିର ବିଧାନ କିଛି ଅଲଗା ହିଁ ଥିଲା । ସେହି ଦୁର୍ଘଟଣା ହିଁ ବଦଳାଇଦେଲା ଜୀବନର ଗତିପଥ । ହସଖୁସିରେ ବଞ୍ଚୁଥିବା ମଣିଷ ଆଖିରେ ଛାଡିଗଲା କେବଳ ଲୁହ। ଗୋଟିଏ ଦୁର୍ଘଟଣା ଆଜି ତାଙ୍କୁ ପଙ୍ଗୁ କରି ଦେଇଛି । ଚାରି ବର୍ଷ ହେବ ଏବେ ସେ ବିଛଣାରେ । ନା କଥା କହିପାରୁଛନ୍ତି, ନା ଚାଲିବୁଲି ପାରୁଛନ୍ତି। ଏକମାତ୍ର ଛୋଟ ଝିଅର ମୁହଁକୁ ଚାହିଁ ଦିନ କାଟୁଛନ୍ତି ସ୍ତ୍ରୀ ମମତା ପ୍ରଧାନ ।

ଉଦଳା ଏନଏସି ଅନ୍ତର୍ଗତ ୫ ନଂ. ୱାର୍ଡରେ ବଳରାମ ପ୍ରଧାନଙ୍କ ଘର। ବାହାଘର ପରଠାରୁ ଆଜକୁ ୭ ବର୍ଷ ହେଲା ସ୍ତ୍ରୀ ମମତା ଓ ଶାଶୁ, ଶ୍ୱଶୁରଙ୍କ ସହିତ ସେ ଉଦଳାରେ ରହି ଆସୁଛନ୍ତି। ଉଦଳାରେ ଏକ ଡ୍ରେସ୍ ଦୋକାନରେ ସେ କାମ କରୁଥିଲେ । ହସ ଖୁସିରେ ଚାଲିଥିଲା ସଂସାର । ହେଲେ ୨୦୧୬ ମସିହାରେ ହୋଇଥିବା ଦୁର୍ଘଟଣା ବଦଳାଇ ଦେଲା ତାଙ୍କ ଜୀବନର ଗତିପଥ । କାହିଁକି ନା ବଳରାମ କାମ କରୁଥିବା ଦୋକାନର ମାଲ୍ ଆଣିବା ନିମନ୍ତେ ୨୦୧୬ ଏପ୍ରିଲ୍ ମାସରେ ବାଲେଶ୍ୱର ଯାଇଥିଲେ। ସେଠାରୁ ଫେରିବା ସମୟରେ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ବାଲେଶ୍ୱର ଏବଂ ପରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ ମଧ୍ୟ ନା ଆଉ କଥା କହିପାରୁଛନ୍ତି ନା ଚଲାବୁଲା। ଏବେ ସେ ଶଯ୍ୟାଶାୟୀ । ସକାଳଠାରୁ ରାତି ପର୍ଯ୍ୟନ୍ତ ସେହି ଗୋଟିଏ ଚେୟାରରେ ସେ ବସି ରୁହନ୍ତି । ନାକରେ ଲାଗିଥିବା ନଳୀ ସହାୟତାରେ ତାଙ୍କୁ ତରଳ ଖାଦ୍ୟ ଦିଆଯାଉଥିବା ବେଳେ ସେହିଠାରେ ହିଁ ଝାଡା ପରିସ୍ରା କରିଥାନ୍ତି । ଏଭଳିସ୍ଥଳେ



ବଳରାମଙ୍କ ସହ ସ୍ତ୍ରୀ ମମତା।

### ସ୍ୱାମୀଙ୍କ ଚିକିତ୍ସା ପାଇଁ ସ୍ତ୍ରୀଙ୍କ ଆକୁଳ ନିବେଦନ

ଦୁର୍ଘଟଣାରେ ପରିବାର ନିକଟରେ ଯାହା ସମ୍ବଳ ଥିଲା ତାହା ଖର୍ଚ୍ଚ କରି ସାରିଥିବାରୁ ଏବେ ସ୍ୱାମୀଙ୍କ ଅଧିକ ଚିକିତ୍ସା କରାଇବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ । ମମତା ସିଲେଇ କରୁଥିବା ବେଳେ ଶ୍ୱଶୁର ବିକର୍ତ୍ତନ ସାମଲ ଏକ ଘରୋଇ ବିଦ୍ୟାଳୟରେ ପିଲାଙ୍କ ବସ୍ ଚଲାନ୍ତି। ସେହିଥିରେ ଯାହା ରୋଜଗାର ହୁଏ ଦୁଃଖକଷ୍ଟରେ ପରିବାର ଚାଲିଛି । ଘର ଚଳାଇବା କଷ୍ଟକର ହୋଇଥିବା ବେଳେ ବଳରାମଙ୍କ ଚିକିତ୍ସା ନିମନ୍ତେ ସରକାରୀ ସହାୟତାକୁ ଚାହିଁ ବସିଛନ୍ତି ପରିବାର ଲୋକେ । ତେବେ ବଳରାମଙ୍କ ପ୍ରକୃତ ଘର ବଡସାହି ବ୍ଲକ ଅଧିନ ବିଜୁପୁର ଗ୍ରାମର ହୋଇଥିବାରୁ ଏ ବାବଦରେ ବଡସାହି ବିଡିଓ ଦିଲ୍ଲୀପ କୁମାର ମହାରଣାଙ୍କୁ ପଚାରିବାରୁ ସେ ପୁରା ଘଟଣା ଶୁଣିବା ପରେ ସରକାରୀସ୍ତରରେ ଭତ୍ତା ଏବଂ ଘର ଖୁବଶୀଘ୍ର ବଳରାମଙ୍କୁ ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

## ସଂକ୍ଷେପରେ

### ରେଳଷ୍ଟେଶନ ସମ୍ମୁଖରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୨୦।୬- ସରକାରୀ ରେଳବାଇ ପୋଲିସ(ଜିଆରପି) ଶନିବାର ରେଳଷ୍ଟେଶନ ନିକଟରୁ ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରିଛି। ବୃଦ୍ଧାଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୭୦ ହେବ ବୋଲି ପୋଲିସ କହିଛି। ମୃତଦେହ ଜବତ କରି ପୋଲିସ ନଂ.୨୪/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବୃଦ୍ଧାଙ୍କ ମୃତଦେହ ୭୨ ଘଣ୍ଟା ଯାଏ ଏମ୍‌କେସିଜି ମେଡିକାଲରେ ଥିବା ଶବ ସଂରକ୍ଷଣ ଗୃହରେ ରଖାଯାଇଛି ବୋଲି ପୋଲିସ କହିଛି। ବୃଦ୍ଧା ଜଣଙ୍କ ରେଳଷ୍ଟେଶନ ଅଞ୍ଚଳରେ ଭିକ୍ଷା ବୃତ୍ତିକରି ରହୁଥିବା ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ସ୍ୱାମୀ ଅଟକ

ଜି.ଉଦୟଗିରି,୨୦।୬(ଡି.ଏନ.ଏ.)- ଜି.ଉଦୟଗିରି ଶ୍ରୀରାମପଦାଠାରେ ଶନିବାର ସକାଳେ ଘର ଭିତରେ ଜଣେ ମହିଳାଙ୍କ ମୃତଦେହ ଲୁଗା ବନ୍ଧା ଅବସ୍ଥାରେ ଝୁଲି ରହିଥିଲା। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ମୃତ ମହିଳା ଜଣଙ୍କ ହେଲେନା ପ୍ରଧାନ (୨୯)। ତାଙ୍କର ଏକ ୪ ମାସର ପୁଅ ଅଛି। ଏହି ମୃତ୍ୟୁ ଘଟଣା ସନ୍ଦେହଜନକ ହୋଇଥିବା ଯୋଗୁ ତାଙ୍କ ସ୍ୱାମୀଙ୍କୁ ଥାନାକୁ ନେଇ ପୋଲିସ ଜେରା କରୁଛି। ପୋଲିସ ନଂ. ୪୬/୨୦ ରେ ମକଦ୍ଦମା ରୁଜୁ କରିଛି।

### ଗଞ୍ଜାମ ପୋଲିସର ଏନ୍‌ଫୋର୍ସମେଣ୍ଟ ଜାରି ଜରିମାନା ଆଦାୟ, ବିପୁଳ ମଦ ଓ ଗଞ୍ଜେଇ ଜବତ

ଛତ୍ରପୁର,୨୦।୬(ଡି.ଏନ୍.ଏ.)- କରୋନା ପରିପ୍ରେକ୍ଷୀରେ ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଥାନା ପକ୍ଷରୁ ଏନ୍‌ଫୋର୍ସମେଣ୍ଟକୁ କଡାକଡି କରାଯାଇଛି। ୨୪ ଘଣ୍ଟା ମଧରେ ମାସ୍କ ନ ପିନ୍ଧିବା ବାବଦରେ ୩୮ ହଜାର ଟଙ୍କା ଓ ନାଇଟ କର୍ଫ୍ୟୁ ଉଲ୍ଲଂଘନ ନେଇ ୩୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ୩୧ କିଗ୍ରା ୯୮୦ ଗ୍ରାମ ଗଞ୍ଜେଇ ଜବତ କରି ଗୋଟିଏ ମାମଲା ରୁଜୁ ହୋଇଥିବା ବେଳେ ୩୬୬ ଲିଟର ମଦ ଜବତ କରି ୧୨ ମାମଲା ରୁଜୁ କରାଯାଇଛି। ଏ ସମ୍ପର୍କରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଟୁଇଟ୍ କରି ସୂଚନା ଦେଇଛନ୍ତି। ସୂଚନା ଓ ସହାୟତା ପାଇଁ କଣ୍ଟ୍ରୋଲ ରୁମ୍ ୦୬୮୧୧ ୨୬୩୩୬୦ ଓ ୧୦୦ ନମ୍ବରକୁ ଫୋନ କରିବାକୁ ପରାମର୍ଶ ଦିଆଯାଇଛି।

### ସହରାଞ୍ଚଳ ମହିଳାଙ୍କୁ କାମ ଯୋଗାଇ ଦିଆଯିବ

ଭଞ୍ଜନଗର,୨୦।୬(ଡି.ଏନ୍.ଏ.)- କରୋନା ଭୂତାଣୁ ଯୋଗୁ ସହରାଞ୍ଚଳ ଲୋକେ ମଧ ରୋଜଗାର ହରାଇଛନ୍ତି। ତେଣୁ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଭଞ୍ଜନଗର ଏନ୍‌ଏସିକୁ ୟୁଡବ୍ଲୁଇଆଇ (ଅର୍‌ବାନ ୱେଜ୍ ଏମ୍ପ୍ଲୟମେଣ୍ଟ ଇନିସିଏଟିଭ) ଯୋଜନା ମାଧ୍ୟମରେ ୩୬ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ଉକ୍ତ ଟଙ୍କା ସହରର ବିକାଶ ପାଇଁ ଖର୍ଚ୍ଚ କରାଯିବ। ଏନ୍‌ଏସି ଅଧିନରେ ଥିବା ୫୮ ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ମିଶନ ଶକ୍ତି ଅଧିନରେ ଥିବା ୧୩୨ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ କାମ ଯୋଗାଇ ଦେବା ଲକ୍ଷ୍ୟ ରଖାଯାଇଛି। ଏନ୍‌ଏସିର ନିର୍ଦ୍ଦିଷ୍ଟ କିଛି କାମରେ ସେମାନଙ୍କୁ ଅଗ୍ରାଧିକାର ଦିଆଯିବ। ସ୍ୱୟଂ ସହାୟିକା ଗୋଷ୍ଠୀ ନାମରେ କାର୍ଯ୍ୟଦେଶ ରହିବ। ଯେଉଁମାନେ କାମ କରିବେ ସେମାନଙ୍କ ଆକାଉଣ୍ଟକୁ ସିଧା ଟଙ୍କା ଯିବ। ବିଶେଷ କରି ମାଟି କାମ, ଚାରାରୋପଣ, ପାଚେରୀରେ ଚିତ୍ର ଆଙ୍କିବା, ଡ୍ରେନ ସଫା କରିବା, ବିଭିନ୍ନ ମଇଳା ସଫା କରିବା ପ୍ରମୁଖ କାମ ଉକ୍ତ ଯୋଜନାରେ ହେବ। ସୋମବାର ଠାରୁ ସ୍ଥାନୀୟ ରଘୁନାଥ ମନ୍ଦିରରୁ ସଫେଇ ସହ ଚାରାରୋପଣ କରି ଯୋଜନାର ଶୁଭାରମ୍ଭ କରାଯିବ।

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଆସିକା,୨୦।୬ (ଡି.ଏନ୍.ଏ.)- ଲଦାଖ ର ଗଲୱାଡ଼ ଉପତ୍ୟାକାରେ ସୋମବାର ରାତିରେ ଶହୀଦ ହୋଇଥିବା ଭାରତର ୨୦ ଜଣ ବୀର ଯବାନଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଆସିକା ପୁରୁଣା ବସଷ୍ଟାଣ୍ଡଠାରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସହୀଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କ୍ୟାଣ୍ଡେଲ୍ ଓ ଦୀପ ଜାଳି ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଜାତୀୟ ସଙ୍ଗୀତ ଓ ବନ୍ଦେ ମାତରଂ ଗାନ ସହ ଚୀନର ବର୍ବୋରୋଚିତ କାଣ୍ଡର ତୀବ୍ର ନିନ୍ଦା କରାଯାଇଥିଲା। ବିଧାୟିକା ମଞ୍ଜୁଳା ସ୍ୱାଇଁ, ଯୁବନେତା ନଚିକେତା ସ୍ୱାଇଁ, ଦିଲ୍ଲୀପ ପାଣିଗ୍ରାହୀ, ସୂର୍ଯ୍ୟକାନ୍ତ ପରିଡା, ତାରିଣୀ ସେନାପତି, ସତ୍ୟନାରାୟଣ ସ୍ୱାଇଁ, ଶିବ ନାହାକଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଦିନରେ ୧୫୫ ପଜିଟିଭ ଚିହ୍ନଟ

ଛତ୍ରପୁର,୨୦।୬(ଡି.ଏନ୍.ଏ.)


ଶଟ୍‌ଡାଉନ୍ ବେଳେ ପୋଲିସ ଚେକିଂ କରୁଛି।

- ଗଞ୍ଜାମ ଜିଲାରେ କରୋନା ସ୍ଥିତି ଗମ୍ଭୀର
- ସ୍ଥାନୀୟ ଲୋକେ, କରୋନା ଯୋଦ୍ଧା ସଂକ୍ରମିତ
- କଣ୍ଟାକ୍ଟ ଟ୍ରେସିଂ ଚାଲିଛି : ଜିଲାପାଳ

ଗଞ୍ଜାମ ଜିଲାରେ କରୋନା ସ୍ଥିତି ଗମ୍ଭୀର ହେଲାଣି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜିଲାରେ ଗତ ୩ ଦିନ ମଧରେ ୧୫୫ କରୋନାରେ ଆକ୍ରାନ୍ତ ହେଲେଣି। ସେଥିରୁ ୩୧ କରୋନା ଯୋଦ୍ଧା ଓ ୯୦ ଜଣ ସ୍ଥାନୀୟ ଲୋକ ମଧ ରହିଛନ୍ତି। ପୂର୍ବରୁ ଜିଲାକୁ ଫେରିଥିବା ପ୍ରବାସୀମାନଙ୍କ ମଧ୍ୟରୁ ଚିହ୍ନଟ ହେଥିଲେ ମାତ୍ର ଏବେ କିଛି ଦିନ ହେଲା କରୋନା ଯୋଦ୍ଧା ଏବଂ ପଜିଟିଭମାନଙ୍କ ସଂସ୍ପର୍ଶରେ ଆସି ସ୍ଥାନୀୟ ଲୋକେ କରୋନା ଭୂତାଣୁରେ ସଂକ୍ରମିତ ହେବାରେ ଲାଗିଛନ୍ତି। ଏଥିପାଇଁ ଜିଲାରେ ଚିନ୍ତା ସହ ଭୟ ବଢୁଛି। ଅପରପକ୍ଷରେ ଶୁକ୍ରବାର ମଧାହ୍ନ ୧୨ ଟାରୁ ସୋମବାର ସକାଳ ୭ ଟା ପର୍ଯ୍ୟନ୍ତ ୬୭ ଘଣ୍ଟା ସମ୍ପୂର୍ଣ୍ଣ ଶଟ୍‌ଡାଉନ୍ ଜିଲାରେ ଜାରି ରହିଛି। ଶନିବାର ଜିଲାରେ ପୁଣି ୫୭ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରେ ୬ ଜଣ କରୋନା ଯୋଦ୍ଧା, ୨୦ ଜଣ ବାହାର ରାଜ୍ୟ ଫେରନ୍ତା ଏବଂ ୩୧ ପଜିଟିଭଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ଅଛନ୍ତି। ପଜିଟିଭ ହୋଇଥିବା କରୋନା ଯୋଦ୍ଧାଙ୍କ ମଧରେ ବ୍ରହ୍ମପୁର ମହାନଗର ନିଗମରୁ ୩, ଚିକିଟି, ସାନଖେମୁଣ୍ଡି ଓ ଶେରଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ସେହିପରି ବାହାର ରାଜ୍ୟରୁ ଫେରି ସଂକ୍ରମିତଙ୍କ ମଧରେ ଆସିକା, ବେଲଗୁଣ୍ଠା, ଭଞ୍ଜନଗର, ଜଗନ୍ନାଥପ୍ରସାଦ, କବିସୂର୍ଯ୍ୟନଗରରୁ ୨ ଜଣ ଲେଖାଏ, ବ୍ରହ୍ମପୁର ମହାନଗର ନିଗମ, ଗଞ୍ଜାମ, ପୋଲସରା, ବୁଗୁଡ଼ା, ସାନଖେମୁଣ୍ଡି, ଖଲ୍ଲିକୋଟରୁ ଜଣେ ଲେଖାଏ ଏବଂ ସୋରଡ଼ାରୁ ୪ ଜଣ ରହିଛନ୍ତି। ସ୍ଥାନୀୟ ଲୋକ ସଂକ୍ରମିତ ମଧରେ ବେଲଗୁଣ୍ଠା, ବ୍ରହ୍ମପୁର ମହାନଗର ନିଗମ ଓ ଶେରଗଡ଼ରୁ ୨ ଜଣ ଲେଖାଏ ଭଞ୍ଜନଗରରୁ ୩, ଚିକିଟି, ଧରାକୋଟ, ଖଲ୍ଲିକୋଟ, କୁକୁଡାଖଣ୍ଡି ଓ ସୋରଡ଼ାରୁ ଜଣେ ଲେଖାଏ, ପାତ୍ରପୁର ଓ କବିସୂର୍ଯ୍ୟନଗରରୁ ୬ ଜଣ ଲେଖାଏ ଏବଂ ପୁରୁଷୋତ୍ତମପୁରରୁ ୫ ଜଣ ଅଛନ୍ତି।

ଅପରପକ୍ଷରେ ଶନିବାର ଆଉ ୧୭ ଜଣ ସୁସ୍ଥ ମଧ ହୋଇଛନ୍ତି। ଏମାନଙ୍କୁ କୋଭିଡ୍ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୮୫୩ ଆକ୍ରାନ୍ତ ହୋଇଥିବା ବେଳେ ସେଥିରୁ ୬୫୮ ସୁସ୍ଥ ହୋଇଛନ୍ତି। ୧୮୯ କରୋନା ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି। ୬ ଜଣଙ୍କ ମୃତ୍ୟୁ ଘଟିଥିବା ଶନିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା, ପାଟି, ନାକ ଓ ଆଖିକୁ ନ ଛୁଇଁବା, ଘରେ ରହିବା ଓ କରୋନା ସଂକ୍ରମଣକୁ ରୋକିବା, ବରିଷ୍ଠ ନାଗରିକ ଓ ଶିଶୁଙ୍କ ଯତ୍ନ ନେବା ସହ କୋଭିଡ୍, ଶଟ୍‌ଡାଉନ ଓ ଲକ୍‌ଡାଉନ ନିୟମ ମାନିବାକୁ ଜନସାଧାରଣଙ୍କୁ ଜିଲାପାଳ ଅନୁରୋଧ କରିଛନ୍ତି। ଆହୁରି ଜଣାଯାଇଛି, ଜିଲାରେ କରୋନାକୁ ପ୍ରତିହତ କରିବା ପାଇଁ ଅଙ୍ଗନୱାଡି କର୍ମୀ ଓ ମହିଳା ସଂଘ ସଦସ୍ୟାଙ୍କ ପକ୍ଷରୁ ଆମ ସ୍ୱାସ୍ଥ୍ୟ ଆମ ଦାୟିତ୍ୱ ଓ କୋଭିଡ୍-୧୯ ସଚେତନତା ରାଲି ଚାଲିଥିବା ଜିଲାପାଳ ସୂଚନା ଦେଇଛନ୍ତି।

## କଣ୍ଟେନ୍‌ମେଣ୍ଟ ଜୋନ୍ ହେଲା ଶାସନପଲ୍ଲୀ ଗ୍ରାମ

ପୁରୁଷୋତ୍ତମପୁର,୨୦।୬(ଡି.ଏନ୍.ଏ.)

**ପୁରୁଷୋତ୍ତମପୁର ବ୍ଲକ**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ଶାସନପଲ୍ଲୀ ଗ୍ରାମରେ ୪ ଜଣ ଓ ଭାଟକୁମରଡା ପଞ୍ଚାୟତର ନିମପଲ୍ଲୀ ଗ୍ରାମରେ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ପ୍ରଶାସନ ପକ୍ଷରୁ କୋଭିଡ଼ ହସ୍ପିଟାଲକୁ ନିଆଯାଇଛି। ମାତ୍ର ଶାସନପଲ୍ଲୀ ଗ୍ରାମରେ ଏକାଥରେ ୪ ଜଣ ପଜିଟିଭ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ତହସିଲଦାର ଅରୁଣ କୁମାର ନାୟକ ଶନିବାର ଗ୍ରାମରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରି ଲୋକଙ୍କୁ ସଚେତନତା କରିଥିବା ବେଳେ ବିଡିଓ ସୀମାଞ୍ଚଳ ମହାନ୍ତି ଗ୍ରାମ ଚାରିପଟେ ଥିବା ପ୍ରବେଶ ପଥକୁ ସିଲ୍ କରିଛନ୍ତି। ଗ୍ରାମବାସୀଙ୍କ ଯାତାୟାତ ଉପରେ ନଜର ରଖିବାକୁ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଅଙ୍ଗନୱାଡି କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି।

ଏଥିସହ ପୁରୁଷୋତ୍ତମପୁର ଏନ୍‌ଏସିର ଜଣେ ମହିଳା (୬୫)ଙ୍କ ଦେହ ଅସୁସ୍ଥ ଥିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ କରୋନା ରିପୋର୍ଟ ପଜିଟିଭ ଆସିଛି। ଶନିବାର ଗାଁରେ ଖବର ପହଞ୍ଚିବା ପରେ ଅଙ୍ଗନୱାଡି କର୍ମୀ ପରିବାର ଲୋକ ଓ ତାଙ୍କୁ ମେଡିକାଲ ନେଇଥିବା ସମ୍ପର୍କୀୟଙ୍କୁ ସଚେତନ କରିବା ସହ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ କହିଥିଲେ। ଏନେଇ ସେ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ମଧ ଜଣାଇଛନ୍ତି।


ଗ୍ରାମ ପ୍ରବେଶ ପଥକୁ ସିଲ କରାଯାଇଛି।

# ଝାଲିଆଗୋଛା ପରେ ବାରୁଡ଼ା ହେଲା କଣ୍ଟେନ୍‌ମେଣ୍ଟ ଜୋନ୍

ଭଞ୍ଜନଗର,୨୦।୬(ଡି.ଏନ୍.ଏ.)

ଲୋକେ ସାମାଜିକ ଦୁରତ୍ୱ ବଜାୟ ନରଖିବା, ମାସ୍କ ବ୍ୟବହାର ନକରିବା, ନିୟମିତ ସଫା ନରହିବା ହେତୁ ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି। ଶୁକ୍ରବାର ସୁଦ୍ଧା ଭଞ୍ଜନଗର ବ୍ଲକର ବିଭିନ୍ନ ଗ୍ରାମରୁ ୧୦ ବ୍ୟବସାୟୀ କରୋନା ପଜିଟିଭ୍ ଚିହ୍ନଟ ହେଲେଣି। ଯାହାକୁ ଏବେ ସମସ୍ତଙ୍କ ଚିନ୍ତା ବଢାଇଛି। ବ୍ୟବସାୟୀମାନେ ଆକ୍ରାନ୍ତ ହେବାଯୋଗୁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ଦେଖାଦେଇଛି। ଶୁକ୍ରବାର ବାରୁଡା ଗ୍ରାମର ୨ ବ୍ୟବସାୟୀ ଆକ୍ରାନ୍ତ ହେବାପରେ ଶନିବାର ପ୍ରଶାସନ ପକ୍ଷରୁ ଉକ୍ତ ଗ୍ରାମକୁ ସିଲ୍ କରାଯିବା ସହ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଏଥିସହ ସମ୍ପୃକ୍ତ ଗ୍ରାମ ନିକଟରେ ଥିବା ୩ଟି ଗ୍ରାମକୁ ବଫର୍ ଜୋନ ଘୋଷଣା କରାଯାଇଛି। ଏହାପୂର୍ବରୁ ଝାଲିଆଗୋଛାକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ବିଡିଓ ଅନିଲ କୁମାର ସେଠୀ କଣ୍ଟେନମେଣ୍ଟ ଜୋନ୍ ଉପରେ ସ୍ୱତନ୍ତ୍ର ନଜର ରଖିଛନ୍ତି।



ବିଡିଓ ବାରୁଡା ଗ୍ରାମରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ଚିନ୍ତା ବଢାଉଛନ୍ତି ବ୍ୟବସାୟୀ**

ଅପରପକ୍ଷେ ଶନିବାର ଓ ରବିବାର ସଟ୍‌ଡାଉନ ଯୋଗୁ ଲୋକଙ୍କ ଚଳପ୍ରଚଳ ପ୍ରାୟ କମିଯାଇଛି। ଯେଉଁମାନେ ଅମାନିଆ ହୋଇ ବାହାରକୁ ବାହାରୁଛନ୍ତି ସେମାନଙ୍କୁ ଜରିମାନା ପକାଯାଉଛି। ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଶନିବାର ଉପଖଣ୍ଡର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସଟ୍‌ଡାଉନ ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ଶଟ୍‌ଡାଉନ୍ ନିୟମ ଉଲ୍ଲଂଘନ, ଜରିମାନା ଆଦାୟ

ଆସିକା,୨୦।୬ (ଡି.ଏନ୍.ଏ.)

ସପ୍ତାହର ପ୍ରତ୍ୟେକ ଶନିବାର ଓ ରବିବାର ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଆସିକା ସହରରେ ନିୟମ ମୁତାବକ ସମସ୍ତ ଦୋକାନ ବଜାର, ଅଫିସ୍ ଦପ୍ତର ବନ୍ଦ ରହିଥିବାବେଳେ ଅମାନିଆ ଗାଡିଚାଳକଙ୍କୁ ଧରି ପ୍ରଶାସନଜ ଜରିମାନା ଆଦାୟ କରିଛି। ଆସିକା ବିଜୁ ପଟ୍ଟନାୟକ ଛକ ଠାରେ ତହସିଲଦାର ସଦାନନ୍ଦ ସେଠୀ, ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା ପୋଲିସଟିମ୍ ସହ ତଦାରଖ କରିଥିଲେ। ୩୦ ଅମାନିଆଙ୍କ ବାଇକ ଜବତ କରିବା ସହ ୩୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି। ସେହିଭଳି ଆସିକା ପୋଲିସ ପକ୍ଷରୁ ମାସ୍କ ନ ପିନ୍ଧି ବୁଲୁଥିବା ବ୍ୟକ୍ତିଙ୍କୁ ଠାରୁ ୧୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଆସିକା ଭଳି ଗାଙ୍ଗପୁର ପୋଲିସ ପକ୍ଷରୁ ମଧ ୪ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି।

## ସ୍ୱାସ୍ଥ୍ୟ ବିଭାଗ ପ୍ରକଳ୍ପରେ କନ୍ଧମାଳକୁ ସ୍କଚ୍ ଆୱାର୍ଡ

ଫୁଲବାଣୀ ଅଫିସ, ୨୦।୬



ସ୍କଚ୍ ଆୱାର୍ଡ।

କନ୍ଧମାଳ ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରକଳ୍ପ ମର୍ଯ୍ୟାଦାଜନକ ସ୍କଚ୍ ଆୱାର୍ଡ ପାଇବାକୁ ବିବେଚିତ ହୋଇଛି। ସିଲ୍‌ଭର ବିଭାଗରେ ଜିଲାକୁ ଏହି ପୁରସ୍କାର ମିଳିବ। ଫାଇନାଲ ରାଉଣ୍ଡରେ ଦେଶର ବିଭିନ୍ନ ରାଜ୍ୟରୁ ୩୪ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ପ୍ଲାଟିନମ୍, ଗୋଲ୍ଡ ଓ ସିଲ୍‌ଭର ବିଭାଗରେ ପୁରସ୍କାର ପାଇଁ ସ୍କଚ୍ ଅନ୍‌ଲାଇନରେ ଭୋଟିଂ ହୋଇଥିଲା। ଆୟୋଜକ ସଂସ୍ଥା ଭୋଟିଂକୁ ବିଚାରକୁ ନେଇ ପ୍ରତ୍ୟେକ ବିଭାଗରେ ଦୁଇଟି ଲେଖାଏଁ ପ୍ରକଳ୍ପକୁ ଆୱାର୍ଡ ପାଇଁ ମନୋନୀତ କରିଛି। ନବରଙ୍ଗପୁର ଜିଲାର ପ୍ରକଳ୍ପ ପ୍ଲାଟିନମ୍ ବିଭାଗରେ ଓ କନ୍ଧମାଳ ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରକଳ୍ପ ସିଲ୍‌ଭର ବିଭାଗରେ ଆୱାର୍ଡ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ସଂସ୍ଥା ପକ୍ଷରୁ ଜିଲା ପ୍ରଶାସନକୁ ସୂଚନା ଦିଆଯାଇଛି। କନ୍ଧମାଳ ଜିଲା ପ୍ରଶାସନ ପକ୍ଷରୁ ହସ୍ପିଟାଲରେ ପ୍ରସବ ପାଇଁ ବାଇକ୍ ଆମ୍ବୁଲାନ୍ସ, ପ୍ରସବ ଯାନ ଓ ଜନନୀ ଅଟୋ ପ୍ରଚଳନ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ଏହା ଦ୍ୱାରା ହସ୍ପିଟାଲରେ ପ୍ରସବ ସଂଖ୍ୟା ବୃଦ୍ଧି ପାଇବା ସହ ଶିଶୁ ଓ ମାତୃ ମୃତ୍ୟୁହାର ଯଥେଷ୍ଟ ହ୍ରାସ ପାଇଥିଲା।

# କୋଭିଡ୍ କେୟାର ସେଣ୍ଟରରେ ଯୁବକଙ୍କ ଆତ୍ମହତ୍ୟା

ବାଲିଗୁଡା,୨୦।୬(ଡି.ଏନ୍.ଏ.)

- ମୃତଦେହ ନିକଟରୁ ସୁଇସାଇଡ ନୋଟ୍ ଜବତ
- ୧୬ ତାରିଖରୁ କୋଭିଡ୍ କେୟାର ସେଣ୍ଟରରେ ଥିଲେ
- ସାମାଜିକ ଦୂରତା ରକ୍ଷାକରି ହେଲା ସଂସ୍କାର

କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ବଡଗାଁସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ହୋଇଥିବା ଅସ୍ଥାୟୀ କୋଭିଡ୍ କେୟାର ସେଣ୍ଟରରେ ଜଣେ ହାଇଦ୍ରାବାଦ ଫେରନ୍ତା ପ୍ରବାସୀ ଓଡ଼ିଆ ଶନିବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ତୁମୁଡିବନ୍ଧ ଥାନା ବୁଦୁଲିପଦର ଗାଁର ସମ୍ପୂର୍ଣ୍ଣ ମାଝି (୨୫)। ବାଲିଗୁଡା ପୋଲିସ ଓ ଉପ ଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ ପ୍ରମୁଖଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଉପଜିଲାପାଳ ନନ୍ଦଙ୍କ ସୂଚନା ପ୍ରକାରେ ବ୍ୟକ୍ତି ଜଣକ ସଙ୍ଗରୋଧ କେନ୍ଦ୍ରରେ ରହି ଘରକୁ ଫେରିଥିଲେ। ପୁଣି ଦେହ ଖରାପ ହେବାରୁ ୧୬ ତାରିଖରେ ବଡ଼ଗାଁ କୋଭିଡ୍ କେୟାର ସେଣ୍ଟରକୁ ଅଣାଯାଇଥିଲା। ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲେ ମଧ ରିପୋର୍ଟ ଆସିନାହିଁ। ସେ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି।

ମୃତଦେହ ପାଖରୁ ଏକ ସୁଇସାଇଡ୍ ନୋଟ୍ ମିଳିଛି। ସେଥିରେ ସେ ଅତ୍ୟଧିକ ଭୟଭୀତ ରହିଥିବା ସହ ଈଶ୍ୱରଙ୍କ ପାଖକୁ ଯିବାକୁ ଚାହୁଁଛି ବୋଲି ଉଲ୍ଲେଖ କରିଛନ୍ତି। ଏହା କାରୋନା ଜନିତ ମୃତ୍ୟୁ ନୁହେଁ ବୋଲି ଉପ ଜିଲାପାଳ ସ୍ପଷ୍ଟ କରିଛନ୍ତି। ପ୍ରଶାସନ ପକ୍ଷରୁ ପରିବାର ଲୋକଙ୍କୁ କୋଭିଡ କିଟ୍ ଦିଆଯାଇ ସାମାଜିକ ଦୂରତା ରକ୍ଷାକରି ବାଲିଗୁଡାରେ ମୃତଦେହ ସଂସ୍କାର କରାଯାଇଛି।

## ଯୁବକଙ୍କୁ ଆକ୍ରମଣ, ୫ଗିରଫ

ହିଞ୍ଜିଳିକାଟୁ,୨୦।୬(ଡି.ଏନ୍.ଏ.)

ପୂର୍ବ ଶତ୍ରୁତାରୁ ହିଞ୍ଜିଳିଥାନା ଅନ୍ତରୀଗାଁର ପିଣ୍ଟୁ ବେହେରାଙ୍କୁ ଗତ ୧୨ ତାରିଖ ରାତିରେ ମାରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ପୋଲିସ ଗ୍ରାମର ୫ଜଣଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଅନ୍ତରୀଗାଁର ପପୁ ବେହେରା, ସଞ୍ଜୟ ବେହେରା, ପିଣ୍ଟୁ ବେହେରା, ସନ୍ୟାସୀ ବେହେରା ଏବଂ ଧରାକୋଟ ପଙ୍କଳବାଡ଼ିରେ ରହୁଥିବା ଶୁଭମ୍ ପଟ୍ଟନାୟକ। ପିଣ୍ଟୁଙ୍କୁ ୧୩ ତାରିଖ ସକାଳେ ଅଚେତ ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପିଣ୍ଟୁ ଓ ଆକ୍ରମଣ କରିଥିବା ଯୁବକ ସୁରଟରେ କାମ କରୁଥିବାବେଳେ କୌଣସି କାରଣକୁ ନେଇ ସେମାନଙ୍କ ମଧରେ ପୂର୍ବରୁ ଶତ୍ରୁତା ଥିଲା।

## ଏନ୍ ୯୫ ମାସ୍କ ପ୍ରସ୍ତୁତ କରୁଛନ୍ତି ଗଞ୍ଜାମ ଏସ୍‌ଏଚ୍‌ଜି

ଛତ୍ରପୁର,୨୦।୬ (ଡି.ଏନ୍.ଏ.)

**ରିଟୁଇଟ୍ କଲେ ମୁଖ୍ୟମନ୍ତ୍ରୀ**


ପ୍ରସ୍ତୁତ ହୋଇଥିବା ଏନ୍ ୯୫ ମାସ୍କ।

ଗଞ୍ଜାମ ଜିଲାର ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ପକ୍ଷରୁ ଏନ୍ ୯୫ ମାସ୍କ ପ୍ରସ୍ତୁତି ଚାଲିଛି। ଗଞ୍ଜାମ ଡିଆରଡିଏ ପକ୍ଷରୁ ଟୁଇଟ୍ କରି ଏ ସମ୍ପର୍କରେ ସୂଚନା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ରିଟୁଇଟ କରିଛନ୍ତି। ପୂର୍ବରୁ ମହିଳା ସଂଘଙ୍କ ପକ୍ଷରୁ ସାଧାରଣ କପଡା ମାସ୍କ ପ୍ରସ୍ତୁତି ହେଉଥିଲା। ଜନସାଧାରଣଙ୍କୁ ୨୦ ଟଙ୍କା ମଧରେ ଗୋଟିଏ ଲେଖାଏ ମିଳୁଥିଲା। ଗଞ୍ଜାମ ଜିଲାରେ କରୋନା ସଂକ୍ରମଣ ବଢୁଥିବାରୁ ବର୍ତ୍ତମାନ ସାଧାରଣ କପଡା ମାସ୍କ ବଦଳରେ ଏନ୍ ୯୫ ମାସ୍କର ଜରୁରୀ ଆବଶ୍ୟକତା ପଡୁଛି। ତେବେ ବଜାରରେ ଏନ୍ ୯୫ ମାସ୍କର ଦର ଅଧିକ ରହିଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଡିଆରଡିଏ ପକ୍ଷରୁ ଏହା ଉପରେ ଚିନ୍ତା କରାଯିବା ସହ ଏକ ଟିମ୍ ପକ୍ଷରୁ ରିସର୍ଚ୍ଚ କରାଯାଇ ଏନ୍ ୯୫ ମାସ୍କର ରୂପରେଖ ପ୍ରସ୍ତୁତ କରଯାଇଥିଲା। ଏହାର ପ୍ରସ୍ତୁତି ନେଇ ମହିଳା ସଂଘ ସଦସ୍ୟାମାନଙ୍କୁ ତାଲିମ ପ୍ରଦାନ କରଯାଇଥିଲା। ଡିଆରଡିଏ ଅଧୀନରେ ଥିବା ଓଡିଶା ଜୀବିକା ମିଶନ ଏବଂ ଓରମାସ ପକ୍ଷରୁ ଏହାର ମନିଟରିଂ କରାଯାଉଛି। ମହିଳା ସଂଘ ସଦସ୍ୟାମାନେ ଘରେ ରହି ଏହି ଏନ୍ ୯୫ ମାସ୍କ ପ୍ରସ୍ତୁତ କରୁଥିବା ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ଏନ୍ ୯୫ ମାସ୍କ ପ୍ରସ୍ତୁତ ପାଇଁ ପଦକ୍ଷେପ ନିଆଯାଇଛି। ମାସ୍କର ଦର ୨୫ ଟଙ୍କା ରହିଛି।

## ନାବାଳିକାଙ୍କ ମୃତଦେହ ଉଦ୍ଧାର, ଯୁବକ ଗିରଫ

**ଅପହରଣ ପରେ ହତ୍ୟା ଅଭିଯୋଗ କଲେ ବାପା**

ବ୍ରହ୍ମପୁର ଅଫିସ,୨୦।୬

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ କୁକୁଡାଖଣ୍ଡି ମୁକ୍ତେଶ୍ୱରନଗରରେ ରହୁଥିବା ଜଣେ ନାବାଳିକାଙ୍କ ମୃତଦେହ ପୋଲିସ ଶନିବାର ଏକ କୋଠରିରୁ ଉଦ୍ଧାର କରିଛି। ଉକ୍ତ ନାବାଳିକାଙ୍କୁ ମାର୍ଚ୍ଚରେ ଜରଡ଼ା ଥାନା ଅନ୍ତର୍ଗତ ଖାରିଆଗୁଡାର ଆଲୋକ ମହାରଣା(୨୦) ଅପହରଣ କରି କୁକୁଡାଖଣ୍ଡିରେ ଏକ ଭଡା ଘରେ ରଖିଥିଲେ ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ନାବାଳିକାଙ୍କ ବାପାଙ୍କୁ ଖବର ଦେଇଥିଲେ। ଝିଅକୁ ଆଲୋକ ଅପହରଣ କରି ତାଙ୍କୁ ବଳାତ୍କାର ପରେ ତଣ୍ଟି ଚିପି ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୭୨/୨୦ଦଫା ୩୭୬ (୨-ଏନ)/୩୦୨/ ୩୬୬/୬ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପଟେ ଅଭିଯୁକ୍ତ ଆଲୋକଙ୍କୁ ପୋଲିସ ଗିରଫ କରି ଘଟଣାର ତଦନ୍ତ ଚଳାଇଥିବା ସଦର ଏସ୍‌ଡ଼ିପିଓ ଜୟନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଆଲୋକ ମାର୍ଚ୍ଚ ୧୬ରେ ଜଣେ ନାବାଳିକାଙ୍କୁ ଅପହରଣ କରି କୁକୁଡାଖଣ୍ଡିରେ ଏକ ଭଡାଘରେ ରଖିଥିଲେ। ଶନିବାର ସକାଳେ ନାବାଳିକା ଜଣଙ୍କ ବେକରେ ଚୁନରୀ ଲଗାଇ ଘର ଭିତରେ ଥିବା ଫ୍ୟାନରେ ଆତ୍ମହତ୍ୟା କରିଥିଲେ ବୋଲି ଆଲୋକ ସଦର ଥାନାରେ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ବେଳେ ନାବାଳିକା ଜଣଙ୍କ ଘରର ଏକ ଚଟାଣରେ ପଡିଥିବା ଦେଖିବାକୁ ପାଇଥିଲା।

# ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ବୁଲି ଦେଖିଲେ ଜିଲାପାଳ

ଦିଗପହଣ୍ଡି,୨୦।୬(ଡି.ଏନ୍.ଏ.)

ଦିଗପହଣ୍ଡି ଏନ୍‌ଏସି ୧ନଂ. ୱାର୍ଡ ନିମପଲ୍ଲୀ ଗ୍ରାମ ନିକଟରେ ନିର୍ମାଣ ସରିଥିବା କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପକୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶନିବାର ପରିଦର୍ଶନ କରି ଫେରିଛନ୍ତି। ଏହି ପ୍ରକଳ୍ପ ସମେତ ରାଜ୍ୟର ବିଭିନ୍ନ ଏନ୍‌ଏସି ଓ ପୌରାଞ୍ଚଳରେ ନିର୍ମାଣ ସରିଥିବା ପ୍ରକଳ୍ପ ଗୁଡ଼ିକୁ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ। ୪୯ ଲକ୍ଷ ୩୭ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ଏବଂ ୧୮ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ମ୍ୟାଟେରିଆଲ ରିକଭରି ଫେସିଲିଟିସ (ଏମ୍‌ଆର୍‌ଏଫ୍) ପ୍ରକଳ୍ପ ଦ୍ୱାରା କଠିନ ଏବଂ ଓଦା ବର୍ଜ୍ୟବସ୍ତୁ ପରିଚାଳନା ଓ ପୁନଃ ପ୍ରକ୍ରିୟାକରଣ କାର୍ଯ୍ୟ ସେ ବୁଲି ଦେଖିବା ସହ ପ୍ରକଳ୍ପର ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଖୁବଶୀଘ୍ର ସାରିବାକୁ ଉପସ୍ଥିତ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ ଏବଂ କନିଷ୍ଠ ଯନ୍ତ୍ରୀ ଇଂ.ମମତା ପଣ୍ଡାଙ୍କୁ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ବିଡ଼ିଓ ହଳଧର ଶବର, ବ୍ଲକ ସହକାରୀ ଯନ୍ତ୍ରୀ ଗଙ୍ଗାଧର ଲେଙ୍କା, ଏନ୍‌ଏସି କନିଷ୍ଠ ଯନ୍ତ୍ରୀ ପବିତ୍ରା ପ୍ରଧାନ, ସ୍ୱଚ୍ଛତା ଅଧିକାରୀ ସ୍ୱାଗତିକା ପାତ୍ର ଉପସ୍ଥିତ ଥିଲେ।


ପ୍ରକଳ୍ପ ବୁଲି ଦେଖୁଛନ୍ତି ଜିଲାପାଳ।

ଏହାସହ କୈଁଠଡା ପଞ୍ଚାୟତ କମଳାପୁର ଗ୍ରାମସ୍ଥିତ ଶ୍ରୀ କାଶୀବିଶ୍ୱନାଥ ଶୈବପୀଠ ନିକଟରେ ପରିବେଶ ଭିତ୍ତିକ ଗ୍ରାମୀଣ ପର୍ଯ୍ୟଟନ କେନ୍ଦ୍ର (ରୁରାଲ ଇକୋ ଟୁରିଜିମ ସେଣ୍ଟର) ନିର୍ମାଣ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରିଥିଲେ।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ବାଟ ଫିଟିଲା

- କୁଳପତି ନିଯୁକ୍ତି ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଲା
- ପୂର୍ଣ୍ଣକାଳୀନ କୁଳପତି ନିଯୁକ୍ତି ଉପରେ ଜୋର

ବଲାଙ୍ଗୀର ଅଫିସ, ୨୦।୬

ପଶ୍ଚିମ ଓଡ଼ିଶାର ସର୍ବପୁରାତନ ମହାବିଦ୍ୟାଳୟ ରାଜେନ୍ଦ୍ର କଲେଜକୁ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରିଥିଲେ। ୨୦୧୯ ମାର୍ଚ୍ଚରେ ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ଦୀର୍ଘ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ବିଜ୍ଞପ୍ତିକୁ ନେଇ କୌଣସି ଆଶାଜନକ ଅଗ୍ରଗତି ନ ହେବାରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଘୋଷଣା ଘୋଷଣାରେ ରହିଗଲା ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା। ସରକାରଙ୍କ ଏଭଳି ଉଦାସୀନତାକୁ ନେଇ ବଲାଙ୍ଗୀରରେ ତୀବ୍ର ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଥିଲା। ତେବେ ଶୁକ୍ରବାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ କୁଳପତି ନିଯୁକ୍ତ ହେବା ପରେ ଚଳିତବର୍ଷ ବିଶ୍ୱବିଦ୍ୟାଳୟ କାର୍ଯ୍ୟାରମ୍ଭ ହେବା ଆଶା ଉଜ୍ଜ୍ୱଳ ହୋଇଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରାଙ୍କୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତିଭାବେ ଓଡ଼ିଶା ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ ନିଯୁକ୍ତ କରିଛନ୍ତି। ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବଲାଙ୍ଗୀରରେ ଖୁସି ପ୍ରକାଶ ପାଇଛି।



ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ।

ପ୍ରଫେସର ବେହେରା ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ସହ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ । କୁଳପତି ନିଯୁକ୍ତି ପରେ ଦୀର୍ଘଦିନର ଅଚଳାବସ୍ଥା ଓ ଦ୍ୱନ୍ଦ୍ୱ ଦୂର ହୋଇଥିବା ଆଲୋଚନାର ବିଷୟ ହୋଇଛି । ଆଉ ଅଧିକ ବିଳମ୍ବ ନ କରି ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ନିଯୁକ୍ତି ସହ ଷ୍ଟାଫ୍ ଓ ଆନୁଷଙ୍ଗିକ ଭିତ୍ତିଭୂମି ସଂରଚନା ଉପରେ ସରକାର ଧ୍ୟାନ ଦିଅନ୍ତୁ ବୋଲି ବଲାଙ୍ଗୀରର ବୁଦ୍ଧିଜୀବୀ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ବଲାଙ୍ଗୀର ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତିକୁ ସ୍ୱାଗତ କରିଛନ୍ତି। ତେବେ ପୂର୍ଣ୍ଣକାଳୀନ କୁଳପତି ନିଯୁକ୍ତ ନ କରି ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବାରୁ ଏହାକୁ ନେଇ ସେ ଉଦ୍‌ବେଗ ମଧ୍ୟ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ସରକାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପୂର୍ଣ୍ଣକାଳୀନ କୁଳପତି ନିଯୁକ୍ତି କରିଥିଲେ ବହୁ ଦିଗରୁ ଏହି ଶିକ୍ଷାନୁଷ୍ଠାନ ଲାଭାବାନ ହୋଇଥାନ୍ତା । ପ୍ରାରମ୍ଭିକ ଅବସ୍ଥାରେ ବିଶ୍ୱବିଦ୍ୟାଳୟରେ ଅନେକ ଗୁରୁତ୍ୱପୂର୍ଣ୍ଣ କାମ ରହିଥାଏ। ଏଣୁ ସରକାର ଜଣେ ପୂର୍ଣ୍ଣକାଳୀନ କୁଳପତି ନିଯୁକ୍ତି ଉପରେ ଶୀଘ୍ର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ କହିଛନ୍ତି।

୨୦୨୦-୨୧ ଶିକ୍ଷାବର୍ଷରୁ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। କୁଳପତି ନିଯୁକ୍ତି କରି ଏନେଇ ସରକାର ସକାରାତ୍ମକ ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରଫେସର ଦୀପକ ବେହେରାଙ୍କ ନିଯୁକ୍ତିକୁ ଆମେ ସ୍ୱାଗତ କରୁଛୁ ବୋଲି ରାଜେନ୍ଦ୍ର କଲେଜ ଆଲୁମ୍‌ନି ଆସୋସିଏଶନ ସଭାପତି ଲଳିତ କୁମାର ନାୟକ କହିଛନ୍ତି । ଆଗକୁ ରାଜ୍ୟ ସରକାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଏକ ଉତ୍କର୍ଷ ବିଶ୍ୱବିଦ୍ୟାଳୟ ଭାବେ ଗଢ଼ିବା ଦିଗରେ ଆବଶ୍ୟକ ପଦକ୍ଷେପ ଶୀଘ୍ର ନେବେ ଓ ଆନୁଷଙ୍ଗିକ ନିଯୁକ୍ତି ଓ ଭିତ୍ତିଭୂମି ଗଠନ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଛାତ୍ର ସଙ୍ଗଠନ ଏଆଇଡିଏସ୍‌ଓ ସଭାପତି ସୁନୀଲ ଭୋଇ କୁଳପତି ନିଯୁକ୍ତିକୁ ସ୍ୱାଗତ କରିଛନ୍ତି। ତେବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଘୋଷଣା ପରେ ଛାତ୍ରୀଛାତ୍ରଙ୍କ ଉପରେ ଫି ବୃଦ୍ଧି କରାଯାଇଛି । ଏଠି ତା'ର ଯେପରି ପୁନରାବୃତ୍ତି ନ ହେବ ସେନେଇ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସେ କହିଛନ୍ତି । ଏହା ସହିତ ଏବେ ଆବଶ୍ୟକ ଷ୍ଟାଫ୍, ରେଜିଷ୍ଟ୍ରାର ନିଯୁକ୍ତି, ଭିତ୍ତିଭୂମି ଉପରେ ଅଧିକ ଜୋର ଦେବାକୁ ସେ ଜଣାଇଛନ୍ତି।

## ସହି ହେଉନି ଯନ୍ତ୍ରଣା

**ବେକ ପଛପଟେ ମାଂସ ପିଣ୍ଡୁଳା ବାହାରିଛି**

ନୂଆପଡ଼ା ଅଫିସ,୨୦।୬

ସରକାର ସମସ୍ତଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦେବାକୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ କେତେକ ଅଧିକାରୀଙ୍କ ଯୋଗୁ ଏହିସବୁ ଯୋଜନା ବାଟବଣା ହେଉଛି। ନୂଆପଡ଼ା ଜିଲା ସିନାପାଲି ବ୍ଲକର ଟିମନପୁର ଗାଁରେ ଏକ ଗରିବ ପରିବାରର ଦୁରାବସ୍ଥା ବ୍ୟବସ୍ଥା ଏହା ପ୍ରମାଣ କରୁଛି। ୨ ବର୍ଷ ତଳେ ଅଜଣାରୋଗ ଏହି ପରିବାରର ମହିଳାଙ୍କ ଜୀବନ ନେଇଛି। ଏବେ ପୁଣି ୬ ବର୍ଷର ପୁଅକୁ ଯନ୍ତ୍ରଣାରେ ଛଟପଟ ହେବାକୁ ପଡୁଛି। ଚିକିତ୍ସାରେ ବାଧକ ସାଜିଛି ଗରିବି ।

ଏହି ଗାଁର ରବି ଖର୍ସେଲଙ୍କ ୨ ପୁଅ ଏବଂ ଗୋଟିଏ ଝିଅ। ବର୍ଷକ ତଳେ ହଠାତ ସ୍ତ୍ରୀ ଏକ ଅଜଣା ରୋଗରେ ପଡି ଆରପାରିକୁ ଚାଲିଗଲେ। ଦୁଇ ପୁଅ ବିଶେଶ୍ୱର(୧୬), ଦୁର୍ଯ୍ୟୋଧନ(୬) ଏବଂ ଝିଅ ବାସନ୍ତୀ (୧୩) ମା' ଛେଉଣ୍ଡ ହୋଇଯାଇଛନ୍ତି। ସାନ ପୁଅ ଦୁର୍ଯ୍ୟୋଧନର ବେକ ପଛପଟେ ମାଂସ ପିଣ୍ଡୁଳା ବାହାରିଛି। ଯନ୍ତ୍ରଣାରେ ସେ ଛଟପଟ ହେଉଛନ୍ତି। ଘରର ସବୁ ଆସବାବ ବିକ୍ରି କରି ବହୁ ଦୂରଦୂରାନ୍ତକୁ ଯାଇ ମଧ୍ୟ ପୁଅକୁ ରବି ସୁସ୍ଥ କରି ପାରି ନାହାନ୍ତି। ବିଭିନ୍ନ ସମୟରେ ସେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ହେଲେ କୌଣସି ସହଯୋଗ ମିଳୁନି ବୋଲି ଅଭିଯୋଗ କରିଛନ୍ତି। ବଡପୁଅ ବିଶେଶ୍ୱର ଦାଦନ ଖଟି ଯାଇଥିବାରୁ ତାଙ୍କ ଆସିବା ବାଟକୁ ଏମାନେ ଚାହିଁ ରହିଛନ୍ତି। ତେବେ ଏହା ଉପରେ ସିନାପାଲି ବିଡିଓ ସଦାଶିବ ନାଏକଙ୍କୁ ଯୋଗାଯୋଗ କରିବାରେ ଏହା ଉପରେ ସେ ଜିଲାପାଳଙ୍କ ଦୃଷ୍ଟିକୁ ଆଣିବେ ବୋଲି କହିଛନ୍ତି।


ଝିଅପୁଅ ସହ ରବି ଖର୍ସେଲ।

## ସଂକ୍ଷେପରେ

### ଗାଁଦାଣ୍ଡରୁ ୨ବର୍ଷର ଶିଶୁ ନିଖୋଜ

ସମ୍ବଲପୁର,୨୦।୬(ବ୍ୟୁରୋ): ସମ୍ବଲପୁର ଜିଲା ଯୁଯୁମୁରା ଥାନା ଗଇଲଗୁଡି ଗାଁ ଦାଣ୍ଡରେ ଖେଳୁଥିବା ସମୟରେ ଏକ ୨ବର୍ଷର ଶିଶୁ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଶିଶୁର ନିପୁନ ଶବର। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକ୍ରମେ ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟାରେ ନିପୁନ ଅନ୍ୟ କେତେଜଣଙ୍କ ସହ ଗାଁଦାଣ୍ଡରେ ଖେଳୁଥିଲେ। ବର୍ଷା ହେବାରୁ ତାଙ୍କ ସହ ଖେଳୁଥିବା ପିଲାମାନେ ଘରକୁ ଚାଲି ଯାଇଥିବାବେଳେ ନିପୁନ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଆଖପାଖରେ ଖୋଜାଖୋଜି କଲେ ମଧ ତାଙ୍କର ପତ୍ତା ମିଳି ନ ଥିଲା।

### ଗୋମାଂସ ବିକିବାବେଳେ ୮ ଗିରଫ

ବାଲିଶଙ୍କରା, ୨୦।୬ (ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ତଲସରା ଥାନା ଅନ୍ତର୍ଗତ ତଲସରା ନିକଟରେ ଗୋ ମାଂସ ବିକ୍ରି କରିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ୮ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ଏସିଆ କୁଜୁର, ପ୍ରମୋଦ ତିର୍କୀ, ବିପିନ ଲାକାଡ, ଦମନିକ କିଡୋ, ନରେନ୍ଦ୍ର ରୋହିଦାସ, କମଲ କୁଜୁର, ରଞ୍ଜିତ ଲାକାଡ ଓ ଶୁକ୍ରା ଏକ୍କା। ଏମାନଙ୍କ ପାଖରୁ ପୋଲିସ ଟାଙ୍ଗିଆ, କଟୁରୀ, ୩ଟି ସାଇକେଲ ଓ ଗୋଟିଏ ବାଇକ ଜବତ କରିଛି।

### ଡକାୟତି ଉଦ୍ୟମ ପଣ୍ଡ, ୩ ଗିରଫ

ଲାଞ୍ଜିଗଡ,୨୦।୬(ଡି.ଏନ୍.ଏ): କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା କାଣ୍ଡଗୁଡା ଠିକାଦାର କ୍ୟାମ୍ପରେ ଡକାୟତି ଉଦ୍ୟମ ପଣ୍ଡ ହୋଇଛି। ଲାଞ୍ଜିଗଡ ଥାନା ଆଇଆଇସି ସତ୍ୟାନନ୍ଦ ପାତ୍ରଙ୍କ ନେତୃତ୍ୱରେ ଗଠିତ ଟିମ୍ ଚଢାଉ କରି ଡକାୟତି ଗ୍ୟାଙ୍ଗର ୩ଜଣଙ୍କୁ ଧରିଥିବା ବେଳେ ଅନ୍ୟ ତିନିଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଆଇଆଇସି ପାତ୍ର କହିଛନ୍ତି। ଅଭିଯୁକ୍ତମାନେ ହେଲେ ରାୟଗଡା ଜିଲା କାଶିପୁର ବ୍ଲକ କଞ୍ଜନାବାଡି ଗାଁର ବାଲି ମାଝୀ, ଲାଖବାହାଲି ଗାଁର ଅର୍ଜୁନ ମାଝୀ ଓ ସୁନାଖଡିକା ଗାଁର ରାଜେନ୍ଦ୍ର ନାଏକ। ସେମାନଙ୍କଠାରୁ ବହୁ ମାରଣାସ୍ତ୍ର ଜବତ ହୋଇଛି। ଏଥିସହ ଜଣଙ୍କ ନାଁରେ ୩ଟି ଲେଖାଏ ଥିବା ଆଧାର କାର୍ଡ ସିଜ୍ କରିଛି ପୋଲିସ। ପରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

### ଓଲଟିଲା ଟ୍ରାକ୍ଟର, ଚାଳକ ମୃତ

ବୌଦ୍ଧ,୨୦।୬(ସ୍ୱ.ପ୍ର.): ବୌଦ୍ଧ ଥାନା ସରସରା ଗ୍ରାପଞ୍ଚାୟତରେ ଏକ ବାଲି ବୋଝେଇ ଟ୍ରାକ୍ଟର ରାସ୍ତା ତଳକୁ ଓଲଟି ପଡିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସୁରେଶ ମଲ୍ଲିକ(୧୯) । ସେ ସରସରା ପଞ୍ଚାୟତର ବଘାରପାଲିକୁ ବାଲି ଆଣିବା ପାଇଁ ଶୁକ୍ରବାର ବିଳମ୍ବିତ ରାତିରେ ଟ୍ରାକ୍ଟର ନେଇ ଯାଇଥିଲେ । ବାଲି ଲୋଡ୍ କରି ଫେରୁଥିବା ବେଳେ ଗାଡ଼ିଟି ଭାରସାମ୍ୟ ହରାଇ ଏକ ପୋଲ ନିକଟ ରାସ୍ତା ତଳକୁ ଖସିପଡିଥିଲା । ସୁରେଶ ଟ୍ରାକ୍ଟର ତଳେ ଚାପି ହୋଇ ରହିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ବୌଦ୍ଧ ପୋଲିସ ଟ୍ରାକ୍ଟରକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ।

### ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ

ବୌଦ୍ଧ,୨୦।୬(ସ୍ୱ.ପ୍ର.): ବୌଦ୍ଧ ଜଗନ୍ନାଥ ମନ୍ଦିରରେ ଶନିବାର ତିନି ଠାକୁରଙ୍କ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ଶେଷ ହୋଇଛି । ରବିବାର ସୂର୍ଯ୍ୟୋପରାଗ ଥିବାରୁ ଶନିବାର ରାତିରୁ ସମସ୍ତ ଦେବନୀତି ବନ୍ଦ ରହିଛି । ତେଣୁ ମହାରଣାଙ୍କ ଦ୍ୱାରା ତୂଳୀର ଶେଷସ୍ପର୍ଶ ଦିଆଯାଇ ଠାକୁରମାନଙ୍କ ଅଣସର ନୀତି ସମ୍ପୂର୍ଣ୍ଣ କରାଯିବା ପରେ ସକାଳୁ ପୂଜକଙ୍କ ଦ୍ୱାରା ସମସ୍ତ ଦେବନୀତି ପାଳନ କରାଯାଇଥିଲା। ତା'ପରେ ସର୍ବସାଧାରଣ ଦର୍ଶନ ପାଇଁ ମନ୍ଦିର କବାଟ ଖୋଲାଯାଇଥିଲା। କିନ୍ତୁ ସରକାରୀ କଟକଣା ଥିବାରୁ କୌଣସି ଭକ୍ତ ମନ୍ଦିରକୁ ପ୍ରବେଶ କରି ପାରି ନ ଥିଲେ। ବହୁ ଭକ୍ତ ରାସ୍ତା ଉପରୁ ହିଁ ଠାକୁରଙ୍କୁ ମୁଣ୍ଡିଆ ମାରିଥିଲେ। ରଥଯାତ୍ରା ବନ୍ଦ ଯୋଗୁ ମନ୍ଦିର ବେଢ଼ାରେ ହିଁ ନିର୍ମିତ ହୋଇଥିବା ନୂତନ ମଣ୍ଡପ ପର୍ଯ୍ୟନ୍ତ ଠାକୁରମାନଙ୍କୁ ପହଣ୍ଡି କରି ଅଣାଯିବ। ପରେ ସେଠାରେ ସମସ୍ତ ଅବତାର ଓ ଦେବନୀତି ସମ୍ପନ୍ନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସମୟରେ ବି ସର୍ବସାଧାରଣଙ୍କ ଦର୍ଶନ ବନ୍ଦ ରହିଛି।

## ଯୁବତୀଙ୍କ ଗଳାକାଟି ହତ୍ୟା ଘଟଣାର ପର୍ଦ୍ଦାଫାଶ

ପାଇକମାଳ,୨୦।୬(ଡି.ଏନ.ଏ)

ବରଗଡ଼ ଜିଲା ପାଇକମାଳ ଥାନା ଅନ୍ତର୍ଗତ କେଛୋଦାଦର ପଞ୍ଚାୟତର ଟେମରି ଛେଲିଆମାଳରେ ଶୁକ୍ରବାର ଜଣେ ଯୁବତୀ ତପସ୍ୱିନୀ ନାଏକ(୧୯)ଙ୍କ ଗଳାକାଟି ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି । ପୋଲିସ ଏହି ମାମଲାରେ ମୃତ ଯୁବତୀଙ୍କ ପ୍ରେମିକ ତରଣୀ ମହାକୁର(୨୦)ଙ୍କୁ ଗିରଫ କରିଛି । ତାଙ୍କ ବିରୋଧରେ ଥାନାରେ ଏକ ମାମଲା (ନଂ.୯୩/୨୦)ରୁଜୁ ହୋଇଛି । ତେବେ ପ୍ରେମିକାଙ୍କ ଉପରେ ସନ୍ଦେହ କରି ତାଙ୍କୁ ହତ୍ୟା କରିଥିବା ନେଇ ଅଭିଯୁକ୍ତ ସ୍ୱୀକାର କରିଥିବା ପୋଲିସ କହିଛି ।

ପୋଲିସ ସୂଚନାନୁଯାୟୀ, ଅଭିଯୁକ୍ତ ତରଣୀ ଏବଂ ମୃତ ତପସ୍ୱିନୀଙ୍କ ମଧ୍ୟରେ ୪ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। ଅଭିଯୁକ୍ତ ବିଭିନ୍ନ ସମୟରେ ତପସ୍ୱିନୀଙ୍କୁ ସନ୍ଦେହ କରୁଥିଲେ। ଶୁକ୍ରବାର ତପସ୍ୱିନୀ ଟୋଲ ସଂଗ୍ରହ ପାଇଁ କ୍ଷେତକୁ ଯାଇଥିବାବେଳେ ସେଠାରେ ତରଣୀଙ୍କ ସହିତ ଭେଟ ହୋଇଥିଲା ଏବଂ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ତରଣୀ ଧରିଥିବା ଟାଙ୍ଗିଆରେ ତପସ୍ୱିନୀଙ୍କୁ ହତ୍ୟା କରିଥିବା ନେଇ ପୋଲିସ ଆଗରେ ସ୍ୱୀକାର କରିଥିବା ଥାନାଧିକାରୀ ବିଶ୍ୱଜିତ ମନବୋଧ କହିଛନ୍ତି । ଗିରଫ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

**ଟାଙ୍ଗିଆରେ ହତ୍ୟା କରିଥିଲେ ପ୍ରେମିକ**


ପୋଲିସ ତଦନ୍ତ ପାଇଁ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଉଛି ।

## ଆବେଦନର ୨ ଘଣ୍ଟାରେ ମିଳିଲା ଜମିପଟ୍ଟା

ବାମରା, ୨୦।୬ (ଡି.ଏନ.ଏ)

ଓଡିଶା ସରକାରଙ୍କ ଦ୍ୱାରା ଜମି ରେଜିଷ୍ଟ୍ରେସନ ନିୟମ ପରିବର୍ତ୍ତନ ପରେ ବାମରା ତହସିଲରେ ପ୍ରଥମ ଥର ୨ ଘଣ୍ଟା ମଧ୍ୟରେ ଜମି କ୍ରେତାଙ୍କୁ ପଟ୍ଟା ପ୍ରଦାନ କରାଯାଇଛି । ପୂର୍ବରୁ ଜମି ପଞ୍ଜିକରଣ ହେବାର ୩ ମାସ ପରେ ପଟ୍ଟା ପ୍ରଦାନର ନିୟମ ରହିଥିଲା। ଏଣୁ ଲୋକଙ୍କୁ ପଟ୍ଟା ମିଳିବାରେ ବର୍ଷାଧିକ ସମୟ ଲାଗିଯାଉଥିଲା । ଲୋକେ ପଟ୍ଟା ପାଇବା ପାଇଁ ତହସିଲ କାର୍ଯ୍ୟାଳୟକୁ ଧାଇଁ ଧାଇଁ ନିରାଶ ହେବା ସହ ଅସାଧୁ କର୍ମଚାରୀଙ୍କ ହାବୁଡରେ ପଡି ଶୋଷଣର ଶିକାର ହେଉଥିଲେ । ମାତ୍ର ବର୍ତ୍ତମାନ ନିୟମ ପରିବର୍ତ୍ତନ ହେବା ପରେ ୭ ଦିନ ମଧ୍ୟରେ ପଟ୍ଟା ପ୍ରଦାନ କରିବାର ନିୟମ ରହିଛି। ଏହି ନିୟମ ଅନୁସାରେ ବାମରା ତହସିଲରେ ପ୍ରଥମ ଥର ଏହାକୁ ଲାଗୁ କରି ପଟ୍ଟା ପ୍ରଦାନ କରାଯାଇଛି । ବାମରା ତହସିଲ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ହରିପଡା ମୌଜାର ଏକ ଜମିକୁ ଷ୍ଟେସନ ବସ୍ତି ଅଞ୍ଚଳର ରୋହିତ ଚୌଧୁରୀ କ୍ରୟ କରିଥିଲେ । ଗତ ମଙ୍ଗଳବାର ଦିନ ଉକ୍ତ ଜମି ତାଙ୍କ ନାଁରେ ପଞ୍ଜିକରଣ କରାଯାଇଥିଲା। ଶନିବାର ଅପରାହ୍ନ ୨ଟାରେ ପଟ୍ଟା ପାଇଁ ଆବେଦନ କରାଯାଇଥିଲା । ମାତ୍ର ୨ ଘଣ୍ଟା ମଧ୍ୟରେ ଅପରାହ୍ନ ୪ଟାରେ ତାଙ୍କୁ ବାମରା ତହସିଲଦାର ଅନୀଲ କୁଲୁ ପଟ୍ଟା ପ୍ରଦାନ କରିଥିଲେ ।

## ଭାଜପା ଗୃହ ସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ

ରାଉରକେଲା ଅଫିସ,୨୦।୬

ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଶନିବାର ଭାଜପା ପକ୍ଷରୁ ଆରମ୍ଭ କରାଯାଇଥିବା ଗୃହ ସମ୍ପର୍କ ପଦଯାତ୍ରାକୁ ଶୁଭାରମ୍ଭ କରିଛନ୍ତି। ପ୍ରଥମେ ସେ ଉଦିତନଗର ଆମ୍ବେଦକର ଛକଠାରେ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ସେ ଘରକୁ ଘର ବୁଲି ମୋଦି ସରକାରଙ୍କ ୬ବର୍ଷ ଶାସନର ଉପଲବ୍ଧି ତଥା ସଫଳତା ନେଇ ହିସାବ ପତ୍ର ବଣ୍ଟନ କରିଥିଲେ। ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷକୁ ମିଶାଇ ୬ ବର୍ଷ ଶାସନ ସମ୍ପର୍କରେ ରାଜ୍ୟର ଗ୍ରାମାଞ୍ଚଳରୁ ନେଇ ସହର ପର୍ଯ୍ୟନ୍ତ ଅବଗତ କରାଯିବ ବୋଲି ଓରାମ ସୂଚନା ପ୍ରଦାନ କରିଛନ୍ତି। ହରବିନ୍ଦର ସିଂଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓରାମ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକୁ କିପରି ରାଜ୍ୟବାସୀଙ୍କ ନିକଟରେ ପହଞ୍ଚାଯାଇ ପାରିବ ସେ ନେଇ ପ୍ରୟାସ ଆରମ୍ଭ କରାଯାଇଛି। ଏ ଦିଗରେ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଯତ୍ନବାନ ହେବାକୁ ସେ ପରାମର୍ଶ ପ୍ରଦାନ କରିଥିଲେ। ଏଥିରେ ଦଳର ଧୀରେନ ସେନାପତି, ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ଭଗବାନ ରାଉତ ଓ ରାଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଉରକେଲାରେ ପହଞ୍ଚିଲା ୨ ସ୍ୱତନ୍ତ୍ର ପ୍ରବାସୀ ଶ୍ରମିକ ଟ୍ରେନ୍

ରାଉରକେଲା ଅଫିସ,୨୦।୬

ରାଉରକେଲା ରେଳ ଷ୍ଟେଶନରେ ଶନିବାର ୭୩ ଜଣ ପ୍ରବାସୀଙ୍କୁ ନେଇ ୨ଟି ସ୍ୱତନ୍ତ୍ର ଟ୍ରେନ୍ ପହଞ୍ଚିଛି। ଏଥି ମଧ୍ୟରୁ ଗୋଟିଏ ବାଙ୍ଗାଲୋରରୁ ଆସିଛି, ଯେଉଁଥିରେ ୬୪ଜଣ ଶ୍ରମିକ ଓହ୍ଲାଥିଲେ। ଦ୍ୱିତୀୟ ଟ୍ରେନ୍‌ଟି ଗୋଆରୁ ଆସିଥିଲା। ସେଥିରେ ୯ଜଣ ଥିଲେ। ପ୍ରଥମ ଟ୍ରେନ୍‌ଟି ରାତି ସାଢେ ୩ଟା ବେଳେ ପହଞ୍ଚିଥିବା ବେଳେ ଦ୍ୱିତୀୟଟି ସକାଳ ୮ଟା ୨୦ରେ ପହଞ୍ଚିଥିଲା। ଏମାନଙ୍କ ମଧ୍ୟରୁ ୩୬ଜଣ ଝାଡ଼ଖଣ୍ଡର, ୩ଜଣ ମୟୁରଭଞ୍ଜର ଏବଂ ୩୪ ଶ୍ରମିକ ସୁନ୍ଦରଗଡ ଜିଲାର। ଟ୍ରେନ୍ ଦୁଇଟି ଷ୍ଟେଶନରେ ପହଞ୍ଚିବା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ। ଏମାନଙ୍କ ଖାଦ୍ୟ, ପାନୀୟ ବ୍ୟବସ୍ଥା କରାଯିବା ପରେ ଏମାନଙ୍କୁ ନିଜ ରାଜ୍ୟ ଏବଂ ଜିଲାକୁ ପଠା ଯିବା ନେଇ ବ୍ୟବସ୍ଥା କରାଯାଇ ଥିଲା।

## କୋଭିଡ୍ ନିୟମ ଉଲଂଘନ ହେଉଛି

ନୂଆପଡା ଅଫିସ,୨୦।୬

କୋଭିଡ ନିୟମ ପାଳନରେ ବ୍ୟାପକ ଅବହେଳା କରାଯାଉଛି। ଏଥିପାଇଁ ଜିଲା ପ୍ରଶାସନ ଦାୟୀ ବୋଲି ଜଲା କଂଗ୍ରେସ ସଭାପତି ଘାସିରାମ ମାଝି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଶନିବାର ପୂର୍ବାହ୍ନରେ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଆହୂତ ସମ୍ମିଳନୀରେ କୋଭିଡ କେୟାର ସକାଶେ ପ୍ରଶାସନ ତରଫରୁ ନିଆଯାଉଥିବା ପଦକ୍ଷେପଗୁଡିକୁ କଡା ସମାଲୋଚନା କରିଥିଲେ। ଲକଡାଉନ ନିୟମକୁ ଖୋଲା ଖୋଲି ଉଲଘଂନ କରାଯାଉଥିଲେ ମଧ ପ୍ରଶାସନ ଚୁପ୍ ହୋଇ ପଡିଛି। ଦୈନିକ ହଜାର ହଜାର ସଂଖ୍ୟାରେ ପ୍ରବାସୀ ଶ୍ରମିକ ଜିଲାକୁ ଆସୁଥିଲେ ଧେ ସେମାନଙ୍କ ଖାଦ୍ୟପେୟ, ରହଣୀ ବ୍ୟବସ୍ଥା, ସାନିଟାଇଜେସନ ଉପରେ ଦୃଷ୍ଟି ଦିଆଯାଉନାହିଁ। ମାତ୍ର କିଛିଦିନ ଟିଏମସିରେ ରଖି ସେମାନଙ୍କୁ ଛାଡି ଦିଆଯାଉଛି। ସେମାନେ ହୋମ୍ କ୍ୱାରାଣ୍ଟାଇନରେ ଠିକ ଭାବରେ ରହୁ ନ ଥିଲେ ମଧ ତାହା ଉପରେ କୌଣସି ନଜର ରଖାଯାଉନାହିଁ।

## ଚିଚୈଗୁଡ଼ାରେ ଫସିଛନ୍ତି ମହାରାଷ୍ଟ୍ରର ୩୮ ପ୍ରବାସୀ


ଚିଚୈଗୁଡ଼ାରେ ଫସିରହିଥିବା ମହାରାଷ୍ଟ୍ରର ପ୍ରବାସୀ।

ଜୁନାଗଡ,୨୦।୬(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ୍ ଚିଚୈଗୁଡା ଛକରେ ମହାରାଷ୍ଟ୍ର ରାଜ୍ୟ ଗୋନ୍ଦିଆ ଜିଲାର ୩୮ଜଣ ପ୍ରବାସୀ ଲକ୍‌ଡାଉନ ଯୋଗୁ ଫସି ରହିଛନ୍ତି। ଦୀର୍ଘ ୩ମାସ ହେଲା ସେମାନେ ଅର୍ଥ ଭାବରୁ ନିଜ ଅଞ୍ଚଳକୁ ଯାଇ ନ ପାରି ଅସହାୟ ଭାବେ ଜୀବନ ଯାପନ କରୁଛନ୍ତି। ଏପରିସ୍ଥଳେ ପ୍ରଶାସନ ତଥା କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେମାନଙ୍କ ପ୍ରତି ଦୃଷ୍ଟି ଦେଇ ନିଜ ଅଞ୍ଚଳକୁ ପଠାଇବା ବ୍ୟବସ୍ଥା କରିବା ପାଇଁ ଆକୁଳ ନିବେଦନ କରିଛନ୍ତି।

ଫେବ୍ରୁଆରୁ ୨ ତାରିଖରେ ଏମାନେ ଏଠାକୁ ଆସିଛନ୍ତି। ନିକଟସ୍ଥ ଯାତ୍ରୀ ବିଶ୍ରାମ ଗୃହରେ ରହୁଛନ୍ତି। ଏମାନେ ଗାଁକୁ ଗାଁ ଯାଇ ଲୋକଙ୍କ ହାତ ଦେଖି ଭବିଷ୍ୟତ ବାଣୀ କରି ଦୁଇ ପଇସା ରୋଜଗାର କରୁଥିଲେ। ଏହା ସେମାନଙ୍କ ବୃତ୍ତି ହୋଇଥିବାବେଳେ ଏଥିରେ ସେମାନେ ଚଳିଆନ୍ତି। ତେବେ କରୋନା ଜନିତ ଲକ୍‌ଡାଉନ ଯୋଗୁ ଆଉ ଗାଁଗଣ୍ଡାର କେହି ହାତ ଦେଖାଇ ନ ଥିଲେ, ଏହାଫଳରେ ତାଙ୍କ ଚଳିବା କଷ୍ଟକର ହୋଇପଡିଥିଲା। ଏହି ସମୟରେ ସ୍ଥାନୀୟ ସରପଞ୍ଚ ସୁଧୀରା ମେହେର, ଯୋଗାଣ ସହାୟକ ପ୍ରବୀଣ ମେହେର ପଞ୍ଚାୟତ ପକ୍ଷରୁ ଚାଉଳ ଓ ଡାଲି ଯୋଗାଇଥିଲେ। ଲକଡାଉନ ଯୋଗୁ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା। ନିଜ ହାତରେ ଟଙ୍କା ନ ଥିବାରୁ ଏବେ ସେମାନେ ନିଜ ଅଞ୍ଚଳକୁ ଯାଇ ନ ପାରି ଦୁଃଖରେ କାଳତିପାତ କରୁଛନ୍ତି। ଏପରି ସ୍ଥଳେ ସେମାନଙ୍କ ମଧ୍ୟରୁ ରାନୁ ବାବର(୬୯) ନାମକ ଜଣେ ବୃଦ୍ଧ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିବାରୁ ଗତ କିଛିଦିନ ହେଲା ଔଷଧ ଅଭାବରୁ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସେ ଉଠି ବସି ପାରୁ ନ ଥିବାବେଳେ ତାଙ୍କର ସମ୍ପର୍କୀୟମାନେ ନେବା ଆଣିବା କରୁଛନ୍ତି। ସେହିପରି ପ୍ରକାଶ ସିଂ ନାମକ ଜଣେ ଯୁବକ ଗତ ମାସେ ହେଲା ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଅସ୍ଥାୟୀ ତମ୍ବୁ ତଳେ ପଡି ରହିଛନ୍ତି।

## ପୁନର୍ବିଚାରକୁ ଭକ୍ତଙ୍କ ଅପେକ୍ଷା

**ଦଧିବାମନଙ୍କ ରଥଯାତ୍ରା**

ପଶ୍ଚିମୋତ୍କଳ ଶ୍ରୀକ୍ଷେତ୍ର ଭାବେ ଅଭିହିତ ବରଗଡ଼ ଜିଲା ଭଟଲି ଦଧିବାମନ ଧାମ ରଥଯାତ୍ରା ପାଇଁ ବେଶ୍ ପ୍ରସିଦ୍ଧିଲାଭ କରିଛି। ଏହି ରଥଯାତ୍ରା ଦେଖିବା ପାଇଁ ପଶ୍ଚିମ ଓଡ଼ିଶା ସମେତ ପଡ଼ୋଶୀ ଛତିଶଗଡ଼ରୁ ମଧ ବହୁ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି। ସେହିପରି ଏହି ରଥଯାତ୍ରାରେ ରହିଛି ନବଜାତ ଶିଶୁଙ୍କ ଅନନ୍ୟ ରଥଛୁଆଁ ପରମ୍ପରା। ତେବେ ରଥଯାତ୍ରାରେ ଭକ୍ତଙ୍କ ସମାଗମ ହେଲେ କରୋନା ଭୂତାଣୁ ବ୍ୟାପିବାର ଆଶଙ୍କା ଥିବାରୁ ଚଳିତବର୍ଷ ରାଜ୍ୟର କୌଣସି ସ୍ଥାନରେ ରଥଯାତ୍ରା ହୋଇପାରିବ ନାହିଁ ବୋଲି ଗୁରୁବାର ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଥିଲେ। ଏହି ରାୟ ଆଧାରରେ ବରଗଡ଼ ଜିଲା ପ୍ରଶାସନ ଦଧିବାମନଙ୍କ ରଥଯାତ୍ରା ହୋଇପାରିବନି ବୋଲି ମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ରଥଯାତ୍ରାକୁ ଆଉ ଦିନ କେଇଟା ବାକି ଥିବାବେଳେ ଏବେ ମଧ ସର୍ବୋଚ୍ଚ ନ୍ୟାୟାଳୟ ରାୟର ପୁନର୍ବିଚାର କରି ରଥଯାତ୍ରା ପାଇଁ ନିର୍ଦ୍ଦେଶ ଦେବେ ବୋଲି ଭକ୍ତଙ୍କ ଆଶା ରହିଛି।

### ପଶ୍ଚିମ ଓଡ଼ିଶାବାସୀଙ୍କୁ ମର୍ମାହତ କରିଛି



ମନ୍ଦିର ଓ ନବଗୁଞ୍ଜର ଯାତ୍ରା କମିଟି ପକ୍ଷରୁ କୋଭିଡ୍-୧୯ ନିୟମ ପାଳନ ପୂର୍ବକ ରଥଯାତ୍ରା କରିବା ପାଇଁ ଅନୁରୋଧ କରାଯାଇଥିଲା। ରଥଯାତ୍ରା ପାଇଁ ପ୍ରଶାସନ ଅନୁମତି ଦେବା ପୂର୍ବରୁ ସୁପ୍ରିମକୋର୍ଟଙ୍କ ରାୟ ଆସିଥିଲା ଏବଂ ଜିଲା ପ୍ରଶାସନ ରଥଯାତ୍ରା ପାଇଁ ମନା କରିଦେଇଥିଲେ। ଏହା ପଶ୍ଚିମ ଓଡ଼ିଶାବାସୀଙ୍କୁ ଅତ୍ୟନ୍ତ ମର୍ମାହତ କରିଛି।

–ମାଧବ ପ୍ରସାଦ ସାହୁ, ନବଗୁଞ୍ଜର ଯାତ୍ରା କମିଟି

### ମନ୍ଦିର ଭିତରେ ନୀତିକାନ୍ତି ପାଳନ ହେବ



ଆମେ ରଥଯାତ୍ରା ସରକାରଙ୍କ କୋଭିଡ୍-୧୯ ନିୟମ ଆଧାରରେ ପାଳନ ପାଇଁ ପ୍ରସ୍ତୁତ ଥିଲୁ । ମାତ୍ର ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ପ୍ରଶାସନ ଆମକୁ ରଥଯାତ୍ରା ପାଇଁ ବାରଣ କରିବା ସହିତ ଶ୍ରୀମନ୍ଦିର ଭିତରେ ଦଧିବାମନଙ୍କ ନୀତିକାନ୍ତି ସମାପନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ସେବାୟତ ହିସାବରେ ମନ୍ଦିର ଭିତରେ ନୀତିକାନ୍ତି ପାଳନ ପାଇଁ ପ୍ରସ୍ତୁତ ହେଉଛୁ।

–ଗୌରଚନ୍ଦ୍ର ରଥ, ପୂଜକ

### ରାୟକୁ ସମ୍ମାନ ଦେବାକୁ ପଡ଼ିବ



ରାଜ୍ୟ ସରକାର ପୂର୍ବରୁ କୋଭିଡ୍-୧୯ ନିୟମ ଆଧାରରେ ସମସ୍ତ କାର୍ଯ୍ୟ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେହି ଯୁକ୍ତିକୁ ରାଜ୍ୟ ସରକାରଙ୍କ ଓକିଲ କୋର୍ଟରେ ଉପସ୍ଥାପନ ନ କରି ଚୁପ ରହିଲେ । ସେଥିପାଇଁ କୋର୍ଟ ଏଭଳି ରାୟ ଦେଲେ। ଏହା ରାଜ୍ୟର ୪ କୋଟି ଜନତାଙ୍କ ଭାବାବେଗ ସହିତ ଜଡ଼ିତ ଥିଲେ ମଧ ରାୟକୁ ସମ୍ମାନ ଦେବାକୁ ପଡ଼ିବ।

–ସୌମ୍ୟରଞ୍ଜନ ବନଛୋର, ସାମାଜିକ କର୍ମୀ

### ରଥଯାତ୍ରା ହେବା ନେଇ ଆଶା ରହିଛି



ସୁପ୍ରିମକୋର୍ଟଙ୍କ ରାୟ ପରେ ମୋତେ ବହୁତ ଦୁଃଖ ଲାଗୁଛି। କରୋନା ଭୂତାଣୁ ଯୋଗୁ ରଥଯାତ୍ରା ବନ୍ଦ ହେବା ମୋ ମନକୁ ବହୁତ ଆଘାତ ଦେଇଛି। ରଥରେ ଦଧିବାମନଙ୍କୁ ଦର୍ଶନ କରିବା ପାଇଁ ପୁଣି ବର୍ଷେ ଅପେକ୍ଷା କରିବା ପାଇଁ ପଡ଼ିବ। ଏବେ ବି ଆଶା ରହିଛି ସୁପ୍ରିମକୋର୍ଟ ରାୟର ପୁନର୍ବିଚାର କରି ବିନା ଭକ୍ତରେ ରଥଯାତ୍ରା ପାଳନ ପାଇଁ ନିର୍ଦ୍ଦେଶ ଦେବେ।

–ମନୀଷ କୁମାର ଅଗ୍ରୱାଲ, ଭକ୍ତ

ରିପୋର୍ଟ: ସଞ୍ଜୀବ ଷଡ଼ଙ୍ଗୀ, ଭଟଲି

## ସଂକ୍ଷେପରେ

### ବରଗଡ଼ରେ ପୁଣି ୨ କରୋନା ପଜିଟିଭ୍

**ବରଗଡ଼ ଅଫିସ,୨୦।୬:** ବରଗଡ଼ ଜିଲାରେ ଶନିବାର ପୁଣି ୨ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନେ ବରଗଡ଼ ଉପକଣ୍ଠ କଟାପାଲି ଗ୍ରାମର। ସେମାନଙ୍କ ବାହ୍ୟଗସ୍ତ ସମ୍ପର୍କରେ କୌଣସି ସୂଚନା ନାହିଁ। ଉଭୟ ଆକ୍ରାନ୍ତଙ୍କୁ ବରଗଡ଼ କୋଭିଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାର କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି । ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୨ରେ ପହଞ୍ଚିଛି। ଗତ ୧୬ ତାରିଖରେ କଟାପାଲି ଗ୍ରାମରେ ଜଣେ ୭୬ ବର୍ଷୀୟ ବୃଦ୍ଧ ଚିହ୍ନଟ ହେବା ପରେ ଏହି ଗ୍ରାମରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଗତ ୪ଦିନ ମଧ୍ୟରେ କଟାପାଲିରେ ୬ ଆକ୍ରାନ୍ତ ଚିହ୍ନଟ ହୋଇସାରିଲେଣି। ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ଗ୍ରାମକୁ କଣ୍ଟେନମେଣ୍ଟ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବଫର ଜୋନ୍ ଘୋଷଣା କରାଯାଇଛି ।

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଲୋଇସିଂହା, ୨୦।୬(ଡି.ଏନ.ଏ.): ଗଲୱାନ ଘାଟିରେ ଶହୀଦ ଯବାନଙ୍କ ସ୍ମୃତିରେ ବଲାଙ୍ଗୀର ଜିଲା ଲୋଇସିଂହା ସୈନିକ କ୍ଲବ ଓ ସଂକଳ୍ପ ପରିବାର ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଚତୁର ଦଳାଇଙ୍କ ଅଧ୍ୟକ୍ଷତା ଓ ରବୀନ୍ଦ୍ର ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଉପସ୍ଥିତ ସଦସ୍ୟ କ୍ୟାଣ୍ଡେଲ ଜାଳି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ସହ ତାଙ୍କ ପରିବାର ପ୍ରତି ସମସ୍ତେ ସମବେଦନା ଜଣାଇଥିଲେ। ଚାଇନା ସେନାର ବର୍ବର କାଣ୍ଡକୁ ନିନ୍ଦା ସହ ଚାଇନା ସାମଗ୍ରୀ ବର୍ଜନ ପାଇଁ ସଂକଳ୍ପ ନିଆଯାଇଥିଲା। ରବୀନ୍ଦ୍ର ପୁଟେଲ, ନୟରୁଲ୍ଲା ଖାଁ, ଅଭିଳାଷ ହୋତା, ନୀହାର ରଞ୍ଜନ ବେହେରା ସୁଦଦୀପ ସା, ତୁମେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ ଲାଗି କାର୍ଯ୍ୟାଦେଶ ବଣ୍ଟନ

**ସମ୍ବଲପୁର, ୨୦।୬ (ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ ଲାଗି ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ସମ୍ବଲପୁର ମହାନଗର ନିଗମ ୪୧ ନମ୍ବର ୱାର୍ଡ କାର୍ଯ୍ୟାଳୟରେ ଏଥିପାଇଁ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରେଙ୍ଗାଲି ବିଧାୟକ ନାଉରୀ ନାୟକ ଅତିଥି ଭାବେ ଯୋଗଦେଇ ୧୩୫ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ହସ୍ତାନ୍ତର କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅଧିକାରୀ ପବନ କୁମାର ଯାଦବ, ଧନୁପାଲି ଭାଜପା ମଣ୍ଡଳ ସଭାପତି ପ୍ରକାଶ ସାହୁ, ମଣ୍ଡଳ ଓବିସି ମୋର୍ଚ୍ଚା ସଭାପତି କୈଳାଶ ପୋଢ଼, ରମେଶ ଚନ୍ଦ୍ର ପ୍ରଧାନ, କ୍ଷେତ୍ରୀୟ ପ୍ରବକ୍ତା ମାନସରଞ୍ଜନ ବକ୍ସି, ମଣ୍ଟୁ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

### କୈଳାସ ସାହୁଙ୍କୁ ସୁନ୍ଦରଗଡ଼ ଜିଲା ଟ୍ରେନିଂ ଇନ୍‌ଚାର୍ଜ ଦାୟିତ୍ୱ

**ସୁନ୍ଦରଗଡ଼,୨୦।୬(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ନିମନ୍ତେ ରାଉରକେଲା କଂଗ୍ରେସ ଦଳର ବରିଷ୍ଠ ନେତା କୈଳାସ ଚନ୍ଦ୍ର ସାହୁଙ୍କୁ ସୁନ୍ଦରଗଡ ଜିଲାର ଟ୍ରେନିଂ ଇନ୍‌ଚାର୍ଜ ଦାୟିତ୍ୱ ଦିଆଯାଇଥିବା ଏଆଇସିସି ସଦସ୍ୟ ତଥା ଓଡିଶା ପ୍ରଦେଶ କଂଗ୍ରେସ କମିଟି ଟ୍ରେନିଂ ଇନ୍‌ଚାର୍ଜ ଶୁଭେନ୍ଦୁ ମହାନ୍ତି ଘୋଷଣା କରିଛନ୍ତି । ଏଥିସହ ପିସିସି ସଭ୍ୟ ସନ୍ତୋଷ ବିଶ୍ୱାଳଙ୍କୁ ରାଜ୍ୟ ସଂଯୋଜକ ଓ ଇନ୍ଦ୍ରମୋହନ ପଣ୍ଡାଙ୍କୁ ବରଗଡର ଟ୍ରେନିଂ ଇନ୍‌ଚାର୍ଜ ଦାୟିତ୍ୱ ପ୍ରଦାନ କରାଯାଇଛି ।

### ସହାୟତା ପାଇଁ ଉଠା ଦୋକାନୀଙ୍କ ଦାବି

**ବରଗଡ଼ ଅଫିସ,୨୦।୬:** ରାଜ୍ୟରେ କରୋନା ପାଇଁ ବିଭିନ୍ନ ସ୍ଥାନରେ ଏବେ ଲକ୍‌ଡାଉନ୍ ଲାଗି ରହିଥିବାବେଳେ ବ୍ୟବସାୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଉଠା ଦୋକାନୀମାନେ ରୋଜଗାର ହରାଇ ବସିଛନ୍ତି । ରାଜ୍ୟ ସରକାର ସେମାନଙ୍କ ପାଇଁ ମାସିକ ୩ ହଜାର ଟଙ୍କା ସହାୟତା ଦେବାକୁ ଘୋଷଣା କରିଥିଲେ। ବରଗଡ଼ ସହରର ଉଠାଦୋକନୀମାନଙ୍କୁ ମଧ ଉକ୍ତ ସହାୟତା ରାଶି ପ୍ରଦାନ କରିବା ପାଇଁ ଶନିବାର ବରଗଡ଼ର ଉଠାଦୋକାନୀମାନେ ବରଗଡ଼ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଭେଟି ଦାବି କରିଛନ୍ତି ।

# ମାଲିକଙ୍କ ଅଗୋଚରରେ ବଦଳିଲା ଗାଡ଼ି ମାଲିକାନା

■ସୁନ୍ଦରଗଡ଼ ଜିଲା ପରିବହନ କାର୍ଯ୍ୟାଳୟରେ ଜାଲିଆତି
■ଅଭିଯୋଗ ପରେ ତଦନ୍ତ କରାଯିବାକୁ ପ୍ରତିଶ୍ରୁତି

**ସୁନ୍ଦରଗଡ଼,୨୦।୬(ଡି.ଏନ୍.ଏ.)**

ଜଣେ ଗାଡି ମାଲିକଙ୍କ ଅଗୋଚରରେ କାଗଜପତ୍ର ଜାଲିଆତି କରାଯାଇ ଅନ୍ୟ ଜଣଙ୍କ ନାମରେ ଗାଡି ମାଲିକାନା ବଦଳ କରାଯାଇଥିବା ଅଭିଯୋଗ ହୋଇଛି । ସୁନ୍ଦରଗଡ଼ ଜିଲା ପରିବହନ କାର୍ଯ୍ୟାଳୟରେ ଏଭଳି ଘଟଣା ଘଟିଛି। ଏ ନେଇ ସୁନ୍ଦରଗଡ ଜିଲାପାଳ,ଏସ୍‌ପି ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିକଟରେ ଗାଡ଼ି ମାଲିକ ଅଭିଯୋଗ କରିବା ପରେ ପରିବହନ କାର୍ଯ୍ୟାଳୟରେ ଚାଲିଥିବା ଅନିୟମିତତା ଓ ଏଜେଣ୍ଟଙ୍କ ରାଜୁତି ସାମ୍ନାକୁ ଆସିଛି ।

ଅଭିଯୋଗ ଅନୁଯାୟୀ, ଲେଫ୍ରିପଡା ଥାନା ଅଧୀନ ସର୍ଗିପାଲି ଗ୍ରାମର ବିଷ୍ଣୁବିହାରୀ ଠାକୁର ଏକ ଫାଇନାନ୍ସ କମ୍ପାନୀ ମାଧ୍ୟମରେ ଗୋଟିଏ ୧୦ ଚକିଆ ଟ୍ରକ (ନଂ.ଓଡି୧୬ସି ୫୪୭୪) କିଣିଥିଲେ। ହେଲେ ଭାଇଙ୍କ ମେଡିକାଲ କାମରେ ସେ ବ୍ୟସ୍ତ ରହୁଥିବାରୁ ଗାଡିର ଦେଖାଶୁଣା ପାଇଁ କେନ୍ଦୁଝରରେ ରହୁଥିବା ଗୋଲକବିହାରୀ ମହାନ୍ତିଙ୍କୁ ଦାୟିତ୍ୱ ଦେଇଥିଲେ । ଏପରି କି ଗାଡିର ଋଣ କିସ୍ତି ପଇଠ କରିବାକୁ ସେ ଗୋଲକଙ୍କୁ କହିଥିଲେ । ହେଲେ ଗତ ଏପ୍ରିଲ୧୪ରେ ଗାଡିର ମାଲିକାନା କେନ୍ଦୁଝର ଜିଲା ଉଖୁଣ୍ଡା ଗ୍ରାମର ନାରାୟଣ ମହାନ୍ତିଙ୍କ ନାମରେ ବଦଳି ଯାଇଥିବା ସେ ଜାଣିବାକୁ ପାଇଥିଲେ । ବିକ୍ରେତା ତଥା କ୍ରେତାଙ୍କ ଅନୁପସ୍ଥିତିରେ କେମିତି ଗାଡିର ମାଲିକାନା ଆଉ ଜଣଙ୍କ ନାମରେ ପରିବର୍ତ୍ତନ ହେଲା ସେ ନେଇ ବିଷ୍ଣୁ ବିହାରୀ ଆଶ୍ଚର୍ଯ୍ୟ ହୋଇଥିଲେ । ଏପରି କି ନିର୍ଦ୍ଧାରିତ ଫର୍ମ ନଂ.୨୯ ଓ ୩୦ରେ ସେ କୌଣସି ଦସ୍ତଖତ କରି ନ ଥିଲେ । କିମ୍ବା ଟ୍ରାନ୍ସଫର ପେପରରେ ସେ ସ୍ୱାକ୍ଷର କରି ନ ଥିବା ବେଳେ କେମିତି ନାରାୟଣ ମହାନ୍ତଙ୍କ ନାମରେ ଟ୍ରକର ମାଲିକାନା ବଦଳିଗଲା ସେ ଜାଣି ପାରି ନ ଥିଲେ । ଏ ସମ୍ପର୍କରେ ସେ ସୁନ୍ଦରଗଡ଼ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଥିଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ । ତେବେ ସେହି ଅଫିସର ଜଣେ ଏଜେଣ୍ଟଙ୍କ ଦ୍ୱାରା ଏଭଳି ଜାଲିଆତି କରାଯାଇଥିବା ଜଣାପଡିଛି । ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ କି ଭଳି ଏପରି ଜାଲିଆତି ବିଷୟରେ ଜାଣି ପାରିଲେ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଜାଲିଆତି ଘଟଣାର ତଦନ୍ତ କରାଯାଇ ସଂପୃକ୍ତ କର୍ମଚାରୀ ଓ ଏଜେଣ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି । ଅନ୍ୟପକ୍ଷେ ଗାଡି ମାଲିକାନା ସତ୍ତ୍ୱ ଫେରସ୍ତ କରାଯିବାକୁ ସେ ଅନୁରୋଧ କରିଛନ୍ତି ।

ଏ ସଂକ୍ରାନ୍ତରେ ଆଞ୍ଚଳିକ ପରିବହନ ଅଧିକାରୀ ରାମନିବାସ ସିରିକାଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏହି ଘଟଣାର ତଦନ୍ତ କରାଯିବ । ମୂଳ ମାଲିକଙ୍କ ମାଲିକାନା ସତ୍ତ୍ୱ ଫେରସ୍ତ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ।

**ଫଟୋରେ ଖବର..**



ଶଟ୍‌ଡାଉନ୍ ଯୋଗୁ ଶନିବାର ବଲାଙ୍ଗୀର ସହର ଡେଲିମାର୍କେଟ୍ ରାସ୍ତା ଶୂନଶାନ ହୋଇଯାଇଛି ।

## ଘର ଉପରେ ଚଢ଼ିଗଲା କଣ୍ଟେନର, ମହିଳା ମୃତ

**ମ:ରାମପୁର,୨୦।୬,(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ୫୯ନଂ. ରାୟପୁର–ଗୋପାଳପୁର ଜାତୀୟ ରାଜପଥର ଅଁଳାପାଲି ଛକ ନିକଟରେ ଥିବା ଏକ ଘରେ ଶନିବାର ସକାଳେ ଏକ କଣ୍ଟେନର ଚଢିଯାଇଛି। ଏଥିରେ ଘରରେ ଥିବା ତୁଳସୀ ପସାୟତ (୪୦)ଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ପରେ ଜାତୀୟ ରାଜପଥକୁ ସ୍ଥାନୀୟ ଲୋକେ ଅବରୋଧ କରିଥିଲେ। ମ.ରାମପୁର ବିଡିଓ ରୁମାନା ଜାଫ୍ରି, ତହସିଲଦାର ସୟଦ ଇସାକ ମଦିନା, ଆଇଆଇସି ଗୋବିନ୍ଦ ମାଝି ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଇଥିଲେ। ହେଲେ ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦ ଟଙ୍କା ନ ମିଳିବା ଯାଏ ସେମାନେ ଉଠିବେନି ବୋଲି କହିଥିଲେ। ଗାଡ଼ି ମାଲିକଙ୍କ ପକ୍ଷରୁ ୫୦ହଜାର, ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଓ ରେଡ୍‌କ୍ରସ୍‌ରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସରକାରୀ ଯୋଜନାରେ ଏକ ଘର ଓ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସାମିଲ କରିବାକୁ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟାରେ ଅବରୋଧ ହଟିଥିଲା।

# ଭାଜପା ନିର୍ବାଚନମଣ୍ଡଳୀ ସ୍ତରୀୟ ପ୍ରତିନିଧି ବୈଠକ

**ଭଟଲି,୨୦।୬(ଡି.ଏନ.ଏ.)**



ବୈଠକରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ ।

ବରଗଡ଼ ଜିଲା ଭଟଲିଠାରେ ଭାଜପାର ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରତିନିଧି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଗଲ୍‌ୱାନଠାରେ ଶହୀଦ ହୋଇଥିବା ବୀର ଯବାନଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସହିତ ବାଲେଶ୍ୱର ବିଧାୟକ ମଦନ ମୋହନ ଦତ୍ତଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ବୈଠକରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ୍ୱର ଶତପଥୀ, ଡା. ଅରୂପାନନ୍ଦ ସାହୁ ଏବଂ ବରିଷ୍ଠ ନେତା ସୁଶାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଜନସମ୍ପର୍କ ଅଭିଯାନ ପତ୍ରିକା ଉନ୍ମୋଚନ କରିଥିଲେ । ଆଗାମୀ ଦିନରେ ହେବାକୁ ଥିବା ଭର୍ଚୁଆଲ ରାଲି ପାଇଁ ଆଲୋଚନା ହୋଇଥିଲା । ରବିବାରଠାରୁ କର୍ମୀମାନଙ୍କ ଦ୍ୱାରା ବୁଥ୍‌ସ୍ତରକୁ ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷରେ ଭାରତ ବର୍ଷ ତଥା ଓଡ଼ିଶାର ବିକାଶ ପାଇଁ କରାଯାଇଥିବା ଯୋଜନାର ବାର୍ତ୍ତା ଦିଆଯିବ ବୋଲି ପ୍ରସ୍ତାବ ଗ୍ରହଣ ହୋଇଥିଲା । ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାପାତ୍ର, ନୃପରାଜ ନାୟକ, ଶିବଶଙ୍କର ବେହେରା, ତାରାଚନ୍ଦ ପଟେଲ, ଗୁନାରୁ ପ୍ରଧାନ, ବିରୂପାକ୍ଷ ପଧାନ, ଦିବ୍ୟକିଶୋର ଭୋଇ, ଫାରୁକ ଖାଁ, କ୍ଷୀରୋଦ୍ର ପଧାନ, ବୀର ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ନିର୍ଦ୍ଧାରିତ ସମୟରେ ମିଳୁନି ଜନନୀ ସୁରକ୍ଷା ସହାୟତା ରାଶି

**ସୁନ୍ଦରଗଡ, ୨୦।୬ (ଡି.ଏନ୍.ଏ.)**

ଗର୍ଭବତୀ ଓ ପ୍ରସୂତିଙ୍କ ନିମନ୍ତେ ରାଜ୍ୟ ସରକାର ମମତା ଓ ଜନନୀ ସୁରକ୍ଷା ଯୋଜନାରେ ସହାୟତା ଯୋଗାଇ ଦେଉଛନ୍ତି। ମାତ୍ର ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରସୂତିଙ୍କୁ ନିର୍ଦ୍ଧାରିତ ସମୟରେ ସହାୟତା ରାଶି ମିଳୁ ନ ଥିବା ଅଭିଯୋଗ ହୋଇଛି । ପଡ଼ୋଶୀ ସମ୍ବଲପୁର ଜିଲା ବାମରା ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବା ପାଇଁ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ବାମରାର ରଶ୍ମିତା ଆଚାର୍ଯ୍ୟ ୨୦୧୯ ମାର୍ଚ୍ଚ ୨୭ରେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା ପ୍ରସୂତି ବିଭାଗରେ ଭର୍ତ୍ତି ହୋଇଥିଲେ। ଏହା ପରଦିନ ସେ ଏକ କନ୍ୟା ସନ୍ତାନ ପ୍ରସବ କରିଥିଲେ। ଡାକ୍ତରଖାନା ଛାଡିବା ବେଳେ ଜନନୀ ସୁରକ୍ଷାରେ ୧୪୦୦ଟଙ୍କା ସହାୟତା ରାଶି ପାଇବା ସକାଶେ ଆବଶ୍ୟକ କାଗଜପତ୍ର ଓ ବ୍ୟାଙ୍କ ଆକାଉଣ୍ଟ ନମ୍ବର ପ୍ରଦାନ କରିଥିଲେ। ମାତ୍ର ଏଯାଏ ସହାୟତା ରାଶି ମିଳିନାହିଁ। ଦାୟିତ୍ୱରେ ଥିବା ଅଧିକାରୀ ଟଙ୍କା ପଠାଯାଇଥିବା କହୁଥିବା ବେଳେ ପ୍ରସୂତିଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ପରେ କୌଣସି ଟଙ୍କା ଆସି ନ ଥିବା ଜଣାପଡିଛି। ଏହା ପରେ ସମ୍ପୃକ୍ତ ଅଧିକାରୀଙ୍କୁ ପଚାରିବାରେ ଏପ୍ରିଲ ୨୦ରେ ପଠାଯାଇଥିବା କହିଥିଲେ। ମାତ୍ର ପଠାଯାଇଥିବା ଆକାଉଣ୍ଟ ନମ୍ବରଟି ତାଙ୍କ ନାମରେ ନ ଥିବା ଜଣାପଡିବା ପରେ ପ୍ରସୂତି ମହିଳାଙ୍କ ସ୍ୱାମୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଦନ୍ତ କରି ସହାୟତା ରାଶି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ବର୍ଷକ ତଳେ ନିର୍ମିତ ଚେକ୍‌ଡ୍ୟାମ୍‌ରେ ଫାଟ

**ଦେଓଗାଁ, ୨୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଫଟାମୁଣ୍ଡା ଓ ରେଙ୍ଗାଲି ଗାଁରେ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ୬ଟି ଚେକ୍‌ଡ୍ୟାମ ନିର୍ମାଣ ହୋଇଛି । ହେଲେ କେତେକ ଚେକ୍‌ଡ୍ୟାମ ବର୍ଷେ ନ ପୂରୁଣୁ କାନ୍ଥଗୁଡ଼ିକରେ ଫାଟ ସୃଷ୍ଟି ହୋଇଛି। ଅନ୍ୟ କେତେକ ଚେକ୍‌ଡ୍ୟାମରେ ମାଟିକାମ ଆବଶ୍ୟକ ହେଉଥିବା ସ୍ଥାନୀୟ ଚାଷୀ ଅଭିଯୋଗ କରିଛନ୍ତି । ପ୍ରାୟ ସମସ୍ତ ଚେକ୍‌ଡ୍ୟାମ ୪୦ରୁ ୫୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ବେଳେ କମ୍‌ଦିନରେ ଫାଟ ସୃଷ୍ଟିକୁ ନେଇ ସାଧାରଣରେ ସନ୍ଦେହ ଦେଖାଦେଇଛି। ନିମ୍ନମାନର କାମ କରାଯାଇଥିବାରୁ ଚେକ୍‌ଡ୍ୟାମର ସ୍ଥାୟିତ୍ୱ ରହୁ ନ ଥିବା ଫାଟମୁଣ୍ଡାର ଚାଷୀ ପଞ୍ଚା ନାଏକ, ଜରୀବର୍ଦ୍ଧନ ନାଏକ, ଦୁର୍ଯ୍ୟୋଧନ ପାଣ୍ଡେ, ଗଙ୍ଗାରାମ ପଟେଲ, ଧବଳେଶ୍ୱର ନାଏକ, ବଳରାମ ପଟେଲ, ପଞ୍ଚା ନାଏକ, କୃଷ୍ଣ ଛତ୍ରିଆ, ପଞ୍ଚା ପଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହାର ତୁରନ୍ତ ମରାମତି କରା ନ ଗଲେ ଏଠାକାର ଚାଷୀମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହେବେ ବୋଲି ଅଭିଯୋଗ କରିଛନ୍ତି । ଜିଲାପାଳ ତୁରନ୍ତ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି। ଏନେଇ କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ତ୍ରିଲୋଚନ ବେହେରାଙ୍କୁ ପଚାରିବାରୁ ଗତବନ୍ୟାରେ କଟି ଯାଇଥିବା ଚେକଡ୍ୟାମ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମାଟି କାମ କରାଯାଇଛି। ଡ୍ୟାମ କଂକ୍ରିଟରେ ଯେଉଁ ଫାଟ ହୋଇଛି ତାହାର ମରାମତି ଲାଗି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି।



ନିର୍ମିତ ଚେକ୍‌ଡ୍ୟାମରେ ଫାଟ ସୃଷ୍ଟି ହୋଇଛି ।

## ବୃଦ୍ଧାଙ୍କୁ ମିଳିନି ବାର୍ଦ୍ଧକ୍ୟ ଭତ୍ତା, ପିଇଓଙ୍କୁ ଭେଟିଲେ



ଉକିଆ ପୁଟାଙ୍କୁ ଭତ୍ତା ପ୍ରଦାନ ଲାଗି ପିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

**ଦେଓଗାଁ, ୨୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଦର ବ୍ଲକ ଭୂତିଆରବାହାଲ ପଞ୍ଚାୟତ ନାରାୟଣପୁର ଗାଁର ଉକିଆ ପୁଟା(୬୫)। ଗତ ୧୫ବର୍ଷ ହେଲା ସେ ନିଜର ବାକ୍‌ଶକ୍ତି ହରାଇ ବସିଛନ୍ତି। ଅର୍ଥାଭାବ ଯୋଗୁ ଉଚ୍ଚ ଚିକିତ୍ସା ହୋଇ ପାରୁନାହିଁ। ତାଙ୍କୁ ଏ ଯାଏ ବାର୍ଦ୍ଧକ୍ୟ ଭତ୍ତା ମିଳିନାହିଁ। କୁଡାସିଂହା ମାହେଶ୍ୱରୀ ସଂଗଠନର କର୍ମକର୍ତ୍ତା ତାଙ୍କ ଘରକୁ ଯାଇ ଉକିଆଙ୍କ ସମ୍ପର୍କରେ ତାଙ୍କ ସ୍ୱାମୀ ମୁରଲୀ ପୁଟାଙ୍କଠାରୁ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ପରେ ସେମାନେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ବୃଦ୍ଧାଙ୍କୁ ଭତ୍ତା ଯୋଜନାରେ ତୁରନ୍ତ ସାମିଲ କରିବା ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ଶ୍ୟାମମୋହନ ବଡ଼ାଇଙ୍କ ନିକଟରେ ଦାବି କରିଥିଲେ। ସଂଗଠନର ମହିଳା ଶାଖା ସଂଯୋଜିକା ପ୍ରିୟଦର୍ଶିନୀ ନାଥ, ସହସଂଯୋଜିକା ସୋନମ ସାହୁ, ମନୀଷା ସାହୁ, ପ୍ରିୟଙ୍କା ନାଏକ, ବର୍ଷାରାଣୀ ସାହୁ, ତୃପ୍ତି ସାହୁ, ଅନୀତା ସାହୁ, ପ୍ରୀତିପ୍ରଜ୍ଞା ସାହୁ, ଅଳକା ସେନାପତି, ସାଗରିକା ସାହୁ, ଜ୍ୟୋତିର୍ମୟୀ ଦଲାଇ, ନନ୍ଦିନୀ ବେହେରା, ରୋଜା ପଧାନ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ।

## ସମ୍ପନ୍ନ ହେଲା ନବକଳେବର ଯଜ୍ଞ

**ଲୋଇସିଂହା,୨୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ଗ୍ରାମ ଜଗନ୍ନାଥ ମନ୍ଦିର ପରିସରରେ ଚାଲିଥିବା ନବକଳେବର ଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଭୁ ବଳଦେବଙ୍କ ବ୍ରହ୍ମ ପରିବର୍ତ୍ତନ କରାଯାଇ ଶୁକ୍ରବାର ରାତିରେ ପୁରୁଣା ବିଗ୍ରହକୁ ପାତାଳୀକରଣ କରାଯାଇଥିଲା । ୨ଶହ ବର୍ଷ ପୂର୍ବେ ଗୌନ୍ତିଆ ସ୍ୱର୍ଗତ ଭୁବନ ଖାନସାମାଙ୍କ ସମୟରେ ମନ୍ଦିର ପ୍ରତିଷ୍ଠା ଓ ବଳଦେବ ଠାକୁର ପୂଜା ପାଇ ଆସୁଛନ୍ତି। ସେହି ସମୟରୁ ବିଗ୍ରହ କେବେ ପରିବର୍ତ୍ତନ କରାଯାଇ ନ ଥିଲା । ନବକଳେବର ପାଇଁ ଗ୍ରାମାବସୀ ଓ ମନ୍ଦିର କମିଟି ପକ୍ଷରୁ ଗତବର୍ଷ ଚୂଡ଼ାନ୍ତ ହୋଇଥିଲା । ଏଥିପାଇଁ ଗତ ୧୭ ତାରିଖ କଳସ ଯାତ୍ର, ୧୮ ତାରିଖ ଅଧିବାସ ଓ ୧୯ ତାରିଖ ନବ ବିଗ୍ରହ ଜୀବନ୍ୟାଶ ପାଇଁ ଷୋଡ଼ଶ ପୂଜା ରୀତିନୀତିରେ ପ୍ରଧାନ ଆଚାର୍ଯ୍ୟ ନିତ୍ୟାନନ୍ଦ ମିଶ୍ର ଓ ସହଯୋଗୀ ସମାପନ କରିଥିଲେ । ବାବା କୃଷ୍ଣଚିନ୍ତନ ଦାସଙ୍କ ପୌରୋହିତ୍ୟରେ ପ୍ରଧାନ ଯଜ୍ଞ ଅନୁଷ୍ଠିତ ହୋଇଥିଲା ।

# ବ୍ରହ୍ମପୁରା ଠାକୁରଙ୍କ ନବଯୌବନ ବେଶ



ଶନିବାର ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରା ଠାକୁରଙ୍କ ନବଯୌବନ ବେଶ ।

**ସମ୍ବଲପୁର, ୨୦।୬ (ବ୍ୟୁରୋ)**

ନବଯୌବନ ବେଶରେ ବ୍ରହ୍ମପୁରା ଠାକୁର ଶନିବାର ଦର୍ଶନ ଦେଇଛନ୍ତି। ହେଲେ କୋଭିଡ– ୧୯ କଟକଣା ଯୋଗୁ ଭକ୍ତଙ୍କ ସେତେଟା ଭିଡ ଦେଖିବାକୁ ମିଳି ନ ଥିଲା । କେବଳ ମନ୍ଦିର ପୂଜକ, ପଣ୍ଡିତ, ସେବାୟତମାନେ ନୀତିକାନ୍ତି କରିଥିଲେ। ନିର୍ଦ୍ଧାରିତ ନୀତି ଅନୁସାରେ ପୂର୍ବାହ୍ନ ୧୦ଟାରେ ନେତ୍ରୋତ୍ସବ, ହୋମ, ଆଳତି, ରଥ ପ୍ରତିଷ୍ଠା କାର୍ଯ୍ୟକ୍ରମ ହୋଇଥିଲା । ଅପରାହ୍ନ ୪ଟାରେ ନୂତନ ଧ୍ୱଜା ରୋପଣ ହେବା ପରେ ଭକ୍ତମାନେ ସାମାଜିକ ଦୂରତ୍ୱ ରକ୍ଷାକରି ନବଯୌବନ ବେଶ ଦର୍ଶନ କରିଥିଲେ । ମନ୍ଦିର ପୂଜକ ସନ୍ତୋଷ ପଣ୍ଡା ପୂଜାର୍ଚ୍ଚନା କରିଥିଲେ । ପଣ୍ଡିତ ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ଗୋପାଳ ପଣ୍ଡା ହୋମ ନୀତିକାନ୍ତି କରିଥିଲେ । ସେବାୟତ ପ୍ରାଣରଞ୍ଜନ ପଣ୍ଡା, ସୁଧାଂଶୁ ବାବୁ, ସୀତାରାମ ସୁପକାର, କୈଳାଶ ପଣ୍ଡା ସହଯୋଗ କରିଥିଲେ । ଏଥିସହ କରୋନା କଟକଣାକୁ ଦୃଷ୍ଟିରେ ରଖି ସାମାଜିକ ଦୂରତ୍ୱ ସହ ସମ୍ବଲପୁରର ୨୮ଟି ଜଗନ୍ନାଥ ମନ୍ଦିରରେ ନବଯୌବନ ବେଶ କରାଯାଇଥିଲା।

# ବରଗଡ଼ ଜିଲାରେ ହେବନି ରଥଯାତ୍ରା

**ବରଗଡ଼ ଅଫିସ,୨୦।୬**

ରାଜ୍ୟରେ କରୋନା ମହାମାରୀ ଜନିତ କଟକଣା ଜାରି ରହିଛି। ଏଥିପାଇଁ ଶନିବାର ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପଧାନ ଜିଲାର କୌଣସି ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇପାରିବ ନାହିଁ ବୋଲି ନିଜ ପତ୍ରାଙ୍କ ସଂଖ୍ୟା ୬୭୨୧/୨୦.୦୬.୨୦୨୦ରେ ଘୋଷଣା କରିଛନ୍ତି। ଏ ନେଇ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି । ତେବେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୨୨୫ କ୍ରମେ କୋଭିଡ଼– ୧୯ ନିର୍ଦ୍ଦେଶାବଳୀ ଅନୁଯାୟୀ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ଚଳିତ ବର୍ଷ ମହାପ୍ରଭୁଙ୍କ ରଥ ନିର୍ମାଣ ହେବ ନାହିଁ କିମ୍ବା ରଥଟଣା ମଧ ହେବନାହିଁ। ବିନା ଭକ୍ତ ସମାଗମରେ ବିଧିରକ୍ଷା ପୂର୍ବକ ମନ୍ଦିର ପରିସରରେ କେବଳ ଅନୁମତି ପ୍ରାପ୍ତ ମନ୍ଦିର ସେବାୟତଙ୍କୁ ନେଇ ନୀତିକାନ୍ତି, ରଥଯାତ୍ରା ଏବଂ ବାହୁଡ଼ାଯାତ୍ରା ସାମାଜିକ ଦୂରତ୍ୱ ବଜାୟ ରଖି ନିରାଡ଼ମ୍ବର ଭାବେ ଆୟୋଜନ କରିବା ପାଇଁ ପତ୍ରରେ ଦର୍ଶାଯାଇଛି । ଏ ନେଇ ପଦକ୍ଷେପ ନେବାକୁ ବରଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ, ଉପଜିଲାପାଳ, ସମସ୍ତ ବିଡିଓ, ତହସିଲଦାର, ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି ।

## ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୨୦।୬ (ବ୍ୟୁରୋ):** ଲଦାଖର ଗଲୱାନା ଉପତ୍ୟକାରେ ଚାଇନା ସେନାଙ୍କୁ ଆକ୍ରମଣରେ ଶହୀଦ ହୋଇଥିବା ୨୦ଜଣ ଭାତୀୟ ଯବାନଙ୍କୁ ସମ୍ବଲପୁର ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଶନିବାର ବରେଇପାଲିସ୍ଥିତ କାର୍ଯ୍ୟାଳୟରେ ସଂଘର କର୍ମକର୍ତ୍ତାମାନେ ବୀରଯୋଦ୍ଧାଙ୍କ ପ୍ରତିଛବିରେ ମହମବତୀ ଜାଳି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସଂଘ ସଭାପତି ସୁରେନ୍ଦ୍ର ସିଂ, ଉପସଭାପତି ସନ୍ତୋଷ କୁମାର ଅଗ୍ରୱାଲ, ସାଧାରଣ ସମ୍ପାଦକ ରବୀନ୍ଦ୍ର ପ୍ରସାଦ କୁଅଁର, ଯୁଗ୍ମସମ୍ପାଦକ ସନ୍ତୋଷ ଲାମ୍ବା, କୋଷାଧ୍ୟକ୍ଷ ନରେଶ ଅଗ୍ରୱାଲ, ସଭ୍ୟ ଉମେଶ ଶ୍ରୀରାମକା, ବସୁଦେବ ଅଗ୍ରୱାଲ, ମହେନ୍ଦ୍ର ସିଂ ରୈନା, ପ୍ରହଲ୍ଲାଦ ଅଗ୍ରୱାଲ, ଶିବଶଙ୍କର ଯାଦବ, ଅଶୋକ ଜେଟି, ରାଜେଶ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁଇ ଜଣଙ୍କ ମୃତଦେହ ଉଦ୍ଧାର

**କଣ୍ଟାବାଞ୍ଜି, ୨୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଳ ଷ୍ଟେଶନ ଅଞ୍ଚଳରେ ଶୁକ୍ରବାର ୨ ଭିକାରିଙ୍କର ମୃତଦେହ ଉଦ୍ଧାର ହୋଇଛି । ଜଣଙ୍କର ପରିଚୟ ମିଳି ନ ଥିବା ବେଳେ ଅନ୍ୟ ଜଣକ ହେଲେ ରାଜକୁମାର ସିଂ (୪୭) । କଣ୍ଟାବାଞ୍ଜି ଜିଆର୍‌ପି ସ୍ଥାନୀୟ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ଏ ନେଇ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରଖିଥିବା ଜିଆର୍‌ପି ଅଧିକାରୀ ମୋହନ କୁମାର ନାୟକ କହିଛନ୍ତି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ।

## ପ୍ରୋତ୍ସାହନ ଯୋଗାଇବାରେ ଅବହେଳା

**ନୂଆପଡା ଅଫିସ,୨୦।୬**

ମହାମାରୀ କରୋନାକୁ ମୁକାବିଲା କରିବାକୁ ସରକାରୀ ସ୍ତରରେ ଯେତିକି ତତ୍ପରତା ଦେଖାଯାଉଥିଲା ପ୍ରୋତ୍ସାହନ ଯୋଗାଇବାରେ ସେତିକି ଅବହେଳା କରାଯାଉଛି ବୋଲି ପଞ୍ଚାୟତ ସମିତି ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ସଦସ୍ୟମାନେ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଏହା ଉପସ୍ଥାପନ କରିଛନ୍ତି। ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଡିଓ ସୁବେଦାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଚିନିଲାଲ ସାହୁ, ଜିଲା ଗ୍ରାମପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, ହୋମସିଂ ମାଝି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ପଞ୍ଚାୟତ ସମିତି ପାଇଁ ୨୦୨୦– ୨୧ ଆର୍ଥିକ ବର୍ଷ ସକାଶେ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଥିବାବେଳେ ବିଗତ ଦିନରେ କ'ଣ ସବୁ ପଦକ୍ଷେପ ନିଆଯାଇଥିଲା ସେ ଉପରେ ସମୀକ୍ଷା କରାଯାଇଥିଲା । କରୋନାକୁ କିପରି ମୁକାବିଲା କରାଯାଇପାରିବ ସେଥିସକାଶେ ସମସ୍ତଙ୍କର ମତଗ୍ରହଣ କରାଯାଇଥିଲା।

**ରଥଯାତ୍ରା ଦାବିରେ ଆଠମଲ୍ଲିକ ବନ୍ଦ**

ଆଠମଲ୍ଲିକ, ୨୦।୬(ଡି.ଏନ.ଏ.)- ପୁରୀ ରଥଯାତ୍ରା କରାଇବାକୁ ରାଜ୍ୟ ସରକାର ଉଚିତ ପଦକ୍ଷେପ ନେବା ଦାବି କରି ଶନିବାର ଆଠମଲ୍ଲିକ ଜଗନ୍ନାଥ ସେନା ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ଏଥିସହ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସରକାର ତୁରନ୍ତ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି।

## ସଂକ୍ଷେପରେ

### ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ପରଜଙ୍ଗ, ୨୦।୬(ଡି.ଏନ.ଏ.):** ପରଜଙ୍ଗ ଥାନା ଗଇଲୋ ଗ୍ରାମର ବେଣୁଧର ସାହୁଙ୍କ ମୃତଦେହ ଶନିବାର ଏକ ଆମ୍ବଗଛ ମୂଳରୁ ଉଦ୍ଧାର କରାଯାଇଛି। ସେ ଶୁକ୍ରବାର ସନ୍ଧ୍ୟାରେ ବାଛୁରି ଖୋଜିବାକୁ ଯାଇ ଆଉ ଫେରି ନ ଥିଲେ। ବଜ୍ରପାତରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ସାଆନ୍ଦା ଫାଣ୍ଡି ଅଧିକାରୀ ରଞ୍ଜନ ପିଙ୍ଗୁଆ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ତହସିଲଦାର ଜୟନ୍ତ କୁମାର ଜୟସିଂ କୁହନ୍ତି, ବ୍ୟବଚ୍ଛେଦ ରିପୋର୍ଟରୁ ଏହା ବଜ୍ରପାତଜନିତ କି ନୁହେଁ ସ୍ପଷ୍ଟ ହେବ।

### ୧୧ କେଭି ତାରରେ ଲାଗି ଯୁବକ ଗୁରୁତର

**କାମାକ୍ଷାନଗର, ୨୦।୬(ଡି.ଏନ.ଏ.):** ଅସୁରକ୍ଷିତ ଅବସ୍ଥାରେ ଖୁଣ୍ଟରେ ଚଢ଼ି ବିଦ୍ୟୁତ୍ ତାର ସଜାଡୁଥିବାବେଳେ ୧୧ କେଭି ତାର ସଂସ୍ପର୍ଶରେ ଆସି କାମାକ୍ଷାନଗର ଥାନା ଆଲୁଅଝରଣ ଗ୍ରାମର ଅକ୍ଷୟ ବେହେରା (୨୦) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବିଦ୍ୟୁତ୍ ଝଟ୍‌କା ଖାଇବା ପରେ ସେ ଏଲ୍‌ଟି ଲାଇନ୍ ଉପରେ ଲାଗି ରହିଥିଲେ। ପାଖପଡ଼ୋଶୀ ତାଙ୍କୁ ନିଶୁଣି ସହାୟତାରେ ତଳକୁ ଆଣି ଚିକିତ୍ସାଳୟକୁ ନେଇଥିଲେ।

### ଗାଡ଼ି ଧକ୍କାରେ ଶ୍ରମିକ ମୃତ

**ବଅଁରପାଳ, ୨୦।୬(ଡି.ଏନ.ଏ.):** ବଅଁରପାଳ ଥାନା ନୂଆହତା ନିକଟ ୫୫ନଂ. ଜାତୀୟ ରାଜପଥରେ ଶନିବାର ଗାଡ଼ି ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଜିଲାର ଶାରଦା ରାଉତ। ସେ ବଅଁରପାଳରେ ଭଡ଼ା ଘରେ ରହି ଟାଟାଷ୍ଟିଲ ବିଏସ୍‌ଏଲ କମ୍ପାନୀରେ କାମ କରୁଥିଲେ। ବାଇକ୍‌ରେ କଣ୍ଟାବଣିଆ ଆଡକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।

### ଅବକାରୀ ଚଢ଼ାଉ, ୮ ଗିରଫ

**ଢେଙ୍କାନାଳ ଅଫିସ/ବଇଣ୍ଡା (ଡି.ଏନ.ଏ.), ୨୦।୬:** ଚୋରା ମଦ କାରବାର ଅଭିଯୋଗରେ ଢେଙ୍କାନାଳ ଅବକାରୀ ବିଭାଗ ନିହଲପ୍ରସାଦର ମୋହନ ତରାଇ, କାଶୀପୁରର ସୁଶାନ୍ତ ନାୟକ, ଦିଗମ୍ବରପୁରର ଗୌରାଙ୍ଗ ମଲ୍ଲିକ ଏବଂ ଗଁଦିଆ ଥାନା ମାଧପୁରର ଦିଲୀପ ସାହୁଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୨୦ ଲିଟର ମଦ ଏବଂ ପୋଚ ଜବତ କରାଯାଇଛି। ଅବକାରୀ ଇନ୍ସପେକ୍ଟର ସୁଶ୍ରୀ ସଙ୍ଗୀତା ମହାନ୍ତିଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଅନୁରୂପ ଭାବେ ହଣ୍ଡପା, ଆଠମଲ୍ଲିକ ଥାନା ଅଞ୍ଚଳରେ ଚଢ଼ାଉ ବେଳେ ଲୁହାମୁଣ୍ଡାର ସୁରେଶ ସାହୁ, ରାଣୀଭୂଇଁର ଶ୍ରୀବତ୍ସ ନାୟକ, ଅନନ୍ତପାଲିର ମୋହନ ବେହେରା ଏବଂ ପୂର୍ଣ୍ଣ ବେହେରା ଗିରଫ ହୋଇଛନ୍ତି। ଆଠମଲ୍ଲିକ ଅବକାରୀ ନିରୀକ୍ଷକ ସୁମତି ତ୍ରିପାଠୀ, ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି ପ୍ରମୁଖ ଚଢ଼ାଉ କରିଥିଲେ।

### ଟଙ୍କା ନ ଦେବାରୁ ଯୁବକଙ୍କ ଆତ୍ମହତ୍ୟା

**ଅନୁଗୋଳ ଅଫିସ, ୨୦।୬:** ଅନୁଗୋଳ ସହର ଉପକଣ୍ଠ ଖଲାରୀ ବିଶ୍ୱାଳସାହିରେ ହରି ମହାକୁଡ଼ (୨୪) ଶନିବାର ଆତ୍ମହତ୍ୟା କରିଛନ୍ତି। ଘର ଲୋକେ ଖର୍ଚ୍ଚ କରିବାକୁ ଟଙ୍କା ଦେବାକୁ ମନା କରିବା ପରେ ସେ ଘରେ ବେକରେ ଗାମୁଛା ଲଗାଇ ଜୀବନ ହାରିଥିବା ପରିବାର ଲୋକେ କହିଛନ୍ତି। ସମ୍ପର୍କୀୟମାନେ ତାଙ୍କୁ ଜିଲା ଚିକିତ୍ସାଳୟକୁ ଆଣିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମାଝି ଘଟଣାର ତଦନ୍ତ କରୁଛନ୍ତି।

### ଯୁବତୀଙ୍କ ପିଠିରେ ଶାବଳ ଭୁସିଦେଲେ

**ଅନୁଗୋଳ ଅଫିସ, ୨୦।୬**
ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସହର ଉପକଣ୍ଠ କରଡ଼ାଗାଡ଼ିଆ ଗ୍ରାମର ଶଙ୍କର ଦାସଙ୍କ ଝିଅ ପ୍ରମିତା ଦାଶ(୩୦)ଙ୍କୁ ଶନିବାର ମରଣାନ୍ତକ ଆକ୍ରମଣ ହୋଇଛି। ଜମିବାଡି ବିବାଦରୁ ଅଭିଯୁକ୍ତମାନେ ତାଙ୍କ ପିଠିରେ ଶାବଳ ଭୁସି ଦେଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଶଙ୍କର ଓ ଗ୍ରାମର ଶନି ଦାଶଙ୍କ ମଧ୍ୟରେ ଜମିଜମାକୁ ନେଇ ବିବାଦ ଲାଗି ରହିଛି। ସନ୍ଧ୍ୟା ବେଳେ ପ୍ରମିତା ଘର ସାମ୍ନାରେ ଛିଡ଼ା ହୋଇଥିବାବେଳେ ଶନି ତାଙ୍କ ପିଠିକୁ ଶାବଳରେ ଭୁସି ଦେଇଥିଲେ। ପ୍ରମିତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ବିନା ଅନୁମତିରେ ଲାଗିଛି ୩୮ ଏସି

**ଅନୁଗୋଳ ଅଫିସ, ୨୦।୬**

**ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ**


ମେଡିକାଲରେ ଲାଗିଥିବା ଏସି।

- ଡିଏମ୍‌ଏଫ୍ ଟଙ୍କା ଅପବ୍ୟବହାର ଅଭିଯୋଗ
- ଅଧିକ ଲୋଡ୍ ଯୋଗୁ ଦୁର୍ଘଟଣା ଆଶଙ୍କା

ରୋଗୀଙ୍କୁ ସୁବିଧା ଯୋଗାଇବା ଆଳରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚାଲିଛି ମନମୁଖି କାମ। ଦୁର୍ଘଟଣା ଘଟିବା ଆଶଙ୍କା ଥିବା ସତ୍ତ୍ୱେ କର୍ତ୍ତୃପକ୍ଷ ବିନା ଅନୁମତିରେ ୩୮ ଶୀତତାପ ନିୟନ୍ତ୍ରକ (ଏସି) ଲଗାଇଥିବା ଅଭିଯୋଗ ହୋଇଛି। ଏଥିପାଇଁ ସ୍ୱତନ୍ତ୍ର ଟ୍ରାନ୍ସଫର୍ମରର ବ୍ୟବସ୍ଥା କରାଯାଇ ନ ଥିବାରୁ ଅଧିକ ଲୋଡ ଯୋଗୁ କେଉଁ ମୁହୂର୍ତ୍ତରେ କ'ଣ ଘଟିବ ତାହା କହିହେଉନାହିଁ। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଗରମରେ ରୋଗୀ ହନ୍ତସନ୍ତ ନ ହେବାକୁ ଚିକିତ୍ସାଳୟରେ ଏସି ଲଗାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଆବଶ୍ୟକ ଅର୍ଥ ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ପାଣ୍ଠିରୁ ଖର୍ଚ୍ଚ ହେବାକୁ ଜିଲା ଓ ମେଡିକାଲ ପ୍ରଶାସନ ମଧ୍ୟରେ ସ୍ଥିର ହୋଇଥିଲା। କେଉଁ ସ୍ଥାନରେ କେତୋଟି ଏସି ଲାଗିବ ତାହା ପୂର୍ତ୍ତ ବିଭାଗର ଜେନେରାଲ ଇଲେକଟ୍ରିକ ଡିଭିଜନ୍ (ଜିଇଡି) ସ୍ଥିର କରିବ ବୋଲି ଆଲୋଚନା ବେଳେ ପ୍ରଶାସନ ସ୍ପଷ୍ଟ କରିଥିଲା। କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ଜିଇଡିର ବିନା ଅନୁମତିରେ ମେଡିକାଲରେ ୩୮ଟି ଏସି ଲଗାଯାଇଥିବା ଅଭିଯୋଗ ହୋଇଛି। ଏଥିପାଇଁ ପୂର୍ବତନ ସିଡିଏମ୍‌ଓଙ୍କଠାରୁ ଫାଇଲରେ ଦସ୍ତଖତ କରାଇ ଏପରି କରାଯାଇଥିବା ଚର୍ଚ୍ଚା ହେଉଛି। ମେଡିକାଲର ୩ ମହଲାରେ ଥିବା ସର୍ଜରୀ ୱାର୍ଡ, ମେଡିସିନ୍ ୱାର୍ଡ, ଲାବରେଟୋରି ପ୍ରମୁଖ ସ୍ଥାନରେ ୧୨ଟି ଏସି ଲଗାଯାଇଥିବାବେଳେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ୧୮ଟି ଏସି ଲଗାଯାଇଛି। ଏଥିସହ ୭ଟି ଏସି ଓପିଡି (ବହିର୍ବିଭାଗ)ରେ ଲାଗିଥିବାବେଳେ ଗୋଟିଏ ଏସି ଯକ୍ଷ୍ମା ଓ ଛାତି ବିଭାଗର ଓପିଡିରେ ଲଗାଯାଇଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ହେଲେ ସେଥିମଧ୍ୟରୁ ୪ଟି ଅକାମୀ ହୋଇପଡ଼ିଥିବାବେଳେ ୮ଟି କେବଳ କାନ୍ଥରେ ଝୁଲୁଛି। ଏହି ଏସିଗୁଡିକୁ ବିଦ୍ୟୁତ ସଂଯୋଗ ନ ଥିବାରୁ ମେଡିକାଲ କର୍ତ୍ତୃପକ୍ଷ ଏଥି ପାଇଁ ଜିଇଡିକୁ ଅନୁମତି ମାଗିଥିବା ଜଣାପଡିଛି। ଅନ୍ୟପକ୍ଷରେ କାର୍ଯ୍ୟକ୍ଷମ ଥିବା ଅନ୍ୟ ଏସିଗୁଡିକ ପାଇଁ ମେଡିକାଲକୁ ବିଦ୍ୟୁତ୍ ସଂଯୋଗ ପାଇଁ ଥିବା ଟ୍ରାନ୍ସଫର୍ମର ଉପରେ ଲୋଡ ପଡୁଛି। ସୂଚନା ମୁତାବକ, ଦୁଇଟି ଟ୍ରାନ୍ସଫର୍ମରରୁ ଡାକ୍ତରଖାନାକୁ ଏବେ ୫ ଶହ କେଭି ବିଦ୍ୟୁତ୍ ସରବରାହ ହେଉଛି। ଅନ୍ୟ ଏକ ୫ ଶହ କେଭି ଟ୍ରାନ୍ସଫର୍ମର ୬ ମାସ ହେବ ମେଡିକାଲରେ ଲାଗିଥିଲେ ମଧ୍ୟ ସେଥିରେ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନାହିଁ। ତେଣୁ ଏବେ ପୁଣି ଏସି ଲାଗିବା ପରେ ଲୋଡ ପଡି ଟ୍ରାନ୍ସଫର୍ମର ପୋଡିଯିବା କିମ୍ବା ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ମେଡିକାଲରେ ବୈଦ୍ୟୁତିକ ସାମଗ୍ରୀ ଲଗାଗଲେ ପ୍ରଥମେ ଗ୍ରୀଡର ଓ ପରେ ମେଡିକାଲ ମ୍ୟାନେଜରଙ୍କ ନିକଟରୁ ଅନୁମତି ନିଆଯିବାକୁ ନିୟମ ଥିଲେ ମଧ୍ୟ ଅନୁଗୋଳରେ ଏଥିରେ ବ୍ୟତିକ୍ରମ ହୋଇଥିବା ଅଭିଯୋଗ ଉଠିଛି।

ଏ ସମ୍ପର୍କରେ ସିଡିଏମ୍‌ଓ ପ୍ରତାପ କୁମାର ବେହେରା କହିଛନ୍ତି, ଘଟଣା ସମ୍ପର୍କରେ ଅବଗତ ନାହିଁ। ଏହାର ଅନୁଧ୍ୟାନ ପରେ ଯଦି ଏପରି ହୋଇଥିବା ଜଣାପଡିବ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ବାବଦରେ ଜିଇଡିର ଜଣେ ଅଧିକାରୀ କହିଛନ୍ତି, ମେଡିକାଲରେ ଏସି ଲାଗିଥିବା ଆମେ ଦେଖିଛୁ। କିନ୍ତୁ ଏ ନେଇ ଆମ ନିକଟରୁ କୌଣସି ଅନୁମତି ନିଆଯାଇ ନାହିଁ। ଅନୁଗୋଳର ଭାଜପା ନେତା ପ୍ରତାପ ଚନ୍ଦ୍ର ପ୍ରଧାନ ଡିଏମ୍‌ଏଫ ପାଣ୍ଠି ଅପବ୍ୟବହାର କରାଯାଇଥିବା ଅଭିଯୋଗ କରିଛନ୍ତି। ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଦଳ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ୨ ଘଣ୍ଟାରେ ମିଳିଲା ପଟ୍ଟା

**ଢେଙ୍କାନାଳ ଅଫିସ, ୨୦।୬**

କବଲା ହେବାର ମାତ୍ର ୨ ଘଣ୍ଟା ମଧ୍ୟରେ ଆବେଦନକାରୀଙ୍କୁ ମିଳିଛି ଜମି ପଟ୍ଟା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଢେଙ୍କାନାଳ ତହସିଲ ପ୍ରଶାସନ ପକ୍ଷରୁ ଏପରି ତ୍ୱରିତ ପଦକ୍ଷେପ ନିଆଯାଇଛି, ଯାହା ଜିଲାରେ ପ୍ରଥମ ବୋଲି କୁହାଯାଉଛି।

ନାଗିଆପଶି ପଞ୍ଚାୟତ ଅଧୀନ କୃଷ୍ଣକୁମାରପୁର ମୌଜାର ଉଗ୍ରସେନ ଗଡନାୟକ ତାଙ୍କ ଭାଇ ଶିଶିର ଗଡ଼ନାୟକଙ୍କଠାରୁ ୪୦ ଡେସିମିଲ ଜମି କିଣିଥିଲେ। ଜମି ରେଜିଷ୍ଟ୍ରେଶନ୍ କବଲା ହେବାର ଦୁଇଘଣ୍ଟା ପରେ ମ୍ୟୁଟେଶନ ହୋଇ ଉଗ୍ରସେନଙ୍କୁ ପଟ୍ଟା ମିଳିଥିଲା। ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ତହସିଲଦାର ଲକ୍ଷ୍ମୀଧର ରାଉତଙ୍କ ଉପସ୍ଥିତିରେ ଉଗ୍ରସେନଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା।

ଏ ସମ୍ପର୍କରେ ଉପଜିଲାପାଳ କୁହନ୍ତି, ପୂର୍ବରୁ ଆବେଦନକାରୀଙ୍କୁ କବଲା ପରେ ୩ମାସ ମଧ୍ୟରେ ପଟ୍ଟା ଦିଆଯାଉଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଏହି କାର୍ଯ୍ୟ ମାତ୍ର କେଇଘଣ୍ଟାରେ ସମ୍ପୂର୍ଣ୍ଣ ହୋଇଛି। ଜାଗା ବିକ୍ରି ସମୟରେ ଅଂଶୀଦାର ଉପସ୍ଥିତ ଥିଲେ। ତେଣୁ ନୋଟିସ ଜାରି ହେବ ନାହିଁ କି ସରଜମିନ ତଦନ୍ତ କରାଯିବ ନାହିଁ। କବଲା ପରେ ତୁରନ୍ତ ଜମି କିଣିଥିବା ବ୍ୟକ୍ତିଙ୍କୁ ପଟ୍ଟା ହସ୍ତାନ୍ତର କରାଯିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି।


ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଉଛି।

## ଶ୍ରୀଜୀଉଙ୍କ ନବଯୌବନ ବେଶ



ସିଦ୍ଧ ବଳରାମଜୀଉଙ୍କ ମନ୍ଦିର ପରିସରରେ ଶନିବାର ଅନୁଷ୍ଠିତ ଶ୍ରୀଜୀଉଙ୍କ ନବଯୌବନ ବେଶ।

**ଢେଙ୍କାନାଳ ଅଫିସ, ୨୦।୬**

ଜ୍ୱରରୁ ଆରୋଗ୍ୟ ହୋଇଛନ୍ତି ମହାପ୍ରଭୁ। ଦୀର୍ଘ ୧୫ଦିନ ଅଣସର ଘରେ ରହିବା ପରେ ଶନିବାର ଶ୍ରୀଜୀଉଙ୍କ ନବଯୌବନ ବେଶ ଅନୁଷ୍ଠିତ ହୋଇଛି। ତେବେ କରୋନା କଟକଣା କାରଣରୁ ଚଳିତ ବର୍ଷ ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରିବାକୁ ବଞ୍ଚିତ ହୋଇଛନ୍ତି ଶ୍ରଦ୍ଧାଳୁ। ଏହି ଉପଲକ୍ଷେ ଢେଙ୍କାନାଳସ୍ଥିତ ଶ୍ରୀବଳରାମ ମନ୍ଦିର ପରିସରରେ ସକାଳେ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ସାଢ଼େ ୭ଟାରେ ନେତ୍ରୋତ୍ସବ ବିଧି ଅନୁଷ୍ଠିତ ହୋଇଥିଲା। ମନ୍ଦିର ଚୂଡ଼ାରେ ନୂତନ ନେତ ଲାଗିବା ପରେ ଠାକୁରଙ୍କ ନିକଟରେ ଖେଚୁଡି ଭୋଗ ଲାଗି ହୋଇଥିଲା। ହାତଗଣତି ସେବାୟତଙ୍କୁ ନେଇ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଛି।

ଆସନ୍ତା ୨୩ ତାରିଖରେ ମନ୍ଦିର ବେଢ଼ାରେ ପ୍ରତୀକାତ୍ମକ ଭାବେ ରଥଯାତ୍ରା ଅନୁଷ୍ଠିତ ହେବ। ମହାପ୍ରଭୁ ପହଣ୍ଡି ହୋଇ ମନ୍ଦିର ପରିସରରେ ଥିବା ଝୁଲଣ ଘରେ ବିଜେ ହେବେ। ବାହୁଡାଯାତ୍ରାରେ ଝୁଲଣ ଘରୁ ଶ୍ରୀଜୀଉଙ୍କୁ ରତ୍ନ ସିଂହାସନକୁ ନିଆଯିବ। ଝୁଲଣ ଘରେ ବଡ଼ ଏକାଦଶୀ ଦିନ ସୁନାବେଶ ଅନୁଷ୍ଠିତ ହେବ ବୋଲି ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

### ଅଧିକାରୀଙ୍କୁ ଧମକାଇଥିବା ଅଭିଯୁକ୍ତ ଗିରଫ

**ଢେଙ୍କାନାଳ ଅଫିସ, ୨୦।୬**

ପଥର ଖାଦାନରେ ଚଢ଼ାଉ ସମୟରେ ଅଧିକାରୀଙ୍କୁ ଧମକାଇଥିବା ଅଭିଯୋଗରେ ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳର ଦୀପକ ଜେନାଙ୍କୁ ପୋଲିସ ଗିରଫ କରିଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଅଭିଯୋଗ କ୍ରମେ ସଦର ଥାନାରେ ନଂ. ୨୩୧/୨୦ରେ ଏକ ମାମଲା ରୁଜୁ କରାଯାଇଥିଲା।

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

**ବଇଣ୍ଡା, ୨୦।୬(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସଦାନନ୍ଦପୁର ଗ୍ରାମର ମମତା ନାହାକଙ୍କୁ ଶାଶୁ ଲାବଣ୍ୟ ବିଶ୍ୱାଳ, ଶ୍ୱଶୁର କିଶୋରୀ ବିଶ୍ୱାଳ ଯୌତୁକ ନିର୍ଯାତନା ଦେଉଥିବା ଶନିବାର ଅଭିଯୋଗ ହୋଇଛି। ପୋଲିସ ନଂ. ୮୪/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ୨୦୧୬ରେ ମମତା ଓ ବିଭୂତିଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ବର୍ଷେ ତଳେ ତାଙ୍କର ଝିଅ ହେବା ପରଠାରୁ ଶାଶୁଘର ଲୋକେ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି।

## ଧ୍ରୁବଚରଣଙ୍କ ଘରେ ଜଳିଲା ବିଜୁଳି

**ବଇଣ୍ଡା, ୨୦।୬(ଡି.ଏନ.ଏ.)**

**'ଧରିତ୍ରୀ' ପ୍ରଭାବ**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ବୈଷ୍ଣବସାହିର ଭିନ୍ନକ୍ଷମ ଧ୍ରୁବଚରଣଙ୍କ ଘରେ ଶନିବାର ବିଜୁଳି ଜଳିଛି। ବିଦ୍ୟୁତ୍ ଖୁଣ୍ଟଠାରୁ ମାତ୍ର ୨୫ ମିଟର ଦୂରରେ ଥାଇ ମଧ୍ୟ ଓୟାରିଂର ୨ ବର୍ଷ ପରେ ବି ସୌଭାଗ୍ୟ ଯୋଜନାରେ ତାଙ୍କ ଘରେ ବିଦ୍ୟୁତ୍ ସଂଯୋଗ ହୋଇପାରି ନ ଥିଲା। ଠିକାଦାର ଓ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ଏହା ହୋଇପାରି ନ ଥିବା ସେ ଅଭିଯୋଗ ଆଣିଥିଲେ। ଗତ ୧୬ ତାରିଖରେ ଧ୍ରୁବଚରଣଙ୍କ ସମସ୍ୟାକୁ ନେଇ 'ବିଜୁଳି ଖୁଣ୍ଟ ପାଖେ ଜଳୁଛି ଡିବିରି' ଶୀର୍ଷକ ଖବର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଏହା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ବଇଣ୍ଡା ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ମାଝି, ବଇଣ୍ଡା ଲାଇନ ମ୍ୟାନ ନିରଞ୍ଜନ ପ୍ରଧାନ, ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱରେ ଥିବା ପେଡ୍‌କୋ ଇଞ୍ଜିନିୟର ରାକେଶ ମହାପାତ୍ର ତାଙ୍କ ଘରକୁ ଯାଇ ସୌଭାଗ୍ୟ କିଟ୍ ଯାଞ୍ଚ କରିଥିଲେ। ଶନିବାର ସେଠାରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଏଥିପାଇଁ ଧ୍ରୁବଚରଣ 'ଧରିତ୍ରୀ'କୁ ଧନ୍ୟବାଦ ଦେଇଛନ୍ତି।


ଧ୍ରୁବଚରଣଙ୍କ ଘରେ ବିଜୁଳି ବତି ଜଳିଛି।

## ଡିପୋ ସ୍ଥାନାନ୍ତର ପାଇଁ ଦାବିପତ୍ର


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କମିଟିର କର୍ମକର୍ତ୍ତାମାନେ।

**ବଇଣ୍ଡା, ୨୦।୬(ଡି.ଏନ.ଏ.)**
କିଶୋରନଗର ବ୍ଲକ ଗୁଣ୍ଡୁରିମୁଣ୍ଡା ଗ୍ରାମ ନିକଟରେ ହୋଇଥିବା କୋଇଲା ଡିପୋକୁ ସ୍ଥାନାନ୍ତର ଦାବିରେ ଚାଲିଥିବା ଆନ୍ଦୋଳନ ଶନିବାର ୯ମ ଦିନରେ ପହଞ୍ଚିଛି। ମାହେଶ୍ୱରୀ ଆଞ୍ଚଳିକ କ୍ଷତିଗ୍ରସ୍ତ କମିଟି ପକ୍ଷରୁ ଆନ୍ଦୋଳନକୁ ଜୋର୍‌ଦାର କରିବାକୁ ପ୍ରସ୍ତୁତି ଚାଲିଥିବାବେଳେ ୧୩ନଂ. ଜିଲା ପରିଷଦ ଜୋନ୍‌ର ଜନସାଧାରଣ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ମୁଖ୍ୟମନ୍ତ୍ରୀ, ଏମ୍‌ପି, ବିଧାୟକ, ଏସ୍‌ପି, ଆରଡିସି, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରେଳ ବିଭାଗ, ଏଡିଇଏନ୍ ରେଢାଖୋଲ, ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ପ୍ରମୋଦ ବେହେରା, ରସାନନ୍ଦ ନାୟକ, ଧୋବେଇ ବେହେରା, ଅରବିନ୍ଦ ସାହୁ, ବିଶ୍ୱଜିତ ମିଶ୍ର ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ପ୍ରସବ ବେଦନା ସହି ନ ପାରି ମହିଳା ମୃତ

**ଅନୁଗୋଳ ଅଫିସ, ୨୦।୬**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ରାତିରେ ପ୍ରସବ ବେଦନା ସହି ନ ପାରି ଜଣେ ଗର୍ଭବତୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଛେଣ୍ଡିପଦା ବ୍ଲକ ବାଗେଡିଆ ଅଞ୍ଚଳର ଅପନା ଗୋଚ୍ଛାୟତ (୪୨)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଘଟଣାରୁ ଜଣାପଡିଛି, ପ୍ରସବ ଯନ୍ତ୍ରଣା ହେବାରୁ ଅପନା ଶୁକ୍ରବାର ରାତିରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ପ୍ରସବ ସମ୍ଭବ ନ ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରିବାକୁ ଡାକ୍ତର କହିଥିଲେ। ପରିବାର ଲୋକେ ଏଥିପାଇଁ ବନ୍ଦୋବସ୍ତ କରୁଥିବାବେଳେ ଅପନାଙ୍କ ମୃତ୍ୟୁ ଘଟିଥିଲା। ମହିଳାଙ୍କ ୨ବର୍ଷର ଝିଅ ଓ ୮ ବର୍ଷର ପୁତ୍ର ସନ୍ତାନ ଅଛନ୍ତି। ଅନୁଗୋଳ ଥାନା ଏସ୍‌ଆଇ ସତ୍ୟରଞ୍ଜନ ଲେଙ୍କା ମୃତଦେହ ପଞ୍ଚନାମା କରିଥିଲେ।

## ୭ କୁଇଣ୍ଟାଲ କେନ୍ଦୁପତ୍ର ଜବତ

**ଛେଣ୍ଡିପଦା,୨୦।୬ (ସ୍ୱ.ପ୍ର.):**

ଛେଣ୍ଡିପଦା ଅଞ୍ଚଳରୁ ଟାଙ୍ଗୁଡିଆ ଦେଇ ତାଳଚେର ଅଭିମୁଖେ ଯାଉଥିବା ଏକ ଚୋରା କେନ୍ଦୁପତ୍ର ବୋଝେଇ ଗାଡ଼ି (ଓଆର-୦୨-ଏଜି-୧୧୯୧)କୁ ଶୁକ୍ରବାର ବିଳମ୍ବିତ ରାତିରେ ବନ ବିଭାଗ ଜବତ କରିଛି। ଏଥିରୁ ୭ କୁଇଣ୍ଟାଲରୁ ଊର୍ଦ୍ଧ୍ୱ କେନ୍ଦୁପତ୍ର ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ। ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଫରେଷ୍ଟର ପ୍ରତାପ କୁମାର ପ୍ରଧାନ ସଦଳବଳ ଚଢ଼ାଉ କରିଥିଲେ।

## ଅନୁଗୋଳରୁ ୬ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୦।୬**

ଅନୁଗୋଳ ଜିଲାରୁ ଶନିବାର ଆଉ ୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୬ରେ ପହଞ୍ଚିଛି। ତନ୍ମଧ୍ୟରେ ବଅଁରପାଳ ବ୍ଲକର ଏକ ସଙ୍ଗରୋଧ କେନ୍ଦ୍ରର ଜଣେ ୨୭ ବର୍ଷୀୟ ଯୁବକ ଅଛନ୍ତି। ସେ ଗତ ୮ ତାରିଖରୁ ହରିୟାଣାରୁ ଆସିଥିଲେ। ଅନ୍ୟ ଜଣେ ୨୫ ବର୍ଷୀୟ ଯୁବକ ଗତ ୧୧ ତାରିଖରୁ ଛତିଶଗଡ଼ରୁ ଆସି ପ୍ରଥମେ ସରକାରୀ କ୍ୱାରାଣ୍ଟାଇନ୍ ଓ ପରେ ୧୭ ତାରିଖରୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ସେହିପରି ଅନୁଗୋଳର ଏକ ହୋଟେଲରେ ୧୭ ତାରିଖରୁ ପେଡ୍ କ୍ୱାରାଣ୍ଟାଇନ୍‌ରେ ଥିବା ନୂଆଦିଲ୍ଲୀ ଫେରନ୍ତା ଯୁବକ (୩୩), ୧୨ ତାରିଖରୁ ଚେନ୍ନାଇରୁ ଫେରି ଅନୁଗୋଳ ବ୍ଲକର ଏକ ସଙ୍ଗରୋଧ କେନ୍ଦ୍ରରେ ଥିବା ଥିବା ଯୁବକ (୧୯) ଏବଂ କିଶୋରନଗରରୁ ଫେରି ସଙ୍ଗରୋଧରେ ଥିବା ଜଣେ ଯୁବକ (୨୧)ଙ୍କ ନମୁନା ପଜିଟିଭ୍ ବାହାରିଛି। ଅନ୍ୟପକ୍ଷରେ ଭୁବନେଶ୍ୱରରେ ରହି ଚିକିତ୍ସିତ ହେଉଥିବା ତାଳଚେରର ଜଣେ ଯୁବକ (୧୮)ଙ୍କ ସ୍ୱାବ ପରୀକ୍ଷାରୁ ସେ କରୋନା ଆକ୍ରାନ୍ତ ଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ପ୍ରଦୀପ୍ତ ଓକିଲ ସଂଘ ସମ୍ପାଦକ

**ଢେଙ୍କାନାଳ ଅଫିସ, ୨୦।୬**

ଢେଙ୍କାନାଳ ଜିଲା ଓକିଲ ସଂଘ ଅନ୍ତରୀଣ କମିଟିର ପ୍ରଥମ ବୈଠକ ଶନିବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ଓମ୍ ପ୍ରକାଶ ଶରଣ ଅଧକ୍ଷତା କରିଥିଲେ। ଆଇନଜୀବୀ ପ୍ରଦୀପ୍ତ କୁମାର ତ୍ରିପାଠୀଙ୍କୁ ରାଜ୍ୟ ଆଇନ ପରିଷଦର ନିର୍ଦ୍ଦେଶ ଅନୁଯାୟୀ ସମ୍ପାଦକ ଓ ସୁଶାନ୍ତ କୁମାର ପାଣିଗ୍ରାହୀଙ୍କୁ ସର୍ବସମ୍ମତି କ୍ରମେ କୋଷାଧକ୍ଷ ଭାବେ ଚୟନ କରାଯାଇଛି। ସଦସ୍ୟ ଦୀପକ ପ୍ରସାଦ ପଟ୍ଟନାୟକ, ଶିବସାଇ ମହାପାତ୍ର, ଜୟନ୍ତ କୁମାର ମିଶ୍ର, ଅକ୍ଷୟ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ବାଇକ୍‌ରୁ ଖସି ମହିଳା ମୃତ

**ଛେଣ୍ଡିପଦା,୨୦।୬(ସ୍ୱ.ପ୍ର.)**
ଛେଣ୍ଡିପଦା ଥାନା ୬୩ନଂ. ରାଜ୍ୟ ରାଜପଥର କୋଶଳା ଗ୍ରାମ ମେଡିକାଲ ଛକଠାରେ ଶନିବାର ସକାଳେ ବାଇକ୍‌ରୁ ଖସି ଭେଜିଡିହ ଗ୍ରାମର ପ୍ରଭାସିନୀ ସାହୁ (୩୫)ଙ୍କ ମୃତ୍ୟୁ ଘଟିଛି। ପୁଅ ଦେହ ଖରାପ ଥିବାରୁ ସ୍ୱାମୀ ଭୀମସେନଙ୍କ ସହ ବାଇକ୍‌ରେ ଅନୁଗୋଳ ଡାକ୍ତରଖାନା ଯାଉଥିବାବେଳେ ଏକ ହମ୍ପସରେ ସେ ଖସି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଅନୁଗୋଳ ଜିଲା ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପୂର୍ବରୁ ଝଗଡା ହୋଇଥିବା ଏବଂ ଦୁର୍ଘଟଣା ପରେ ଭୀମସେନ ସେଠାରୁ ପଳାଇଯାଇଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

## ଫଟୋରେ ଖବର...


ଅନୁଗୋଳସ୍ଥିତ ଶୈଳଶ୍ରୀକ୍ଷେତ୍ରରେ ନବଯୌବନ ବେଶରେ ଶ୍ରୀଜୀଉ।


ଅନୁଗୋଳ ସହରରେ ଛତା ମରାମତିରେ ବ୍ୟସ୍ତ ଜଣେ କାରିଗର । (ଫଟୋ-ବୁବୁ)

## ମୃତଦେହ ସତ୍କାର ବେଳେ ମହୁମାଛି ଆକ୍ରମଣ, ୨୦ ଆହତ

ଜୟପୁର,(ନି.ପ୍ର.)-ମୃତଦେହ ସତ୍କାର କରିବାକୁ ଯାଇଥିଲେ କେତେଜଣ ବ୍ୟକ୍ତି। ଏହି କାର୍ଯ୍ୟ ଜାରି ରହିଥିବା ବେଳେ ମହୁମାଛି ଆକ୍ରମଣ ଯୋଗୁ ମୃତଦେହ ସତ୍କାରରେ ଲାଗିଥିବା ୨୦ ବ୍ୟକ୍ତି ଆହତ ହୋଇଛନ୍ତି। ସମସ୍ତେ ଚିକିତ୍ସା ପାଇଁ ଜୟପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏପରି ଘଟଣା ଘଟିଛି ଜୟପୁର ନିକଟ କଙ୍କଡ଼ାହାଣ୍ଡି ଗ୍ରାମରେ। ଶନିବାର ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ତାଙ୍କ ମୃତଦେହ ସତ୍କାର ଲାଗି ମଶାଣିକୁ ନେଇଥିଲେ। ସତ୍କାର ଚାଲିଥିବା ବେଳେ ଏକ ଗଛରୁ ମହୁମାଛି ଆସି ଆକ୍ରମଣ କରିଥିଲେ। ଫଳରେ ଗ୍ରାମବାସୀ ମୃତଦେହ ଛାଡ଼ି ଦୌଡ଼ିଥିଲେ। ପରେ ରେନ୍‌କୋଟ୍ ଓ ହେଲ୍‌ମେଟ୍ ପିନ୍ଧି ଆସି ମୃତଦେହ ସତ୍କାର କାର୍ଯ୍ୟ ଶେଷକରି ଫେରିଥିଲେ।

## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଉଦ୍ଧାର

ନନ୍ଦାହାଣ୍ଡି,୨୦।୬(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡ଼ା ଗାଁର ଶିବମନ୍ଦିର ନିକଟ ଏକ ଆମ୍ବବଗିଚାରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଉକ୍ତ ବ୍ୟକ୍ତିଙ୍କ ପରିଚୟ ଜଣାପଡି ନାହିଁ। ଗଛରେ ଏକ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ମୃତଦେହ ଚିହ୍ନଟ ହୋଇପାରି ନାହିଁ। ଏହା ହତ୍ୟା ନା ଆତ୍ମହତ୍ୟା ପୋଲିସ ତଦନ୍ତ ପରେ ଜଣାପଡ଼ିବ । ନବରଙ୍ଗପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଛି ।

### ସାପ କାମୁଡ଼ାରେ ଯୁବତୀ ମୃତ

ପାପଡ଼ାହାଣ୍ଡି,୨୦।୬(ଡି.ଏନ.ଏ.) -ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମାଝିଗୁଡ଼ା ଗ୍ରାମରେ ସାପ କାମୁଡ଼ାରେ ବେଳମତି ଜାନି(୨୫)ଙ୍କ ମୃତ୍ୟୁ ହୋଇଛି। ଡାବୁଗାଁ ବ୍ଲକ ମେଦନା ପଞ୍ଚାୟତ ଅନ୍ତର୍ଗତ ବଦଲିଗୁଡ଼ା ଗ୍ରାମର ବେଳମତି ନିଜ ପରିବାର ସହ ଚାଷକାମ ନିମନ୍ତେ ମାଝିଗୁଡ଼ା ଆସିଥିଲେ । ସେଠାରେ ରହୁଥିବା ନିଜ ଦାଦା ନକୁଳ ଜାନିଙ୍କ ଘରେ ପରିବାର ସହ ରହିଥଲେ । ରାତିରେ ଶୋଇଥିବା ସମୟରେ ହଠାତ୍ ତାଙ୍କ ପିଠିକୁ ଏକ ବିଷଧର ସାପ କାମୁଡ଼ିଥିଲା । ସଙ୍ଗେ ସଙ୍ଗେ ବେଳମତି ପରିବାର ଲୋକଙ୍କୁ ଜଣାଇଥିଲେ । ପରିବାର ଲୋକେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଘସିଆ ଜାନି ପାପଡ଼ାହାଣ୍ଡି ଥାନାରେ ଜଣାଇବା ପରେ ପୋଲିସ ମୃତଦେହ ଜବତକରି ଅପମୃତ୍ୟୁ ମାମଲା (କେସ୍ ନଂ. ୧୩/୨୦) ରୁଜୁ କରିଛି ।

### ଫେରାର ଅଭିଯୁକ୍ତ ଗିରଫ

ଜୟପୁର ,୨୦।୬ (ଡି.ଏନ୍.ଏ )-ଡକାୟତି ପାଇଁ ପ୍ରସ୍ତୁତି ହେଉଥିବା ବେଳେ ପୋଲିସ ଚଢାଉ ବେଳେ ଚକମା ଦେଖାଇ ଫେରାର ହୋଇଯାଇଥିବା ଅଭିଯୁକ୍ତଙ୍କୁ ୯ ମାସ ପରେ ଜୟପୁର ସଦର ପୋଲିସ ଶନିବାର ଗିରଫ କରିଛି । ସେ ହେଲେ କୋରାପୁଟ ଜିଲା ବି.ସିଙ୍ଗପୁର ଥାନା ପୋଡାପଦର ଗ୍ରାମର ଆଶିଷ ମହାପାତ୍ର (୨୭)। ଗତ ୨୦୧୯ ଅକ୍ଟୋବର ୪ ବିଳମ୍ବିତ ରାତିରେ ଆଶିଷ ଏବଂ ଉକ୍ତ ଗ୍ରାମର ଅନ୍ୟ ଜଣେ ଶ୍ରୀଧର ମହାପାତ୍ର ଏକ ବାଇକ୍ ଯୋଗେ ଉମୁରି ସ୍ଥିତ ଏକ ଘୋରଇ ଇଂଜିନିୟରିଂ କଲେଜ ସମ୍ମୁଖରେ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ଚଢାଉ କରିଥିଲା। ଶ୍ରୀଧର ଧରାପଡଥିବା ବେଳେ ଆଶିଷ ଫେରାର ହୋଇଯାଇଥିଲେ।

### ନବଯୌବନ ରୂପରେ ଚତୁର୍ଦ୍ଧାମୂର୍ତ୍ତି

ଜୟପୁର,୨୦।୬ (ଡି.ଏନ.ଏ )-କୋରାପୁଟ ଜିଲା ଜୟପୁର ଜଗନ୍ନାଥ ମନ୍ଦିରରେ ଶନିବାର ସନ୍ଧ୍ୟାରେ ଚତୁର୍ଦ୍ଧାମୂର୍ତ୍ତି ନବଯୌବନ ବେଶ ଧାରଣ କରିଥିଲେ । ସଂଧ୍ୟାରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ପତିତପାବନ, ଅନନ୍ତ ଶୟନ ଏବଂ ସୁଦର୍ଶନଙ୍କୁ ଅଣସର ଗୃହରେ ପୂଜାପାଠ ଏବଂ ହୋମ ଯଜ୍ଞ ପରେ ନେତ୍ର ଉତ୍ସବ ପାଳନ କରାଯାଇଥିଲା। ପରେ ନବଯୌବନ ରୂପରେ ଚତୁର୍ଦ୍ଧାମୂର୍ତ୍ତି ବିଜେ କରିଥିଲେ। ଦେବସ୍ନାନ ପୂର୍ଣ୍ଣିମା ପରଠାରୁ ତିନିଠାକୁର ଜ୍ୱରରେ ଅଣସର ଗୃହରେଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୭ ଗୋରୁ ମୃତ

ଚନ୍ଦାହାଣ୍ଡି,୨୦।୬(ଡ଼ି.ଏନ.ଏ) ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନକାବେଡା ଗ୍ରାମର ତେଲ ନଦୀ ନିକଟରେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୭ ଗୋରୁଙ୍କ ମୃତ୍ୟୁ ହୋଇଛି। ତେଲନଦୀ କୂଳରେ କେତେଜଣ ଚାଷୀ ପାଣିପଞ୍ଚାୟତ ଗଠନ କରି ଉଠାଜଳସେଚନ ବିଭାଗ ତରଫରୁ ମୋଟର ଲଗାଇ ବିଦ୍ୟୁତ ସଂଯୋଗ ଦିଆଯାଇଥିଲା । କିନ୍ତୁ କିଛି ବର୍ଷ ତଳେ ତେଲନଦୀରେ ବନ୍ୟା ଆସି ମୋଟର ଭାସି ଯିବାରୁ ପ୍ରକଳ୍ପ ଅଚଳ ହୋଇ ପଡିଥିଲା। ବିଦ୍ୟୁତ ତାର ଗୁଡିକ ଛିଣ୍ଡି ଯାଇଥିଲା । ଗୋରୁ ଗୁଡିକ ଚରୁ ଥିବାବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ଘଟିଥିଲା। ଚାଷ ସମୟରେ ହଠାତ ଗୋରୁଙ୍କ ମୃତ୍ୟୁରେ ଚାଷୀ ଭାଙ୍ଗି ପଡିଛନ୍ତି। ଖବର ପାଇ ଚନ୍ଦାହାଣ୍ଡି ଆଇଆଇସି ଅଭୟ ବେହେରା, ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ଶ୍ରୀନିଗୋ ମୁର୍ମୁ ପହଞ୍ଚିଥିଲେ । ଅନ୍ୟ ପକ୍ଷରେ ବିଦ୍ୟୁତ ମୋଟର ଭାସିଯିବା, ବିଦ୍ୟୁତ ତାର ଓହଳି ଯାଇଥିଲେ ମଧ ପାଣି ପଞ୍ଚାୟତ ସଦସ୍ୟ ମାନେ ବିଦ୍ୟୁତ କିମ୍ବା ଉଠାଜଳ ସେଚନ ବିଭାଗକୁ ଲିଖିତ ଭାବେ ଜଣାଇନଥିବା ଉଠାଜଳସେଚନ ବିଭାଗ ଯନ୍ତ୍ରୀ ଗଙ୍ଗାଧର ତ୍ରିପାଠୀ କହିଛନ୍ତି ।

# ଅର୍ଥ ଖର୍ଚ୍ଚ ହେଉନି, ଅସନ୍ତୋଷ ପ୍ରକାଶ କଲେ ଏମ୍‌ପି

**କରୋନା ମୁକାବିଲା କାର୍ଯ୍ୟକ୍ରମର ସମୀକ୍ଷା**

ରାୟଗଡ଼ା ଅଫିସ,୨୦।୬:

କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଶନିବାର ରାୟଗଡ଼ା ଜିଲାରେ କରୋନା ମୁକାବିଲା କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅନୁଷ୍ଠିତ ବୈଠକରେ ଏମ୍‌ପି ଯୋଗଦେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏମ୍‌ପି ଲ୍ୟାଡ୍ ଫଣ୍ଡରୁ ୧କୋଟି ଟଙ୍କା କୋରାପୁଟ ଓ ରାୟଗଡ଼ା ଜିଲା ପାଇଁ ପ୍ରଦାନ କରାଯାଇଛି। ରାୟଗଡ଼ା ଜିଲାରେ ଏହାର କିପରି ବିନିଯୋଗ କରାଯାଇଛି ବୋଲି ଉଲ୍ଲାକା ଏଠାରେ ପ୍ରଶ୍ନ କରିଥିଲେ। ଜିଲାରେ କେବଳ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ପାଇଁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ତେବେ ଅଦ୍ୟାବଧି କାର୍ଯ୍ୟ ହେଉ ନ ଥିବା ଜଣାପଡ଼ିଛି ବୋଲି ଏମ୍‌ପି କହିଛନ୍ତି। କେନ୍ଦ୍ର ସହ ଲଢ଼ି ୨ ଜିଲା ପାଇଁ ୫୦ ଲକ୍ଷ ଟଙ୍କା ଲେଖାଏ ଆଣିଥିଲୁ। ତେବେ କୋରାପୁଟ ଓ ରାୟଗଡ଼ା ଜିଲାରେ ଏ ନେଇ ସମୀକ୍ଷା ପରେ ଟଙ୍କା ଖର୍ଚ୍ଚ ହେଉ ନ ଥିବା ଜାଣି ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ଜିଲା ସ୍ତରରେ କରୋନା ମୁକାବିଲା ପାଇଁ କିଣାଯିବାକୁ ଥିବା ବିଭିନ୍ନ ସାମଗ୍ରୀ ପାଇଁ ଓଏସ୍‌ଏମ୍‌ସିଏଲ୍‌ର ଅନୁମତି ଆବଶ୍ୟକ। ସେଥିପାଇଁ ବିଳମ୍ବ ଘଟୁଥିବା ସେ କହିଛନ୍ତି। ଜିଲାର କୋଭିଡ୍ ହସ୍ପିଟାଲରେ ଗୋଟିଏ ମଧ୍ୟ ଭେଣ୍ଟିଲେଟର, ପିପିଇ କିଟ୍ ଓ ଆଇସିୟୁ ବେଡ୍ ନ ଥିବା ସେ କହିଛନ୍ତି। ଜୁନ୍ ୨୦ରେ ଭେଣ୍ଟିଲେଟର କାର୍ଯ୍ୟକ୍ଷମ ହେବ ବୋଲି ପୂର୍ବ ବୈଠକରେ କୁହାଯାଇଥିଲା। ହେଲେ ଏବେ ପୁଣି ୩୦ ତାରିଖରେ କରାଯିବ ବୋଲି ରାୟଗଡ଼ା ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ କହିଥିବା ସେ କହିଛନ୍ତି। ସେହିପରି ରାୟଗଡ଼ା ଜିଲାରେ କରୋନା ପରୀକ୍ଷା ସୁବିଧା ରହିଥିଲେ ମଧ୍ୟ ଗୋଟିଏ ଦିନରେ ୮ ବଦଳରେ ୧୦୦ ପରୀକ୍ଷା କରିବା ପାଇଁ ଏମ୍‌ପି କହିଛନ୍ତି। ଏମ୍‌ପି ଲ୍ୟାଡ୍ ଫଣ୍ଡ ଏପ୍ରିଲ ୭ ରୁ ପ୍ରଦାନ କରାଯାଇଥିଲେ ମଧ୍ୟ ଏଯାବତ ତାହାର ଉଦ୍ଦେଶ୍ୟ ସାଧିତ ହୋଇନାହିଁ। ସିଡିଏମ୍‌ଓଙ୍କ ସହ ଆଲୋଚନା ପରେ ଏମ୍‌ପି ଭେଣ୍ଟିଲେଟର ଏବଂ ଅନ୍ୟାନ୍ୟ ସମାଗ୍ରୀ କିଣିବା ପାଇଁ ଓଏସ୍‌ଏମ୍‌ସିଏଲ୍‌ର ଏମ୍‌ଡି ଯାମିନୀ ଷଡ଼ଙ୍ଗୀଙ୍କୁ ଅନୁମତି ମାଗିଥିବା ଉଲ୍ଲାକା କହିଛନ୍ତି।


ବୈଠକରୁ ଏମ୍‌ପି, ସିଡିଏମ୍‌ଓ ଫେରୁଛନ୍ତି ।

# ଶ୍ରମିକ ଭାବେ ୨ ଛାତ୍ରଙ୍କୁ କାର୍ଯ୍ୟରେ ଲଗାଇଛନ୍ତି ଶିକ୍ଷକ

ଏମ୍‌ଭି-୭୯/କାଲିମେଲା,୨୦।୬(ଡି.ଏନ.ଏ.)

ସରକାର ଗରିବ ପିଲାଙ୍କ ପାଠପଢ଼ା ପାଇଁ ମାଗଣା ଖାତା, ବହି, ସିଲଟ, ଖାଦ୍ୟ, ରହିବା ପାଇଁ ହଷ୍ଟେଲ ସୁବିଧା କରିଛନ୍ତି। କେତେକ କ୍ଷେତ୍ରରେ ଶିଶୁଶ୍ରମିକମାନଙ୍କୁ ଉଦ୍ଧାର କରାଯାଇ ହଷ୍ଟେଲରେ ରଖି ଶିକ୍ଷାଦାନ ବ୍ୟବସ୍ଥା କରାଯାଉଛି। ଏଥିପାଇଁ ଏକ ସ୍ୱତନ୍ତ୍ର ସ୍କାଡ୍ ମଧ୍ୟ ଗଠନ କରାଯାଇଛି। ତେବେ ଏସବୁ କେବଳ କାଗଜପତ୍ରରେ ସୀମିତ ରହୁଛି। ଶିଶୁମାନେ ବିଭିନ୍ନ ସ୍ଥାନରେ ଶ୍ରମିକ ରୂପେ କାର୍ଯ୍ୟ କରୁଛନ୍ତି। ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମ୍‌ଭି-୭୯ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଶିକ୍ଷକ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ନିକଟର ନିର୍ମାଣାଧୀନ ନିଜର ଦୁଇ ମହଲା କୋଠା ଉପରେ ୨ଜଣ ପିଲାଙ୍କୁ କାମରେ ନିୟୋଜିତ କରିଛନ୍ତି। ଉଭୟେ ସମ୍ପୃକ୍ତ ଶିକ୍ଷକଙ୍କ ବିଦ୍ୟାଳୟରେ ଅଧ୍ୟୟନ କରନ୍ତି। ଶିକ୍ଷକ ଜଣକ ହେଉଛନ୍ତି ମଙ୍ଗଳ ମଣ୍ଡଳ। ଏମ୍‌ଭି-୧୧୨ ବିଦ୍ୟାଳୟରେ ସେ ସହକାରୀ ଶିକ୍ଷକ ରୂପେ କାର୍ଯ୍ୟ କରନ୍ତି। ଏବେ ଲକ୍‌ଡାଉନ ଯୋଗୁ ବିଦ୍ୟାଳୟ ବନ୍ଦ ରହିଛି। ତେବେ ଶିକ୍ଷକ ମଣ୍ଡଳ ଗ୍ରାମରୁ ୨ ଜଣ ଛାତ୍ରଙ୍କୁ ଡକାଇ ସେମାନଙ୍କୁ କାର୍ଯ୍ୟରେ ଲଗାଇଥିଲେ। ଏହି ଛୋଟ ପିଲା ୨ ଜଣ ଇଟା ବୋହିବା କାର୍ଯ୍ୟରେ ଲାଗିଛନ୍ତି। ପାଖରେ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ରହିଛି। ଟିକେ ଅସାବଧାନ ହେଲେ ଯେକୌଣସି ଦୁର୍ଘଟଣା ଘଟିବା ସମ୍ଭାବନାକୁ ଏଡାଯାଇ ନ ପାରେ। ଏ ସମ୍ପର୍କରେ ଶିକ୍ଷକ ମଣ୍ଡଳଙ୍କୁ ପଚାରିବାରୁ ସେ କହିଥିଲେ ଯେ, ପିଲାମାନେ କୁକୁର ସହ ଖେଳିବାକୁ ଆସିଥିଲେ। କେତେବେଳେ ଛାତ ଉପରକୁ ଚାଲିଯାଇଛନ୍ତି। ସେଠାରେ ମିସ୍ତ୍ରୀମାନେ କାମ କରୁଥିଲେ। ବୋଧହୁଏ ମିସ୍ତ୍ରୀ ପିଲାଙ୍କୁ ଇଟା ମାଗିଛନ୍ତି। ପିଲାମାନେ ତାଙ୍କୁ ଇଟା ବଢାଇଛନ୍ତି। ଏହି ସମୟରେ କେହି ଫଟୋ ଉଠାଇ ପଠାଇଦେଇଛି ବୋଲି ମଣ୍ଡଳ କହିଛନ୍ତି। ସୂଚନାଯୋଗ୍ୟ ଯେ, ଶିକ୍ଷକ ମଣ୍ଡଳ ଏମ୍‌ପିଭି-୮୩ ଗ୍ରାମ ବିଦ୍ୟାଳୟରେ ଥିବା ସମୟରେ ମଧ୍ୟାହ୍ନଭୋଜନ ଚାଉଳ ବିକ୍ରି କରିବା ଘଟଣାରେ ନିଲମ୍ବିତ ହୋଇଥିଲେ।

# ତୃତୀୟ ପର୍ଯ୍ୟାୟ ଧାନକ୍ରୟ ନେଇ ଲକ୍ଷ୍ୟଧାର୍ଯ୍ୟ

ଜୟପୁର,୨୦।୬ (ଡି.ଏନ୍.ଏ. )

କୋରାପୁଟ ଜିଲା ଚାଷୀଙ୍କ ଅମଳ ରବିଧାନ ମଣ୍ଡିରେ ସରକାରଙ୍କ ପକ୍ଷରୁ କ୍ରୟ ଚାଲିଛି। ପୂର୍ବରୁ ସରକାର ୨ଟି ପର୍ଯ୍ୟାୟରେ ଧାନ କ୍ରୟ ନେଇ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ଏହା ଶେଷହେବା ପରେ ଏବେ ତୃତୀୟ ପର୍ଯ୍ୟାୟ ଧାନ କ୍ରୟ ନେଇ ଲକ୍ଷ୍ୟଧାର୍ଯ୍ୟ ଆସିଛି। ତୃତୀୟ ପର୍ଯ୍ୟାୟରେ ୨ ଲକ୍ଷ ୫୮୮୨ କୁଇଣ୍ଟାଲ ୧୮ କିଲୋ ରବିଧାନ କ୍ରୟ ଲାଗି ଜିଲା ପ୍ରଶାସନକୁ କୁହାଯାଇଛି । ତେବେ ଏହାକୁ ମିଶାଇ ଜିଲାରୁ ମୋଟ ୧୩ ଲକ୍ଷ ୭୭ ହଜାର ୯୪୧ କୁଇଣ୍ଟାଲ ଧାନ କ୍ରୟ ହେବ। ସୂଚନାଯୋଗ୍ୟ, ଗତ ମେ ୨୬ରେ ଜିଲାରେ ଧାନମଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଜିଲାରେ ମଣ୍ଡିରୁ ୭ଲକ୍ଷ ୩୦ ହଜାର୮୮୨ କୁଇଣ୍ଟାଲ ୩୫ କି.ଗ୍ରା., ଦ୍ୱିତୀୟ ପର୍ଯ୍ୟାୟରେ ୪ ଲକ୍ଷ୪୧ହଜାର ୧୭୬ କୁଇଣ୍ଟାଲ ୪୭ କି.ଗ୍ରା. କ୍ରୟ ପାଇଁ ଧାର୍ଯ୍ୟ ହୋଇଥିଲା। ଏହା ପୂରଣ ପରେ ଏବେ ତୃତୀୟ ପର୍ଯ୍ୟାୟ ଧାନକ୍ରୟ ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ଅନେକ ପଞ୍ଜୀକୃତ ଚାଷୀ ଉପକୃତ ହେବେ। ଜିଲାରେ ରବିଧାନ ବିକ୍ରି ନିମନ୍ତେ ୧୧ହଜାର ୯୫୫ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି । ଶୁକ୍ରବାର ସୁଦ୍ଧା ୧୪ଟି ମଣ୍ଡି ଏବଂ ୧୩ଟି ଏସ୍‌ଏଚ୍‌ଜି ପକ୍ଷରୁ ୯୫୧୪ଜଣ ଚାଷୀଙ୍କଠାରୁ ୧୧ ଲକ୍ଷ ୪୫ ହଜାର ୩୫୦ କୁଇଣ୍ଟାଲ ୨୦ କି.ଗ୍ରା. ଧାନ କ୍ରୟ ହୋଇଛି ।

# ଯୋଡ଼ାମ୍ବରେ ଡିଜିପି କଲେ ନୂତନ ଥାନା ଉଦ୍‌ଘାଟନ

ମାଲକାନଗିରି/ଚିତ୍ରକୋଣ୍ଡା, ୨୦।୬ (ଡି.ଏନ୍.ଏ.)

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ଶନିବାର ମାଲକାନଗିରି ଜିଲା ଗସ୍ତକରି ଫେରିଛନ୍ତି। ପ୍ରଥମେ ସେ ସ୍ୱାଭିମାନ ଅଞ୍ଚଳ ଗସ୍ତକରି ଯୋଡ଼ାମ୍ବଠାରେ ଏକ ନୂତନ ଥାନା ଉଦ୍‌ଘାଟନ କରିଛନ୍ତି। ଥାନାର ଅଧିକାରୀ ଭାବେ ଅଜୟ ପରିଡ଼ାଙ୍କୁ ଅବସ୍ଥାପିତ କରାଯାଇଛି। ଏହି ଅବସରରେ ସେ ଗ୍ରାମବାସୀଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଥାନାର ଭିତ୍ତିଭୂମି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରି ଉପସ୍ଥିତ ବିଏସ୍‌ଏଫ୍‌ର ବରିଷ୍ଠ ଅଧିକାରୀମାନଙ୍କ ସହ ମାଓବାଦୀ ଦମନ ଉପରେ ଆଲୋଚନା କରିଥିଲେ। ପରେ ଡିଜିପି ଜିଲା ପୋଲିସ କାର୍ଯ୍ୟାଳୟଠାରେ ଅଧିକାରୀ ଓ ବିଏସ୍‌ଏଫ୍‌ର ଅଧିକାରୀଙ୍କ ସହ ମଧ୍ୟ ମାଓବାଦୀ ଦମନ, ଗତିବିଧି, ସୁରକ୍ଷା ସ୍ଥିତି ଏବଂ ସ୍ୱାଭିମାନ ଅଞ୍ଚଳରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ଗତ କିଛି ବର୍ଷ ହେଲା ଆମେ ସ୍ୱାଭିମାନ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପୋଲିସର ଉପସ୍ଥିତିକୁ ଅଧିକ ଗୁରୁତ୍ୱ ଦେଇଛୁ। ସମ୍ପୃକ୍ତ ଅଞ୍ଚଳରେ ଗତ ୬ ମାସରେ ୩ଟି ସୁରକ୍ଷା ବ୍ୟବସ୍ଥାର ଆବଶ୍ୟକତାକୁ ପୂରଣ କରାଯାଇଛି। ହନ୍ତାଳଗୁଡ଼ା ଓ ଦର୍ଲାବେଡ଼ାରେ ନୂତନ ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା ହୋଇଛି। ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଗୋଟିଏ ପରେ ଗୋଟିଏ କ୍ୟାମ୍ପ ପ୍ରତିଷ୍ଠା ହେଉଛି। ଏହି ଅଞ୍ଚଳର ୭ଟି ରାସ୍ତା କାର୍ଯ୍ୟ ମଧ୍ୟରୁ ବଡ଼ପଦ଼ାଠାରୁ ଜନ୍ତାପାଇ କାମ ଶେଷ ହୋଇଛି। ଜନ୍ତାପାଇଠାରୁ ଯୋଡ଼ାମ୍ବ ରାସ୍ତା କାର୍ଯ୍ୟ ମଧ୍ୟ ଶେଷ ହୋଇଛି । ସେହିଭଳି ଅନ୍ୟ ୫ଟି ଗ୍ରାମକୁ ରାସ୍ତା ସଂଯୋଗ ପାଇଁ ମେଟାଲିଂ କାମ ଚାଲିଛି । ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହୋଇଛି ବୋଲି ଡିଜିପି କହିଥିଲେ। ବୈଠକରେ ଆଇଜି (ଅପରେଶନ) ଅମିତାଭ ଠାକୁର, ଡିଆଇଜି ଅନିରୁଦ୍ଧ ସିଂ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିନ କେ. ଅହମ୍ମଦ, ମାଲକାନଗିରି ଏସ୍‌ପି ରିଷିକେଶ ଡି. ଖିଲାରିଙ୍କ ସହ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତ ଦେଢ଼ବର୍ଷ ତଳେ ଏଠାରେ ଥାନା ପ୍ରତିଷ୍ଠା ନେଇ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିଲା।



ଥାନା ଉଦ୍‌ଘାଟନ ଅବସରରେ ଡିଜିପିଙ୍କ ସହ ଅନ୍ୟମାନେ ।

# ସରପଞ୍ଚଙ୍କ ସହ ଆଲୋଚନା କଲେ ଜିଲାପାଳ

ପାରଳାଖେମୁଣ୍ଡି,୨୦।୬(ସ୍ୱ.ପ୍ର.):

ଗଜପତି ଜିଲାପାଳ ଅନୁପମ ଶାହା ଶନିବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସମସ୍ତ ସରପଞ୍ଚମାନଙ୍କ ସହ ଆଲୋଚନା କରିଛନ୍ତି। ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ଠିକ୍‌ଭାବେ ପରିଚାଳନା କରୁଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ମେ ୨୩ରେ ଜିଲାରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଜୁନ୍ ୧୯ ସୁଦ୍ଧା ୧୯୧ରେ ପହଞ୍ଚିଛି। ତେଣୁ ସମସ୍ତେ ଏହାକୁ ଗୁରୁତର ସହ ନେବା ଆବଶ୍ୟକ ବୋଲି ଜିଲାପାଳ କହିଥିଲ। ସେହିପରି ସଙ୍ଗରୋଧରୁ ଫେରିବା ପରେ ଗୃହ ସଙ୍ଗରୋଧରେ ରହି ସମସ୍ତ ନିୟମ ପାଳିବାକୁ ସେ ଆହ୍ୱାନ କରିଛନ୍ତି। ଏହା ଉପରେ ନିରୀକ୍ଷଣ କରୁଥିବା ଆଶା, ଅଙ୍ଗନୱାଡି ଏବଂ ଏଏନ୍‌ଏମ୍‌ମାନେ କିପରି ଲୋକଙ୍କ ନିକଟରେ ପହଞ୍ଚି ଲକ୍ଷଣ ଚିହ୍ନଟ କରିବେ ସେ ନେଇ ଆଲୋଚନା କରାଯାଇଥିଲା। ୱାର୍ଡସ୍ତରୀୟ କମିଟି ଗଠନ କରି ତାହାର ଦାୟିତ୍ୱ ୱାର୍ଡ ମେମ୍ବରଙ୍କ ଉପରେ ନ୍ୟସ୍ତ କରିବା ଏବଂ କମିଟି କିପରି ଅଧିକ ସକ୍ରିୟ ରହିବେ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ଜିଲାରେ ୧୮୬୫ କମିଟି ମଧ୍ୟରୁ ୧୧୮୦ ୱାର୍ଡରେ କମିଟି ଗଠିତ ହୋଇଥିବା ବିଡିଓମାନଙ୍କ ଠାରୁ ଜଣାପଡ଼ିଛି। ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତରେ ଚାଲିଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର କୋଭିଡ୍ କେୟାର ସେଣ୍ଟର ଭାବେ କାମ କରିବ ଏବଂ ଏହାର ଦାୟିତ୍ୱ ସରପଞ୍ଚମାନେ ନେବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ୱାର୍ଡ ମେମ୍ବରମାନଙ୍କୁ ନେଇ ଲୋକଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରିବାକୁ କୁହାଯାଇଛି।

# ୪ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ଜିଲାପାଳଙ୍କୁ ଭେଟିଲେ

ମାଲକାନଗିରି,୨୦।୬(ଡି.ଏନ.ଏ.)

ମାଲକାନଗିର ଜିଲାର କାଲିମେଳା, ମାଲକାନଗିରି ସଦର, କତାମେଟା ଓ ମାଥିଲି ଅଞ୍ଚଳର ଟ୍ରକ ମାଲିକ ସଂଘ କର୍ମକର୍ତ୍ତାମାନେ ଶନିବାର ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ଭେଟି ଆଲୋଚନା କରିଛନ୍ତି। ଦୀର୍ଘ ତିନିମାସ ହେଲା କରୋନା ସଂକ୍ରମଣ ରୋଗ ଯୋଗୁ କେନ୍ଦ୍ର ଏବଂ ରାଜ୍ୟ ସରକାର ଲକଡାଉନ ଘୋଷଣା କଲା ପରେ ଟ୍ରକ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପରେ ସରକାର ପରିବହନ ନିୟମକୁ କୋହଳ କଲା ପରେ ଜିଲାକୁ ଅତ୍ୟାବଶ୍ୟକ ସାମଗ୍ରୀ ବାହାର ରାଜ୍ୟରୁ ଆଣି କେତେକ ଟ୍ରକ ଯୋଗାଇ ଆସୁଥିଲେ। ଏଥିରେ ସବୁ ଟ୍ରକ ସାମିଲ ହୋଇପାରୁନାହିଁ। ଫଳରେ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କ ଋଣ କିସ୍ତି ଦେଇପାରୁନାହାନ୍ତି। ଡ୍ରାଇଭର, ହେଲପରମାନେ ଘରେ ବସିରହି ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ବୋଲି ଜିଲାପାଳଙ୍କୁ ଅବଗତ କରାଇଥିଲେ। ଏ ସମ୍ପର୍କରେ ଲିଖିତ ରୂପେ ଜଣାଇବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ପରେ ସମସ୍ୟା ନେଇ ମାଲ୍ୟବନ୍ତ ଲରି ସଂଘ ସଭାପତି ଜି. ଶ୍ରୀନିବାସ ରାଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ମଧ୍ୟ ହୋଇଥିଲା। ଏଥିରେ ଏସ୍.ପ୍ରସାଦ ରାଓ, ସତ୍ୟଜିତ ସରକାର, ପି. ବାବୁ, ପି. କେଶୁ ରାଓ, ଅନିଲ ଦେଙ୍କ ସହ ଅନ୍ୟ ଟ୍ରକ ମାଲିକମାନେ ଉପସ୍ଥିତ ଥିଲେ।

## ନବୋଦୟ ପରୀକ୍ଷାରେ ୧୦ ଉତ୍ତୀର୍ଣ୍ଣ

କାଲିମେଳା,୨୦।୬ (ଡି.ଏନ.ଏ)

ମାଲକନଗିରି ଜିଲା କାଲିମେଳା ବ୍ଲକ ଭେଙ୍ଗଟାପଲମ ପଞ୍ଚାୟତର ମାଙ୍ଗିପାଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦ ଜଣ ଛାତ୍ରୀଛାତ୍ର ଚଳିତ ବର୍ଷ ନବୋଦୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଖବର ଜାଣିବା ପରେ ତହସିଲଦାର ଆଲୋକ କୁମାର ଅନୁଗୁଳିଆ ଶନିବାର ଛାତ୍ରୀଛାତ୍ରଙ୍କୁ ଭେଟି ପାଠ୍ୟପୋକରଣ ଦେଇଛନ୍ତି।

## ପରିବାରକୁ ଭେଟିଲେ ତହସିଲଦାର

କାଲିମେଳା,୨୦।୬(ଡି.ଏନ.ଏ)- କାଲିମେଳା ବ୍ଲକ ଏମପିଭି-୩୫ ଗ୍ରାମରେ ବୁଧବାର ଗ୍ରାମ ପୋଖରୀକୁ ସାଙ୍ଗ ସାଥୀଙ୍କ ସହ ଗାଧାଇବାକୁ ଯାଇ ପାଣିରେ ବୁଡି ଜଣେ ୬ ବର୍ଷ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ଜାଣିବା ପରେ ତାଙ୍କ ବାପା କଙ୍କଣ ମଣ୍ଡଳ ଏବଂ ମା ଦୀପିକା ମଣ୍ଡଳଙ୍କୁ ଶୁକ୍ରବାର ତହସିଲଦାର ଅଲୋକ ଅନୁଗୁଳିଆ ଭେଟି ସମବେଦନା ଜଣାଇସହାୟତା ପ୍ରତିଶ୍ରୁତି ଦେଇଛନ୍ତି।

## ମାଲକାନଗିରିରୁ ୨ କରୋନା ଆକ୍ରାନ୍ତ ଚିହ୍ନଟ

ମାଲକାନଗିରି,୨୦।୬(ଡି.ଏନ.ଏ.)

ମାଲକାନଗିରି ଜିଲାରେ ଶନିବାର ପୁଣି ୨ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୫୧କୁ ବୃଦ୍ଧି ପାଇଛି। ଆକ୍ରାନ୍ତ ଦ୍ୱୟ ମାଲକାନଗିରି ବ୍ଲକ ଅନ୍ତର୍ଗତ ଏକ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁଥିଲେ। ଉଭୟେ ତେଲଙ୍ଗାନା ଫେରନ୍ତା ବୋଲି ଜିଲାପାଳ ମନୀଷ ଅଗ୍ରୱାଲ ସୂଚନା ଦେଇଛନ୍ତି। ସେମାନେ କେଉଁମାନଙ୍କ ସଂସ୍ପର୍ଶରେ ଆସିଛନ୍ତି ତାହାର କଣ୍ଟାକ୍ଟ ଟ୍ରେସିଂ କରାଯାଉଛି। ସୂଚନାଯୋଗ୍ୟ ଯେ, ଜିଲାରେ ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୨୪ ଜଣ ସୁସ୍ଥ ହୋଇ ଘରକୁ ଫେରଛନ୍ତି। ୨୭ ଚିକିତ୍ସାଧୀନ ଅଛନ୍ତି।

## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ମାଲକାନଗିରି,୨୦।୬(ଡି.ଏନ.ଏ.)

ମାଲକାନଗିରି ଜିଲା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ସଙ୍ଗଠନ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଶନିବାର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏଥିରେ ଡିଆରଡିଏ ପିଡି ବାଳମୁକୁନ୍ଦ ଭୂୟାଁ ଯୋଗଦେଇ ଶହୀଦଙ୍କ ଉଦ୍ଦେଶ୍ୟରେ ଦୀପ ପ୍ରଜ୍ଜଳନ କରି ପୁଷ୍ପ ଅର୍ପଣ କରିଥିଲେ। ପରେ ଏକମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଆନନ୍ଦ ମାଡି, ରଘୁନାଥ ନାୟକ, ବିଷ୍ଣୁ ମାଡକାମି, ନାରାୟଣ ପଣ୍ଡା, ପ୍ରବୀର ପାତ୍ର, ଘେନୁ ମୁଦୁଲି, ଲାଛା ମୁଦୁଲି, ସମା ମାଡକାମି ପ୍ରମୁଖ ପରିଚାଳନା କରିଥିଲେ ।

## ବିଦ୍ୟୁତ ଆଘାତରେ ଶିଶୁକନ୍ୟା ମୃତ

ଚନ୍ଦାହାଣ୍ଡି,୨୦।୬(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅନ୍ତର୍ଗତ ଫଟକି ପଞ୍ଚାୟତ ଚଚରା ଘାଟି ଗ୍ରାମର ରାଇଲା ସାନ୍ତା (୧୦)ଙ୍କ ଶନିବାର ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଛି। ଚଚରା ଘାଟି ଗ୍ରାମର ବାସୁ ସାନ୍ତା ଏକ ନୂତନ ଗୃହ ନିର୍ମାଣ ନିମନ୍ତେ ନିଜ ଘରକୁ ଏକ ଅସ୍ଥାୟୀ ବିଦ୍ୟୁତ ତାର ସଂଯୋଗ କରିଥିଲେ। ତାରଟି ଛିଣ୍ଡିଯାଇ କବାଟରେ ଲାଗିଥିଲା। ସକାଳେ ପରିବାରର ସମସ୍ତେ ଚାଷ କାର୍ଯ୍ୟରେ ଯାଇଥିବା ବେଳେ ରାଇଲା ହଠାତ ଘରକୁ ଆସି କବାଟ ଖୋଲିବା ସମୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ଘଟଣା ସ୍ଥଳରେ ରାଇଲାଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ପରିବାର ଲୋକ ପହଞ୍ଚି ଚନ୍ଦାହାଣ୍ଡି ପୋଲିସକୁ ଜଣାଇଥିଲେ।

# ରାୟଗଡ଼ା ଜିଲାରେ ଆଉ ୫ କରୋନା ସଂକ୍ରମିତ

ରାୟଗଡ଼ା ଅଫିସ,/ଗୁଣପୁର ୨୦।୬(ଡି.ଏନ୍.ଏ.):

ରାୟଗଡ଼ା ଜିଲାରେ ଶନିବାର ୫ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମସ୍ତ ପଜିଟିଭ୍ ଗୁଣପୁର ଉପଖଣ୍ଡ ଅଞ୍ଚଳର ବୋଲି ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ସୂଚନା ଦେଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣ ସଙ୍ଗରୋଧ କେନ୍ଦ୍ରରେ ଥିବାବେଳେ ଜଣେ ଗୃହ ସଙ୍ଗରୋଧରେ ଥିଲେ। ଚିହ୍ନଟଙ୍କ ମଧ୍ୟରେ ତାମିଲନାଡୁରୁ ଫେରିଥିବା ଶିରିଖୋଲି ପଞ୍ଚାୟତ ଅଧୀନ ବିଜୟପୁର ଗ୍ରାମର ଗୋଟିଏ ପରିବାରର ସ୍ତ୍ରୀ, ସ୍ୱାମୀ ଏବଂ ୪ ବର୍ଷର ଶିଶୁ ରହିଥିବା ଜଣାପଡ଼ିଛି। ସେହିପରି ଗୁଣପୁର ପୌର ପରିଷଦ ଅଧୀନ କୋଟୁରୁ ସାହିରୁ ଚିହ୍ନଟ ୧୭ ବର୍ଷୀୟା ଯୁବତୀ ତାମିଲନାଡୁରୁ ଫେରି ପ୍ରଥମେ ସଙ୍ଗରୋଧ କେନ୍ଦ୍ରରେ ଏବଂ ପରେ ଗୃହ ସଙ୍ଗରୋଧରେ ଥିଲେ। ସେହିପରି ରାମନାଗୁଡ଼ା ବ୍ଲକରୁ ଚିହ୍ନଟ ଜଣେ ମହିଳା କର୍ଣ୍ଣାଟକରୁ ଫେରି ଗୁଣପୁର ଆଦର୍ଶ ବିଦ୍ୟାଳୟସ୍ଥିତ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଙ୍ଗରୋଧରେ ଥିଲେ। ଏମାନଙ୍କ ସ୍ୱାବ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ପଜିଟିଭ୍ ଚିହ୍ନଟ ହେବାପରେ ସମସ୍ତ ୫ଜଣଙ୍କୁ ଜେକେପୁରସ୍ଥିତ କୋଭିଡ୍ ହେଲ୍‌ଥ ସେଣ୍ଟରକୁ ଚିକିତ୍ସା ପାଇଁ ପଠାଯାଇଛି। ଅନ୍ୟପକ୍ଷରେ ସଂକ୍ରମିତ ଚିହ୍ନଟ ହେବାପରେ ବିଜୟପୁର ଗ୍ରାମ, କୋଟୁରୁ ସାହି ଏବଂ ଓଏଭି କୋଭିଡ୍ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳକୁ ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବା ଓ ଅନ୍ୟାନ୍ୟ ବ୍ୟବସ୍ଥାର ତଦାରଖ ପାଇଁ ଗୁଣପୁର ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର, ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତ, ବିଡିଓ ଶାନ୍ତିପ୍ରଭା ପ୍ରଧାନଙ୍କ ସହ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୧୭ରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, ଶନିବାର ଚିହ୍ନଟ ବ୍ୟକ୍ତିଙ୍କୁ ପ୍ରଥମଥର ପାଇଁ ରାୟଗଡ଼ା ଜିଲା ଜେକେପୁରସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସା କରାଯାଇଛି। ଏଥିପୂର୍ବରୁ ଜିଲାରୁ ଚିହ୍ନଟ ସଂକ୍ରମିତଙ୍କୁ ବାହାର ଜିଲାକୁ ପଠାଯାଉଥିଲା।

# ବ୍ୟବସାୟୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଜୟପୁର, ୨୦।୬ (ନି.ପ୍ର.)

ଉଠାଦୋକାନୀ, ଛୋଟ ବ୍ୟବସାୟୀଙ୍କ ମିଳିତ ସଂଘ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଦାବିପତ୍ର ଡାକଯୋଗେ ପଠାଯାଇଛି। ଉଠାଦୋକାନୀ, ବୁଲା ବିକାଳି, କ୍ଷୁଦ୍ର ବ୍ୟବସାୟୀଙ୍କୁ କୋଭିଡ୍-୧୯ ସହାୟତା ପ୍ରଦାନ କରିବାକୁ ଏଥିରେ ଦାବି କରାଯାଇଛି। ରାସ୍ତାକଡରେ ବ୍ୟବସାୟ କରି ପରିବାର ଚଳାଉଥିବା ବହୁସଂଖ୍ୟକ ବ୍ୟବସାୟୀ ଲକ୍‌ଡାଉନ ଯୋଗୁ ଏଯାଏ ଦୋକାନ ବଜାର ଖୋଲିପାରି ନାହାନ୍ତି । ସେମାନଙ୍କ ଆର୍ଥିକ ବ୍ୟବସ୍ଥା ଶୋଚନୀୟ ହୋଇଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାର ଏପରି କ୍ଷୁଦ୍ର ଓ ନାମମାତ୍ର ବ୍ୟବସାୟୀଙ୍କୁ ୩ ହଜାର ଟଙ୍କା ଲେଖାଏ ସହାୟତା ଦେବାକୁ ଘୋଷଣା କରିଥିଲେ। ଏଥିପାଇଁ ପୌର ପରିଷଦ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନାହାନ୍ତି।

# ନବରଙ୍ଗପୁରରେ ଆଉ ଜଣେ କରୋନା ଆକ୍ରାନ୍ତ

ନବରଙ୍ଗପୁର,୨୦।୬ (ବି.ପ୍ର.)

ନବରଙ୍ଗପୁର ଜିଲାରେ ଆଉ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ପଶ୍ଚିମବଙ୍ଗରୁ ସେ ଫେରିଥିଲେ । ଉମରକୋଟ ଅଞ୍ଚଳର କାରାଗାଁର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେ ରହୁଥିଲେ। କ୍ୱାରାଣ୍ଟାଇନ ସମୟସୀମା ପରେ ସେ ଘରକୁ ଫେରିଥିଲେ। ତାଙ୍କର ଜ୍ୱର ତଥା ଗଳାବିନ୍ଧା ଯୋଗୁ ସ୍ୱାବ୍ ଟେଷ୍ଟ କରାଯାଇଥିଲା। ଶୁକ୍ରବାର ରାତିରେ ତାଙ୍କର ପଜିଟିଭ ରିପୋର୍ଟ ଆସିବା ପରେ ନବରଙ୍ଗପୁର କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ବୁଧବାର ନବରଙ୍ଗପୁର ଜିଲାର ୭ ପଜିଟିଭ ଚିହ୍ନଟ ହୋଇଥିଲେ । ରିପୋର୍ଟ ଆସିବା ପୂର୍ବରୁ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିଲା। ନାବାଳକଙ୍କ ମୃତ୍ୟୁ କୋଭିଡ୍ ଜନିତ ନୁହେଁ। ତାଙ୍କର କୋଭିଡ୍ ପଜିଟିଭ ଆସିବା ପୂର୍ବରୁ ଲିଭର ତଥା ଜଣ୍ଡିସ ଜନିତ ଚିକିତ୍ସା ଆରମ୍ଭ ହୋଇଥିଲା। ଲିଭର ଜନିତ ରୋଗରେ ନାବାଳକଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ପାଇବା ପରେ ଜିଲାପାଳ ଅଜିତ କୁମାର ମିଶ୍ର ଖବରଦାତାଙ୍କୁ ଏହି ସୂଚନା ଦେଇଛନ୍ତି। ତେବେ କରୋନା ସଂକ୍ରମଣରେ ଜିଲାରେ ଜଣେ ମଧ୍ୟ ମୃତ୍ୟୁବରଣ କରି ନ ଥିବା ଜିଲାପାଳ ଜଣାଇଛନ୍ତି।

# ନବରଙ୍ଗପୁରକୁ ମିଳିଲା ପ୍ଲାଟିନମ

**ଜାତୀୟସ୍ତରୀୟ ସ୍କଚ୍ ଆୱାର୍ଡ**

ନବରଙ୍ଗପୁର,୨୦।୬(ବି.ପ୍ର)

କୃଷିଭିତ୍ତିକ ବିଜ୍ଞାନ ଓ ଜ୍ଞାନକୌଶଳ ମାଧ୍ୟମରେ କୃଷକଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ପାଇଁ ନବରଙ୍ଗପୁର ଆକାଂକ୍ଷା ଜିଲା ଜାତୀୟ ସ୍ତରୀୟ ସ୍କଚ୍ ଆୱାର୍ଡରେ ପ୍ଲାଟିନମ ହାସଲ କରିଛି। ନବରଙ୍ଗପୁର ଜିଲା ଜାତୀୟ ସ୍ତରରେ ଅନ୍‌ଲାଇନ ସ୍କଚ୍ ଆୱାର୍ଡରେ ଭାଗ ନେଇଥଲେ । ଅନ୍‌ଲାଇନରେ ଭୋଟିଂ ହୋଇଥିଲା । ଉକ୍ତ ଭୋଟିଂକୁ ଆଧାରକରି ନବରଙ୍ଗପୁର ଜିଲା ପ୍ଲାଟିନମ ଆୱାର୍ଡ ପାଇଥିବା ଘୋଷଣା ହୋଇଛି । ଦୀର୍ଘ ୬ ମାସର ପ୍ରତୀକ୍ଷା ପରେ ତାହାର ଫଳାଫଳ ଆସିଛି । ଏନେଇ ବିଜ୍ଞାନ ଓ କୌଶଳ କାରିଗରି ଗବେଷଣା ସଂସ୍ଥାର ବୈଜ୍ଞାନିକମାନଙ୍କୁ ଜିଲାପାଳ ଅଜିତ କୁମାର ମିଶ୍ର ଧନ୍ୟବାଦ ଜଣାଇଛନ୍ତି। ଏନେଇ ଜିଲାପାଳ କହିଛନ୍ତି ଯେ, ଏହା ଜିଲାବାସୀଙ୍କ ଗୌରବ । ଗଣମାଧ୍ୟମର ଭୂମିକା ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ରହିଥିଲା । ନବରଙ୍ଗପୁର ଜିଲାରେ ଉନ୍ନତ କୃଷି ପ୍ରଣାଳୀ ଓ କୃଷକଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ପାଇଁ ୧୨ଟି କୃଷି ଓ କାରିଗର ଗବେଷଣା ସଂସ୍ଥା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଜିଲାରେ କୃଷକଙ୍କୁ ଉନ୍ନତ କିସମର ଚାଷ ପ୍ରଣାଳୀ ଉପରେ ତାଲିମ ଦେବା ନେଇ କାର୍ଯ୍ୟ କରାଯାଉଛି। ଲେମନଗ୍ରାସ୍‌ରୁ ତେଲ, ହଳଦୀଚାଷ, ମାଛ, ବତକ, କୁକୁଡା, ଗୋପାଳନ, ଫଳ, ସୁଗନ୍ଧି ଫୁଲ, ମଶାଧୂପ, ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତୀକରଣ, ତୁଳସୀ ପତ୍ରରୁ ତେଲ, ଲେମନଟି, କମ୍ ଖର୍ଚ୍ଚରେ ଖାଦ୍ୟ ପ୍ରକ୍ରିୟାକରଣ, ଫ୍ରୁଟ୍‌ଜୁସ ପ୍ରସ୍ତୁତି, ଖମ୍ବଆଳୁ, କନ୍ଦମୂଳ, ଜଳ ସଂରକ୍ଷଣ, ମୃତ୍ତିକା ସଂରକ୍ଷଣ ଉପରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହାଦ୍ୱାରା କମ୍ ଖର୍ଚ୍ଚରେ ଚାଷୀ କିଭଳି ଅଧିକ ଅମଳ ହାସଲ କରିବ ଓ ଆର୍ଥିକ ଉନ୍ନତି ଘଟିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି ।




ଆୱାର୍ଡ ସମ୍ପର୍କରେ ଜିଲାପାଳ ସୂଚନା ଦେଉଛନ୍ତି ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ରବିବାର, ଜୁନ୍ ୨୧/୨୦୨୦ Sunday, June 21/2020

## ସଂକ୍ଷେପରେ

### ଚାଇନା ଉତ୍ପାଦ ବର୍ଜନ କଲେ ହରଭଜନ



**ନୂଆଦିଲ୍ଲୀ, ୨୦।୬:** ଭେଟେରାନ ସ୍ପିନର ହରଭଜନ ସିଂ ପ୍ରଥମ ଭାରତୀୟ ସେଲିବ୍ରିଟି ଭାବେ ଚାଇନା ତିଆରି ସାମଗ୍ରୀ ବର୍ଜନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। କନଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ସେଥିପାଇଁ ତାଙ୍କର ଉଚ୍ଚ ପ୍ରଶଂସା କରିଛି। ଅର୍ଥ ଓ ଦେଶପ୍ରେମ ମଧ୍ୟରୁ ଆମକୁ ଗୋଟିଏ ବାଛିବାକୁ ପଡ଼ିବ ବୋଲି ଏହାର ସାଧାରଣ ସମ୍ପାଦକ ପ୍ରବୀଣ ଖଣ୍ଡେଲୱାଲ ପ୍ରକାଶ କରିଛନ୍ତି। ସୀମାନ୍ତବର୍ତ୍ତୀ ଗଲୱାନ ଉପତ୍ୟକାରେ ଚାଇନା ସୈନ୍ୟଙ୍କ ସହିତ ସଂଘର୍ଷରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ଦେଶରେ ଚାଇନା ବିରୋଧୀ ମନୋଭାବ ପ୍ରକାଶ ପାଇଛି। ଚାଇନା ଜିନିଷ ବର୍ଜନ ଲାଗି ଆହ୍ୱାନ ଦିଆଯାଇଛି। ହରଭଜନ ୧୦୩ ଟେଷ୍ଟ ମ୍ୟାଚ ଖେଳି ୪୧୭ ଉଇକେଟ ନେଇଛନ୍ତି। ୨୩୬ ଅନ୍ତର୍ଜାତୀୟ ଦିନିକିଆରେ ସେ ୨୬୯ ଉଇକେଟ ନେଇଥିବା ବେଳେ ୨୮ ଅନ୍ତର୍ଜାତୀୟ ଟି୨୦ରେ ୨୫ ଉଇକେଟ ଅକ୍ତିଆର କରିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୨୦୨୦ ସଂସ୍କରଣରେ ହରଭଜନ ଚେନ୍ନାଇ ସୁପର କିଙ୍ଗ୍ସ ତରଫରୁ ଖେଳିବାର ଯୋଜନା ରହିଛି।

### ସ୍ପନସରଶିପ୍‌କୁ ନେଇ ହୋଇପାରେ ସମୀକ୍ଷା

**ନୂଆଦିଲ୍ଲୀ, ୨୦।୬:** ଆସନ୍ତା ସପ୍ତାହରେ ହେବ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଗଭର୍ଣ୍ଣିଂ କାଉନ୍‌ସିଲ ବୈଠକ। ଏଥିରେ ଟୁର୍ଣ୍ଣାମେଣ୍ଟ ସହିତ ସମ୍ପୃକ୍ତ ବିଭିନ୍ନ ସ୍ପନସରଶିପ୍ କାରବାର ଉପରେ ସମୀକ୍ଷା କରାଯାଇପାରେ। ଚାଇନିଜ କମ୍ପାନୀ ଭିଭୋ ସହିତ ୨୦୨୨ ଶେଷ ପର୍ଯ୍ୟନ୍ତ ୫ ବର୍ଷିଆ ଆଇପିଏଲ ଟାଇଟଲ ସ୍ପନସରଶିପ୍ ଚୁକ୍ତି ହୋଇଛି। ତଦନୁସାରେ ଏହି କମ୍ପାନୀ ପ୍ରତିବର୍ଷ ଟୁର୍ଣ୍ଣାମେଣ୍ଟକୁ ୪୪୦ କୋଟି ଟଙ୍କା ଲେଖାଏଁ ଦେଇ ଆସୁଛି। ସୀମାନ୍ତ ଅଞ୍ଚଳରେ ଭାରତ-ଚାଇନା ସୈନ୍ୟ ମଧ୍ୟ ସଂଘର୍ଷ ଯୋଗୁ ଆମ ଦେଶରେ ୨୦ଜଣ ଯବାନ ଶହିଦ ହେବା ପରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି।

# ଟ୍ରେନିଂ ଉପରେ ଫର୍ନାଣ୍ଡିଜଙ୍କ ଗୁରୁତ୍ୱ

**ନୂଆଦିଲ୍ଲୀ, ୨୦।୬**



ବାହାରିନଠାରେ ହେବାକୁଥିବା ୧୬ ବର୍ଷରୁ କମ୍ ଏଏଫସି ଚାମ୍ପିୟନଶିପ୍‌ରେ ଭାରତ କଷ୍ଟସାଧ୍ୟ ଗ୍ରୁପରେ ସ୍ଥାନ ପାଇଛି। ତେବେ ଏହାକୁ ସକାରାତ୍ମକ ଦୃଷ୍ଟିରେ ନେଇଛନ୍ତି ମୁଖ୍ୟ କୋଚ୍ ବିବିଆନୋ ଫର୍ନାଣ୍ଡିଜ। ଉଚ୍ଚସ୍ତରୀୟ ପ୍ରତିଯୋଗିତାରେ ତାଙ୍କ ଦଳର ଖେଳାଳିମାନେ ଭଲ ପ୍ରଦର୍ଶନ କରିବେ ବୋଲି ସେ ଅନୁଭବ କରୁଛନ୍ତି। ''ପ୍ରତିଯୋଗିତାର ଗ୍ରୁପିଂ ପାଇଁ ଡ୍ର ଉଠାଣ କାର୍ଯ୍ୟକ୍ରମକୁ ମୁଁ ଲାଇଭ୍ ଦେଖୁଥିଲେ ହେଁ କିଛି ଆଶା ରଖି ନ ଥିଲି। କ୍ୱାଲିଫାୟରରେ ଆମ ପିଲାମାନେ ଚମତ୍କାର ଖେଳିଛନ୍ତି। ତେଣୁ ଗ୍ରୁପରେ ମଧ୍ୟ ଦଳ ଭଲ ପ୍ରଦର୍ଶନ କରିବା ନେଇ ମୁଁ ଦୃଢ଼ ଆଶାୟୀ'' ବୋଲି ବିବିଆନୋ କହିଛନ୍ତି। ଚଳିତମାସ ୧୮ ତାରିଖରେ ପ୍ରତିଯୋଗିତା ପାଇଁ ଡ୍ର ଉଠାଣ କାର୍ଯ୍ୟକ୍ରମ କୁଆଲାଲମ୍ପୁରରେ ଅନୁଷ୍ଠିତ ହୋଇଥିଲା। ଗ୍ରୁପ 'ସି'ରେ ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ ଓ ଉଜବେକିସ୍ତାନ ସହିତ ଭାରତ ସ୍ଥାନ ପାଇଥିଲା। ୨୦୧୮ କ୍ୱାର୍ଟର ଫାଇନାଲରେ ଭାରତ ଗୋଟିଏ ଗୋଲରେ କୋରିଆଠାରୁ ହାରି ଯାଇଥିଲା। ଏହି ମ୍ୟାଚ ଜିତିଥିଲେ ଭାରତୀୟ ଦଳ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଥାନ୍ତା।

ସାମ୍ପ୍ରତିକ ସ୍ଥିତିରେ ପିଲାମାନେ କେତେଶୀଘ୍ର ଟ୍ରେନିଂକୁ ଫେରିବେ ତାହା ଗୁରୁତ୍ୱପୂର୍ଣ୍ଣ। ଟୁର୍ଣ୍ଣାମେଣ୍ଟ ଆରମ୍ଭ ପୂର୍ବରୁ ଖେଳାଳିମାନେ ସେଥିପାଇଁ ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ବିବିଆନୋ କହିଛନ୍ତି। ସବୁ ସମୟରେ କିଛି ନା କିଛି ଶିଖିବାର ଅଛି। ୨୦୧୮ ପ୍ରତିଯୋଗିତାରୁ ଆମେ ଅନେକ କିଛି ଶିଖିଛୁ। ସେଠାରେ ହୋଇଥିବା ତ୍ରୁଟିକୁ ଆମେ ଟ୍ରେନିଂରେ ସୁଧାରିବୁ ବୋଲି ସେ ପ୍ରକାଶ କରିଛନ୍ତି। କରୋନା ଭାଇରସ ସଂକ୍ରମଣ ଜନିତ ଲକ୍‌ଡାଉନ୍ ଯୋଗୁ ଗତ ମାର୍ଚ୍ଚରୁ ସର୍ବଭାରତୀୟ ଫୁଟବଲ ଫେଡେରେଶନ(ଏଆଇଏଫଏଫ)ର ସମସ୍ତ କାର୍ଯ୍ୟକ୍ରମ ସ୍ଥଗିତ ରହିଛି। ପିଲାମାନେ ଘରେ ଥିବାରୁ ବିବିଆନୋ ଅନ୍‌ଲାଇନ୍ ସେସନରେ ସେମାନଙ୍କ ସହ ଟଚ୍‌ରେ ରହୁଛନ୍ତି। ବିବିଆନୋଙ୍କ ପ୍ରଶିକ୍ଷଣରେ ୧୬ ବର୍ଷରୁ କମ୍ ଦଳ ସଫଳତା ପଥରେ ରହିଛି। ଅନ୍ତର୍ଜାତୀୟ ଫୁଟବଲରେ ଭାରତ ଗତ ୮ଟି ମ୍ୟାଚରେ ଅପରାଜେୟ ରହିଛି। ୧୫ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍‌ରେ ଭାରତ ୫ଟି ମ୍ୟାଚ ଜିତିଥିବାବେଳେ ୧୬ ବର୍ଷରୁ କମ୍ ଏଏଫସି ଚାମ୍ପିୟନଶିପ୍ କ୍ୱାଲିଫାୟରରେ ୨ଟି ମ୍ୟାଚ ଜିତିଛି ଏବଂ ଗୋଟିଏ ଡ୍ର ରଖିଛି। ଏଥିପାଇଁ ଏଆଇଏଫଏଫ ଏବଂ ସପୋର୍ଟ ଷ୍ଟାଫଙ୍କୁ ପ୍ରଶଂସା କରିଛନ୍ତି କୋଚ୍ ବିବିଆନୋ।

# ପ୍ରଶଂସକଙ୍କୁ ଅନୁମତି ମିଳିବ

**ମେଲବୋର୍ନ,୨୦।୬(ପି.ଟି.)**

ଅଷ୍ଟ୍ରେଲିଆରେ ଆୟୋଜନ ହେବାକୁଥିବା ଟି୨୦ ବିଶ୍ୱକପ୍ ଅବସରରେ ମ୍ୟାଚ୍ ଦେଖିବା ପାଇଁ ପ୍ରଶଂସକଙ୍କୁ ଅନୁମତି ମିଳିବ ବୋଲି କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ମଧ୍ୟବର୍ତ୍ତିକାଳୀନ ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ନିକ୍ ହୋକ୍‌ଲି କହିଛନ୍ତି। ଯଦି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ୧୫ଟି ଦଳ ଅଷ୍ଟ୍ରେଲିଆରେ ପ୍ରବେଶ କରିବେ, ତାହାଲେ ପ୍ରଶଂସକଙ୍କୁ ମଧ୍ୟ ରୋକା ଯାଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। କେଭିନ ରବର୍ଟ୍ସ ପଦ ଛାଡିବା ପରେ ହୋକ୍‌ଲି ମଧ୍ୟବର୍ତ୍ତିକାଳୀନ ସିଇଓ ଭାବେ ଦାୟିତ୍ୱ ସମ୍ଭାଳିଛନ୍ତି। କୋଭିଡ୍-୧୯ ମହାମାରୀ କାରଣରୁ ସିଏ ଏବେ ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ଏହି ମହାମାରୀ କାରଣରୁ ବିଶ୍ୱକପ୍ ଆୟୋଜନ ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ଏହି ମେଗା ଇଭେଣ୍ଟକୁ ଫାଙ୍କା ଷ୍ଟାଡିୟମରେ ଆୟୋଜନ କରାଯିବ ବୋଲି ଅନୁମାନ କରାଯାଉଛି। ତେବେ ମ୍ୟାଚ୍ ଦେଖିବାକୁ ପ୍ରଶଂସକ ଷ୍ଟାଡିୟମକୁ ଆସିପାରିବେ। ୧୫ଟି ଦଳର




ଖେଳାଳି, ଅଫିସିଆଲ ଓ ସପୋର୍ଟ ଷ୍ଟାଫ୍ ଭଳି ପ୍ରଶଂସକମାନେ ମଧ୍ୟ ଅନୁମତି ପାଇବେ ବୋଲି ବୋଲି ହୋକ୍‌ଲି କହିଛନ୍ତି। ରବର୍ଟ୍ସଙ୍କ ଉତ୍ତରାଧିକାରୀ ଭାବେ ଦାୟିତ୍ୱ ସମ୍ଭାଳିବାକୁ ସିଏ ତରଫରୁ ପ୍ରସ୍ତାବ ଦିଆଯିବା ପରେ ଆଚମ୍ବିତ ହୋଇଥିଲି। ତେବେ ଟି୨୦ ବିଶ୍ୱକପ୍ ଆୟୋଜକ କମିଟିର ସିଇଓ ପଦରୁ ଇସ୍ତଫା ଦେବେ ବୋଲି ସେ ସୂଚନା ଦେଇଛନ୍ତି। ସିଇଓ ଭାବେ ଦାୟିତ୍ୱ ତୁଲାଇବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିବି। ଟି୨୦ ବିଶ୍ୱକପ୍ ଆୟୋଜନ ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ହୋକ୍‌ଲି କହିଛନ୍ତି।

# ଦୁର୍ଘଟଣାରେ ଜାନାର୍ଡି ଗୁରୁତର



ପାରାଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଆଲେକ୍ସ ଜାନାର୍ଡି।

**ରୋମ, ୨୦।୬ (ଏପି):** ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଛନ୍ତି ଇଟାଲିଆନ୍ ରେସ୍ କାର୍ ଚାମ୍ପିୟନରୁ ପାରାଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ହୋଇଥିବା ଆଲେକ୍ସ ଜାନାର୍ଡି। ସେ ନିଜ ହ୍ୟାଣ୍ଡବାଇକ୍‌ରେ ଯାଉଥିବାବେଳେ ଏକ ଟ୍ରକ୍ ସହିତ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଡକ୍ତରଖାନାରେ ସେ ବର୍ତ୍ତମାନ କୋମା ଅବସ୍ଥାରେ ଅଛନ୍ତି। ପାଖାପାଖି ୨୦ ବର୍ଷ ପୂର୍ବେ ଏକ ରେସ୍‌କାର୍ ଦୁର୍ଘଟଣାରେ ଜାନାର୍ଡି ତାଙ୍କର ଦୁଇ ଗୋଡ଼ ହରାଇଥିଲେ। ବର୍ତ୍ତମାନ ସେ ଭେଣ୍ଟିଲେଟରରେ ଅଛନ୍ତି। ତାଙ୍କର ରକ୍ତ ସଂଚାଳନ ଠିକ୍ ରହିଛି ତେବେ ସ୍ନାୟୁଜନିତ ସମସ୍ୟା ଗୁରୁତର ରହିଛି ବୋଲି ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଜ୍ୟୁସେପ୍ ଅଲିଭେରି କହିଛନ୍ତି।

# ସ୍ତ୍ରୀ, ପୁତ୍ରଙ୍କୁ ଭେଟିବାକୁ ସୋଏବଙ୍କୁ ଅନୁମତି

**ନୂଆଦିଲ୍ଲୀ, ୨୦।୬**



ସୋଏବ ମଲିକ



ପୁଅଙ୍କ ସହ ସାନିଆ ମିର୍ଜା

ପାକିସ୍ତାନ କ୍ରିକେଟ ଦଳ ଇଂଲଣ୍ଡ ଗସ୍ତ କରି ୩ଟି ଟେଷ୍ଟ ଏବଂ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଆସନ୍ତା ଅଗଷ୍ଟ-ସେପ୍ଟେମ୍ବରରେ ଖେଳିବ। କୋଭିଡ-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖାଯାଇ ଏହି ସିରିଜ ଜୈବ-ସୁରକ୍ଷିତ ପରିବେଶରେ ଅନୁଷ୍ଠିତ ହେବ। ୨୯ ଜଣିଆ ପାକିସ୍ତାନ ଦଳ ଜୁନ ୨୮ରେ ମାଞ୍ଚେଷ୍ଟର ଅଭିମୁଖେ ଯାତ୍ରା କରିବ। ସେଠାରୁ ୱର୍ଷେଷ୍ଟରଶାୟାର ଯାଇ ଖେଳାଳିମାନେ ୧୪ ଦିନିଆ କ୍ୱାରାଣ୍ଟାଇନ୍‌ରେ ରହିବେ। ସେଠାରେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସଓପି) ଅନୁସାରେ ଟ୍ରେନିଂ ଏବଂ ଅଭ୍ୟାସ ପାଇଁ ଅନୁମତି ମିଳିବ। ତେବେ ଦଳର ଅନ୍ୟତମ ସଦସ୍ୟ ସୋଏବ ମଲିକ ବିଳମ୍ବରରେ ଇଂଲଣ୍ଡ ଯିବେ। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ଶନିବାର ଏହା ପ୍ରକାଶ କରାଯାଇଛି। କାରଣ ଦୂରରେ ଥିବା ସ୍ତ୍ରୀ ସାନିଆ ମିର୍ଜା ଓ ପୁଅଙ୍କୁ ଭେଟିବା ପାଇଁ ତାଙ୍କ ଅନୁରୋଧକୁ ପିସିବି ରକ୍ଷା କରିଛି। ଅର୍ଥାତ୍ ସୋଏବ ପରିବାର ସହିତ କିଛି ଦିନ କଟାଇବାପରେ ଇଂଲଣ୍ଡ ଯିବେ। ରିପୋର୍ଟ ଅନୁସାରେ କୋଭିଡ-୧୯ ଲକ୍‌ଡାଉନ୍ ଯୋଗୁ ସୋଏବ ସ୍ତ୍ରୀ ଏବଂ ପୁଅଙ୍କୁ ଗତ ୫ ମାସହେଲା ସାକ୍ଷାତ କରି ନାହାନ୍ତି। ତେଣୁ ଇଂଲଣ୍ଡ ସିରିଜ ପୂର୍ବରୁ ତାଙ୍କ ଅନୁରୋଧ ରଖିଛି। ଅନ୍ତର୍ଜାତୀୟ ଭ୍ରମଣ ବନ୍ଦ ରହିଥିବାରୁ ସୋଏବ ସମ୍ପ୍ରତି ପାକିସ୍ତାନରେ ଏବଂ ତାଙ୍କ ସ୍ତ୍ରୀ ଟେନିସ ତାରକା ସାନିଆ ମିର୍ଜା ଓ ୧ ବର୍ଷର ପୁଅ ଇଜହାନ ଭାରତରେ ରହୁଛନ୍ତି। ସୋଏବଙ୍କ ସମ୍ପର୍କରେ ପିସିବି ପ୍ରତିପକ୍ଷ ବୋର୍ଡ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡକୁ ଜଣାଇ ଦେଇଛି। ଫଳରେ ଜୁଲାଇ ୨୪ରେ ସୋଏବଙ୍କୁ ଇଂଲଣ୍ଡରେ ପ୍ରବେଶ ଅନୁମତି ମିଳିଛି। ୩୮ ବର୍ଷୀୟ ସୋଏବ ୨୦୧୫ରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିବାବେଳେ ଗତବର୍ଷ ବିଶ୍ୱକପ ପରେ ଦିନିକିଆ ଖେଳୁ ନାହାନ୍ତି। ତେବେ ସେ ପାକିସ୍ତାନ ପକ୍ଷରୁ ଟି୨୦ ଖେଳିବା ଜାରି ରଖିଛନ୍ତି।

# ପାକିସ୍ତାନ ଦଳ ୨୮ରେ ଇଂଲଣ୍ଡ ଯିବ

**ଇସ୍‌ଲାମାବାଦ୍,୨୦।୬(ଏପି):** ୩ ଟେଷ୍ଟ ଓ ୩ଟି ଟି୨୦ ମ୍ୟାଚ୍ ଖେଳିବାକୁ ପାକିସ୍ତାନ କ୍ରିକେଟ ଦଳ ଆସନ୍ତା ୨୮ ତାରିଖରେ ଇଂଲଣ୍ଡ ଗସ୍ତ କରିବ। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଦଳର ପ୍ରସ୍ଥାନ ତାରିଖ ଓ ସମୟ ଘୋଷଣା କରିଛି। କୋଭିଡ୍-୧୯ ମହାମାରୀ ପାଇଁ ଇଂଲଣ୍ଡରେ ପହଞ୍ଚିବା ପରେ ପାକିସ୍ତାନ ଦଳର ସଦସ୍ୟମାନେ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। ତେବେ ଏହି ସମୟରେ ଖେଳାଳିମାନେ ଅଭ୍ୟାସ କରିପାରିବେ ବୋଲି ପିସିବି ତରଫରୁ କୁହାଯାଇଛି।

ଚୟନକର୍ତ୍ତାମାନେ ଦଳର ସଦସ୍ୟ ସଂଖ୍ୟା ୨୯କୁ ବୃଦ୍ଧି କରିଛି। ଫଳରେ ଯଦି କୌଣସି ଖେଳାଳି ଅସୁସ୍ଥ ହୁଅନ୍ତି ତାହାଲେ ତାଙ୍କ ବଦଳ ଖେଳାଳି ଅତି ସହଜରେ ଉପଲବ୍ଧ ହୋଇପାରିବେ। ମାର୍ଚ୍ଚ ୧୭ ପରେ ପାକିସ୍ତାନ କ୍ରିକେଟରମାନେ କୌଣସି ପ୍ରତିଯୋଗିତାମୂଳକ କ୍ରିକେଟ ଖେଳି ନାହାନ୍ତି। ସେତେବେଳେ ପାକିସ୍ତାନ ଖେଳାଳିମାନେ ଘରୋଇ ଟି୨୦ ଟୁର୍ଣ୍ଣାମେଣ୍ଟ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍) ଖେଳୁଥିଲେ। ତେବେ ଏହି ଲିଗ୍‌କୁ କୋଭିଡ୍-୧୯ ମହାମାରୀ କାରଣରୁ ସ୍ଥଗିତ ରଖିବାକୁ ପଡିଥିଲା। ଟ୍ରେନିଂ ଓ ପ୍ରାକ୍ଟିସ୍‌କୁ ବାଦ୍ ଦେଲେ ଇଣ୍ଟ୍ରା- ସ୍କ୍ୱାଡ ମ୍ୟାଚ୍ ଆୟୋଜନ କରାଯିବ ବୋଲି ପିସିବି ତରଫରୁ କୁହାଯାଇଛି।

# ଗାଙ୍ଗୁଲିଙ୍କ ପରିବାର ସଦସ୍ୟ କରୋନା ସଂକ୍ରମିତ



**ନୂଆଦିଲ୍ଲୀ,୨୦।୬(ପି.ଟି.):** ପୂର୍ବତନ ଅଧିନାୟକ ତଥା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅଧ୍ୟକ୍ଷ ସୌରଭ ଗାଙ୍ଗୁଲିଙ୍କ ପରିବାରର କେତେଜଣ ସଦସ୍ୟ କରୋନା ଭାଇରସ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଟେଷ୍ଟ ରିପୋର୍ଟରେ ଏମାନେ ପଜିଟିଭ୍ ବୋଲି ଜଣାପଡିଛି। ଗାଙ୍ଗୁଲିଙ୍କ ବଡ଼ ଭାଇ ତଥା କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ସମ୍ପାଦକ ସ୍ନେହାଶିଷଙ୍କ ସ୍ତ୍ରୀ ଏହି ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ପଶ୍ଚିମବଙ୍ଗ ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଗତ ସପ୍ତାହରେ ସ୍ନେହାଶିଷଙ୍କ ଶାଶୁ, ଶ୍ୱଶୁର ଓ ତାଙ୍କ ଘରେ କାମ କରୁଥିବା ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇଛନ୍ତି। ପଜିଟିଭ୍ ବୋଲି ଜଣାପଡିବା ପରେ ସମସ୍ତଙ୍କୁ ଏକ ଘରୋଇ ନର୍ସିଂ ହୋମ୍‌ରେ ଭର୍ତ୍ତି କରାଯାଇଛି। ଲକ୍ଷଣ ପ୍ରକାଶ ପାଇବାରୁ ଏମାନଙ୍କର ପରୀକ୍ଷା କରାଯାଇଥିଲା। ତେବେ ସ୍ନେହାଶିଷଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ସେ କରୋନା ପଜିଟିଭ୍ ବୋଲି କେତେକ ମିଡିଆରେ ପ୍ରକାଶିତ ରିପୋର୍ଟକୁ ସ୍ନେହାଶିଷ ଖଣ୍ଡନ କରିଛନ୍ତି। ''ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି ଏବଂ ପ୍ରତିଦିନ ଅଫିସ କାର୍ଯ୍ୟ କରୁଛି। ମୋ ସ୍ୱାସ୍ଥ୍ୟକୁ ନେଇ ପ୍ରକାଶିତ ଖବର ଭିତ୍ତିହୀନ। ଏପରି ସମୟରେ ଏପରି ଖବର ପ୍ରକାଶ ଆଶା କରାଯାଉନାହିଁ'' ବୋଲି ସେ କହିଛନ୍ତି। ସ୍ନେହାଶିଷ ଜଣେ ପୂର୍ବତନ ରଣଜୀ କ୍ରିକେଟର। ପରିବାର ସହିତ ସେ ମୋମିନପୁରଠାରେ ବାସ କରୁଛନ୍ତି। ଗାଙ୍ଗୁଲି ନିଜ ପରିବାର ସହ ପୈତୃକ ଘର ବେହେଲାଠାରେ ରହୁଛନ୍ତି।

# ଖେଳାଳି ପଜିଟିଭ୍ ପରେ ମ୍ୟାଚ ସ୍ଥଗିତ

**ମେଲବୋର୍ନ, ୨୦।୬ (ଏପି):** ଜଣେ ଖେଳାଳି କୋଭିଡ୍-୧୯ ପଜିଟିଭ୍ ଜଣାପଡ଼ିବା ପରେ ଇସେନଡନ୍ ଏବଂ ମେଲବୋର୍ନ ମଧ୍ୟରେ ଅନୁଷ୍ଠିତ ଏକ ମ୍ୟାଚକୁ ଅଷ୍ଟ୍ରେଲିଆନ୍ ଫୁଟ୍‌ବଲ ଲିଗ୍ (ଏଏଫ୍ଏଲ୍) ସ୍ଥଗିତ ରଖିଛି। ଇସେନଡନ୍ ଖେଳାଳି କୋନର ମ୍ୟାକ୍‌କେନା ନିକଟରେ ଆୟର୍ଲାଣ୍ଡରୁ ଫେରିଥିଲେ। କରୋନା ଭାଇରସ୍ ମହାମାରୀ ପାଇଁ ଶଟ୍‌ଡାଉନ୍ ପରେ ଗତ ସପ୍ତାହରେ ଅଷ୍ଟ୍ରେଲିଆ ଫୁଟ୍‌ବଲ ଲିଗ୍ ଆରମ୍ଭ ହୋଇଛି। ଲିଗ୍‌ର ଅବଶିଷ୍ଟ ମ୍ୟାଚ ଯଥାରୀତି ଅନୁଷ୍ଠିତ ହେବ ବୋଲି ଏଏଫ୍ଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଜିଲନ୍ ମ୍ୟାକ୍‌ଲାଚ୍‌ଲାନ୍ କହିଛନ୍ତି। ଶନିବାର ଇସେନ୍‌ଡନ ଦଳର ସମସ୍ତ ଖେଳାଳି ଓ ଷ୍ଟାଫଙ୍କ କୋଭିଡ୍-୧୯ ଟେଷ୍ଟ ହୋଇଥିଲା। ମ୍ୟାକ୍‌କେନାଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତଙ୍କର ନେଗେଟିଭ୍ ଆସିଥିଲା। ସପ୍ତାହକ ପୂର୍ବରୁ ମ୍ୟାକ୍‌କେନାଙ୍କର କରୋନା ଟେଷ୍ଟ ହୋଇଥିଲା। ସେ ଥର କିନ୍ତୁ ତାଙ୍କର ନେଗେଟିଭ୍ ଆସିଥିଲା।

# ଗଲ୍‌ଫ ଖେଳାଳି ନିକ୍ ୱାଟ୍‌ନୀଙ୍କୁ କରୋନା

**ହିଲଟନ ହେଡ୍ ଆଇଲାଣ୍ଡ (ୟୁଏସ୍ଏ), ୨୦।୬:** ପାଞ୍ଚ ଥର ପିଜିଏ ଟୁର୍ ବିଜେତା ନିକ୍ ୱାଟ୍‌ନୀ କରୋନା ଭାଇରସରେ ଆକ୍ରାନ୍ତ ହୋଇଛନ୍ତି। କିଛି ଦିନ ବନ୍ଦ ରହିବା ପରେ ଗତ ସପ୍ତାହରୁ ଗଲ୍ଫ ଖେଳ ପୂରା ଦମ୍‌ରେ ଆରମ୍ଭ ହେବାପରଠାରୁ କରୋନାରେ ସଂକ୍ରମିତ ହେବାରେ ପ୍ରଥମ ପିଜିଏ ଟୁର୍ ଖେଳାଳି। ୱାଟ୍‌ନୀ ତୁରନ୍ତ ଶୁକ୍ରବାର ଆରବିସି ହେରିଟେଜ୍‌ରୁ ଓହରିଯାଇଛନ୍ତି। ପିଜିଏ ଟୁର୍ ପ୍ରୋଟୋକଲ୍ ଅନୁସାରେ ସେ ଅତି କମ୍‌ରେ ୧୦ଦିନ ସେଲ୍‌ଫ ଆଇସୋଲେଶନରେ ରହିବେ। ୱାଟ୍‌ନୀ ଓପନିଂ ରାଉଣ୍ଡରେ ଭନ୍ ଟେଲର ଓ ଲ୍ୟୁକ୍ ଲିଷ୍ଟଙ୍କ ସହିତ ଖେଳିଥିଲେ। ୱାଟ୍‌ନୀ ଗତ ସପ୍ତାହରେ ଟେକ୍ସାସ୍‌ର ଫୋର୍ଟ ୱର୍ଥସ୍ଥିତ କଲୋନିଆଲଠାରେ ଅନୁଷ୍ଠିତ ଚାଲ୍ସ ସ୍କ୍ୱାବ୍ ଚ୍ୟାଲେଞ୍ଜରେ କଟ୍ ମିସ୍ କରିଥିଲେ। ସେଠାରୁ ସେ ସାଉଥ୍ କରୋଲିନା ଗସ୍ତ କରିଥିଲେ। ହାରବୋର୍ ଟାଉନ୍‌ରେ ସେ ପହଞ୍ଚିବାପରେ ତାଙ୍କର କରୋନା ଭାଇରସ ଟେଷ୍ଟ ହୋଇଥିଲା ଏବଂ ତାହା ନେଗେଟିଭ୍ ଆସିଥିଲା। ଏଠାରେ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡରେ ୱାଟ୍‌ନୀ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କ ଦେହରେ କରୋନା ଦେଖାଦେବାରୁ ଡାକ୍ତରୀପରୀକ୍ଷାକରାଯାଇଥିଲାଏବଂଫଳାଫଳପଜିଟିଭଆସିଥିଲା।

# ମୋର୍ତ୍ତାଜାଙ୍କ ସମେତ ୩ ପଜିଟିଭ୍



ମାଶ୍ରାଫି ମୋର୍ତ୍ତାଜା

**ଢାକା,୨୦।୬(ପି.ଟି.):** ପୂର୍ବତନ ଅଧିନାୟକ ମାଶ୍ରାଫି ମୋର୍ତ୍ତାଜାଙ୍କ ସମେତ ବାଂଲାଦେଶର ୩ କ୍ରିକେଟର କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଛନ୍ତି। କୋଭିଡ୍-୧୯ ଟେଷ୍ଟରେ ମୋର୍ତ୍ତାଜା ପଜିଟିଭ୍ ବୋଲି ଜଣାପଡିଛି। ଦ୍ୱିତୀୟ ହାଇପ୍ରୋଫାଇଲ କ୍ରିକେଟର ଭାବେ ସେ ଏହି ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଗତ ସପ୍ତାହରେ ପାକିସ୍ତାନ ପୂର୍ବତନ କ୍ରିକେଟର ଶାହିଦ୍ ଆଫ୍ରିଦି ପଜିଟିଭ୍ ବୋଲି ଜଣାପଡିଥିଲା। କରୋନାରେ ସଂକ୍ରମିତ ହୋଇଥିବା ଅନ୍ୟ ୨ ବାଂଲାଦେଶ କ୍ରିକେଟର ହେଲେ ନଜମୁଲ ଇସଲାମ ଓ ନଫିସ ଇକବାଲ। ଗତ କେତେଦିନ ହେବ ମୋର୍ତ୍ତାଜା ଅସୁସ୍ଥ ଅନୁଭବ କରୁଥିଲେ। ଏବେ ସେ ଢାକାସ୍ଥିତ ନିଜ ବାସଭବନରେ ସେଲ୍ଫ-ଆଇସୋଲେଶନରେ ରହୁଛନ୍ତି। ଗତ ଦୁଇଦିନ ହେବ ସେ ଜ୍ୱରରେ ପୀଡ଼ିତ ଥିଲେ। ଶୁକ୍ରବାର ତାଙ୍କର ଟେଷ୍ଟ ହୋଇଥିଲା ଓ ଏହାର ଫଳାଫଳ ଶନିବାର ପ୍ରକାଶ ପାଇଥିଲା। ତାଙ୍କର ଶୀଘ୍ର ଆରୋଗ୍ୟ କାମନା ପାଇଁ ପ୍ରାର୍ଥନା କରିବାକୁ ତାଙ୍କ ଛୋଟ ଭାଇ ମୋର୍ସାଲିନ ବିନ୍ ମୋର୍ତ୍ତାଜା ସମସ୍ତଙ୍କୁ ନିବେଦନ କରିଛନ୍ତି। ମୋର୍ତ୍ତାଜାଙ୍କ ପରିବାରର କେତେକ ସଦସ୍ୟ ପଜିଟିଭ୍ ବୋଲି କେତେକ ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ମୋର୍ତ୍ତାଜା ମଧ୍ୟ ବାଂଲାଦେଶ ପାର୍ଲାମେଣ୍ଟର ସଦସ୍ୟ ରହିଛନ୍ତି। ସେ ମଧ୍ୟ କରୋନା ଭାଇରସ୍ ଜନିତ ପୀଡ଼ିତ ଲୋକଙ୍କୁ ସାହାଯ୍ୟର ହାତ ବଢାଇଛନ୍ତି।






ମୋ ନାମ ପରବେଶ, ଜିଲ୍ଲା ଭରତପୁର, ରାଜସ୍ଥାନର ବାସିନ୍ଦା। ମୋ ସମୟ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଓ ଅନିୟମିତ ରହୁଥିଲା। ବହୁତ ନାମୀଦାମୀ ଡାକ୍ତରଙ୍କୁ ଦେଖାଇଲି, କିନ୍ତୁ ଆଦୌ କିଛି ଫରକ ପଡ଼ିଲା ନାହିଁ। ଦିନେ ମୋ ଭଉଣୀ ମୋ ସମସ୍ୟାକୁ ବୁଝି 'ସଚ୍ଚି ସହେଲୀ' ଆୟୁର୍ବେଦିକ ଟନିକ୍ ବ୍ୟବହାର କରିବାର ପରାମର୍ଶ ଦେଲା। କାରଣ ମୋ ଭଉଣୀ ମଧ୍ୟ 'ସଚ୍ଚି ସହେଲୀ'ର ରେଜଲ୍ଟ ସହ ପରିଚିତ ଥିଲା। ତା' କହିବା ଅନୁସାରେ 'ସଚ୍ଚି ସହେଲୀ' ଟନିକ୍ ଦୁଇ-ଦୁଇ ଚାମଚ ସକାଳେ-ସନ୍ଧ୍ୟାବେଳେ ସେବନ କରିବା ଆରମ୍ଭ କଲି। ମାତ୍ର ୨୧ ଦିନ ଭିତରେ ମୋତେ ବହୁତ ଲାଭ ମିଳିଲା।



ମୋ ନାମ ଅଞ୍ଜନା, ବୟସ ୩୨ ବର୍ଷ, ଗ୍ରାମ ମେନଥାପଲ, ନାହନର ବାସିନ୍ଦା। ପ୍ରାଇଭେଟ୍ ଚାକିରି କରେ। ଅଫିସ୍‌ରେ କାମ କରିବା ପରେ ଘରକାମ କରିବାର ସାହସ ରହୁ ନ ଥିଲା, କାରଣ ତଳିପେଟ ବ୍ୟଥା, ରକ୍ତହୀନତା ସମସ୍ୟା ମୋତେ ଆରମ୍ଭରୁ ରହୁଥିଲା। ଚିକିତ୍ସା ତ ବହୁତ କରାଇଲି କିନ୍ତୁ କିଛି ଲାଭ ମିଳିଲା ନାହିଁ । ଦିନେ ମୋ ବାନ୍ଧବୀଙ୍କ କହିବା ଅନୁସାରେ ମୁଁ ଆୟୁର୍ବେଦିକ 'ସଚ୍ଚି ସହେଲୀ' ଟନିକ୍ ୨-୨ ଚାମଚ ସେବନ କରିବା ଆରମ୍ଭ କଲି। ମାତ୍ର ଏକ ମାସ ଭିତରେ ହିଁ ମୋ ସ୍ୱାସ୍ଥ୍ୟ ସ୍ଥିତି ବହୁତ ଭଲ ହୋଇଯାଇଛି। ଏଥିପାଇଁ ମୁଁ ଆୟୁର୍ବେଦିକ 'ସଚ୍ଚି ସହେଲୀ'କୁ କୃତଜ୍ଞତା ଜଣାଉଛି ।



ମୋ ନାମ ସୁଲୋଚନା ଦେବୀ, ବୟସ ୨୮ ବର୍ଷ, ସିରମୋରର ବାସିନ୍ଦା ତଥା ଗୃହିଣୀ । ଯେବେଠାରୁ ସେ ଦିନଗୁଡ଼ିକ ଆରମ୍ଭ ହେଲା ସେବେଠାରୁ ପେଟ ବ୍ୟଥା, କ୍ଳାନ୍ତି, ଚିଡ଼ିଚିଡ଼ାପଣ ଏ ସବୁ ସମସ୍ୟା ଆରମ୍ଭ ହୋଇଯାଇଥିଲା। ମୋ ଅବସ୍ଥା ଦେଖି ମୋ ନଣନ୍ଦ ମୋତେ ସଚ୍ଚି ସହେଲୀ କମ୍ପ୍ଲିଟ୍ ଟ୍ରିଟ୍‌ମେଣ୍ଟ ଆଣି ଦେଲେ। ନିର୍ଦ୍ଦେଶ ଅନୁଯାୟୀ 'ସଚ୍ଚି ସହେଲୀ' ଟନିକ୍ ୨-୨ ଚାମଚ ନଖଉଷୁମ ପାଣି ସହିତ ସକାଳେ-ସନ୍ଧ୍ୟାବେଳେ ସେବନ କରିବା ଆରମ୍ଭ କଲି। ମାତ୍ର ୨ ମାସ ମଧ୍ୟରେ ମୋ ସମସ୍ୟାରୁ ଅପେକ୍ଷାକୃତ ଉପଶମ ମିଳିଲା। ଏବେ ମୋର ଆୟୁର୍ବେଦିକ 'ସଚ୍ଚି ସହେଲୀ' ଉପରେ ପୂର୍ଣ୍ଣ ଭରସା ଅଛି।



ମୁଁ ଜୁଲି, ଜିଲ୍ଲା ମେନ ପୁରୀ (ୟୁପି)ର ବାସିନ୍ଦା, ଜବ୍ କରେ । ମୋ ଅଣ୍ଟା ବ୍ୟଥାର ସମସ୍ୟା କାରଣରୁ ବହୁତ ଚିନ୍ତିତ ରହୁଥିଲି, ଏହି କାରଣରୁ କୁଣ୍ଡିଆ ଓ ଜ୍ୱଳନ ସମସ୍ୟା ମଧ୍ୟ ରହୁଥିଲା। ସମୟ ମଧ୍ୟ ନିୟମିତ ରହୁ ନ ଥିଲା। ଦିନେ ମୋ ମମ୍ମି ମୋତେ ଆୟୁର୍ବେଦିକ 'ସଚ୍ଚି ସହେଲୀ'ର କମ୍ପ୍ଲିଟ୍ ଟ୍ରିଟ୍‌ମେଣ୍ଟ ଆଣିଦେଲେ। ଡବାରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ମୁଁ 'ସଚ୍ଚି ସହେଲୀ' ଟନିକ ଦୁଇ-ଦୁଇ ଚାମଚ ସକାଳେ-ସନ୍ଧ୍ୟାବେଳେ ସେବନ ଆରମ୍ଭ କଲି। ମାତ୍ର ୫ ସପ୍ତାହରେ ମୋର ସବୁ ସମସ୍ୟା ପୂର୍ବାପେକ୍ଷା ବହୁତ କମିଗଲା। ଥ୍ୟାଙ୍କ ୟୁ 'ସଚ୍ଚି ସହେଲୀ'।

24x7 Helpline : 0171-3055171 | ଆପଣଙ୍କ ନିକଟତମ ମେଡିକାଲ ଷ୍ଟୋର୍‌ରୁ କିଣନ୍ତୁ



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ